ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 41 ◆ISSUE-240 ◆BHUBANESWAR ◆SATURDAY ◆24 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୦ ◆ଭୁବନେଶ୍ୱର ◆ଶନିବାର ◆୨୪ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




ରଣବୀରଙ୍କ ରାମ ଲୁକ୍

▶ପୃଷ୍ଠା ୨ ଦେଖନ୍ତୁ...

### କ୍ରୀଡ଼ା ରୂପାନ୍ତରଣ ପର୍ବରେ ଆଉ ଏକ ଅଧ୍ୟାୟ

# ୬୬୦ କୋଟିର ଭିତ୍ତିଭୂମି ଉଦ୍‌ଘାଟିତ

## ୪୮ ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ, ୧୨ ହକି ତାଲିମ୍ କେନ୍ଦ୍ର, ଟେବୁଲ ଟେନିସ ଏକାଡେମୀ, ଜିମ୍‌ନାଷ୍ଟିକ୍ ଏକାଡେମୀ



### ୧୧ କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

### ସବୁ ସୁବିଧା ଯୋଗାଇ ଦେବାକୁ '୫-ଟି' ଅଧ୍ୟକ୍ଷଙ୍କ ପ୍ରତିଶ୍ରୁତି











■ ଭୁବନେଶ୍ୱର, ୨୩।୨ (ସମିସ): ରାଜ୍ୟ କ୍ରୀଡ଼ା କ୍ଷେତ୍ରରେ ଆଉ ଏକ ଇତିହାସ ସୃଷ୍ଟି ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବିଭିନ୍ନ ସ୍ଥାନରେ ୬୬୦ କୋଟି ଟଙ୍କାର ବହୁ କ୍ରୀଡ଼ା ଭିତ୍ତିଭୂମିଗୁଡ଼ିକର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମିତ ୪୮ଟି ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ, ୧୨ଟି ହକି ତାଲିମ୍ କେନ୍ଦ୍ର, କଟକ ଟେବୁଲ ଟେନିସ ଏକାଡେମୀ, ରାଉରକେଲା ଜିମନାଷ୍ଟିକ୍ ଏକାଡେମୀ ରହିଛି। ଏହି ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ସହ କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ଉଦ୍ଦିଷ୍ଟ ଆଉ ୧୧ ଟି ପ୍ରକଳ୍ପର ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ '୫-ଟି' ଉପକ୍ରମ ଅନୁଯାୟୀ ନିର୍ମାଣ କରାଯାଇ କ୍ରୀଡ଼ା କ୍ଷେତ୍ରରେ ହେଉଥିବା ରୂପାନ୍ତରଣକୁ ସୁନିଶ୍ଚିତ କରିବ। ଏହାସହିତ ଏହି ପ୍ରକଳ୍ପ ଦ୍ୱାରା ତୃଣମୂଳସ୍ତରରେ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ଆଗକୁ ବଢ଼ିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଯୁବ କ୍ରୀଡ଼ାବିତମାନଙ୍କୁ ଶ୍ରେଷ୍ଠ କ୍ରୀଡ଼ା ଭିତ୍ତିଭୂମି ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛୁ। ଏହାଦ୍ୱାରା ସେମାନେ ନିଜର ପ୍ରକୃତ ଦକ୍ଷତା ଜାଣିବା ସହ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିବେ। ଆଜି ଉଦ୍‌ଘାଟନ ହୋଇଥିବା ପ୍ରକଳ୍ପଗୁଡ଼ିକ ରାଜ୍ୟ କ୍ରୀଡ଼ା ଭିତ୍ତିଭୂମିରେ ଉନ୍ନତି କ୍ଷେତ୍ରରେ ଏକ ବଡ଼ ସଫଳତା ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରାଜ୍ୟର କିଛି କ୍ରୀଡ଼ାବିତଙ୍କ ସହ ଆଲୋଚନା କରିବା ସହିତ କ୍ରୀଡ଼ା କ୍ଷେତ୍ରରେ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ତୃଣମୂଳସ୍ତରରେ କ୍ରୀଡ଼ାର ବିକାଶ ସହ ଏକ ସୁସ୍ଥ ଜୀବନଯାପନ ଶୈଳୀ ପାଇଁ ରାଜ୍ୟ ସରକାର ୪୮ ଟି ବହୁମୁଖୀ ଇନ୍‌ଡ଼ୋର ଷ୍ଟାଡିୟମ ନିର୍ମାଣ କରିଛନ୍ତି। ଏହି ଷ୍ଟାଡିୟମଗୁଡ଼ିକରେ ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ, ଯୋଗ, ଚେସ୍, ଭାରୋତ୍ତୋଳନ ସହ ଜିମ୍ କରିବାର ସୁବିଧା ରହିଛି। ଏହି ଷ୍ଟାଡିୟମ ମଧ୍ୟରେ ଭବାନୀପାଟଣାରେ ଉନ୍ନତିକରଣ ହୋଇଥିବା ଏକ ବହୁମୁଖୀ ଇଣ୍ଡୋର୍ ହଲ୍ ଉଦ୍‌ଘାଟନ କରାଯାଇଛି। ସେହିପରି ଯୁବ ଟେବୁଲ ଟେନିସ କ୍ରୀଡ଼ାବିତ୍‌ଙ୍କ ପାଇଁ ରାଜ୍ୟ ସରକାର ବ୍ୟାପକ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ କଟକଠାରେ ଟେବୁଲ ଟେନିସ ଏକଡେମୀରେ ୧୬ ଟି ଅତ୍ୟାଧୁନିକ ଟିଟି ଟେବୁଲ୍ ବ୍ୟବସ୍ଥା କରାଯାଇଛି। ଏଥିରେ ଟେବୁଲ୍ ଟେନିସ, ଜିମ, ୱେଟ୍ ଲିଫ୍‌ଟିଂ, ଯୋଗ କକ୍ଷ, ବ୍ୟାୟମଶାଳା, ଜିମ୍ନାଷ୍ଟିକ ଉପକରଣ ଆଦିର ବ୍ୟବସ୍ଥା କରାଯାଇଛି। ଏହାସହିତ ଏଠାରେ ଯୋଗ, ଜୁମ୍ବା ଆଦି ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ସେହିପରି ରାଉରକେଲା ଜିମ୍‌ନାଷ୍ଟିକ୍ ଏକଡେମୀରେ ଅନ୍ତର୍ଜାତୀୟସ୍ତରରେ ଉପକରଣ ସହ ଏହାକୁ ବିକଶିତ କରାଯାଇଛି। ଏହାସହିତ ଏଠାରେ ଭାରୋତ୍ତୋଳନ ସହ ଟେବୁଲ ଟେନିସ ଓ ଯୋଗ ପାଇଁ ବ୍ୟବସ୍ଥା କରାଯାଇଛି।

ରାଜ୍ୟର ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଛୋଟ ପିଲାଙ୍କୁ ହକି ଖେଳ ପ୍ରତି ଆକୃଷ୍ଟ ଓ ଏଥିପାଇଁ ଉତ୍ତମ ବାତାବରଣ ସୃଷ୍ଟି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ▶ପୃଷ୍ଠା-୯

### କଲ୍ୟାଣୀ ଷ୍ଟିଲ୍ ସହିତ ରାଜ୍ୟ ସରକାରଙ୍କ ଏମ୍‌ଓୟୁ

# ଓଡ଼ିଶାରେ ନିର୍ମାଣ ହେବ ଯୁଦ୍ଧ ବିମାନ ଓ ଯୁଦ୍ଧାସ୍ତ୍ର ଉପକରଣ



■ ଭୁବନେଶ୍ୱର, ୨୩।୨ (ସମିସ): ଓଡ଼ିଶା ମାଟିରେ ଉତ୍ପାଦନ ହେବ ଟିଟାନିୟମ୍ ମେଟାଲ ଓ ଯୁଦ୍ଧବିମାନ ଉପକରଣ। ଭାରତୀୟ ସୈନିକଙ୍କ ହାତରେ ରହିବ ଓଡ଼ିଶା ନିର୍ମିତ ଅସ୍ତ୍ରଶସ୍ତ୍ର। ପ୍ରତିରକ୍ଷା ଗାଡ଼ି, ଯନ୍ତ୍ରାଂଶ, ଯନ୍ତ୍ରାସ୍ତ୍ର ମଧ୍ୟ ନିର୍ମାଣ ହେବ। ଏହି ଲକ୍ଷ୍ୟ ନେଇ ଆଜି ରାଜ୍ୟ ସରକାର ଏବଂ କଲ୍ୟାଣୀ ଷ୍ଟିଲ୍ ମଧ୍ୟରେ ଏକ ବୁଝାମଣାପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ଅନୁସାରେ, କଲ୍ୟାଣୀ ଷ୍ଟିଲ୍ ଢେଙ୍କାନାଳର ଗଜମରାଠାରେ ଇଣ୍ଟିଗ୍ରେଟେଡ୍ ଆଡଭାନ୍ସଡ୍ ସ୍ପେସାଲିଟି ଆଣ୍ଡ ଅଟୋମୋଟିଭ୍ କମ୍ପୋନେଣ୍ଟସ୍ ମାନୁଫାକ୍‌ଚରିଂ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବ। କମ୍ପାନୀ ଏଥିପାଇଁ ୧୧, ୭୫୦ କୋଟି ଟଙ୍କା ବିନିଯୋଗ କରିବା ସହ ୧୦ ହଜାର ଲୋକଙ୍କୁ ନିଯୁକ୍ତି ଦେବ ବୋଲି କହିଛି।

| | |
|---|---|
| ୧୧, ୭୫୧ କୋଟି ନିବେଶ, ୧୦ ହଜାର ଲୋକଙ୍କୁ ନିଯୁକ୍ତି | ଉପକୃତ ହେବେ ଏମ୍‌ଏସ୍‌ଏମ୍‌ଇ ଓ ଆନୁସଙ୍ଗିକ କ୍ଷେତ୍ର |

> " ଅତ୍ୟାଧୁନିକ ଶିଳ୍ପ ପ୍ରତିଷ୍ଠା ସହିତ ବ୍ୟାପକ ନିଯୁକ୍ତି ଆମର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସମୟର ଆବଶ୍ୟକତା ଓ ବିଭିନ୍ନ କ୍ଷେତ୍ରରେ ବର୍ଦ୍ଧିତ ଚାହିଦା ପୂରଣ ଲକ୍ଷ୍ୟରେ ଓଡ଼ିଶା ବିହିତ ପଦକ୍ଷେପ ନେଉଛି। ଏହି କ୍ରମରେ ଏରୋସ୍ପେସ୍ କ୍ଷେତ୍ରରେ ଓଡ଼ିଶା ଆଗକୁ ବଢ଼ୁଛି। ବିମାନ ପ୍ରସ୍ତୁତି ▶ପୃଷ୍ଠା-୯




ସମ୍ପୂର୍ଣ୍ଣା
ସକାଳ THE SAKALA www.sakalaepaper.com

## ଆଜିର ଦିନରେ

- ୧୮୨୧- ମେକ୍ସିକୋ ସ୍ପେନ୍‌ଠାରୁ ଅଲଗା ହେଲା ।
- ୧୮୨୨- ଅହମ୍ମଦାବାଦରେ ସ୍ୱାମୀ ନାରାୟଣ ମନ୍ଦିରର ଉଦ୍‌ଘାଟନ ହେଲା ।
- ୧୯୨୪-ଭଏସ୍ ଅଫ୍ ଆମେରିକାର ପ୍ରସାରଣ ଆରମ୍ଭ ହେଲା ।
- ୧୯୬୧-ମାଡ୍ରାସ ସରକାର ରାଜ୍ୟର ନାମ ବଦଳାଇ ତାମିଲନାଡୁ ରଖିଲେ ।
- ୨୦୧୮ - ବଲିଉଡ୍ ଅଭିନେତ୍ରୀ ଶ୍ରୀଦେବୀଙ୍କ ପରଲୋକ ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ବନ୍ଧୁଙ୍କ ସହାୟତା ମିଳିବ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ନକାରାତ୍ମକ ଚିନ୍ତା ଦୂର ହେବ ।

**ବୃଷ:** ଯାତ୍ରା ଯୋଗ ଅଛି । ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ । ନିବେଶରୁ ଦୂରେଇ ରୁହନ୍ତୁ । କୌଣସି ଶୁଭ ଖବର ମିଳିବ । ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ମିଥୁନ:** ଯାନବାହନ କିଣିବେ । ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ମନ ପ୍ରସନ୍ନ ରହିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ । ବିବାହରେ ସମସ୍ୟା ଆସିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ସିଂହ:** ଚାକିରିରେ ସଫଳତା ମିଳିବ । ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଆୟର ନୂଆ ଅବସର ପ୍ରାପ୍ତ ହେବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିବ । ରାଜନୀତିରେ ସଫଳତା ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିକୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ । ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ । ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

# ସ୍ୱପ୍ନକୁ ନିୟନ୍ତ୍ରଣ କରିବ ଏଆଇ ଡିଭାଇସ୍!



ସ୍ୱପ୍ନ ଉପରେ କାହାର ନିୟନ୍ତ୍ରଣ ନ ଥାଏ । ହେଲେ ଏଣିକି ଏହି କଥା ଭୁଲ୍ ପ୍ରମାଣିତ ହେବ । ଏବେ ଏକ ନୂଆ ଟେକ୍ନିକ୍ ଲୋକଙ୍କୁ ସ୍ୱପ୍ନ ନିୟନ୍ତ୍ରଣ କରିବାର ସୁବିଧା ପ୍ରଦାନ କରିବ । ପ୍ରୋଫଟିକ୍ କମ୍ପାନି 'ହାଲୋ ଏଆଇ ହେଡ୍‌ବ୍ୟାଣ୍ଡ' ନାଁରେ ଏକ ନୂଆ ଡିଭାଇସ୍‌କୁ ଆଣିଛି । ଯାହାକୁ ପିନ୍ଧିଲେ ସ୍ୱପ୍ନ ଦୁନିଆରେ ପ୍ରବେଶ କରିବା ସମ୍ଭବ ହେବ । ଏପରିକି ସ୍ୱପ୍ନର ଦୁନିଆକୁ ମଧ୍ୟ ଏହି ହେଡ୍‌ବ୍ୟାଣ୍ଡ ମାଧ୍ୟମରେ ନିୟନ୍ତ୍ରଣ କରାଯାଇପାରିବ । କମ୍ପାନି ଅନୁସାରେ, ଏହା ମାଧ୍ୟମରେ ଜଣେ ନିଜ ପସନ୍ଦ ଅନୁସାରେ ସ୍ୱପ୍ନ ଦେଖିପାରିବ । ଏଭଳି ସୁବିଧା ଯୋଗୁଁ ଏହି ହେଡ୍‌ବ୍ୟାଣ୍ଡକୁ 'ଡ୍ରିମ୍‌ସ ଅନ୍ ଡିମାଣ୍ଡ' ନାଁରେ ପ୍ରଚାର କରାଯାଉଛି । ଏଆଇ ଉପଯୋଗରେ ଏହି ଡିଭାଇସ୍‌କୁ ତିଆରି କରାଯାଇଛି । ଏହି ଡିଭାଇସ୍ ଅଲଟ୍ରାସାଉଣ୍ଡର ଉପଯୋଗରେ ସ୍ୱପ୍ନ ଦୁନିଆର ଦ୍ୱାରକୁ ଉନ୍ମୁକ୍ତ କରେ । ଏହାପରେ ବ୍ୟବହାରକାରୀ ସ୍ୱପ୍ନ ରାଇଜରେ ପ୍ରବେଶ କରିଥାନ୍ତି । ତା'ପରେ ସ୍ୱପ୍ନ କିଭଳି କାମ କରେ, ସେକଥା ସେମାନେ ଜାଣିପାରନ୍ତି । କେବଳ ସେତିକି ନୁହେଁ, ସ୍ୱପ୍ନ ଦେଖିବା ସହ ଏହାକୁ ନିୟନ୍ତ୍ରଣ କରିବାର ସୁବିଧା ମଧ୍ୟ ଏହା ପ୍ରଦାନ କରେ । ଅନ୍ୟପଟେ ଏହି ଡିଭାଇସ୍ ଆସନ୍ତାବର୍ଷ ବଜାରରେ ଉପଲବ୍ଧ ହେବ ବୋଲି କୁହାଯାଉଛି । ଏହାର ଦାମ୍ ୧.୬୬ ଲକ୍ଷ ଟଙ୍କା ରଖାଯିବା ନେଇ ସୂଚନା ମିଳିଛି ।

# 'ରାମାୟଣ' ପାଇଁ ରଣବୀରଙ୍କ ଲୁକ୍ ଟେଷ୍ଟ



ବଲିଉଡ୍ ଅଭିନେତା ରଣବୀର କପୁରଙ୍କ ଅଭିନୀତ 'ଆନିମଲ୍' ବକ୍ସ ଅଫିସ୍‌ରେ ଆୟ ମାମଲାରେ ନୂଆ ଇତିହାସ ରଚିଛି । ଏହି ଫିଲ୍ମ ହିଟ୍ ହେବା ପରଠାରୁ ନିର୍ଦ୍ଦେଶକଙ୍କ ପ୍ରଥମ ପସନ୍ଦ ପାଲଟି ଯାଇଛନ୍ତି ରଣବୀର । ନୀତେଶ ତିୱାରୀଙ୍କ ବିଗ୍ ବଜେଟ୍‌ର ଫିଲ୍ମ 'ରାମାୟଣ'ରେ ମଧ୍ୟ ସେ ରାମ ଭୂମିକାରେ ଦେଖାଯିବେ । ତେବେ ଫିଲ୍ମରେ ତାଙ୍କର ଲୁକ୍ କିପରି ହେବ, ସେନେଇ ଏକ ଖବର ଆସିଛି । ଏଯାବତ୍ ଫିଲ୍ମର ସବୁ କଳାକାର ଫାଇନାଲ ହୋଇନାହାନ୍ତି । ଏବେ ବି ଅନେକ କଳାକାରଙ୍କ ଏଣ୍ଟ୍ରି ହେଉଛି । ଇତିମଧ୍ୟରେ ଅମିତାଭ ବଚ୍ଚନ ମଧ୍ୟ ଏହି ଫିଲ୍ମରେ କାମ କରିବେ ବୋଲି ଚର୍ଚ୍ଚା ହେଉଛି । ରାଜା ଦଶରଥଙ୍କ ଭୂମିକାରେ ସେ ଦେଖାଯାଇ ପାରନ୍ତି । ଏଥିରେ ରକୁଲ୍ ପ୍ରୀତ ସିଂହଙ୍କୁ ଏକ ରୋଲ୍ ଅଫର୍ ହୋଇଥିବା କଥା କୁହାଯାଉଛି । ତେବେ 'ରାମାୟଣ'ରେ ରାମ ଭୂମିକା ପାଇଁ ରଣବୀର ଏକ ଲୁକ୍ ଟେଷ୍ଟ ଦେଇଥିବା ଜଣାପଡ଼ିଛି । 'ରାମାୟଣ'ରେ ତାଙ୍କ ଲୁକ୍‌କୁ ଅତିସାଧାରଣ କରାଯିବା ପାଇଁ ଚେଷ୍ଟା କରାଯାଉଛି । ଏଥିରେ ତାଙ୍କର ମସଲ୍ ଯେମିତି ଦେଖାଯିବ ନାହିଁ, ସେନେଇ କାମ କରାଯାଉଛି । ତେବେ ରଣବୀର ରାମ ଭୂମିକାରେ ଅଭିନୟ କରିବା ପୂର୍ବରୁ ତାଙ୍କର ଫଟୋସୁଟ୍ କରାଯାଇଛି । ସେ ସୁନା ଓ ରତ୍ନଖଚିତ ହାର ପିନ୍ଧିଥିବା ଦେଖାଯାଇଛି । ରଣବୀରଙ୍କ ସହିତ ମାତା ସୀତାଙ୍କ ଭୂମିକା ପାଇଁ ମଧ୍ୟ ନୋ ମେକ୍‌ଅପ୍ ଲୁକ୍ ରଖାଯାଇପାରେ ବୋଲି ଚର୍ଚ୍ଚା ହେଉଛି । ଏଥିରେ ସାଇପଲ୍ଲବୀ ସୀତା ଭୂମିକାରେ ଅଭିନୟ କରିବେ । ଅବଶ୍ୟ ଏଯାବତ୍ ତାଙ୍କର ଲୁକ୍ ଟେଷ୍ଟ ହୋଇନାହିଁ । ତାଙ୍କର ବେଶଭୂଷା ଅତି ସାଧାରଣ ହେବା ସହ ସେ କୌଣସି ଭାରୀ ଗହଣା କିମ୍ବା ଶାଢ଼ି ପିନ୍ଧିବେ ନାହିଁ ବୋଲି କୁହାଯାଉଛି ।

# ନିଜ ଦୋଷ



## ହାଟ ମଝିରେ ବ୍ରହ୍ମଜ୍ଞାନ

ଅମିନୀ ଜାମିନି ମଧ୍ୟସ୍ଥି
ମନା କରିଚନ୍ତି ଅଗସ୍ତି

ଏକଥାଟି ଅଗସ୍ତି ମୁନି କୋଉ ପୁରାଣରେ ଲେଖିଲା ଭଳି ଲାଗୁନି । ମାତ୍ର ସତ କଥାଟିଏ । ସତକୁ ଆହୁରି ସତ ପ୍ରମାଣ କରିବା ପାଇଁ କେହି ହୁଏତ ଅଗସ୍ତିଙ୍କ ନାଆଁଟିକୁ ଯୋଡ଼ି ଦେଇଚି, ଯାହା ବହୁଦିନୁ ଓଡ଼ିଆରେ ଆପ୍ତବଚନ ହେଇ ରହିଯାଇଚି ।

କାହାର ଜମି ବଣ୍ଟାକୁଣ୍ଟା ବେଳେ ମାପକାରୀଟେ ଲୋଡ଼ାହୁଏ । ଯେଉଁ ଜଣକ ଏହି କାର୍ଯ୍ୟଟି କରେ ସେ ଦି'ପକ୍ଷ ମଧ୍ୟରୁ କାହାର ଅପ୍ରିୟ ହେଇଥାଏ ନିଶ୍ଚୟ । ଯଦି ପ୍ରତିବଦଳରେ ଟଙ୍କା ନେଇ ଅମିନଗିରି କରିଥାଏ, ତେବେ ତ ଗାଳି ଖାଇଲେ ବାଧିବନି । ମାଗଣା ଅମିନୀ କରି ଅଯଥା ଅପ୍ରିୟ ହେବ କାହିଁକି ।

ଯଦୁନା' ଉଧାରିନେଲା ମାଧଦା' ପାଖରୁ । ସୁଧ କଳନ୍ତର ସହ ଯଦୁନା ତାକୁ ପଇସା ଶୁଝିବ । ଲାଭ ଖାଇବ ମାଧଦା' । ଯଦୁ ନା' ପଇସା ଦେଉଥିବା ଯାଏ ଉଭୟେ ଠିକ୍‌ଠାକ୍ । ମଝିରେ ଜାମିନି ହେଇଥିବା ଲୋକଟାକୁ ସେତେବେଳେ କେହି ପଚାରନ୍ତିନି । ଯୋଉଦିନ ଏଥିରେ ଖିଲାପ ହୁଏ । ବିଚରା ଜାମିନି ହେଇଥିବା ମଣିଷଟି ହିଁ ଫସେ ।

ମଧ୍ୟସ୍ଥି ଅବସ୍ଥା ତ ସବୁବେଳେ ଖରାପ । ଆଜି ପର୍ଯ୍ୟନ୍ତ ଶ୍ରଦ୍ଧାର ସହ ବାହାଘର ଠିକ୍ କରିଥିବା ଲୋକଟି ଉଭୟ ପକ୍ଷର ଅପ୍ରିୟ ହେବାର ବହୁ ନଜିର ରହିଚି । ସମ୍ପର୍କ ଠିକ୍ ଥିଲାବେଳେ ମଧ୍ୟସ୍ଥିକୁ କେହି କୃତଜ୍ଞତା ଜଣାନ୍ତିନି । ଯୋଉଦିନ ସମ୍ପର୍କ ବିଗିଡ଼ିଲା- ପ୍ରଥମ ଗାଳି ହୁଏ ମଧ୍ୟସ୍ଥିକି ।

ଆଜିକାଲି ବାପା ମା' ବି ପିଲାର ବାହାଘର ଠିକ୍ କରିବା ପାଇଁ ଡରୁଚନ୍ତି । ବାହାଘର ପରେ ଖିଟିରିମିଟିରି ଏକ ସ୍ୱାଭାବିକ ଘଟଣା । ବାପା ମା'ଙ୍କୁ ଏଥିପାଇଁ ଦୋଷ ଲଦିବା ବି ସ୍ୱାଭାବିକ ହେଇଯାଏ ନିଜେ ନିଜେ ବାଛ, ନିଜକୁ ଦୋଷ ଦିଅ ।

ହେଲେ ନିଜକୁ ଏଠି ଦୋଷ ଦେଉଚି କିଏ? କିଛି ନ ପାଇଲେ ଭାଗ୍ୟ, ଗ୍ରହ, ବାସ୍ତୁ ଆଦି ବହୁ କଥା ଅଛି, ଯାହା ଉପରେ ଆମେ ଦୋଷ ଲଦିଦେଉ ।

ମୁଁ ବଡ଼ କଷ୍ଟରେ ଧାର କରଜ କରି ମୋ ଛୋଟ ପରିବାର ପାଇଁ ତିନି ବଖରିଆ ଘରଟେ କରିଥିଲି । ମୋ ପାଇଁ ଯଥେଷ୍ଟ ଥିଲା । ହେଲେ କିଛି କରଜ ଶୁଝିଲାପରେ ପୁଣି ମନ ବଳିଲା ଉପର ମହଲା ପାଇଁ । ବ୍ୟାଙ୍କ୍‌ରୁ ଋଣ ଆଣି ପୁଣି ଘର କଲି । ଚଳିବା ପାଇଁ ଯଥେଷ୍ଟ । ଦି' ବଖରା ଘର ଭଡ଼ା ବି ଦେଲି ।

ଉପର ମହଲା ପଇସା ଶୁଝି ଆସିଲା ବେଳକୁ ପୁଣି ମନ ବଳିଲା ଗୋଟେ ଆପାର୍ଟ୍‌ମେଣ୍ଟ କିଣନ୍ତି । ବେଶ୍ ମୋଟା ଅଙ୍କର କିସ୍ତି ଦେବା ସର୍ତ୍ତରେ ସେଇଟା ବି କିଣିଦେଲି । ଏଣେ ମୋ ଚାକିରିରେ ଟିକେ ଅସୁବିଧା ହେଇଗଲା । ଦରମା ଅଣ୍ଟିଲାନି ।

ମତେ ଲାଗୁଚି ସେ ଆପାର୍ଟ୍‌ମେଣ୍ଟରେ କିଛି ବାସ୍ତୁଦୋଷ ଅଛି । କିଛି କରିବାକୁ ହେବ । ମୋ ଗୁରୁଦେବଙ୍କ ପାଖକୁ ଗଲି । ସେ ହସି କହିଲେ- ବାବୁ ! ତମକୁ ଖାଲି ଭାଗ୍ୟଦୋଷ, ବାସ୍ତୁଦୋଷ ଆଉ ଗ୍ରହଦୋଷ ଦେଖାଯାଉଚି । ଥରଟିଏ ତ ନିଜ ଦୋଷ ଦେଖ ।■

- ଜ୍ଞାନ ହୋତା
ଚହଟା, ବିଡ଼ାନାସୀ, କଟକ-୧୪

# ସୁମନ

## ଆସେ ବସନ୍ତ

ପ୍ରକୃତିର ସବୁଜ ଦେହେ
କଅଁଳ ପାଦେ ବସନ୍ତ ଆସେ
ଶୀତ ତାତି ଯୁଗଳବନ୍ଦୀରେ
ନବପଲ୍ଲବେ ନାନା ଫୁଲ ଭରେ ।
ଫଗୁଣ ଆକାଶ ଲାଗୁଛି ବଢିଆ
ସଫାହେଉଛି ବିଲ ପଡ଼ିଆ
ବିମାନ ସବୁ ସଜହେଲେଣି
ଦାଣ୍ଡେ ବୁଲିବାକୁ ବିଭୋର ହେଲେଣି ।
ଘଣ୍ଟ ମୃଦଙ୍ଗ ହରିବୋଲ ହୁଳହୁଳିରେ
କମ୍ପି ଉଠୁଛି ଗାଁ ଦାଣ୍ଡରେ
ନାନା ରଙ୍ଗରେ ସଜେଇ ହୋଇ
ପରିକ୍ରମା ବିମାନ ଆସେ ଧାଇଁ ।
ଭିଡ଼ ଲାଗିଛି ସବୁରି ଘରେ
ବାସିଉଠୁଛି ପିଠାପଣାରେ
ସାଙ୍ଗସାଥୀ ବନ୍ଧୁ ସଭିଙ୍କୁ ଡକରା
ଦେଖିବେ ବୋଲି ଦୋଳ ଯାତରା ।
ଗାଁ ଗାଁ ରେ ଦୋଳ ମେଲଣ
ଚଳଚଞ୍ଚଳ ଦଶମୀଠୁ ପାଞ୍ଚଦିନ
ଶେଷରେ ଆସେ ରଙ୍ଗ ରଙ୍ଗିଲା ହୋଲି
ପାଳନ ହୁଏ ସାରାରାଇଜେ ବୁଲିବୁଲି ।



ଅନସୂୟା ପଣ୍ଡା
ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧



## ପହେଲି

- ମୋର ଆଗମନେ କୁକୁଡ଼ା ଡାକେ
ଘର ଚାଳେ ବସି ଡାମରା ରାବେ
ମାଆ ଉଠି ଘର ଦ୍ୱାର ଓଳାନ୍ତି
ପାଖ ପଡ଼ିଆରେ ଜନେ ଚାଲନ୍ତି
ପୂରୁବେ ହସନ୍ତି ସୂରୁଜ ଦେବ
ମୋର ନାମ ଏବେ କିଏ କହିବ?
ଉତ୍ତର-ସକାଳ

- ଦିନ ଢଳିଗଲେ ମୁହିଁ ଆସଇ
ପଶ୍ଚିମେ ସୂରୁଜ ଅସ୍ତ ହୁଅଇ
ପକ୍ଷୀମାନେ ଫେରି ଯାଆନ୍ତି ନଭେ
ଘଣ୍ଟ ଘଣ୍ଟି ଧ୍ୱନି ମନ୍ଦିରେ ଶୁଭେ
ଦୀପ ଜଳିଉଠେ ଘରେ ଆମର
କହି ପାରିବକି ନାମଟି ମୋର ।
ଉତ୍ତର-ସନ୍ଧ୍ୟା



- ସଂଜ ନଇଁଗଲେ ମୁହିଁ ଆସଇ
ଆକାଶରେ ତାରା ଫୁଟି ଉଠଇ
ଜହ୍ନମାମୁଁ ଡାକେ ହାତକୁ ଠାରି
ତା' ଜୋଚ୍ଛନା ନିଏ ମନକୁ କିଣି
ଚେମେଣି ବାଦୁଡ଼ି ଉଡ଼ନ୍ତି ଖରେ
କହିଦିଅ ମୋର ନାମଟି ଧୀରେ ।
ଉତ୍ତର-ରାତି

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୭୩୫୩୪୬

# କୁନି ମାନିଲା ରାନୀ କଥା



ଧ୍ରୁବ ଚରଣ ବେହେରା

କୁନି ଓ ରାନୀ ଦୁଇ ଭଉଣୀ । ଦୁହେଁ ଗୋଟିଏ ଶ୍ରେଣୀରେ ପାଠ ପଢ଼ନ୍ତି । କୁନୀ ବଡ଼ ଓ ରାନୀ ସାନ ଅଟେ । କୁନି ଭଲ ପଢ଼େ ବୋଲି ସାହି ପଡ଼ିଶା କୁନିକୁ ବହୁତ ଭଲ ପାଆନ୍ତି । ସମସ୍ତେ ତାକୁ ଆଦର କରନ୍ତି, କିନ୍ତୁ ରାନୀ ସାନ ବୋଲି ସମସ୍ତେ କହନ୍ତି ଏଇଟା ଗଧୁଣୀଟାଏ । ହେଲେ କୁନିଠାରୁ ରାନୀର ପରୋପକାର ଗୁଣ କିନ୍ତୁ ଭଲ । କୁନି ଭଲ ପଢ଼େ ସତ, ହେଲେ ଟିକେ ଅଳସେଇଟେ, କାହା ସହିତ ସାଙ୍ଗ ହୁଏ ନାହିଁ କି, କାହାକୁ ଟିକେ ଘର କାମରେ ସାହାଯ୍ୟ କରେ ନାହିଁ । ପାଠପଢ଼ା ବ୍ୟତୀତ ସେ ଆଉ କୌଣସି କାମ କରେ ନାହିଁ । ବାହାରକୁ ସାଙ୍ଗମାନଙ୍କ ସହିତ ଖେଳିବାକୁ ମଧ୍ୟ ଯାଏ ନାହିଁ । ପଢ଼ା ସରିଗଲେ ବସି ଘରେ ଟିଭି ଦେଖେ । ହେଲେ ରାନୀ ତା'ର ବିପରୀତ, ଯେତେକି ପାଠ ଆସେ ସେତିକି ପଢ଼େ, ଘରେ ବାପା ମାଆଙ୍କର ବୋଲ ମାନେ । ଦରକାର ପଡ଼ିଲେ ଗାଆଁ ଦୋକାନକୁ ଯାଇ ଘରର ଛୋଟମୋଟ ସଉଦା ତେଲ, ଲୁଣ ଇତ୍ୟାଦି କିଣାକିଣି କରି ଘରକୁ ଆଣିଥାଏ । ଖେଳ ବେଳେ ଖେଳେ, ପଢ଼ିବା ବେଳେ ପଢ଼େ ଓ ସାହିପଡ଼ିଶା ଲୋକମାନଙ୍କର ବୋଲକୁ ଭାଙ୍ଗି ନ ଥାଏ । ରାନୀ ସମୟାନୁବର୍ତ୍ତିତା ଓ ଅନୁଶାସନର ଝିଅଟିଏ । ପାଠ ଭଲ ନ ହେଲେ ବି ବ୍ୟବହାର ଚାଲିଚଳନ ତା'ର ଅତି ନିଆରା । ଥରେ କୁନି ଓ ରାନୀକୁ ଭାରି ଜ୍ୱର ହେଲା । ବାପା ତାଙ୍କ ଦୁଇ ଜଣଙ୍କୁ ପାଖ ହସ୍‌ପିଟାଲ୍‌କୁ ନେଇଗଲେ । କୁନି ଦେଖିବାକୁ ଟିକେ ମୋଟୀ ଓ ରାନୀର ଶରୀର ଗଢ଼ଣ ପତଳା । ଡାକ୍ତର ଦୁଇ ଭଉଣୀକୁ ଦେଖି ଔଷଧ ଦେଲେ ଓ କୁନିକୁ ଉପଦେଶ ଦେଲେ ସକାଳୁ ଉଠି ନିତ୍ୟକର୍ମ ସାରି ସବୁବେଳେ ଅଧ ଘଣ୍ଟାଏ ଯୋଗ ଅଭ୍ୟାସ କରିବା ସହିତ ସାଙ୍ଗମାନଙ୍କ ସହିତ ଖେଳାଖେଳି କରିବାକୁ । ଦୁହେଁ ଔଷଧ ଖାଇଲା ପରେ ୪ଦିନ ପରେ ଦେହ ଭଲ ହୋଇଗଲା । ରାନୀ କୁନିକୁ ଡାକିଲା, ବାହାରକୁ ଖେଳିବାକୁ ଯିବା ପାଇଁ । କୁନି ରାନୀର କଥା ଶୁଣି ଟିକେ ଟିକେ ଲାଜ କରୁଥାଏ । କାରଣ ଘରୁ ବାହାରକୁ ସେ କେବେ ଯାଏନି ଓ ସାଙ୍ଗ ହେବାକୁ ଭଲ ପାଏନି । କୁନିର ଡାକ୍ତରଙ୍କ କଥା ମନେ ପଡ଼ିଲା ଓ କହିଲା ହଉ, ରାନୀ ଯିବି ଏଥର ଖେଳିବାକୁ । ଦେହ ଭଲ ହେବା ପରଠାରୁ ସାଙ୍ଗମାନଙ୍କ ସହିତ ଖେଳିବାକୁ ସକାଳେ ଓ ସନ୍ଧ୍ୟାରେ ସବୁଦିନ ଗଲା । ଧୀରେ ଧୀରେ କୁନିର ଓଜନ କମିବାକୁ ଲାଗିଲା । ସେ ମଧ୍ୟ ରାନୀ ପରି ସୁସ୍ଥ ସୁନ୍ଦର ଦେଖାଗଲା । ମନ ତା'ର ଭଲ ରହିଲା ପାଠ ପଢିବାକୁ ଆହୁରି ଆଗ୍ରହ ଆସିଲା । ମନରେ ଅନ୍ୟମାନଙ୍କ ପ୍ରତି ଯେଉଁ ଚିଡ଼ିଚିଡ଼ା ବୁଦ୍ଧି ରହିଥିଲା, ତାହା ଧୀରେ ଧୀରେ କମିବାକୁ ଲାଗିଲା । ସେ ମଧ୍ୟ ରାନୀ ପରି ସୁନା ଝିଅଟିଏ ହେଲା । କେବଳ ପାଠପଢ଼ା ନୁହେଁ ତା'ର ଆଚାର ବ୍ୟବହାରରେ ଅନେକ ପରିବର୍ତ୍ତନ ଆସିଲା ଓ ଦିନେ ରାନୀକୁ କୁଣ୍ଢେଇ ଦେଇ ଆନନ୍ଦରେ ଭୋ ଭୋ କାନ୍ଦିଲା । କହିଲା ରାନୀ ତୁ ମୋଠାରୁ ସାନ ହେଲେ କ'ଣ ହେଲା, ତୋ ବୁଦ୍ଧି ବହୁତ ଭଲ । କେବଳ ପାଠ ପଢ଼ି ଦେଲେ ଆମେ ଭଲ ମଣିଷ ହୋଇ ଯିବାନି । ତୋ ସ୍ନେହ ପରୋପକାର ଗୁଣ ପାଖରେ ମୁଁ ଋଣୀ । କୁନିର ଆଖିରୁ ଲୁହ ପୋଛି ଦେଇ ରାନୀ କହିଲା, ଯେତେ ପାଠ ଥିଲେ ବା ବୁଦ୍ଧି ଥିଲେ ମଣିଷ ଭଲ ହୋଇ ଯାଏନି । ମଣିଷ ଭିତରେ ସଂସ୍କାର ଓ ଭଲ ପାଇବା, ଦୟା ଓ କ୍ଷମା ଭଳି ଗୁଣଥିଲେ ସେ ମଣିଷ ସବୁବେଳେ ସମସ୍ତଙ୍କର ପ୍ରିୟଭାଜନ ହୋଇଥାଏ । ତାକୁ ସମାଜରେ ସମ୍ମାନ ମିଳେ । ତେଣୁ ସାଙ୍ଗସାଥୀ ହେବା ନିହାତି ଦରକାର । ଖାଲି ସାଙ୍ଗସାଥୀ ହୋଇଗଲେ ହେବନି । ଭଲ ପିଲାମାନଙ୍କ ସହିତ ସାଙ୍ଗ ହେଲେ ବହୁତ କିଛି ଭଲ ବ୍ୟବହାର ଓ ଭଲ କଥା ଶିଖିବାକୁ ମିଳିଥାଏ । ସେବେଠାରୁ କୁନୀ ବାପା, ବୋଉ ଓ ରାନୀକୁ ଘର କାମରେ ସାହାଯ୍ୟ କଲା ଓ ରାନୀ ମଧ୍ୟ ତା' ଦିଦିକୁ ସେହିଭଳି ଭଲ ପାଇଲା । ଦୁହେଁ ମଳିମିଶି ଏକାଠି ପଢ଼ିଲେ ଏକାଠି ଖାଇଲେ, ଏକାଠି ଖେଳିଲେ । କୁନିକୁ ଆଉ ଏକାଟିଆ ଅନୁଭବ ହେଲା ନାହିଁ । ଦୁଇ ଭଉଣୀ ଦୁହେଁ ଭଲ ସାଙ୍ଗ ବୋଲି ତାଙ୍କ ଗାଆଁରେ ସମସ୍ତେ କହିଲେ ଓ ଅନ୍ୟ ଝିଅମାନେ ମଧ୍ୟ କୁନି ଓ ରାନୀକୁ ବହୁତ ଭଲ ପାଇଲେ । ଆତ୍ମୀୟତା ଓ ଭଲପାଇବା ହେଉଛି ମାନବର ମାନବତା ଗୁଣ । ନିଜେ ପରିବର୍ତ୍ତନ ହେବା ସହିତ ଅନ୍ୟକୁ ପରିବର୍ତ୍ତନ କରି ଭଲ ଗୁଣ ଶିଖାଇବା ହେଉଛି ମହତ୍ ପଣିଆ । ପାଠପଢ଼ା ସହିତ ଭଲ ଆଚାର ବ୍ୟବହାର, ଚାଲିଚଳନ ହେଉଛି ଜଣେ ଛାତ୍ର ଓ ଛାତ୍ରୀ ପାଇଁ ଏକ ସୁନ୍ଦର ସଂସ୍କାର ।■



ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮ ୯୩୦୫୫୪

## ସକାଳ ଶିଶୁ କୁଇଜ୍-୧୦୮

(୧) 'ଦିଲ୍ଲୀ ଚଲୋ' ଡାକରା କିଏ ଦେଇଥିଲେ?
ଉତ୍ତର : ______

(୨) ଭାରତର ଜାତୀୟ ଖେଳର ନାମ କ'ଣ?
ଉତ୍ତର : ______

(୩) 'ମାଟିର ମଣିଷ' ଉପନ୍ୟାସର ରଚୟିତା କିଏ?
ଉତ୍ତର : ______

(୪) ଶ୍ରୀଲଙ୍କାର ରାଜଧାନୀର ନାମ କ'ଣ?
ଉତ୍ତର : ______

(୫) ଓଡ଼ିଶାର କେଉଁ ଜିଲ୍ଲା ଘୁମୁରା ନୃତ୍ୟ ପାଇଁ ପ୍ରସିଦ୍ଧ?
ଉତ୍ତର : ______

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

**ଗତ ସପ୍ତାହର କୁଇଜ୍ ବିଜେତା**
- ପ୍ରତ୍ୟୁଷା ପାଢ଼ୀ, ଆନନ୍ଦପୁର, କେନ୍ଦୁଝର
- ମାନସ ରଞ୍ଜନ ଜେନା, ସାଲେପୁର
- ଐଶ୍ୱର୍ଯ୍ୟା ପ୍ରିୟଦର୍ଶିନୀ, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯





ଅନନ୍ୟା ନାୟକ
ପଞ୍ଚମ ଶ୍ରେଣୀ
ମଡର୍ଣ୍ଣ ପବ୍ଲିକ୍ ସ୍କୁଲ୍
ବାଲେଶ୍ୱର





ସୋମ ଆଶୀର୍ବାଦ ତ୍ରିପାଠୀ
ଷଷ୍ଠ ଶ୍ରେଣୀ
ଫ୍ୟୁଚର୍ ଭୁବନେଶ୍ୱର ସ୍କୁଲ
ଭୁବନେଶ୍ୱର





ମାହିକା ଏମ୍ ଭରଦ୍ୱାଜ
ଦ୍ୱିତୀୟ ଶ୍ରେଣୀ
ଓଡିଏମ୍ ପବ୍ଲିକ୍ ସ୍କୁଲ
ଭୁବନେଶ୍ୱର

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-240 ◆BHUBANESWAR ◆SATURDAY ◆24 FEBRUARY 2024 ◆PAGE-16 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୪୦ ◆ଭୁବନେଶ୍ୱର ◆ଶନିବାର ◆୨୪ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

# ମାର୍ଚ୍ଚ ୧୩ ପରେ ଘୋଷଣା ହେବ ନିର୍ବାଚନ କାର୍ଯ୍ୟସୂଚୀ

■ **ନୂଆଦିଲ୍ଲୀ, ୨୩।୨ (ଏଜେନ୍ସି):** ନିର୍ବାଚନ କମିଶନ (ଇସି)ଙ୍କ ଉଚ୍ଚପଦସ୍ଥ କାର୍ଯ୍ୟକର୍ତ୍ତାମାନେ ଏବେ ବିଭିନ୍ନ ରାଜ୍ୟ ଗସ୍ତ କରି ଅବାଧ, ମୁକ୍ତ ଲୋକସଭା ନିର୍ବାଚନ ନିମନ୍ତେ ଚାଲିଥିବା ପ୍ରସ୍ତୁତିର ତଦାରଖ କରୁଛନ୍ତି। ମାର୍ଚ୍ଚ ୧୩ରେ ଏହି ଗସ୍ତ ଓ ତଦାରଖ କାର୍ଯ୍ୟକ୍ରମ ଶେଷ ହେବ। ତେଣୁ ମାର୍ଚ୍ଚ ୧୩ ରେ କିମ୍ବା ଏହାର ଦିନେ ଦୁଇଦିନ ଭିତରେ ଲୋକସଭା ଓ କେତୋଟି ରାଜ୍ୟର ବିଧାନସଭା ନିମନ୍ତେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବ। ସେତେବେଳେ ଇସି ନିର୍ବାଚନ ତାରିଖ ଘୋଷଣା କରି କେତୋଟି ପର୍ଯ୍ୟାୟରେ ନିର୍ବାଚନ ହେବ ତାହା ଜଣାଇବେ। ସେହି ଦିନଠାରୁ ଆଦର୍ଶ ଆଚରଣବିଧି ଲାଗୁହେବ। ଇସିଙ୍କ କାର୍ଯ୍ୟକର୍ତ୍ତାମାନେ ଏବେ ତାମିଲନାଡୁ ଗସ୍ତରେ ଅଛନ୍ତି। ଏହାପରେ ସେମାନେ ଉତ୍ତରପ୍ରଦେଶ ଓ ଜମ୍ମୁ-କାଶ୍ମୀର ଗସ୍ତ କରି ମାର୍ଚ୍ଚ ୧୩ରେ ଦିଲ୍ଲୀ ଫେରିବେ। ଏହା ପରେ କାର୍ଯ୍ୟସୂଚୀ ଘୋଷଣା ହୋଇପାରେ। ଏହା ପୂର୍ବରୁ ୨୦୧୯ ମାର୍ଚ୍ଚ ୧୦ ରେ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରାଯାଇଥିଲା। ୨୦୧୯ ଏପ୍ରିଲ ୧୧ରୁ ମେ ୧୯ ଯାଏ ୭ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇ ମେ ୨୩ରେ ଭୋଟ ଗଣତି ଓ ଫଳାଫଳ ଘୋଷଣା ହୋଇଥିଲା। ସେତେବେଳେ ଦେଶରେ ୯୧କୋଟି ୨୦ଲକ୍ଷ ଭୋଟର ଥିଲେ। ଏମାନଙ୍କ ମଧ୍ୟରୁ ୬୭% ଭୋଟର ଭୋଟ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ ୨୦୨୪ ଲୋକସଭା ନିର୍ବାଚନ ସହ ଏକସଙ୍ଗେ ଆନ୍ଧ୍ର ପ୍ରଦେଶ, ଅରୁଣାଚଳ ପ୍ରଦେଶ, ଓଡ଼ିଶା ଓ ସିକିମ ବିଧାନସଭା ପାଇଁ ମଧ୍ୟ ନିର୍ବାଚନ ହେବ।

## ୬୧୩୪ କୋଟି ଟଙ୍କାର ନିବେଶ ପ୍ରସ୍ତାବକୁ ମଞ୍ଜୁରୀ

# ରାୟଗଡ଼ାରେ ଗୋଳାବାରୁଦ କାରଖାନା



## ରାଜ୍ୟରେ ସ୍ଥାପନ ହେବ ଆଉ ୨୭ ଶିଳ୍ପ
## ୪୨ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ

■ **ଭୁବନେଶ୍ୱର, ୨୩।୨ (ସମିସ):** ଶିଳ୍ପ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆଉ ଏକ ବଳିଷ୍ଠ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ଆଜି ୬୧୩୪ କୋଟି ଟଙ୍କାର ୨୭ଟି ଶିଳ୍ପ ପ୍ରତିଷ୍ଠା ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆଲୁମିନିୟମ୍, ନବୀକରଣ ଯୋଗ୍ୟ ଶକ୍ତି, ଉତ୍ପାଦନ, ଧାତବ, ଏରୋସ୍ପେସ ଓ ପ୍ରତିରକ୍ଷା, ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ, ପ୍ଲାଷ୍ଟିକ୍, ବୟନ ଓ ପ୍ରସାଧନ, ଇଏସ୍‌ଡିଏମ୍, ଆଇଟି ଭିତ୍ତିଭୂମି ଆଦି କ୍ଷେତ୍ର ସହିତ ଜଡ଼ିତ ଶିଳ୍ପ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ୪୨,୨୭୫ ଜଣ ଲୋକଙ୍କୁ କର୍ମନିଯୁକ୍ତି ମିଳିବ। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୨୮ତମ ରାଜ୍ୟ ସିଙ୍ଗିଲ୍ ୱିଣ୍ଡୋ କ୍ଲିଅରାନ୍ସ କମିଟି ଏହି ନିବେଶ ଓ ଶିଳ୍ପ ସ୍ଥାପନ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି।

ସୂଚନା ଅନୁସାରେ ପ୍ରିମିୟର୍ ଏକ୍ସପ୍ଲୋସିଭ୍ କମ୍ପାନୀ ରାୟଗଡ଼ାରେ ପ୍ରତିରକ୍ଷା ବିଭାଗ ପାଇଁ ବିସ୍ଫୋରକ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରିବ। ୮୬୪ କୋଟି ଟଙ୍କା ବିନିଯୋଗରେ ସ୍ଥାପନ ହେବାକୁଥିବା ଏହି କାରଖାନାରେ ୩୭୫୦ ଜଣଙ୍କୁ ନିଯୁକ୍ତି ମିଳିବ। ଏସ୍‌ଏମ୍‌ଇଏଲ୍ ଷ୍ଟ୍ରକ୍‌ଚରାଲ ପ୍ରାଇଭେଟ୍ ଲିମିଟେଡ୍ ୮୯୩ କୋଟି ବ୍ୟୟରେ ସମ୍ବଲପୁରର ରେଙ୍ଗାଲିରେ ଆଲୁମିନିୟମ୍ କଏଲ୍, ଫ୍ଲାଟ୍ ରୋଲ୍‌ଡ୍ ପ୍ରଡକ୍ଟସ୍, ବ୍ୟାଟେରୀ ଆଦି ଉତ୍ପାଦନ କରିବ। ଏଠାରେ ୫୫୦ ଜଣଙ୍କୁ ନିଯୁକ୍ତି ମିଳିବ। ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଟସନ୍ ଲିମିଟେଡ୍ କନ୍ଧମାଳର ବାଲିଗୁଡ଼ାରେ ୭୮୭ କୋଟି ବିନିଯୋଗ କରି ୬୩ ମେଗାୱାଟ୍ କ୍ଷମତାର ହାଇଡ୍ରୋ ପ୍ରକଳ୍ପ (ଅକ୍ଷୟଶକ୍ତି) ପ୍ରତିଷ୍ଠା କରିବ। ଟେକ୍ସମାକୋ ରେଲ୍ ଓ ଇଞ୍ଜିନିୟରିଂ ଲିମିଟେଡ୍ ୪୩୮ କୋଟି ବିନିଯୋଗ କରି ପାରାଦ୍ୱୀପରେ ୩୫ ହଜାର ମେଟ୍ରିକ୍ ଟନ୍ କ୍ଷମତାର ରେଳବାଇ ବଗି ଓ କପଲର୍ ଉତ୍ପାଦନ କରିବ। ଏହି କମ୍ପାନୀ ୨୦୦୦ ଲୋକଙ୍କୁ ନିଯୁକ୍ତି ଦେବ।

ଅପରପକ୍ଷେ ପ୍ରିମିୟମ୍ ଟ୍ରାନ୍ସମିଶନ୍ ୫୫୫ କୋଟି ଟଙ୍କା ବ୍ୟୟରେ ଖୋର୍ଦ୍ଧାରେ ଇଣ୍ଡଷ୍ଟ୍ରିଆଲ ଟ୍ରାନ୍ସମିଶନ୍ ଓ ଅକ୍ଷୟ ଶକ୍ତି ଉତ୍ପାଦନ କରିବା ସହିତ ୭୦୦ ଲୋକଙ୍କ ନିଯୁକ୍ତି ପ୍ରଦାନ କରିବ। ପର୍ଫେଟ୍‌କ୍ସ ଟେକ୍ନୋଲୋଜି ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ଆଇଟି ଭିତ୍ତିଭୂମି ପ୍ରତିଷ୍ଠା ନିମନ୍ତେ ୫୮୬ କୋଟି ଟଙ୍କା ବିନିଯୋଗ କରିବା ସହିତ ୫୫୦୦ ଲୋକଙ୍କୁ କର୍ମନିଯୁକ୍ତି ଯୋଗାଇବ। ଜୁପିଟର ଇଣ୍ଟରନ୍ୟାସନାଲ ଲିମିଟେଡ୍ ଖୋର୍ଦ୍ଧାରେ ଫଟୋଭୋଲାଟିକ୍ ସୋଲାର୍ ସେଲ୍ ଉତ୍ପାଦନ ନିମନ୍ତେ ୨୫୦ କୋଟି ଟଙ୍କା ନିବେଶ କରିବା ସହ ୩୫୦ ଜଣଙ୍କୁ ନିଯୁକ୍ତି ଦେବ ବୋଲି ପ୍ରତିଶ୍ରୁତି ଦେଇଛି।

ପୁନଶ୍ଚ ଖୋର୍ଦ୍ଧା ଜିଲ୍ଲାରେ ବିଏଲ୍ ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ ୫୧ କୋଟି, ଫାଇନ୍ ଲାଇନ୍ସ ୫୮ କୋଟି, କେନବର୍ଗ ଗ୍ଲୋବାଲ ସୋର୍ସି ୫୦.୯୦ କୋଟି ଟଙ୍କା, ଉମଙ୍ଗ କୋଲ୍ଡ ଷ୍ଟୋରେଜ୍ ପ୍ରାଇଭେଟ୍ ଲିମିଟେଡ୍ ୧୨୩.୧୩ କୋଟି ଟଙ୍କା ବିନିଯୋଗ କରିବେ। ପ୍ରୁନାମା ଷ୍ଟିଲ୍ସ ପ୍ରାଇଭେଟ୍ ଲିମିଟେଡ୍ ସୁନ୍ଦରଗଡ଼ରେ ୫୪.୭୦ କୋଟି ଟଙ୍କା ନିବେଶ କରିବା ସହ ଇଆରଡବ୍ଲୁ ପାଇପ୍ ଉତ୍ପାଦନ କରିବ। ଏସ୍‌ଏସ୍‌ପି ସ୍ପଞ୍ଜ ଆଇରନ୍ ଲିମିଟେଡ୍ କେନ୍ଦୁଝରରେ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ୧୫୦ କୋଟି, ସୁରଜ ପ୍ରଡକ୍ଟସ୍ ଲିମିଟେଡ୍ ୯୮.୫୦ କୋଟି ବ୍ୟୟରେ ବାର୍ଷିକ ୨ ନିୟୁତ ଇସ୍ପାତ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ। ଅଲମାମେଟ୍ କମ୍ପାନୀ କଳିଙ୍ଗନଗର ଠାରେ ୫୦.୬୦ କୋଟି ଟଙ୍କା ନିବେଶ କରି ମ୍ୟାଗନେସିୟମ୍ ଗ୍ରାନୁଏଲ୍ସ ଉତ୍ପାଦନ କରିବ। ଏଠାରେ ୯୫ ଜଣଙ୍କୁ ନିଯୁକ୍ତି ମିଳିବ ବୋଲି କୁହାଯାଇଛି। ପୁରୀର ସିପସରୁବାଲିରେ ଆଇଟିସି ଲିମିଟେଡ୍ ୱେଲକମ୍ ହୋଟେଲ ପ୍ରତିଷ୍ଠା ନିମନ୍ତେ ୧୪୮ କୋଟି ଟଙ୍କା ନିବେଶ କରିବ। ଖୋର୍ଦ୍ଧା ଜିଲ୍ଲାରେ ଇଣ୍ଡୋ ନିସିନ୍ ଫୁଡସ୍ ପ୍ରାଇଭେଟ ଲିମିଟେଡ୍ ୫୧ କୋଟି, ମାଗପେଟ ପଲିମର ୧୭୫ କୋଟି, ଏମ୍‌ଏଫ୍ କ୍ଲଫ୍ ୧୫୦ କୋଟି, ମିନୁ କ୍ରିଏସନ୍ସ ଏଲ୍‌ଏଲ୍‌ପି ୫୭ କୋଟି, ପୂଜା ଇଣ୍ଟରନ୍ୟାସନାଲ ୫୫ କୋଟି, ସୋନୁ ଏକ୍ସିମ୍ ୫୫ କୋଟି, ରେନବୋ ଫାବାର୍ଟ ପ୍ରାଇଭେଟ୍ ଲିମିଟେଡ୍ ୫୨ କୋଟି ଟଙ୍କା ନିବେଶ କରିବେ।

## ବିଧାନସଭା ନିର୍ବାଚନ: ବିଜୁଙ୍କ ୧୨୩ ରେକର୍ଡ ଭାଙ୍ଗିବେ ନବୀନ

# ୨୦୨୪ରେ ବିଜେଡିକୁ ୧୨୮ ରୁ ଅଧିକ ଆସନ



୧୭ ଲୋକସଭା କ୍ଷେତ୍ରରେ ପୋଛି ହୋଇଯିବେ ବିରୋଧୀ
ବିକାଶ ବିରୋଧୀଙ୍କୁ ଉଚିତ ଜବାବ ଦେବେ ଓଡ଼ିଶାବାସୀ
ଜାତୀୟ ସର୍ଭେରେ ବିଜେପି ଓ କଂଗ୍ରେସର ସ୍ଥିତି ଦୟନୀୟ

■ **ଭୁବନେଶ୍ୱର, ୨୩।୨ (ସମିସ):** ୨୦୨୪ ନିର୍ବାଚନରେ ଓଡ଼ିଶାବାସୀ ପୁଣି ଫୁଙ୍କିବେ ଶଙ୍ଖ। ଏହା ବିଜେଡି ପାଇଁ ଐତିହାସିକ ନିର୍ବାଚନ ହେବ। ନବୀନ ପଟ୍ଟନାୟକ ପୁଣି ଷଷ୍ଠଥର ହେବେ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ପିତା ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୨୩ ଆସନ ରେକର୍ଡକୁ ମଧ୍ୟ ଭାଙ୍ଗିବେ। ବିଭିନ୍ନ ଜାତୀୟ ସଂସ୍ଥାଙ୍କ ପ୍ରାକ୍ ନିର୍ବାଚନ ଆକଳନରେ ଏହା ପ୍ରକାଶିତ ହୋଇଛି । ବିଭିନ୍ନ ସର୍ଭେ ସଂସ୍ଥାଗୁଡ଼ିକର ଆକଳନ ଅନୁସାରେ ଗତ ୨୦୧୯ ବିଧାନସଭା ନିର୍ବାଚନଠାରୁ ୨୦୨୪ରେ ବିଜେଡି କେବଳ ଅଧିକ ଆସନ ପାଇବ ନାହିଁ; ଦଳର ଭୋଟ ହାର ମଧ୍ୟ ବୃଦ୍ଧି ପାଇବ । ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳ ୧.୨ କୋଟି ଭୋଟ ପାଇଥିବାବେଳେ ଆଗାମୀ ବିଧାନସଭା ନିର୍ବାଚନରେ ଦଳ ଆହୁରି ଅଧିକ ଭୋଟ ପାଇବ ବୋଲି ଏହି ସଂସ୍ଥାଗୁଡ଼ିକ ଆକଳନ କରିଛନ୍ତି । 'ଜନହିତ' ପକ୍ଷରୁ କରାଯାଇଥିବା ସର୍ଭେରେ ଦଳର ବିଧାନସଭା ଆସନ ସଂଖ୍ୟା ୨୦୧୯ ତୁଳନାରେ ଅନ୍ୟୁନ ୧୫ଟି ବୃଦ୍ଧି ପାଇ ୧୨୮ ଅତିକ୍ରମ କରିପାରେ ବୋଲି ଦର୍ଶାଯାଇଛି।

ଗତ ବିଧାନସଭା ନିର୍ବାଚନରେ ଦଳ ୧ କୋଟିରୁ ଊର୍ଦ୍ଧ୍ୱ ଭୋଟ ପାଇଥିଲା। ଗତ ପୌର ଓ ପଞ୍ଚାୟତ ନିର୍ବାଚନରେ ଏହି ଭୋଟ ସଂଖ୍ୟା ୨୦% ବୃଦ୍ଧି ପାଇ ୧.୨ କୋଟିରେ ପହଞ୍ଚିଥିଲା। ତେଣୁ ଆଗାମୀ ନିର୍ବାଚନରେ ଏହି ୧.୨ କୋଟି ଭୋଟକୁ ଅନ୍ୟୁନ ଦେଢ଼ କୋଟିରେ ପହଞ୍ଚାଇବା ନିମନ୍ତେ ନିଷ୍ଠାପର କାର୍ଯ୍ୟ କରିବାକୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ଦଳୀୟ ନେତା ଓ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ସାଙ୍ଗଠନିକ କ୍ଷେତ୍ରରେ ଦଳକୁ ସୁଦୃଢ଼ କରାଯାଇଛି ଏବଂ ବୁଥ୍‌ୱାରୀ କାର୍ଯ୍ୟ ଶେଷ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, ରାଜନୈତିକ ପରିପକ୍ୱତା, ସ୍ୱଚ୍ଛ ଶାସନ, ଲୋକହିତକର ଓ ବିକାଶମୂଳକ କାର୍ଯ୍ୟ, ସର୍ବୋପରି ବିଭିନ୍ନ କ୍ଷେତ୍ରରେ ▶ପୃଷ୍ଠା-୯

# ସ୍ୱାବଲମ୍ବୀ କାରିଗରଙ୍କ ପ୍ରାପ୍ୟ ବଢ଼ିଲା

**ପାରିଶ୍ରମିକ ୪, ୦୦୦ ଟଙ୍କାରୁ ୬, ୫୦୦ ଟଙ୍କାକୁ ବୃଦ୍ଧି**

**'୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ମିଳିଥିଲା ପ୍ରସ୍ତାବ**

■ **ଭୁବନେଶ୍ୱର, ୨୩।୨ (ସମିସ):** ରାଜ୍ୟର ଗ୍ରାମ ପଞ୍ଚାୟତମାନଙ୍କରେ କାମ କରୁଥିବା ସ୍ୱାବଲମ୍ବୀ କାରିଗରମାନଙ୍କର ପାରିଶ୍ରମିକ ବୃଦ୍ଧି ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କ ପାରିଶ୍ରମିକ ୬୫୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ବର୍ତ୍ତମାନ ସ୍ୱାବଲମ୍ବୀ କାରିଗରମାନେ ପାରିଶ୍ରମିକ ବାବଦକୁ ମାସକୁ ୪୦୦୦ ଟଙ୍କା ପାଉଥିବା ବେଳେ ନୂତନ ପାରିଶ୍ରମିକ ୬୫୦୦ ଟଙ୍କା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହା ବର୍ତ୍ତମାନର ପାରିଶ୍ରମିକଠାରୁ ୬୨.୫୦ ପ୍ରତିଶତ ଅଧିକ। ଏହାଦ୍ୱାରା ରାଜ୍ୟର ୧୩ ହଜାର ସ୍ୱାବଲମ୍ବୀ କାରିଗର ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ ଯେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ସ୍ଥାନରୁ ସ୍ୱାବଲମ୍ବୀ କାରିଗର ଏବଂ ପ୍ରତିନିଧି ମାନଙ୍କଠାରୁ ଏଥିପାଇଁ ▶ପୃଷ୍ଠା-୯

## ଲୋକକଥା



କୃଷି ପ୍ରଧାନ ଏ ରାଇଜ ଏଣିକି
ହେବ କେତେ ଅଗ୍ରସର,
ସଶକ୍ତ ହୋଇବ କୃଷି ପରିବାର
ହସିବ ଚାଷୀ ସଂସାର।
କଷଣ ହୋଇବ ଦୂର,
ରୂପାନ୍ତରଣର ସାରଥୀ ହୁଅନ୍ତି
ଲୋକଙ୍କ ନିକଟତର !!

# ଦୁର୍ଘଟଣାରେ ବିଧାୟିକାଙ୍କ ମୃତ୍ୟୁ

■ **ହାଇଦରାବାଦ, ୨୩।୨ (ଏଜେନ୍ସି):** ହାଇଦରାବାଦରେ ଏକ ସଡ଼କ ଦୁର୍ଘଟଣାରେ ଭାରତ ରାଷ୍ଟ୍ର ସମିତି (ବିଆରଏସ) ବିଧାୟିକା ଲସ୍ୟା ନନ୍ଦିତାଙ୍କ ମୃତ୍ୟୁ ହୋଇଛି। ୩୭ ବର୍ଷୀୟ ଲସ୍ୟା ପ୍ରଥମ ଥର ପାଇଁ ବିଧାୟିକା (ସିକନ୍ଦରାବାଦ କ୍ୟାଣ୍ଟନମେଣ୍ଟ) ହୋଇଥିଲେ। ସୂଚନା ଅନୁଯାୟୀ ଦୁର୍ଘଟଣା ସମୟରେ ନନ୍ଦିତା ଏକ ଏସ୍‌ୟୁଭିରେ ଯାତ୍ରା କରୁଥିଲେ। ତାଙ୍କ ଡ୍ରାଇଭର ଗାଡ଼ି ଚଳାଉ ଥିଲେ। ସଙ୍ଗାରେଡ୍ଡୀ ଜିଲ୍ଲାର ସୁଲତାନପୁର ରିଙ୍ଗ ରୋଡ୍‌ରେ ତାଙ୍କ କାର୍ ନିୟନ୍ତ୍ରଣ ହରାଇ ଡିଭାଇଡରକୁ ଧକ୍କା ଦେଇଥିଲା। ଏଥିରେ ଡ୍ରାଇଭର ଏବଂ ନନ୍ଦିତା ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ନନ୍ଦିତା ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇ ଥିଲେ। ଏବେ ତାଙ୍କ ଡ୍ରାଇଭରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏହା ପୂର୍ବରୁ ୧୦ ଦିନ ତଳେ ଫେବୃଆରୀ



୧୩ରେ ନନ୍ଦିତା ଏକ ସଡ଼କ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏକ ରାଲିରେ ସାମିଲ ହେବା ପାଇଁ ନଲଗୋଣ୍ଡା ଯାଉଥିବାବେଳେ ନରକଟପଲ୍ଲି ନିକଟରେ ତାଙ୍କ ଗାଡ଼ି ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ସେ ଆହତ ହୋଇଥିବାବେଳେ ତାଙ୍କ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ହୋଇଥିଲା। ନନ୍ଦିତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ସଙ୍କଳ୍ପବଦ୍ଧ

## ଏକ କୋଟିରୁ ଅଧିକ ପରିବାର ପାଇଁ ସଞ୍ଜୀବନୀ ସାଜିଛି ବିଏସ୍‌କେୱାଇ



୬ ବର୍ଷରେ ୮ ନୂଆ ମେଡ଼ିକାଲ କଲେଜ, ୨ ପିଜି ଇନ୍‌ଷ୍ଟିଚ୍ୟୁଟ୍ ସ୍ଥାପନ
ବର୍ଷକୁ ବାହାରୁଛନ୍ତି ୨୫୦୦ ଡାକ୍ତର, ୪ ବର୍ଷରେ ୪୦୦୦ ଡାକ୍ତର ନିଯୁକ୍ତି

■ **ଭୁବନେଶ୍ୱର, ୨୩।୨ (ସମିସ):** ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ନିଜ ପରିବାର ସଦସ୍ୟ ଭାବେ ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ପ୍ରତ୍ୟେକ ଗରିବ ଲୋକଙ୍କ ସ୍ୱାସ୍ଥ୍ୟ ରକ୍ଷା ସୁନିଶ୍ଚିତ କରିବା ପାଇଁ କାମ କରୁଛନ୍ତି। କୋଭିଡ୍ ପରିଚାଳନା ହେଉ ଅବା ବିଏସ୍‌କେୱାଇ, ମମତା ସହାୟତା ଯୋଜନା ହେଉ ଅବା ଅପପୁଷ୍ଟି ଦୂର ପାଇଁ ପିଲାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ, ସମସ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ ମୁଖ୍ୟମନ୍ତ୍ରୀଙ୍କର ଉଦ୍ଦେଶ୍ୟ। ଏକ ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା ଗଠନ ପାଇଁ ବଦ୍ଧ ପରିକର ମୁଖ୍ୟମନ୍ତ୍ରୀଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଜି ସମଗ୍ର ଭାରତ ବର୍ଷରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ବିବେଚିତ ହେଉଛି। ଏହା ହିଁ ହେଉଛି ରାଜ୍ୟବାସୀଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତାର ନିଦର୍ଶନ ବୋଲି ବୋଲି କହିଛନ୍ତି ବିଜୁ ଜନତା ଦଳର ରାଷ୍ଟ୍ରୀୟ ମୁଖପାତ୍ର ଡଃ ସନ୍ତୃପ୍ତ ମିଶ୍ର ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡଃ ମିଶ୍ର କହିଛନ୍ତି ଯେ ସ୍ୱାସ୍ଥ୍ୟ ସେବା ସହିତ ଆମ ଅର୍ଥନୀତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଯଦି କେହି ରୋଗାଗ୍ରାନ୍ତ ହୋଇ ସ୍ୱାସ୍ଥ୍ୟ ସେବା ପାଇବା ନିମନ୍ତେ ନିଜ ଜମି ବାଡ଼ି, ଗହଣା ବନ୍ଧକ ରଖୁଛି, ନିଜ ପିଲାର ପାଠ ପଢ଼ା ବନ୍ଦ କରିବା ପାଇଁ ବାଧ୍ୟ ହେଉଛି, ତା ହେଲେ ▶ପୃଷ୍ଠା-୯




THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-240 ◆BHUBANESWAR ◆SATURDAY ◆24 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୦ ◆ଭୁବନେଶ୍ୱର ◆ଶନିବାର ◆୨୪ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କଲା ପ୍ରଥମ ଘରୋଇ ମହାକାଶଯାନ




■ **ୱାଶିଂଟନ, ୨୩।୨ (ଏଜେନ୍ସି):** ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ପରେ ଆମେରିକାର ଏକ ମହାକାଶଯାନ ଚନ୍ଦ୍ରରେ ପହଞ୍ଚିଛି। ପ୍ରଥମ ଥର ପାଇଁ ଏକ ଘରୋଇ କମ୍ପାନୀ 'ଇନ୍‌ଟ୍ୟୁଟିଭ ମେସିନ୍ସ'ର ଲ୍ୟାଣ୍ଡର 'ଓଡ଼ିସିୟସ' ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଛି। ଭାରତ ପରେ ବିଶ୍ୱର ଦ୍ୱିତୀୟ ରାଷ୍ଟ୍ର ଭାବେ ଆମେରିକା ଏହି କୃତିତ୍ୱ ହାସଲ କରିଛି। ଗତ ୧୫ ତାରିଖରେ ସ୍ପେସ୍ ଏକ୍ସର ରକେଟ୍‌ରୁ ହ୍ୟୁଷ୍ଟନର ଏହି କମ୍ପାନୀର ମହାକାଶଯାନକୁ ଉତ୍‌କ୍ଷେପଣ କରାଯାଇଥିଲା। ଏହା ଭାରତୀୟ ସମୟ ଗୁରୁବାର ସକାଳ ୪ଟା ୫୩ ମିନିଟରେ ଚନ୍ଦ୍ରରେ ଅବତରଣ କରିଥିଲା। ଏହାର ଠିକ୍ ପୂର୍ବରୁ ଓଡିସିୟସର ନେଭିଗେସନ ସିଷ୍ଟମରେ କିଛି ସମସ୍ୟା ସୃଷ୍ଟି ହୋଇଥିଲା। ଏହା ସତ୍ତ୍ୱେ ଲ୍ୟାଣ୍ଡରକୁ ଅବତରଣ କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ଯାନ ସହ ଯୋଗାଯୋଗ ହୋଇପାରି ନାହିଁ। ଓଡିସିୟସର ଅବତରଣ ସ୍ଥାନର ନାମ ୧୭ଶ ଶତାବ୍ଦୀର ବେଲିଜିୟମ ବୈଜ୍ଞାନିକ 'ମାଲାପର୍ଟ'ଙ୍କ ନାମରେ ରଖାଯାଇଛି। ଏବେ ନାସା ଏହି ସ୍ଥାନକୁ ମହାକାଶ ଯାତ୍ରୀଙ୍କୁ ପଠାଇବା ପାଇଁ ବିଚାର କରୁଛି ବୋଲି କୁହାଯାଇଛି।




### କାର୍ଯ୍ୟ ଅଗ୍ରଗତି ସମୀକ୍ଷା କଲେ '୫-ଟି' ଅଧ୍ୟକ୍ଷ

# ୨୦୨୫ ନୂଆବର୍ଷ ସୁଦ୍ଧା ସରିବ ଏକାମ୍ର ପ୍ରକଳ୍ପ

■ **ଭୁବନେଶ୍ୱର, ୨୩।୨ (ସମିସ):** ୨୦୨୫ ନୂଆ ବର୍ଷ ସୁଦ୍ଧା ଏକାମ୍ର କ୍ଷେତ୍ର ଚମକିବ। ଅତ୍ୟାଧୁନିକ ସେବା ସହ ଭକ୍ତଙ୍କୁ ବିଭୋର କରିବ ଆଧ୍ୟାତ୍ମିକ ପରିବେଶ। ଏଥିପାଇଁ ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବା ସହ ଧାର୍ଯ୍ୟ ଅବଧି ମଧ୍ୟରେ ଏହାକୁ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍। ଶୁକ୍ରବାର ସକାଳୁ '୫-ଟି' ଅଧ୍ୟକ୍ଷ ଶ୍ରୀଲିଙ୍ଗରାଜ ମନ୍ଦିର ସହ ଏକାମ୍ର ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସକାଳ ସାଢ଼େ ୬ରୁ ଘଣ୍ଟାଏ କାଳ ପ୍ରକଳ୍ପ ସ୍ଥଳ ବୁଲି ଦେଖିବା ସହ ବିଭିନ୍ନ ବିଭାଗ ଅଧିକାରୀଙ୍କ ସହ ସେ କାର୍ଯ୍ୟର ଅଗ୍ରଗତି ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ଏହି ସମୟରେ ଶ୍ରୀ ପାଣ୍ଡିଆନ୍ ସାନିଟାରିୟମ ଛକ ନିକଟରେ ଉତ୍ତର ପଟରେ ବସ୍ ପାର୍କିଂ, କାର୍ ପାର୍କିଂ, ପର୍ଯ୍ୟଟକ ସୁବିଧା କେନ୍ଦ୍ର, ଭେଣ୍ଡିଂ ଜୋନ, ଲିଙ୍ଗରାଜ ପୁଲିସ ଷ୍ଟେସନ ଆଦି ନିର୍ମାଣ ହେବାକୁ ଥିବା ସ୍ଥାନ ବୁଲି ଦେଖିଛନ୍ତି। ଅନୁରୂପ ଭାବରେ ଏଠାରେ ଦୋକାନୀ ଓ ଭେଣ୍ଡରଙ୍କ ଥଇଥାନକୁ ଗୁରୁତ୍ୱ ଦେବା ସହ ସେମାନଙ୍କ ଜୀବନ ଜୀବିକାକୁ ପ୍ରାଧାନ୍ୟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।



**ଭକ୍ତଙ୍କ ପାଇଁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱ**

**ପଥର କାରୁକାର୍ଯ୍ୟ ସହ ମନ୍ଦିର ଚାରିକଡ଼େ ସୃଷ୍ଟି ହେବ ବଗିଚା**

**ଅତ୍ୟାଧୁନିକ ପଦ୍ଧତିରେ ଟ୍ରାଫିକ ପରିଚାଳନା ପାଇଁ ପରାମର୍ଶ**

ଶ୍ରୀ ପାଣ୍ଡିଆନ କୋଟିତୀର୍ଥେଶ୍ୱରରୁ ବିନ୍ଦୁସାଗର ଯାଏଁ ହେବାକୁ ଥିବା ବିକଳ୍ପ ରାସ୍ତାର ସମୀକ୍ଷା କରିବା ସହ ଜମି ଅଧିଗ୍ରହଣ ଏବଂ ଡ୍ରେନ ନିର୍ମାଣ ନେଇ ଆଲୋଚନା କରିଛନ୍ତି। ଡ୍ରେନ ନିର୍ମାଣ ପାଇଁ ଆବଶ୍ୟକ ଜମି ଯୋଗାଇ ଦେବାକୁ ସେ ବିଏମସି କମିସନରଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ସେ ଅନନ୍ତ ବାସୁଦେବ ମନ୍ଦିର ପଛପଟେ ଥିବା ସ୍ଥାନ ସହ ଭଜନ ମଣ୍ଡପ ଓ ଲିଙ୍ଗରାଜ ପ୍ଲାଜା ଅଞ୍ଚଳ ମଧ୍ୟ ବୁଲି ଅନୁଧ୍ୟାନ କରିଥିଲେ। ଶିବରାତ୍ରୀ ବେଳେ ମୂଳ ଢାଞ୍ଚାରେ କୌଣସି ପରିବର୍ତ୍ତନ ନ କରି ଧାଡ଼ି ପରିଚାଳନା କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି। ଆଧୁନିକ ଉପାୟରେ ଟ୍ରାଫିକ ପରିଚାଳନା ଓ ପରିବେଶ ସ୍ୱଚ୍ଛ ରଖିବା ପାଇଁ ମନ୍ଦିର ଚାରକଡ଼େ ବ୍ୟାଟେରୀ ଚାଳିତ ଯାନ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାପରେ '୫-ଟି' ଅଧ୍ୟକ୍ଷ ଦକ୍ଷିଣ ପାର୍ଶ୍ୱ ପରିକ୍ରମା ଓ ବଢେଇବାଙ୍କରେ ହେବାକୁ ଥିବା ବିକଳ୍ପ ବାଇପାସ ରାସ୍ତା କାମର ସ୍ଥିତି ଅନୁଧ୍ୟାନ କରିବା ସହ ଏସବୁ ସ୍ଥାନରେ ସୁରୁଖୁରୁରେ ଯାତାୟାତ ଉପରେ ଗୁରୁତ୍ୱାରୋପ କରିଛନ୍ତି। ପରିକ୍ରମା କରିଡରରେ ଭୂବିନ୍ୟାସ ସହ ବଗିଚା, ପଥର କାରୁକାର୍ଯ୍ୟ କାର୍ଯ୍ୟକୁ ୨୦୨୫ ସୁଦ୍ଧା ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏକାମ୍ର ପ୍ରକଳ୍ପ ବିଶାଳ ହୋଇଥିଲେ ବି ମନପ୍ରାଣ ଦେଇ କାର୍ଯ୍ୟ କଲେ ଏହା ଶୀଘ୍ର ଶେଷ ହୋଇଯିବ ବୋଲି '୫-ଟି' ଅଧ୍ୟକ୍ଷ ମତବ୍ୟକ୍ତ କରିଛନ୍ତି। ଏହି ଗସ୍ତ ସମୟରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ, ବିଏମସି କମିସନର, ଖୋର୍ଦ୍ଧା ଜିଲ୍ଲାପାଳ, ଭୁବନେଶ୍ୱର ଡିସିପି, ଓବିସିସିର ଏମ୍‌ଡି ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

■ ନିର୍ଦ୍ଧାରିତ ସମୟଠାରୁ ଅଧିକ ସମୟ ଜାହାଜ ଅଟକିବା ଓ ଭଡ଼ା ଅସୁଲ ପ୍ରସଂଗ

## ଏମ.ଭି.ଦେବୀକୁ ଅଟକ ରଖ: ହାଇକୋର୍ଟ

■ କଟକ, ୨୩।୨(ସମିସ): ପାରାଦୀପ ବନ୍ଦରରେ ଏକ ସଂସ୍ଥାର ବର୍ଥରେ ଏମ.ଭି. ଦେବୀ ନାମକ ଜାହାଜ ନିର୍ଦ୍ଧାରିତ ସମୟଠାରୁ ଅଧିକ ଦିନ ରହିବା ଓ ଏହି ରହଣି ବାବଦ ଦେୟ ବିବାଦକୁ ନେଇ ଏହି ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ସାମୁଦ୍ରିକ ବିବାଦ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ହାଇକୋର୍ଟ ସମ୍ପୃକ୍ତ ଜାହାଜକୁ ଅଟକ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଦାୟର ଅନ୍ତରୀଣ ଆବେଦନର ଶୁଣାଣି କରି ଜଷ୍ଟିସ ଭି. ନରସିଂହ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତୀୟ ସାମୁଦ୍ରିକ ବିବାଦ ସମ୍ପର୍କିତ ମୂଳ ମାମଲାର ମାର୍ଚ୍ଚ ୭ରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ସଂସ୍ଥାର ବର୍ଥରେ ଜାହାଜଟି ଧାର୍ଯ୍ୟ ସମୟଠାରୁ ଅଧିକ ଦିନ ରହିଛି। ଜାହାଜ ନିକଟରୁ ୭ କୋଟି ୯୫ ଲକ୍ଷ ୪୭ ହଜାର ୧୭୦ ଟଙ୍କା ଭଡା ଓ ଅନ୍ୟାନ୍ୟ ବାବଦରେ ଆଦାୟ ହେବା କଥା। ଏହା ପଇଠ ହୋଇ ନଥିବାରୁ ଆବେଦନକାରୀ ସଂସ୍ଥା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୂଳ ମାମଲା ବିଚାରାଧୀନ ଥିବା ବେଳେ ଆଡମିରାଲ୍ଟି (ଜୁରିସଡିକ୍ସନ୍ ଆଣ୍ଡ ସେଟେଲମେଣ୍ଟ ଅଫ୍ ମାରିଟାଇମ୍ କ୍ଲେମ୍ସ) ଆଇନ ୨୦୧୭ ଅନୁସାରେ ଜାହାଜକୁ ଅଟକ ରଖାଯାଉ ବୋଲି ଅନ୍ତରୀଣ ଆବେଦନରେ ଉଲ୍ଲେଖ କରାଯାଇଥିଲା। ସୂଚନାଥାଉକି ବିଦେଶରୁ ପାରାଦୀପ ବନ୍ଦରକୁ ଆସିଥିବା ଏହି ଜାହାଜରୁ ଗତ ୨୦୨୩, ନଭେମ୍ବର ୩୦ରେ ୨୨ଟି ପ୍ୟାକେଟରେ ଥିବା କୋକେନ ଜବତ ହୋଇଥିଲା। ପାରାଦୀପ ବନ୍ଦରରେ ଏହି ଜାହାଜ ଅଟକି ରହିଥିଲା ବେଳେ କାର୍ଗୋ ଟର୍ମିନାଲ ସଂସ୍ଥାକୁ ତାର ଭଡା ଓ ଅନ୍ୟାନ୍ୟ ବାବଦ ପ୍ରାପ୍ୟ ଦିଆଯାଉନଥିଲା।



THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-240 ◆BHUBANESWAR ◆SATURDAY ◆24 FEBRUARY 2024 ◆PAGE-16 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୪୦ ◆ଭୁବନେଶ୍ୱର ◆ଶନିବାର ◆୨୪ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

## ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଯୋଶୀଙ୍କ ପରଲୋକ

■ **ମୁମ୍ବାଇ, ୨୩।୨ (ଏଜେନ୍ସି):** ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ଲୋକସଭା ବାଚସ୍ପତି ମନୋହର ଯୋଶୀ (୮୬)ଙ୍କ ପରଲୋକ ହୋଇଛି। ଗୁରୁବାର ହୃଦ୍‌ଘାତ ହେବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଥିଲା। ମାତ୍ର ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ଶୁକ୍ରବାର ଭୋର ୩ଟାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ରାଷ୍ଟ୍ରୀୟ ସମ୍ମାନ ସହ ମୁମ୍ବାଇର ଶିବାଜୀ ପାର୍କ ଶ୍ମଶାନରେ ଶ୍ରୀ ଯୋଶୀଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏହା ପୂର୍ବରୁ ଗତ ବର୍ଷ ମଇ ମାସରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିଲା। ମସ୍ତିଷ୍କ ଆଘାତ ଯୋଗୁଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହା ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ସେ ଶିବାଜୀ ପାର୍କ ସ୍ଥିତ ଘରକୁ ଫେରିଥିଲେ। ୨୦୨୦ରେ ତାଙ୍କ ପତ୍ନୀ ବିୟୋଗ ହୋଇଥିଲା। ଶ୍ରୀ ଯୋଶୀ ଶିକ୍ଷକତାରୁ ନିଜ କ୍ୟାରିୟର ଆରମ୍ଭ କରି ୧୯୬୭ରେ ରାଜନୀତିରେ ସାମିଲ ହୋଇଥିଲେ। ସେ ୪୦ ବର୍ଷ ପର୍ଯ୍ୟନ୍ତ ଶିବସେନାରେ ଥିଲେ। ସେ ଶିବସେନା-ବିଜେପି ମେଣ୍ଟ ସରକାରରେ ୧୯୯୫-୯୯ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ହୋଇଥିଲେ।

## ରାଇଜିଂ ଓଡ଼ିଶା ସମ୍ମିଳନୀ

# ଆମ କାମ ହିଁ କଥା କହେ: ମୁଖ୍ୟମନ୍ତ୍ରୀ

- **ଦରିଦ୍ରରୁ ଦରିଦ୍ରତମ ବ୍ୟକ୍ତି ବି ଆମ ରୂପାନ୍ତରଣ ଯାତ୍ରାର ଅଭିନ୍ନ ଅଙ୍ଗ**
- **ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାର ଉତ୍କର୍ଷ ଅନ୍ୟମାନଙ୍କ ପାଇଁ ଉଦାହରଣ**
- **ରୂପାନ୍ତରଣ ଓ ସଶକ୍ତୀକରଣରେ ନୂଆ କାହାଣୀ ଲେଖୁଛି ଓଡ଼ିଶା**



■ **ଭୁବନେଶ୍ୱର, ୨୩।୨(ସମିସ):** ଆମ ରାଜ୍ୟ ଓଡ଼ିଶା ଆଗକୁ ବଢୁଛି, ଉତ୍କର୍ଷ ସାଧନ କରୁଛି। ଆମେ ବିନା ହୋ ହଲ୍ଲାରେ ବିକାଶର ଗୋଟିଏ ପରେ ଗୋଟିଏ ସୋପାନ ଅତିକ୍ରମ କରି ଚାଲିଛୁ। କାରଣ ଆମ କାମ ହିଁ କଥା କହେ। ମାତ୍ର ଦୁଇ ଦଶନ୍ଧି ମଧ୍ୟରେ ରୂପାନ୍ତରଣ ଓ ସଶକ୍ତିକରଣରେ ଓଡ଼ିଶା ନୂଆ କାହାଣୀ ଲେଖୁଛି। ବିପର୍ଯ୍ୟୟ ପରିଚାଳନା ହେଉ ଅବା ଖାଦ୍ୟ ସୁରକ୍ଷା, ସବୁଥିରେ ଓଡ଼ିଶା ଆଜି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ମହିଳା ସଶକ୍ତିକରଣରେ ଓଡ଼ିଶା ଅନ୍ୟମାନଙ୍କୁ ବହୁ ପଛରେ ଛାଡ଼ି ଦେଇଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

'ନ୍ୟୁଜ୍-୧୮' ପକ୍ଷରୁ ଆୟୋଜିତ 'ରାଇଜିଂ ଓଡ଼ିଶା'କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ବିକାଶ ଯାତ୍ରା ଦେଶର ଅନ୍ୟ ରାଜ୍ୟ ମାନଙ୍କୁ ଆକର୍ଷିତ କରୁଛି। ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ଏବଂ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବାରେ ଓଡ଼ିଶା ସମଗ୍ର ବିଶ୍ୱରେ ଚର୍ଚ୍ଚିତ ରାଜ୍ୟ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଆମ ରାଜ୍ୟର ତୃଣମୂଳସ୍ତରରେ ଲୋକଙ୍କୁ ବଳ ଯୋଗାଉଛି। ସେହିପରି ବିଦ୍ୟାଳୟ ରୂପାନ୍ତରଣ ପରେ ସୁଦୂର ମାଲକାନଗିରି ଜିଲ୍ଲାରେ ଥିବା ପିଲାଟିଏ ମଧ୍ୟ ସ୍ମାର୍ଟ ଶ୍ରେଣୀଗୃହରେ ବସି ଡିଜିଟାଲ ବୋର୍ଡ ସହାୟତାରେ ପାଠ ପଢ଼ିପାରୁଛି। ଏହା ହେଉଛି ରୂପାନ୍ତରଣ, ଏହା ହେଉଛି ସଶକ୍ତିକରଣ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ପୁଞ୍ଜି ନିବେଶ କରାଇବାରେ ସମଗ୍ର ଦେଶରେ ଓଡ଼ିଶା ଦ୍ୱିତୀୟ ସ୍ଥାନ ହାସଲ କରିଛି। ଗତ କିଛି ବର୍ଷ ହେଲା ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟ ଭାବେ ନିଜକୁ ପ୍ରତିପାଦିତ କରିପାରିଛି। ଏକଦା ସବୁଠାରୁ ପଛରେ ରହିଥିବା ଓଡ଼ିଶା ଆଜି ଆର୍ଥିକ ଅଭିବୃଦ୍ଧିରେ ବହୁ ବଡ଼ ବଡ଼ ରାଜ୍ୟକୁ ପଛରେ ଛାଡିଛି। ଆସନ୍ତା କିଛି ବର୍ଷ ମଧ୍ୟରେ ଆମେ ଦେଶର ପ୍ରଥମ ତିନିଟି ରାଜ୍ୟ ଭିତରେ ସ୍ଥାନ ପାଇବା ନେଇ ଆମେ ଆଶାବାଦୀ ଅଛୁ। ଆମର ଏହି ସଫଳତାର କାରଣ ହେଉଛି '୫-ଟି' ଉପକ୍ରମ ଆଧାରିତ ପାରଦର୍ଶୀ ଏବଂ ଲୋକାଭିମୁଖୀ ଶାସନ ବ୍ୟବସ୍ଥା। ରୂପାନ୍ତରଣ ଯାତ୍ରାରେ ଜଣେ ହେଲେ ବି ଯେମିତି ପଛରେ ରହି ନ ଯାଏ ତାହା ଆମ ସରକାର ସୁନିଶ୍ଚିତ କରୁଛନ୍ତି। ରାଜ୍ୟର ଦରିଦ୍ରରୁ ଦରିଦ୍ରତମ ବ୍ୟକ୍ତି ବି ହୃଦବୋଧ କରିବା ଆବଶ୍ୟକ ଯେ ସେ ବି ଏହି ରୂପାନ୍ତରଣର ଏକ ଅଭିନ୍ନ ଅଙ୍ଗ। ଏହା ହେଉଛି ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ବିକାଶ ଓ ଉତ୍ଥାନର କାହାଣୀ। ଏହି ସମସ୍ତ ଓଡ଼ିଶାବାସୀ ମୋ ପରିବାରର ସଦସ୍ୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

## ଗନ୍ଧମାର୍ଦ୍ଦନରେ ମାଓ କ୍ୟାମ୍ପ ଠାବ / ଯବାନଙ୍କ ସହ ଗୁଳି ବିନିମୟ; ମାଓ ସାମଗ୍ରୀ ଜବତ

■ **ବରଗଡ଼/ପାଇକମାଲ, ୨୩।୨ (ସମିସ):** ବରଗଡ଼ ଜିଲ୍ଲା ପାଇକମାଳ ଥାନା ଗନ୍ଧମାର୍ଦ୍ଦନ ପାଦଦେଶ ଖଣ୍ଡିଝରନ ନିକଟସ୍ଥ ଜଙ୍ଗଲରେ ଏସ୍‌ଓଜି ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ କେହି ମୃତାହତ ହୋଇନଥିବା ବେଳେ ମାଓବାଦୀମାନେ ସେଠାରୁ ଖସି ପଳାଇଛନ୍ତି। ଏସଓଜି ଓ ସିଆରପିଏଫ ତରଫରୁ ସେଠାରେ ମାଓ କ୍ୟାମ୍ପ ଠାବ କରାଯିବା ସହ ଆଇଡି, ମାଓବାଦୀଙ୍କ କପଡ଼ା, ବ୍ୟାଗ୍, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ମାଓ ପ୍ରଚାରପତ୍ର, ପୁସ୍ତିକା ଆଦି ଜବତ କରାଯାଇଥିବା ନେଇ ବରଗଡ଼ ଏସପି ପ୍ରହ୍ଲାଦ ସହାୟ ମୀନା ସୂଚନା ଦେଇଛନ୍ତି। ଗତ ୨୧ ତାରିଖରୁ ଗନ୍ଧମାର୍ଦ୍ଦନ ଅଞ୍ଚଳରେ ବରଗଡ଼ ଓ ବଲାଙ୍ଗିରର ଏସଓଜି ସହ ସିଆରପିଏଫ ମିଳିତ କମ୍ବିଂ ଜାରି ରଖିଥିବା ବେଳେ ଶୁକ୍ରବାର ସକାଳେ ଖଣ୍ଡିଝରନ ନିକଟସ୍ଥ ଜଙ୍ଗଲରେ ମାଓବାଦୀମାନେ କ୍ୟାମ୍ପ କରି ରହିଥିବା ସୂଚନା ମିଳିଥିଲା। ଏହାପରେ ସକାଳ ୮ ଟା ୩୦ ମିନିଟ ସମୟରେ ଏସଓଜି ଏବଂ ମାଓବାଦୀଙ୍କ ମଧ୍ୟରେ ଉଭୟ ପଟରୁ ଗୁଳି ବିନିମୟ ହୋଇଥିଲା। ଅପରପକ୍ଷେ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ବରଗଡ଼ ପହଞ୍ଚି ସ୍ଥିତିର ସମୀକ୍ଷା ଏବଂ ଅନୁଧ୍ୟାନ କରି ବରଗଡ଼ ଏସପି ମୀନାଙ୍କ ସହ ଆଲୋଚନା କରିଛନ୍ତି।

# ମସ୍ତିଷ୍କ ମୃତ୍ୟୁ ପରେ ଝିଅର ଯକୃତ ଦାନକଲେ ଅଟୋ ଚାଳକ



■ **ଭୁବନେଶ୍ୱର, ୨୩।୨ (ସମିସ):** ଭଗବାନଙ୍କୁ ଡାକୁଛି ମୋ ଝିଅର ଅଙ୍ଗ ଠିକ୍ ସମୟରେ ଠିକ୍ ଜାଗାରେ ପହଞ୍ଚୁ, ମୋ ଝିଅ ସବୁଦିନ ପାଇଁ ବଞ୍ଚିଥାଉ। ଭଗବାନ ବୋଧ ହୁଏ ଏହା ହିଁ ଲେଖିଛନ୍ତି, ମୋ ପାଖରେ ଯେତିକି ଦିନ ମୋର ହୋଇ ରହିବାର ଥିଲା, ରହିଲା। ଏବେ ସେ ଆଉ କାହା ପାଖରେ ବଞ୍ଚିବ। ଏମ୍ସ ଭୁବନେଶ୍ୱରରେ ମସ୍ତିଷ୍କାଘାତରେ ପ୍ରାଣ ହରାଇଥିବା ୧୪ ବର୍ଷର ଝିଅ ଦମୟନ୍ତୀଙ୍କ ମା' ବନିତା ମହାନ୍ତ ନିଜ ଝିଅର ଅଙ୍ଗ(ଯକୃତ)ଦାନ କଲା ବେଳେ ଲୁହ ଆଉ କୋହମିଶା ସ୍ୱରରେ ଏମିତି କିଛି କହିଛନ୍ତି। ଦମୟନ୍ତୀଙ୍କ ଯକୃତକୁ ଆଜି ଭୁବନେଶ୍ୱର ଏମ୍‌ସରୁ ନୂଆଦିଲ୍ଲୀସ୍ଥିତ ଆଇଏଲ୍‌ବିଏସ୍‌କୁ ପଠାଯାଇଛି। ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଯକୃତକୁ ଗ୍ରିନ୍-କରିଡର୍‌ରେ ବିଜୁ ପଟ୍ଟନାୟକ ବିମାନବନ୍ଦରକୁ ନିଆଯାଇଥିଲା। ପରେ ସେଠାରୁ ବିମାନ ଯୋଗେ ଦିଲ୍ଲୀ ନିଆଯାଇଥିବା ଜଣାଯାଇଛି। ଏଥିପାଇଁ କମିସନରେଟ୍ ପୁଲିସ ପକ୍ଷରୁ ଆବଶ୍ୟକ ସମସ୍ତ ପ୍ରକାର ସହଯୋଗ କରାଯାଇଥିଲା।

ସୂଚନାଯୋଗ୍ୟ, କେନ୍ଦୁଝର ଜିଲ୍ଲା ମୂଳନିବାସୀ ଦୁଃଖୀବନ୍ଧୁ ଓ ବନିତାଙ୍କ ଝିଅ ଦମୟନ୍ତୀ। ଦୁଃଖବନ୍ଧୁ ଦୀର୍ଘ ବର୍ଷ ଧରି ଭୁବନେଶ୍ୱରରେ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ପରିବାର ସହ ଏଇଠି ରହି ଦମୟନ୍ତୀଙ୍କୁ ସରସ୍ୱତୀ ଶିଶୁ ମନ୍ଦିରରେ ପାଠ ପଢ଼ାଉଥିଲେ। ବେଶ ହସଖୁସିରେ ଚାଲିଥିଲା ତାଙ୍କ ଛୋଟ ପରିବାର। ହେଲେ ତାଙ୍କ ସୁଖର



**ଗ୍ରିନ୍ କରିଡର୍‌ରେ ଭୁବନେଶ୍ୱର ଏମ୍ସରୁ ଗଲା ଦିଲ୍ଲୀ**

**ମୋ ଝିଅ ସବୁଦିନ ପାଇଁ ବଞ୍ଚିଥାଉ: ବନିତା**

ସଂସାରକୁ ହଠାତ୍ ଘୋଟି ଆସିଥିଲା ଦୁଃଖର କଳାବାଦଲ। କିଛି ମାସ ତଳେ ଦମୟନ୍ତୀ ଗୁରୁତର କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଲେ। ନିୟମିତ ବ୍ୟବଧାନରେ ଡାଏଲସିସ୍ ଚାଲିଥିଲା। କିନ୍ତୁ ଗତ ୧୫ ତାରିଖରେ ସେ ହଠାତ୍ ମସ୍ତିଷ୍କାଘାତର ସମ୍ମୁଖୀନ ହୋଇ ଏମ୍ସ ମେଡିସିନ୍ ବିଭାଗ ଆଇସିୟୁରେ ଭର୍ତ୍ତି ହୋଇଥିଲେ। କିଛି ଦିନ ଧରି ଚିକିତ୍ସିତ ହେବା ପରେ ସେ କୋମାକୁ ଚାଲିଯାଇଥିଲେ ଓ ତାଙ୍କ ଶ୍ୱାସକ୍ରିୟ ସ୍ୱାଭାବିକ କରିବାକୁ ଭେଣ୍ଟିଲେଟରର ଆବଶ୍ୟକତା ପଡ଼ିଥିଲା। ଏତେ ଦିନ ଧରି ଚିକିତ୍ସା ପରେ ବି ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସିନଥିଲା। ଏହାସହ ଦମୟନ୍ତୀଙ୍କ ମସ୍ତିଷ୍କ ଅଚଳ(ବ୍ରେନ୍ ଷ୍ଟିମ୍ ଡେଥ୍) ହୋଇଯାଇଥିବା ନେଇ ଡାକ୍ତରୀଦଳ ତାଙ୍କ ପରିବାରଲୋକଙ୍କୁ ଅବଗତ କରାଇଥିଲେ। ବିଭିନ୍ନ ପ୍ରକାର ପରୀକ୍ଷା କରିବା ପରେ ଜଣାପଡ଼ିଥିଲା ଯେ ଶରୀରର ବିଭିନ୍ନ ଅଙ୍ଗ ଅଚଳ ହୋଇଯାଇଛି। ଯାହାକୁ ଚିକିତ୍ସା ଦ୍ୱାରା ଭଲ କରିବା ଅସମ୍ଭବ। ପରିବାରଲୋକ ଏହା ଶୁଣିବା ପରେ ମହତ୍ ଉଦ୍ଦେଶ୍ୟରେ ଅନ୍ୟର ଜୀବନ ବଞ୍ଚାଇବା ପାଇଁ ତାଙ୍କ ଝିଅର ଅଙ୍ଗ ଲାଗୁ ବୋଲି ସ୍ୱତଃପ୍ରବୃତ୍ତ ଭାବେ ଇଚ୍ଛା ପ୍ରକାଶ କରିଥିଲେ। ଫଳରେ ପ୍ରଥମଥର ପାଇଁ ଏମ୍ସ ଭୁବନେଶ୍ୱର ପକ୍ଷରୁ ଜଣେ ମସ୍ତିଷ୍କମୃତ ଝିଅର ଶରୀରରୁ ସଫଳତାର ସହ ଲିଭର୍‌କୁ ବାହାର କରାଯାଇଥିଲା। ପରେ ତାହାକୁ ଗ୍ରୀନ୍ କରିଡର୍‌ରେ ନୂଆଦିଲ୍ଲୀସ୍ଥିତ ଆଇଏଲ୍‌ବିଏସ୍‌କୁ ପଠାଯାଇଥିଲା। ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ଏ ସମସ୍ତ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ନିଜ ଝିଅର ଅଙ୍ଗଦାନ କରିଥିବା ଦମ୍ପତିଙ୍କୁ ଶ୍ରୀ ବିଶ୍ୱାସ ଶ୍ରେଷ୍ଠ ମାନବୀୟ କାର୍ଯ୍ୟ ବୋଲି ଅଭିହିତ କରିବା ସହ ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

ଏ ସଂପର୍କରେ ଦମୟନ୍ତୀଙ୍କ ମା' ବନିତା କହିଛନ୍ତି ଯେ ୭-୮ ବର୍ଷ ବୟସରୁ ମୋ ଝିଅ ପୁଅ ଭଳି ଘରର ସବୁ କଥା ସମ୍ଭାଳୁଥିଲା। ହେଲେ ବୟସ ବଢ଼ିଲା ବେଳକୁ ଆମ ଜୀବନରେ କଳା ବାଦଲ ଘୋଟି ଆସିଲା। ଏମିତି ସବୁ ଅଘଟଣ ଘଟିଗଲା। ଏହା ହିଁ ବୋଧେ ଭଗବାନଙ୍କର ନିର୍ଦ୍ଦେଶ ଥିଲା। ହୋଇପାରେ ବିଧିର ବିଧାନ କି ଦଇବର ଦାଉ। ମୁଁ ଆଉ କ'ଣ କରିପାରିବି। ସେ ଜନ୍ମରୁ ଯାହା ଚାହିଁଥିଲା ମୁଁ କେବଳ ତା' ଇଚ୍ଛା ପୂରଣ କରିବାକୁ ଚେଷ୍ଟା କରିଛି। ଏବେ ଛାତିରେ ପଥର ରଖି ମୁଁ ମୋର କର୍ତ୍ତବ୍ୟ ଛଡ଼ା ଆଉ କିଛି କରିପାରିନି।



ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-240 •BHUBANESWAR •SATURDAY •24 FEBRUARY 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୪୦ •ଭୁବନେଶ୍ୱର •ଶନିବାର •୨୪ ଫେବୃଆରୀ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦


ଯୁବତୀଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ମାମଲାର ରାୟ ପ୍ରକାଶ

# ଦୋଷୀକୁ ଆଜୀବନ କାରାଦଣ୍ଡ

■ **କେନ୍ଦୁଝର, ୨୩।୨(ସମିସ):** କେନ୍ଦୁଝର ପଣ୍ଡାପଡ଼ା ଥାନା ଅଞ୍ଚଳରେ ୨୦୨୧ ମସିହାରେ ଘଟିଥିବା ଗଣଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ଶୁକ୍ରବାର ରାୟ ପ୍ରକାଶ ପାଇଛି। କେନ୍ଦୁଝର ଜିଲ୍ଲା ଓ ଦୌରାଜଜ୍ ଅଶୋକ କୁମାର ପଣ୍ଡା ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ବଲାଣିପଶି ଗ୍ରାମର ସୁଶାନ୍ତ ନାଏକକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ହେଲେ, ଏକମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ପଣ୍ଡାପଡ଼ା ଥାନା ବସନ୍ତପୁର ଅଞ୍ଚଳର ଜଣେ ଯୁବତୀଙ୍କ ସହ ସୁଶାନ୍ତର ପ୍ରେମ ସମ୍ପର୍କ ଥିଲା। କିନ୍ତୁ ସୁଶାନ୍ତ ଯୁବତୀଜଣଙ୍କୁ ସନ୍ଦେହ କରୁଥିଲେ। ଗତ ୨୦୨୧ ଅକ୍ଟୋବର ୨୩ ତାରିଖ ରାତିରେ ସୁଶାନ୍ତ ଯୁବତୀଙ୍କ ଗାଁକୁ ଯାଇ ତାଙ୍କୁ ଫୋନ୍ କରି ପାଖକୁ ଡକାଇଥିଲେ। ଯୁବତୀଜଣକ ଆସିବା ପରେ ସୁଶାନ୍ତ ତାଙ୍କୁ ଏକ ନିକାଞ୍ଚନ ସ୍ଥାନରେ ଦୁଷ୍କର୍ମ କରିଥିଲା। ପରେ ସାଙ୍ଗରେ ଯାଇଥିବା ସୁଶାନ୍ତର ଅନ୍ୟ ତିନିଜଣ ସହଯୋଗୀ ମଧ୍ୟ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲେ। ତେବେ କଥା ପ୍ରଘଟ ହେବା ଭୟରେ ସେମାନେ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ମୃତଦେହକୁ ତାଙ୍କ ବାଡ଼ିପଛ ଏକ ପରିତ୍ୟକ୍ତ ପୋଖରୀରେ ଫିଙ୍ଗି ଦେଇଥିଲେ। ଯୁବତୀଙ୍କୁ ନପାଇ ପରିବାରଲୋକେ ବହୁ ଖୋଜାଖୋଜି କରିଥିଲେ। ତା’ ପରଦିନ ଯୁବତୀଙ୍କ ଜେଜେମା’ ପୋଖରୀକୁ ଯିବା ବେଳେ ଯୁବତୀଙ୍କ ମୃତଦେହ ଠାବ ହୋଇଥିଲା। ଏନେଇ ପରିବାର ପକ୍ଷରୁ ପଣ୍ଡାପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସରକାରଙ୍କ ପକ୍ଷରୁ ପିପି ପ୍ରଦୀପ କୁମାର ଦାଶ ମାମଲା ପରିଚାଳନା କରୁଥିଲେ।




ନାଟମଣ୍ଡପ ମରାମତି ଆରମ୍ଭ

# ଆଜି ତିଆରି ହେବ ୱାକିଂ ପ୍ଲାଟଫର୍ମ

■ **ପୁରୀ, ୨୩।୨(ସମିସ):** ଆରମ୍ଭ ହେଲା ନାଟମଣ୍ଡପ ମରାମତି। ଛତିଶା ନିଯୋଗ ବୈଠକ ନିଷ୍ପତ୍ତି ଅନୁଯାୟୀ ଶୁକ୍ରବାରଠାରୁ ନାଟମଣ୍ଡପ ବିମ୍ ମରାମତି କାମ ଆରମ୍ଭ ହୋଇଛି। ଅପରାହ୍ନ ଗୋଟାଏରୁ ସନ୍ଧ୍ୟା ସାଢ଼େ

**ପୁରୁଣା ଭାରା ଖୋଲାଗଲା**
**କାମରେ ଲାଗିଛନ୍ତି ୩୫ ଶ୍ରମିକ**

୬ଟା ପର୍ଯ୍ୟନ୍ତ କାମ କରିଥିଲେ ଏଏସ୍ଆଇର ଶ୍ରମିକ। ତେବେ ପ୍ରଥମ ଦିନ କେବଳ ପୁରୁଣା ଭାରା ଖୋଲାଯାଇଥିବା ବେଳେ ଶନିବାର ୱାକିଂ ପ୍ଲାଟଫର୍ମ (ନୂତନ ଭାରା) ତିଆରି ହେବ। ଏହି ପ୍ଲାଟଫର୍ମ ଉପରେ ଚଢି ନାଟମଣ୍ଡପ ବିମ୍ ମରାମତି କରିବେ ଶ୍ରମିକ।

ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ନାଟମଣ୍ଡପ ମରାମତି କାମ ଏପ୍ରିଲ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖିଛି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)। ତେଣୁ ଗତ ନଭେମ୍ବର ୧୬ ତାରିଖରୁ ନାଟମଣ୍ଡପ ମରାମତି କାମ ଆରମ୍ଭ କରାଯାଇଥିଲା। ମାତ୍ର କାର୍ତ୍ତିକ



ମାସ ଯୋଗୁ କାମ କରିବାକୁ ପର୍ଯ୍ୟାପ୍ତ ସମୟ ମିଳି ନଥିଲା। କାର୍ତ୍ତିକ ପରେ କାମ ଜୋର୍ ଧରିଥିଲା। ଇତିମଧ୍ୟରେ ନାଟମଣ୍ଡପର ଉପରି ଭାଗର ପଥର ଯୋଡ଼େଇ, ସଫେଇ, ସିଲିଂ ଆଦି କାମ କରାଯାଇଥିଲା। ହେଲେ ଫାଟିଥିବା ମୁଖ୍ୟ ବିମ୍ ମରାମତି ପାଇଁ କେତେ ସମୟ ମିଳିବ ଏବଂ ଦର୍ଶନ ବ୍ୟବସ୍ଥା କିଭଳି ରହିବ ସେଥିଲାଗି ଛତିଶା ନିଯୋଗ ବୈଠକ ବସି ଚୂଡ଼ାନ୍ତ ହୋଇଥିଲା। ସେହି ଅନୁଯାୟୀ, ଶୁକ୍ରବାରଠାରୁ ମରାମତି କାମ ଆରମ୍ଭ ହୋଇଛି। ଫାଟିଥିବା ବିମ୍‌ରେ ସପୋର୍ଟ ଦିଆଯିବ। ୪ଟି ଷ୍ଟେନଲେସ୍ ଷ୍ଟିଲ୍ ବିମ୍ ତାହାକୁ ସପୋର୍ଟ ଦେବ। ପୂର୍ବରୁ କାମ ପାଇଁ ଯେଉଁ ପୁରୁଣା ଭାରା ଥିଲା ତା’ ଉପରେ ଚଢ଼ି ଓଜନିଆ ଷ୍ଟେନଲେସ୍ ଷ୍ଟିଲ ନେବା ସମ୍ଭବ ନୁହେଁ। ତେଣୁ ତାହାକୁ ଖୋଲାଯାଇଚି। ଶନିବାର ନୂଆ ଭାରା ବା ୱାକିଂ ପ୍ଲାଟଫର୍ମ ତିଆରି କରାଯିବ। କାମରେ ୩୫ଜଣ ଶ୍ରମିକ ନିୟୋଜିତ ହୋଇଛନ୍ତି। ନୂଆ ଭାରା ତିଆରି ସରିବା ପରେ ଏଏସ୍ଆଇ ପକ୍ଷରୁ ବିମ୍ ମରାମତି ଦାୟିତ୍ୱ ଦିଆଯାଇଥିବା କମ୍ପାନୀ ଷ୍ଟେନଲେସ୍ ଷ୍ଟିଲ ବିମ୍ ସପୋର୍ଟ ଲଗାଇବ। ଏସ୍ଏସ୍ଆଇ କୋର୍ କମିଟି ଚୂଡ଼ାନ୍ତ କରିଥିବା ଡିଜାଇନର ୪ଟି ଷ୍ଟେନଲେସ୍ ଷ୍ଟିଲ ବିମ୍ ଲଗାଯିବ। ଗୋଟିଏ ବିମ୍‌ରେ ପ୍ରାୟ ୫ କୁଇଣ୍ଟାଲ ଷ୍ଟେନଲେସ୍ ଷ୍ଟିଲ ଲାଗିବ।

ନାଟମଣ୍ଡପ ମରାମତି ପାଇଁ ନୀତି ସଅଳ କରିବା ଉଦ୍ଦେଶ୍ୟରେ ରାତି ୩ଟା ୪୫ରେ ଦ୍ୱାର ଫିଟାଯାଇଥିଲା। ଭୋର ୪ଟା ୨୫ରେ ମଙ୍ଗଳଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା।

■ ଶ୍ରଦ୍ଧାଳୁଙ୍କ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ପ୍ରଦକ୍ଷିଣ ଶେଷ

# ୩୦ ଜିଲ୍ଲାରୁ ବୁଲିଲେ ୧.୭୦ ଲକ୍ଷ ଭକ୍ତ

■ **ପୁରୀ, ୨୩।୨ (ସମିସ):** କିପରି ହୋଇଛି ଶ୍ରୀମନ୍ଦିର ଚୌହଦୀର ବିକାଶ, ପୂର୍ବେ ବଡ଼ଦେଉଳକୁ ଆସିଲେ କିପରି ଥିଲା ଅନୁଭୂତି ଆଉ ଏବେ କେଉଁଭଳି ଅନୁଭବ ମିଳୁଛି? ଉପାନ୍ତରୁ ଉପକୂଳ, ଦୁର୍ଗମ ଅଞ୍ଚଳରୁ ସହରାଞ୍ଚଳର ବ୍ୟକ୍ତି କିପରି ଶ୍ରୀକ୍ଷେତ୍ର ଆସି ପରିକ୍ରମା ପ୍ରକଳ୍ପର ଦିବ୍ୟ ଅନୁଭୂତି ସାଉଣ୍ଟିବେ, ସେଥିଲାଗି ଆବଶ୍ୟକ ସମସ୍ତ ପ୍ରକାର ସୁବିଧା କରିଥିଲେ ରାଜ୍ୟ ସରକାର। ବିଭିନ୍ନ ଜିଲ୍ଲାରୁ ଭକ୍ତଙ୍କୁ ଆଣି ମହାପ୍ରଭୁଙ୍କ ଦର୍ଶନ ସହ ପରିକ୍ରମା ମାର୍ଗ ବୁଲାଇ ପୁଣି ନେଇ ଘରେ ଛାଡୁଥିଲେ। ଗତ ମାସ ୨୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିନବ ପଦକ୍ଷେପ ଶୁକ୍ରବାର ଶେଷ ହୋଇଛି। ଅନ୍ତିମ ଦିବସରେ ବରଗଡ଼ ଜିଲ୍ଲାରୁ ୩,୦୦୦ ଶ୍ରଦ୍ଧାଳୁ ଚତୁର୍ଦ୍ଧା ଗ୍ରହଙ୍କୁ ଦର୍ଶନ ସହ ପରିକ୍ରମା ମାର୍ଗ ବୁଲିଛନ୍ତି। ଏହି ଶ୍ରଦ୍ଧାଳୁମାନେ ବସ୍‌ରେ ଆସି ସମଙ୍ଗ ପାର୍କିଂରେ ପହଞ୍ଚିଥିଲେ। ସେଠାରୁ ଫିଡ୍‌ର ବସ୍‌ରେ ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପିଲାଗ୍ରିମ ସେଣ୍ଟର (ଜେବିପିସି)ରେ ପହଞ୍ଚିଥିଲେ। ପରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଦିବ୍ୟ ଅନୁଭୂତି ସାଉଣ୍ଟିଥିଲେ। ଏହାପରେ ଶ୍ରଦ୍ଧାଳୁ ସମଙ୍ଗ ପାର୍କିରେ ପହଞ୍ଚି ସେଠାରେ ଭୋଜନ




କରିଥିଲେ। ପରେ ଯେଉଁ ବସ୍‌ରେ ଆସିଥିଲେ ସେଥିରେ ନିଜ ନିଜ ଘରକୁ ଫେରିଥିଲେ।

ଗତ ମାସ ୨୯ ତାରିଖରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଫେବୃୟାରୀ ୨୩ ପର୍ଯ୍ୟନ୍ତ (ପ୍ରତି ଶନିବାର ଓ ରବିବାର ବ୍ୟତୀତ) ମୋଟ ୨୦ ଦିନରେ ଓଡ଼ିଶାର ୩୦ଟି ଯାକ ଜିଲ୍ଲାର ୮,୮୫୨ଟି ପଞ୍ଚାୟତ ଏବଂ ୱାର୍ଡରୁ ୧ ଲକ୍ଷ ୬୯ ହଜାର ୫୪୭ ଶ୍ରଦ୍ଧାଳୁଙ୍କୁ ରାଜ୍ୟ ସରକାର ପୁରୀ ଆଣିଥିଲେ। ଏଥିପାଇଁ ଶ୍ରଦ୍ଧାଳୁମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ପ୍ରଶଂସା କରିଛନ୍ତି।

# ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ କରି ୭ ଲକ୍ଷ ୫୨ ହଜାର ଟଙ୍କା ଲୁଟ୍

■ **ବାଣପୁର, ୨୩।୨ (ସମିସ):** ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବାଣପୁର ଅଞ୍ଚଳରେ ଲୁଟେରା ସକ୍ରିୟ ହୋଇପଡ଼ିଛନ୍ତି। ପୁଲିସକୁ ଖୋଲା ଚାଲେଞ୍ଜ୍ ଦେଇ ଲୁଟେରା ଗ୍ୟାଙ୍ଗ ଗୋଟିଏ ମାସରେ ଚାରି ଚାରୋଟି ଲୁଟ୍ ଓ ଡକାୟତି ଭଳି ଘଟଣା ଘଟାଇ ସାରିଲେଣି। ୨୧ ତାରିଖ ରାତିରେ ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ କରି ୭ଲକ୍ଷ ୫୨ହଜାର ୨୫୦ଟଙ୍କା ଲୁଟି ନେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବା ନେଇ ବାଣପୁର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏଯାବତ୍ ଲୁଟେରାଙ୍କ ଟେର୍ ପାଇ ପାରିନାହିଁ।

ଅଭିଯୋଗ ମୁତାବକ, ଅନ୍ନପୂର୍ଣ୍ଣା ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କ ସମେତ ୫ଜଣ କର୍ମଚାରୀ ବିଭିନ୍ନ ଗ୍ରାମରୁ ଦେଇଥିବା ଗ୍ରୁପ୍ ଲୋନ୍ ଟଙ୍କା ଆଦାୟ କରି ରାତିରେ ସମସ୍ତେ ଏକାଠି ନିଜର ବାଇକ୍ ଓ ସ୍କୁଟି ଯୋଗ ଫେରୁଥିଲେ। ପ୍ରାୟ ରାତି ୯ ଟାରେ ବାଣପୁର ଥାନା ଆଦିବାସୀମାଳ ଅଞ୍ଚଳ ଶାଳିଆଡ୍ୟାମ୍ ନିକଟରେ ହଠାତ୍ ୧୦ରୁ ୧୨ଜଣ ଦୁର୍ବୃତ୍ତ ମୁହଁରେ କଳାକନା ଘୋଡ଼ାଇ ରାସ୍ତାରେ ଡାଳ ପକାଇ କର୍ମଚାରୀଙ୍କୁ ଅଟକାଇଥିଲେ। ଫାଇନାନ୍ସ କର୍ମଚାରୀଙ୍କ ମଧ୍ୟରୁ ୨ ଜଣ ଦ୍ରୁତ ଗତିରେ ଗାଡି ଚଳାଇ ଖସି ପଳାଇଥିଲେ। ବାକି ୩ କର୍ମଚାରୀଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରି ସେମାନଙ୍କ ନିକଟରୁ ୭ ଲକ୍ଷ ୫୨ ହଜାର ୨୫୦ ଟଙ୍କା ଓ କାଗଜପତ୍ର ଛଡ଼ାଇ ନେଇଥିଲେ। ଲୁଟ୍‌ର ଶିକାର ହୋଇଥିବା ଫାଇନାନ୍ସ କମ୍ପାନୀର ଜଣେ ମହିଳା କର୍ମଚାରୀ ଦୀପାଞ୍ଜଳି ଛାଟୋଇ ଏନେଇ ବାଣପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଦୁର୍ବୃତ୍ତଙ୍କ କୌଣସି ପତ୍ତା ପାଇପାରିନାହିଁ।

କୋଭିଡ୍ ଗଲାଣି; ଛାଡ଼ିଯାଇଛି ଯନ୍ତ୍ରଣା

# ଫୁସ୍‌ଫୁସ୍‌କୁ ଦୁର୍ବଳ କରିଛି କୋଭିଡ୍

■ **ଭୁବନେଶ୍ୱର, ୨୩।୨ (ସମିସ):** କୋଭିଡ୍ ମହାମାରୀର ଭୟ ଆଉ ନାହିଁ। କିନ୍ତୁ କୋଭିଡ୍ ସଂକ୍ରମିତଙ୍କ ପାଇଁ ଛାଡ଼ି ଯାଇଛି ଯନ୍ତ୍ରଣା। ତିନି ବର୍ଷ ପୂର୍ବର ସଂକ୍ରମଣ ପାଇଁ ଏବେ ବି ରୋଗ ଯନ୍ତ୍ରଣାରୁ ନିସ୍ତାର ମିଳୁନାହିଁ। ଏପରିକି ୟୁରୋପ ଓ ଚାଇନାଠାରୁ ଭାରତୀୟମାନେ ଅଧିକ ସମସ୍ୟା ଭୋଗୁଛନ୍ତି। ବିଶେଷକରି ଫୁସ୍‌ଫୁସ୍ ଜନିତ ସମସ୍ୟା ବେଶ୍ ଉତ୍କଟ ରହିଛି। ଭେଲୋର୍‌ସ୍ଥିତ ଖ୍ରୀଷ୍ଟିଆନ୍ ମେଡିକାଲ କଲେଜ (ସିଏମ୍‌ସି) ପକ୍ଷରୁ ଅନୁଷ୍ଠିତ ଗବେଷଣା ରିପୋର୍ଟରୁ ଏହା ଜଣାପଡ଼ିଛି। ଏଥିରେ କୁହାଯାଇଛି ଯେ ଭାରତରେ କୋଭିଡ୍‌ର ପ୍ରଥମ ଲହର ଆରମ୍ଭ ହେବାର ୬୩ ଦିନ ପରେ ସଂକ୍ରମିତଙ୍କ ଫୁସ୍‌ଫୁସ୍ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସିଏମ୍‌ସିର ପଲମୋନାରୀ ମେଡିସିନ୍ ବିଭାଗର ବିଶେଷଜ୍ଞମାନେ ୨୦୨୦ ଅଗଷ୍ଟ ୧୧ରୁ ୨୦୨୧ ଜାନୁଆରୀ ୧୪ ମଧ୍ୟରେ ସଂକ୍ରମିତଙ୍କ ଉପରେ ପରୀକ୍ଷା ଜାରି ରଖିଥିଲେ। ସେମାନେ ସଂକ୍ରମିତଙ୍କ ଫୁସ୍‌ଫୁସ୍ ପରୀକ୍ଷା କରିବା ସହ ବ୍ୟାୟାମ ଦକ୍ଷତା, ଛାତିର ରେଡିଓଗ୍ରାଫି, ଜୀବନଶୈଳୀ ଆଦିର ମାନକ ଆଧାରରେ ଗବେଷଣା କରିଥିଲେ।

ଗବେଷଣା ରିପୋର୍ଟ ଅନୁସାରେ,

**ୟୁରୋପ ଓ ଚୀନ୍ ସଂକ୍ରମିତଙ୍କ ତୁଳନାରେ ଭାରତୀୟଙ୍କଠାରେ ସମସ୍ୟା ଅଧିକ**

ଏପର୍ଯ୍ୟନ୍ତ ସେମାନଙ୍କ ଫୁସ୍‌ଫୁସ୍‌ଜନିତ ସମସ୍ୟାରେ ସୁଧାର ଆସିପାରିନାହିଁ। ସେମାନଙ୍କ ଶରୀରରୁ ଅଙ୍ଗାରକାମ୍ଳ ଛାଡ଼ିବାରେ ସମସ୍ୟା ରହିଥିବା ବେଳେ ରକ୍ତକୋଷିକାରେ ଅମ୍ଳଜାନ୍ ଠିକ୍ ଭାବେ ପହଞ୍ଚି ପାରୁନାହିଁ। ପ୍ରାୟ ୪୪% ରୋଗୀଙ୍କଠାରେ ଏହି ସମସ୍ୟା ରହିଥିଲା। ସେହିପରି ୩୫%ଙ୍କଠାରେ ଫୁସ୍‌ଫୁସ୍ ଶତପ୍ରତିଶତ କାମ କରୁନଥିବା ବେଳେ ୮.୩%ଙ୍କଠାରେ ଉଭୟ ସମସ୍ୟା ରହିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କଠାରେ ଆଗକୁ ଗୁରୁତର ସମସ୍ୟା ଦେଖାଦେବାର ଆଶଙ୍କା ରହିଛି ବୋଲି ସିଏମ୍‌ସିର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଫୁସ୍‌ଫୁସ୍ ଜନିତ ସମସ୍ୟା ପାଇଁ ସେମାନେ ଦୈନିନ୍ଦିନ କାର୍ଯ୍ୟ ସମ୍ପାଦନ କରିବା ପାଇଁ ମଧ୍ୟ ଅକ୍ଷମ ହେଉଛନ୍ତି। ସେମାନଙ୍କ ଫୁସ୍‌ଫୁସ୍ ଅଧିକ ବେଗରେ ଚାଲିବା ସହିତ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଉଛି। ଏହି ଗବେଷଣା ସମୟରେ ଭାରତ ସମେତ ଅନ୍ୟ ଦେଶର ସଂକ୍ରମିତଙ୍କଠାରେ ବହୁବିଧ ରୋଗର ପ୍ରଭାବ ସମ୍ପର୍କରେ ମଧ୍ୟ ଅଧ୍ୟୟନ କରାଯାଇଥିଲା। ଏଥିରେ ମଧ୍ୟ ଭାରତୀୟମାନେ ଅଧିକ ସମସ୍ୟା ଭୋଗୁଥିବା ଦେଖାଯାଇଥିଲା। ପ୍ରାୟ ୭୨.୫% ଲୋକ ବହୁବିଧ ରୋଗରେ ଆକ୍ରାନ୍ତ ଥିବା ବେଳେ ସେଥିରୁ ୪୦%ଙ୍କଠାରେ ଦୁଇଟି କିମ୍ବା ଅଧିକ ରୋଗ ଥିବା ଜଣାପଡ଼ିଥିଲା। କୋଭିଡ୍ ସଂକ୍ରମଣ ହେତୁ ମଧୁମେହ, ଉଚ୍ଚ ରକ୍ତଚାପ, ଶ୍ୱାସଜନିତ ସମସ୍ୟା, ହୃଦରୋଗ, କିଡ୍‌ନୀ ଆଦି ରୋଗ ପୂର୍ବାପେକ୍ଷା ଅଧିକ ଜଟିଳ ହୋଇଛି। ତେବେ ୟୁରୋପ କିମ୍ବା ଚୀନ୍‌ର ଲୋକଙ୍କଠାରେ ଅତି ବେଶିରେ ଗୋଟିଏ କିମ୍ବା ଦୁଇଟି ରୋଗ ଦେଖାଦେଉଛି। ଅନ୍ୟ ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ କମ୍ ରହୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍ଓ)ର ମାନକ ଅନୁସାରେ ଗବେଷଣାରେ ସାମିଲ ସଂକ୍ରମିତଙ୍କ ମଧ୍ୟରୁ ୨୦.୩%ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଥିଲା।

# ମାଟ୍ରିକ ପରୀକ୍ଷା: ଇଂରାଜୀରେ କପି କରି ଧରାପଡ଼ିଲେ ୪୨

■ **କଟକ, ୨୩।୨ (ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ଶୁକ୍ରବାର ଦ୍ୱିତୀୟ ଭାଷା ଇଂରାଜୀ ବିଷୟର ପରୀକ୍ଷା ରହିଥିଲା। ବିଭିନ୍ନ ପରୀକ୍ଷା କେନ୍ଦ୍ରରୁ ମୋଟ ୪୨ଜଣ କପି କରି ଧରାପଡ଼ିବା ସହ ମାଲପ୍ରାକ୍ଟିସ ହୋଇଛନ୍ତି ବୋଲି ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସକାଳ ସାଢ଼େ ୭ଟାରେ ପରୀକ୍ଷା କେନ୍ଦ୍ର ଖୋଲିଥିଲା। ୮.୩୦ରେ ଓଏମଆର ସିଟ ପ୍ରଦାନ କରାଯିବା ପରେ ୮ଟା ୪୫ରେ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ବଣ୍ଟନ କରାଯାଇଥିଲା। ପରୀକ୍ଷା ୯ଟାରୁ ଆରମ୍ଭ ହୋଇ ୧୧ଟାରେ ଶେଷ ହୋଇଥିଲା। କପି ରୋକିବାକୁ ବୋର୍ଡ ପକ୍ଷରୁ ୪୨ଟି ସ୍ପେଶିଆଲ ସ୍କ୍ୱାର୍ଡ, ୭୨ଟି ଫ୍ଲାଇଙ୍ଗ ସ୍କ୍ୱାଡ୍ ଗଠନ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ସ୍ତରରେ ମଧ୍ୟ ସ୍ୱତନ୍ତ୍ର ସ୍କ୍ୱାଡ୍ ବ୍ୟବସ୍ଥା ହୋଇଥିଲା। ସମସ୍ତ ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟବେକ୍ଷକ ନିଯୁକ୍ତ ରହିଥିଲେ। ବୋର୍ଡ ପକ୍ଷରୁ ପ୍ରଥମଥର ପାଇଁ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ସିସି କ୍ୟାମେରାକୁ ୬୦୦ଟି ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରରେ ଲଗାଯାଇଛି। ଲାଇଭ ଷ୍ଟ୍ରିମିଙ୍ଗକୁ ମନିଟରିଂ କରିବା ପାଇଁ ବୋର୍ଡ କାର୍ଯ୍ୟାଳୟରେ ଏକ କମାଣ୍ଡ କଣ୍ଟ୍ରୋଲ ରୁମ ସ୍ଥାପନ ହୋଇଛି। ଆଇଟି ବିଶେଷଜ୍ଞମାନଙ୍କ ସହ ବୋର୍ଡର ଅଧିକାରୀମାନେ ଏହାର ତଦାରଖ କରୁଛନ୍ତି।



## ରୁଷ୍-ୟୁକ୍ରେନ ଯୁଦ୍ଧକୁ ୨ ବର୍ଷ ପୂରିଲା

**ମସ୍କୋ, ୨୩।୨ (ଏଜେନ୍ସି):** ରୁଷ୍-ୟୁକ୍ରେନ ଯୁଦ୍ଧକୁ ୨ ବର୍ଷ ପୂରଣ ହୋଇଛି। ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ନିର୍ଦ୍ଦେଶ ପରେ ଏହି ଯୁଦ୍ଧ ୨୦୨୨ ଫେବୃଆରୀ ୨୪ରେ ଆରମ୍ଭ ହୋଇଥିଲା। ଏବେ ବି ଉଭୟ ଦେଶ ପରସ୍ପର ଉପରେ ଆକ୍ରମଣ ଜାରି ରଖିଛନ୍ତି। ଶୁକ୍ରବାର ଓଡେଶାରେ ରୁଷ୍ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଏ ପର୍ଯ୍ୟନ୍ତ ଯୁଦ୍ଧରେ ପ୍ରାୟ ୩ ଲକ୍ଷ ୨୦ ହଜାର ଲୋକଙ୍କ ଜୀବନ ଗଲାଣି। ଏମାନଙ୍କ ମଧ୍ୟରେ ୟୁକ୍ରେନର ୨୫ ହଜାର ସୈନିକ ଏବଂ ରୁଷ୍‌ର ୩୦ ହଜାରରୁ ଅଧିକ ସୈନିକ ସାମିଲ ଅଛନ୍ତି। ଯୁଦ୍ଧର ୨ ବର୍ଷ ମଧ୍ୟରେ ୟୁକ୍ରେନ ଧ୍ୱଂସସ୍ତୁପରେ ପରିଣତି ହୋଇଯାଇଛି। ବିଶ୍ୱକୁ ତିନି ଭାଗରେ ବିଭକ୍ତ କରିଛି। ଖାଦ୍ୟ ସଂକଟ ସୃଷ୍ଟି କରିଛି। ଏବେ ବି ଯୁଦ୍ଧ ବନ୍ଦ ହେବାର କୌଣସି ସମ୍ଭାବନା ନାହିଁ। ଏହା ମଧ୍ୟରେ ଆମେରିକା ରୁଷ୍ ଉପରେ ଆଉ ୫୦୦ କଟକଣା ଲଗାଇଛି।

## କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ, ରାହୁଲଙ୍କୁ ସମନ

**ବେଙ୍ଗାଲୁରୁ, ୨୩।୨ (ଏଜେନ୍ସି):** କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା, ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ କର୍ଣ୍ଣାଟକର ଏକ ଏମ୍‌ପି/ଏମଏଲଏ କୋର୍ଟ ଶୁକ୍ରବାର ସମନ ଜାରି କରିଛନ୍ତି। '୪୦ ପ୍ରତିଶତ କମିଶନ' ନେବା ଅଭିଯୋଗ ମାମଲାରେ ମାର୍ଚ୍ଚ ୨୮ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ସପ୍ତାହରେ କର୍ଣ୍ଣାଟକ ହାଇକୋର୍ଟ ଏହି ମାମଲାର ତଦନ୍ତକୁ ୬ ସପ୍ତାହ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କର୍ଣ୍ଣାଟକର ପୂର୍ବତନ ବିଜେପି ସରକାର ୪୦ ପ୍ରତିଶତ କମିଶନ ନେଉଥିଲେ ବୋଲି କଂଗ୍ରେସ ଅଭିଯୋଗ କରିଥିଲା। ଏହି ମାମଲାରେ ବିଜେପି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

## ରାହୁଲ ଗାନ୍ଧୀଙ୍କ ଆବେଦନ ଖାରଜ

**ରାଞ୍ଚି, ୨୩।୨ (ଏଜେନ୍ସି):** କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ଝଟ୍‌କା ଲାଗିଛି। ମାନହାନୀ ମାମଲାରେ ରାହୁଲ ଦାଏର କରିଥିବା ଆବେଦନକୁ ଝାଡ଼ଖଣ୍ଡ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ନିମ୍ନ ଅଦାଲତରେ ମାମଲାର ଟ୍ରାଏଲ ଜାରି ରହିବ ବୋଲି କହିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଉପରେ ଦେଇଥିବା ଅପମାନଜନକ ମନ୍ତବ୍ୟ ମାମଲାରେ ଏମ୍‌ପି-ଏମଏଲଏ କୋର୍ଟ କଂଗ୍ରେସ ନେତାଙ୍କ ବିରୋଧରେ ଜାମିନ ଯୁକ୍ତ ୱାରଣ୍ଟ ଜାରି କରିଥିଲେ। ସେ ଏହା ବିରୋଧରେ ହାଇକୋର୍ଟ ଯାଇଥିଲେ।

## ରୁଷରୁ ଭାରତୀୟଙ୍କ ମୁକ୍ତି ଲାଗି ପ୍ରୟାସ

**ନୂଆଦିଲ୍ଲୀ, ୨୩।୨(ଏଜେନ୍ସି):** ୟୁକ୍ରେନ୍ ଓ ରୁଷ ମଧ୍ୟରେ ଦୁଇବର୍ଷ ଧରି ଯୁଦ୍ଧ ଚାଲିଛି। ରିପୋର୍ଟ ମିଳିଛି ଯେ ରୁଷର ଏଜେଣ୍ଟମାନେ ରୁଷରେ ଥିବା ବା ଚାକିରି, କର୍ମସଂସ୍ଥାନ ତଥା ରୋଜଗାର ସନ୍ଧାନରେ ରୁଷ ଯାଇଥିବା ଭାରତୀୟ ଯୁବକଙ୍କୁ ନିଯୁକ୍ତିର ଲୋଭ ଦେଖାଇ ରୁଷ ସେନାକୁ ଅଣସାମରିକ ସହାୟତା ଦେବାପାଇଁ ଯୁଦ୍ଧକ୍ଷେତ୍ରକୁ ପଠାଉଛନ୍ତି। ଏପରି ରିପୋର୍ଟ ପ୍ରକାଶିତ ହେବା ପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ରୁଷରେ ଥିବା ଭାରତୀୟ ନାଗରିକଙ୍କ ପାଇଁ ପରାମର୍ଶ ଜାରି କରିଛି। ସେଥିରେ ଯୁଦ୍ଧକ୍ଷେତ୍ରରୁ ଦୂରେଇ, ସମସ୍ତ ଧରଣର ସଂଘର୍ଷକୁ ଏଡ଼ାଇ ନିରାପଦ ସ୍ଥାନରେ ରହିବାକୁ ଭାରତୀୟ ନାଗରିକମାନଙ୍କୁ ସତର୍କ କରାଯାଇଛି। ସେମାନଙ୍କୁ ଖୁବଶୀଘ୍ର ଉଦ୍ଧାର ପାଇଁ ପ୍ରୟାସ କରାଯାଉଛି ବୋଲି କୁହାଯାଇଛି। ଭାରତୀୟ ନାଗରିକମାନଙ୍କୁ ଯଥାଶୀଘ୍ର ସେବାନିବୃତ୍ତ କରିବାକୁ ରୁଷ ସେନାକୁ କୁହାଯାଇଛି।

## 'ଆମେରିକାରେ ଫ୍ଲାଟ୍ ପାଇଁ ଜାଲିଆତି ଅଭିଯୋଗ କରିଥିଲେ ପାକ୍ ଅଧିକାରୀ'

**ଇସଲାମାବାଦ, ୨୩।୨ (ଏଜେନ୍ସି):** ପାକିସ୍ତାନ ନିର୍ବାଚନରେ ଜାଲିଆତି ଅଭିଯୋଗ ଲଗାଇ ନିଜ ପଦରୁ ଇସ୍ତଫା ଦେଇଥିବା ରାୱଲପିଣ୍ଡିର ପୂର୍ବତନ କମିଶନର ଲିୟାକଲ ଅଲି ଚଟା ନିଜ ବୟାନ ବଦଳାଇ ଦେଇଛନ୍ତି। ଇମ୍ରାନଙ୍କ ଦଳ ପିଟିଆଇ କହିବାରୁ ଆଧାରହୀନ ଅଭିଯୋଗ ଲଗାଇ ଥିଲେ ବୋଲି କହିଛନ୍ତି। ଏଥିପାଇଁ ଆଇନ ଅନୁଯାୟୀ ଦଣ୍ଡିତ ହେବାକୁ ସେ ପ୍ରସ୍ତୁତ ଅଛନ୍ତି। ଅନ୍ୟପକ୍ଷରେ ନୱାଜ ସରିଫଙ୍କ ଦଳ ପିଏମଏଲଏନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଆମେରିକାରେ ଫ୍ଲାଟ ଏବଂ କୋଟି କୋଟି ଟଙ୍କା ଦେବା ପାଇଁ ଇମ୍ରାନ ଲିୟାକତଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ଡିଗ୍ରୀ ପ୍ରମାଣପତ୍ର ଜାଳି ଯୁବକଙ୍କ ଆତ୍ମହତ୍ୟା

**ଲକ୍ଷ୍ନୌ, ୨୩।୨ (ଏଜେନ୍ସି):** ଉତ୍ତରପ୍ରଦେଶ କନୌଜର ଭୂଡ଼ପୂର୍ବା ଗ୍ରାମର ଯୁବକ ବୃଜେଶ (୨୮) ଚାକିରି ନ ମିଳିବାରୁ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ପ୍ରକୋଷ୍ଠରୁ ଏକ ସୁଇସାଇଡ ନୋଟ ଜବତ କରାଯାଇଛି। ଏଥିରେ ଲେଖାଯାଇଛି ଯେ ଚାକିରି ଦେଇପାରୁ ନ ଥିବା ଡିଗ୍ରୀର କୌଣସି ମୂଲ୍ୟ ନାହିଁ। ପଢ଼ି ପଢ଼ି ଅଧା ବୟସ ଚାଲିଗଲା। ଏବେ ମନ ଭରିଗଲା। ସେ ନିଜର ସମସ୍ତ ଡିଗ୍ରୀ ପ୍ରମାଣପତ୍ରକୁ ଜାଳି ଆତ୍ମହତ୍ୟା କରିଛନ୍ତି।

**କଳା ଦିବସ ପାଳିଲେ ଚାଷୀ**

# ହରିୟାଣାରେ ପୁଲିସ ସହ ମୁହାଁମୁହିଁ

ନୂଆଦିଲ୍ଲୀ, ୨୩।୨ (ଏଜେନ୍ସି)

ଚାଷୀ ଶୁକ୍ରବାର କଳା ଦିବସ ପାଳିଛନ୍ତି। ଶମ୍ଭୁ ସୀମାରେ କଳା ପତାକା ଉଡ଼ାଇଛନ୍ତି। କଳା ପଟି ବାନ୍ଧି ଶାନ୍ତି ପୂର୍ଣ୍ଣ ଭାବେ ବିଭିନ୍ନ ସୀମାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହା ମଧ୍ୟରେ ସଂଯୁକ୍ତ କିଶାନ ମୋର୍ଚ୍ଚା (ଏସକେଏମ) 'ଦିଲ୍ଲୀ ଚଲୋ' ଯାତ୍ରାକୁ ୨୯ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛି। କିଶାନ ମଜଦୁର ମୋର୍ଚ୍ଚାର ସଂଯୋଜକ ସରବଣ ପନ୍ଧେର ଖନୌରି ସୀମାରେ ଏହି ସୂଚନା ଦେଇଛନ୍ତି। ଆଗାମୀ ରଣନୀତି ବିଷୟରେ ୨୯ରେ ନିଷ୍ପତ୍ତି ନିଆଯିବ। ଚାଷୀ ଶୁଭକରଣ ସିଂହଙ୍କ ମୃତ୍ୟୁକୁ ନେଇ ସମସ୍ତେ ଦୁଃଖୀ ଅଛନ୍ତି। ତେଣୁ ଶନିବାର ସନ୍ଧ୍ୟାରେ ମହମବତୀ ଶୋଭାଯାତ୍ରା କରିବାକୁ ଚାଷୀ ନିଷ୍ପତ୍ତି ନେଇଛନ୍ତି। ଏହା ପୂର୍ବରୁ ହରିୟାଣା ହିସାରରେ ପୁଲିସ ଏବଂ ଚାଷୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଖନୌରି ସୀମାକୁ ଯିବାକୁ ଚାହୁଁଥିବା ଚାଷୀଙ୍କୁ ପୁଲିସ ଅଟକାଇ ଥିଲା। ଏହାକୁ ନେଇ ଚାଷୀ ପଥରମାଡ଼ କରିଥିଲେ। ଏହାର ଜବାବରେ ପୁଲିସ ଲୁହବୁହା ଗ୍ୟାସର ଗୋଳା ଏବଂ ଲାଠିମାଡ଼ କରିଥିଲା। ଏହି ସଂଘର୍ଷରେ ୪୦ ଚାଷୀ ଏବଂ ପୁଲିସ ଆହତ ହୋଇଥିଲେ।

ଏପରି ସମୟରେ ଆନ୍ଦୋଳନରତ ଚାଷୀଙ୍କ ବିରୋଧରେ ଏନଏସଏ ଅଧିନରେ କାର୍ଯ୍ୟାନୁଷ୍ଠାନ ନିଆଯିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିଛି। ଏହା ପୂର୍ବରୁ ପ୍ରଦର୍ଶନକାରୀଙ୍କଠାରୁ ସରକାରୀ ସମ୍ପତ୍ତିରେ ହୋଇଥିବା କ୍ଷତିପୂରଣ ଆଦାୟ କରାଯିବ ବୋଲି ଅମ୍ବାଲା ପୁଲିସ ପକ୍ଷରୁ କୁହାଯାଇଥିଲା। ଏ ପର୍ଯ୍ୟନ୍ତ ଚାଷୀ ଆନ୍ଦୋଳନରେ ୭ ଜଣଙ୍କ ମୃତ୍ୟୁ ହେଲାଣି। ଏମାନଙ୍କ ମଧ୍ୟରେ ୩ ପୁଲିସ କର୍ମଚାରୀ ସାମିଲ ଅଛନ୍ତି। ସୀମାରେ ପ୍ରାଣ ହରାଇଥିବା ବଠିଣ୍ଡା ଚାଷୀ ଶୁଭକିରଣଙ୍କ ପରିବାରକୁ କୋଟିଏ ଟଙ୍କା କ୍ଷତିପୂରଣ ଏବଂ ତାଙ୍କ ଭଉଣୀଙ୍କୁ ସରକାରୀ ଚାକିରି ଦେବା ପାଇଁ ଆଜି ପଞ୍ଜାବ ସରକାର ଘୋଷଣା କରିଛନ୍ତି। ତେବେ ଏତଲା ରୁଜୁ ନ ହେବା ପର୍ଯ୍ୟନ୍ତ ଶୁଭକିରଣଙ୍କ ଅନ୍ତିମ ସଂସ୍କାର ହେବନାହିଁ ବୋଲି ଚାଷୀ ନେତା କହିଛନ୍ତି। ଏହା ମଧ୍ୟରେ ଚାଷୀ ଆନ୍ଦୋଳନ ମାମଲାରେ ସୁପ୍ରିମକୋର୍ଟରେ ଆବେଦନ ଦାଏର ହୋଇଛି। ଚାଷୀଙ୍କ ଦାବି ଉପରେ ବିଚାର କରି ଦିଲ୍ଲୀ ଯିବାକୁ ଅନୁମତି ଦେବା ପାଇଁ ନିବେଦନ କରାଯାଇଛି।

**ଚାଷୀଙ୍କ 'ଦିଲ୍ଲୀ ଚଲୋ' ଯାତ୍ରା ୨୯ ଯାଏଁ ସ୍ଥଗିତ**



■ ତାମିଲନାଡୁ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

## ଇଡି ସମନକୁ ଚ୍ୟାଲେଞ୍ଜ କରୁଛ କାହିଁକି

ନୂଆଦିଲ୍ଲୀ, ୨୩।୨(ଏଜେନ୍ସି)

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତାମିଲନାଡୁରେ ବେଆଇନ ବାଲି ଖନନ ଘୋଟାଲାର ତଦନ୍ତ ଚଳାଇ ୫ଜଣ ଜିଲ୍ଲାପାଳଙ୍କୁ ସମନ ଜାରି କରିଛି। ଏହାକୁ ଚ୍ୟାଲେଞ୍ଜ କରି ତାମିଲନାଡୁ ସରକାର ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିସନ୍ ଦାଖଲ କରିଛନ୍ତି। ତାମିଲନାଡୁ ସରକାର ଇଡିର ତଦନ୍ତରେ ହସ୍ତକ୍ଷେପ କରିଛନ୍ତି ଦର୍ଶାଇ ଇଡି ପକ୍ଷରୁ ମଧ୍ୟ ସୁପ୍ରିମକୋର୍ଟରେ ପିଟିସନ୍ ଦିଆଯାଇଛି। ଆଜି ମାମଲାର ଶୁଣାଣି କରି ନ୍ୟାୟମୂର୍ତ୍ତି ବେଲା ଏମ ତ୍ରିବେଦୀ ତାମିଲନାଡୁ ସରକାରଙ୍କ ଓକିଲ ମୁକୁଲ ରୋହତଗୀଙ୍କୁ ପ୍ରଶ୍ନ କରିଥିଲେ ଯେ ଇଡି ତା'ର କାର୍ଯ୍ୟ କରୁଛି। ସେଥିରେ ରାଜ୍ୟ ସରକାରଙ୍କର କ'ଣ ଅସୁବିଧା ହେଉଛି ଯେ ରିଟ୍ ପିଟିସନ୍ ଦାଖଲ କରାଯାଉଛି? ରାଜ୍ୟ ସରକାର କେମିତି ଇଡି ବିପକ୍ଷରେ ପିଟିସନ୍ ଦାଖଲ କରିପାରିବେ? କେଉଁ ଆଇନ ବଳରେ? ରୋହତଗୀ ଉତ୍ତରରେ କହିଥିଲେ ଯେ ଇଡି ବେଆଇନ ବାଲି ଖନନ ଭଳି ଅଣତାଲିକାଭୁକ୍ତ ଅପରାଧର ତଦନ୍ତ କରିପାରିବ ନାହିଁ। ରୋହତଗୀଙ୍କ ଉତ୍ତରରେ ସନ୍ତୁଷ୍ଟ ନହୋଇ ଜଷ୍ଟିସ ତ୍ରିବେଦୀ କହିଥିଲେ ଯେ ସରକାରଙ୍କର କ'ଣ ଅସୁବିଧା ବା ସ୍ୱାର୍ଥହାନୀ ହେଉଛି ଯେ ଇଡିର ତଦନ୍ତକୁ ନିଷ୍କ୍ରିୟ କରାଯିବା ପାଇଁ ଆବେଦନ କରାଯାଇଛି, ତାହା ପ୍ରଥମେ ବୁଝାଇ କୁହ। ପରେ ଜଷ୍ଟିସ ତ୍ରିବେଦୀ ଶୁଣାଣିକୁ ଆସନ୍ତା ୨୬ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି।



■ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

## ଯୋଜନା କାର୍ଯ୍ୟକାରୀ ପାଇଁ ସରକାରଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇପାରିବେ ନାହିଁ

**ନୂଆଦିଲ୍ଲୀ, ୨୩।୨(ଏଜେନ୍ସି):** ସରକାରଙ୍କ ନୀତି ଓ ଯୋଜନାର ନ୍ୟାୟିକ ସମୀକ୍ଷା କରିବା ପାଇଁ ଅଦାଲତଙ୍କର ସୀମିତ କ୍ଷମତା ରହିଛି। ସରକାରଙ୍କର ବିଭିନ୍ନ ଲୋକହିତ ଯୋଜନା ରହିଛି। ତାହାଠାରୁ ଅଧିକ ଭଲ ବିକଳ୍ପ ଉପଲବ୍ଧ ଦର୍ଶାଇ କୌଣସି ନିର୍ଦ୍ଦିଷ୍ଟ ନୀତି ଓ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇପାରିବେ ନାହିଁ। କ୍ଷୁଧା ଓ ଅପପୁଷ୍ଟିରୁ ଲୋକଙ୍କୁ ମୁକ୍ତି ଦେବା ପାଇଁ ଗୋଷ୍ଠୀ ରନ୍ଧାଶାଳ(କମ୍ୟୁନିଟି କିଚେନ୍) ଖୋଲିବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକୁ ନିର୍ଦ୍ଦେଶ ଦିଆଯିବା ନିମନ୍ତେ ନିବେଦନ କରି ସୁପ୍ରିମକୋର୍ଟରେ ଦାଏର ହୋଇଥିବା ଜନସ୍ୱାର୍ଥ ମାମଲାର ବିଚାର କରି ବିଚାରପତି ବେଲା ଏମ ତ୍ରିବେଦୀ ଓ ବିଚାରପତି ପଙ୍କଜ ମିଥାଲଙ୍କ ଖଣ୍ଡପୀଠ ଏହା କହିଛନ୍ତି। ଶୁଣାଣି ବେଳେ ଖଣ୍ଡପୀଠ ଦର୍ଶାଇଥିଲେ ଯେ ସରକାର କ୍ଷୁଧା ଓ ଅପପୁଷ୍ଟି ହଟାଇବା ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ବ୍ୟବସ୍ଥା ରଖିଛନ୍ତି ଓ ଅନ୍ୟ ଅନେକ ଲୋକହିତ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସରକାର ନୀତି ସ୍ଥିର କରିବେ, ସେହି ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବେ। ଏହା ସରକାରଙ୍କର ବା କାର୍ଯ୍ୟପାଳିକାର କ୍ଷମତା। ଯୋଜନା ଭଲ କି ମନ୍ଦ, ଏହାର ଭଲ ବିକଳ୍ପ ଅଛି କି ନାହିଁ-ଏସବୁରେ ହସ୍ତକ୍ଷେପ କରିବାର କ୍ଷମତା ନ୍ୟାୟପାଳିକାର ନାହିଁ। ଏପରି ଟିପ୍ପଣୀ ଦେଇ ଖଣ୍ଡପୀଠ ଜନସ୍ୱାର୍ଥ ମାମଲାଟିକୁ ଖାରଜ କରିଛନ୍ତି।

**ସରୋଗେସୀ ଆଇନରେ ସଂଶୋଧନ କଲା କେନ୍ଦ୍ର**

## ମାଆ ହୋଇପାରିବେ ଏକକ ମହିଳା

**ନୂଆଦିଲ୍ଲୀ, ୨୩।୨ (ଏଜେନ୍ସି):** କେନ୍ଦ୍ର ସରକାର ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଏକକ ମହିଳା ତଥା ବିଧବା ଏବଂ ଛାଡ଼ପତ୍ର ପାଇଥିବା ମହିଳାଙ୍କୁ ମାଆ ହେବାର ଅଧିକାର ପ୍ରଦାନ କରିଛନ୍ତି। ଏଥିପାଇଁ ସରକାର ସରୋଗେସୀ ଆଇନରେ ସଂଶୋଧନ କରିଛନ୍ତି। ଏହା ସହିତ ଜଟିଳ ମେଡିକାଲ ସ୍ଥିତିରେ ଦମ୍ପତିଙ୍କୁ ଡୋନର ଗ୍ୟାମିଟ (ଶୁକ୍ରାଣୁ କିମ୍ବା ଡିମ୍ବାଣୁ) ବ୍ୟବହାର କରିବାକୁ ଅନୁମତି ଦେଇଛନ୍ତି। ଆଇନରେ ପରିବର୍ତ୍ତନ କରିବାକୁ ପୂର୍ବରୁ ସୁପ୍ରିମକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିଛି ଦିନ ତଳେ ସୁପ୍ରିମକୋର୍ଟ ଜଣେ ଅବିବାହିତ ମହିଳାଙ୍କୁ ସରୋଗେସୀ ମାଧ୍ୟମରେ ମାଆ ହେବାକୁ ଅନୁମତି ଦେଇ ନ ଥିଲେ। କିନ୍ତୁ ଏବେ ସରକାର ସରୋଗେସୀ ଆଇନ, ୨୦୨୨ରେ ସଂଶୋଧନ କରି ଏହି ଅଧିକାର ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ମେଡିକାଲ ସମସ୍ୟାରେ ପୀଡ଼ିତ ଦମ୍ପତିଙ୍କ ପାଇଁ ଉଭୟ ଗ୍ୟାମିଟର ଆବଶ୍ୟକତାକୁ ମଧ୍ୟ ବଦଳାଇ ଦେଇଛନ୍ତି। ଅର୍ଥାତ ଏବେ ସରୋଗେସୀ ମାଧ୍ୟମରେ ମାଆ ହେବା ପାଇଁ କେବଳ ପତି କିମ୍ବା ପତ୍ନୀଙ୍କ ଗ୍ୟାମିଟ ଆବଶ୍ୟକ ପଡ଼ିବ। ଅନ୍ୟଟି ଗ୍ୟାମିଟ ଦାତାଙ୍କଠାରୁ ଆଣି ହେବ। ତେବେ ଏଥିପାଇଁ ଜିଲ୍ଲା ମେଡିକାଲ ବୋର୍ଡଠାରୁ ଅନୁମତି ନେବାକୁ ପଡ଼ିବ।




**କଂଗ୍ରେସର ଅଭିଯୋଗ**

# ଇଡି-ସିବିଆଇ ଦ୍ୱାରା ଚାନ୍ଦା ଆଦାୟ କରାଯାଉଛି

ନୂଆଦିଲ୍ଲୀ, ୨୩।୨ (ଏଜେନ୍ସି)

ବିଜେପି ବିରୋଧରେ କଂଗ୍ରେସ ବଡ଼ ଅଭିଯୋଗ ଲଗାଇଛି। ବିଜେପି ସରକାର ଇଡି-ସିବିଆଇର ଅପବ୍ୟବହାର କରି ଚାନ୍ଦା ଆଦାୟ କରୁଛନ୍ତି। ୨୦୧୮-୧୯ ଏବଂ ୨୦୨୨-୨୩ ମଧ୍ୟରେ ଅତିକମରେ ୩୦ଟି କମ୍ପାନୀ ବିଜେପିକୁ ୩୩୫ କୋଟି ଟଙ୍କା ଦାନ ଦେଇଛନ୍ତି। ତେବେ ପ୍ରଥମେ ଏହି ସବୁ କମ୍ପାନୀଙ୍କୁ କେନ୍ଦ୍ରୀୟ ଏଜେନ୍ସି କାର୍ଯ୍ୟାନୁଷ୍ଠାନର ସାମ୍ନା କରିବାକୁ ପଡ଼ିଥିଲା। ୩୦ କମ୍ପାନୀ ମଧ୍ୟରୁ ୨୩ଟି ବିଜେପିକୁ ୧୮୭.୫୮ କୋଟି ଟଙ୍କା ଦେଇଥିଲେ। ଏହି କମ୍ପାନୀ ଚଢ଼ଉ ହେବା ମଧ୍ୟରେ କିମ୍ବା ୨୦୧୪ ପୂର୍ବରୁ ବିଜେପିକୁ କୌଣସି ଟଙ୍କା ଦେଇ ନ ଥିଲା। ଏଥିରୁ ଅତିକମରେ ୪ କମ୍ପାନୀ ଚଢ଼ଉର ୪ ମାସ ଭିତରେ ବିଜେପିକୁ ୯.୦୫ କୋଟି ଟଙ୍କା ଚାନ୍ଦା ଦେଇଥିଲେ। ସେହିପରି ଚାନ୍ଦା ଦେବାକୁ ମନା କରିଦେଇଥିବା ୬ଟି କମ୍ପାନୀକୁ ପରେ ଯାଞ୍ଚର ସାମ୍ନା କରିବାକୁ ପଡ଼ିଥିଲା। ତଲାସୀ ଅଭିଯାନ ପରେ ଏହି କମ୍ପାନୀ ବିଜେପିକୁ ବଡ଼ ରାଶି ଦେଇଥିଲେ।

କଂଗ୍ରେସ ପକ୍ଷରୁ ଶୁକ୍ରବାର ସାମ୍ବାଦିକ ସମ୍ମିଳନୀ କରି ଏହି ଦାବି କରାଯାଇଛି। ସୁପ୍ରିମକୋର୍ଟଙ୍କ ଅନୁଧ୍ୟାନରେ ଏହି ମାମଲାର ତଦନ୍ତ କରାଯାଉ ବୋଲି ଦଳୀୟ ନେତା ଜୟରାମ ରମେଶ ଦାବି କରିଛନ୍ତି। ସେ କହିଛନ୍ତି ଯେ ଏହା ପୂର୍ବରୁ କୌଣସି ରାଜନୈତିକ ଦଳଙ୍କ ବ୍ୟାଙ୍କ ଖାତା ବନ୍ଦ କରାଯାଇ ନ ଥିଲା। ଚାନ୍ଦା ଆଦାୟ ପାଇଁ କାହାକୁ ଏତେ ଇଡି ନୋଟିସ ପଠା ଯାଇ ନ ଥିଲା। ଘରୋଇ କମ୍ପାନୀ ବିରୋଧରେ କୌଣସି ଯାଞ୍ଚ ହୋଇ ନ ଥିଲା। ବିଜେପି କାର୍ଯ୍ୟକାଳରେ ଏପରି କାର୍ଯ୍ୟ ହୋଇଛି।

ଏ ପ୍ରସଙ୍ଗରେ କଂଗ୍ରେସ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଚିଠି ଲେଖି ପ୍ରଶ୍ନ କରିଥିଲେ। ସେ ପଚାରି ଥିଲେ ଯେ ତିନିରୁ ୨ଟି ଏଜେନ୍ସି ଅର୍ଥମନ୍ତ୍ରାଳୟ ଅଧିନରେ ରହିଛି। ସରକାର ଏହି ଯାଞ୍ଚ ଏଜେନ୍ସିଗୁଡିକୁ ରିମୋଟ କଣ୍ଟ୍ରୋଲ ମାଧ୍ୟମରେ ଚଳାଉଛନ୍ତି ବୋଲି ସାରା ଦେଶ ଜାଣିଛି। ୨୦୧୪ ପରେ ରାଜନେତାଙ୍କ ବିରୋଧରେ ଇଡି ମାମଲା ୪ ଗୁଣ ବଢ଼ିବା ଏହାକୁ ପ୍ରମାଣିତ କରୁଛି। ଏହି ମାମଲା ମଧ୍ୟରୁ ୯୫ ପ୍ରତିଶତ ବିରୋଧୀ ଦଳ ନେତାଙ୍କ ବିରୋଧରେ ରହିଛି।

କିଛି ଦିନ ତଳେ ବିଜେପିର ସମୀକ୍ଷା ରିପୋର୍ଟ ସାମ୍ନାକୁ ଆସିଥିଲା। ଏଥିରୁ ୨୦୨୨-୨୩ରେ ବିଜେପିର ମୋଟ ଆୟ ୨,୩୬୧ କୋଟି ଥିବା ଜଣା ପଡ଼ିଥିଲା। ଏହା ୨୦୨୧-୨୨ରେ ୧,୯୧୭ କୋଟି ରହିଥିଲା। ରାହୁଲ ଗାନ୍ଧୀ ମଧ୍ୟ ଚାନ୍ଦାକୁ ନେଇ ସରକାରଙ୍କୁ ଘେରିଛନ୍ତି। ଇଡି, ସିବିଆଇ, ଏବଂ ଆୟକର ବିଭାଗକୁ ଟଙ୍କା ଆଦାୟ ପାଇଁ ବ୍ୟବହାର କରାଯାଉଛି ବୋଲି କହିଛନ୍ତି। ବିଜେପିକୁ ଦେଇଥିବା ବେଆଇନ ଚାନ୍ଦା ଏବଂ ଇଲେକ୍ଟୋରାଲ ବଣ୍ଡ ହିଁ 'ଇଜ୍ ଅଫ ଡୁଇଂ ବିଜନେସ' ବୋଲି କହିଛନ୍ତି। ସେହିପରି ଚାନ୍ଦା ଆଦାୟ ପ୍ରସଙ୍ଗକୁ ନେଇ କଂଗ୍ରେସ ଅର୍ଥମନ୍ତ୍ରୀଙ୍କୁ ପ୍ରଶ୍ନବାଣ ମାରିଛି। ଅର୍ଥମନ୍ତ୍ରୀ ଏହା ଉପରେ ଶ୍ୱେତପତ୍ର ଆଣିବେ କି? ଚାନ୍ଦାର ଉତ୍ସ ସହିତ ଏହା ଦେବା ପାଇଁ କର୍ପୋରେଟ କମ୍ପାନୀଙ୍କୁ କେମିତି ବାଧ୍ୟ କରାଗଲା କହିବେ କି? କେଉଁ ସମୟରେ, କେଉଁ କାରଣରୁ ବିଜେପିକୁ ପାଣ୍ଠି ଆସିଲା ତାହା ଦର୍ଶାଇବେ କି ବୋଲି ପଚାରିଛନ୍ତି।



**୩୦ କମ୍ପାନୀଠୁ ମିଳିଛି ୩୩୫ କୋଟି ଚାନ୍ଦା**

**ସୁପ୍ରିମକୋର୍ଟଙ୍କ ଅନୁଧ୍ୟାନରେ ତଦନ୍ତ ଦାବି**


ଚାଳିଶ ବର୍ଷ ବୟସରେ ଜଣେ ଯୁବାବସ୍ଥାର ବାର୍ଦ୍ଧକ୍ୟରେ ଉପନୀତ ହୁଏ;
ପଚାଶ ବର୍ଷରେ ସେ ବାର୍ଦ୍ଧକ୍ୟର ଯୁବାବସ୍ଥାରେ ପ୍ରବେଶ କରେ।
-ଭିକ୍ଟର ହ୍ୟୁଗୋ

ସକାଳ
THE SAKALA

# ଆମ ବରିଷ୍ଠ ନାଗରିକ ଓ ରୌପ୍ୟ ଅର୍ଥନୀତି

'ନିତି' ଆୟୋଗ ପକ୍ଷରୁ ଦେଶର ବରିଷ୍ଠ ନାଗରିକମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରି ଦେଶର ଅର୍ଥନୈତିକ ବିକାଶ ଢାଞ୍ଚାରେ ଅଧିକରୁ ଅଧିକ କିପରି ସାମିଲ କରାଯାଇ ପାରିବ, ନିକଟରେ ତାହାର ଏକ ରିପୋର୍ଟ (ଭାରତରେ ବରିଷ୍ଠ ନାଗରିକଙ୍କ ଯତ୍ନରେ ସଂସ୍କାର ଓ ପୁନଃପରିକଳ୍ପନା) ପ୍ରସ୍ତୁତ କରାଯାଇ ଏହା ଉପରେ ବିଭିନ୍ନ ମହଲରୁ ମତାମତ ଆହ୍ୱାନ କରାଯାଇଛି। ରିପୋର୍ଟଟି ଏଥିପାଇଁ ଗୁରୁତ୍ୱ ବହନ କରେ ଯେ ବିଶ୍ୱର ସବୁଠୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ମଧ୍ୟ ସର୍ବାଧିକ। ପ୍ରତିବର୍ଷ ଏମାନଙ୍କ ସଂଖ୍ୟା ବଢ଼ୁଛି ଏବଂ ୬୦ ବର୍ଷରୁ ଊର୍ଦ୍ଧ୍ୱ ଲୋକେ 'ବରିଷ୍ଠ ନାଗରିକ' ଭାବେ ଗଣ୍ୟ ହେଉଛନ୍ତି। ଏମାନଙ୍କ ମଧ୍ୟରୁ ୬୦ ବର୍ଷ ପରେ ମଧ୍ୟ ଅନେକ ଉପାର୍ଜନ କରିବାକୁ ସକ୍ଷମ; କିନ୍ତୁ ସେମାନଙ୍କୁ ଆବଶ୍ୟକତା ତୁଳନାରେ ସୁବିଧା ସୁଯୋଗ ମିଳେ ନାହିଁ। କେବଳ ସରକାରୀ କ୍ଷେତ୍ରକୁ ଛାଡ଼ି ଅନ୍ୟ କେଉଁଠି ଅବସର ପରବର୍ତ୍ତୀ ପେନ୍‌ସନ / ଭତ୍ତା ସୁବିଧା ଆଖିଦୃଶିଆ ନୁହେଁ। ସରକାରୀ ପେନ୍‌ସନ ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ପ୍ରାୟ ୭୫ ଲକ୍ଷ। ଆଉ ସେତିକି ଲୋକ ଇପିଏଫ୍ ପେନ୍‌ସନ୍ ଭୋଗୀ, ଯେଉଁମାନଙ୍କର ମାସିକ ପେନ୍‌ସନ୍ ସର୍ବନିମ୍ନ ୧୦୦୦ ରୁ ସର୍ବାଧିକ ୬୦୦୦ ଟଙ୍କା ଭିତରେ। ଏହାବାଦ୍ ପେନ୍‌ସନ୍‌ଭୋଗୀ ତାଲିକାରେ ପ୍ରତିରକ୍ଷା ବିଭାଗରେ ଅଣସୈନିକ ତଥା ସୀମିତ ଅବଧି ପାଇଁ ନିଯୁକ୍ତି ପରେ ଅବସର ନେଇଥିବା ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ସାମିଲ୍ ଅଛନ୍ତି। ଏହାବ୍ୟତୀତ ମାସିକ ୧୦୦୦ ରୁ ୨୫୦୦ ଟଙ୍କା ପର୍ଯ୍ୟନ୍ତ ସରକାରୀ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଲୋକଙ୍କ ସଂଖ୍ୟା ସାରା ଦେଶରେ ମୋଟ୍ ବୟସ୍କ ନାଗରିକଙ୍କ ମଧ୍ୟରୁ ପ୍ରାୟ ୨୫ ଭାଗ। ଏଭଳି ସ୍ଥିତିରେ ନିତି ଆୟୋଗର ଏହି ରିପୋର୍ଟ ଓ ସ୍ଥିତିପତ୍ର ପ୍ରଶାସନିକ ନୀତିର ପ୍ରକ୍ଷେପଣ ପାଇଁ ବିଶାଳ କ୍ଷେତ୍ରକୁ ସୂଚିତ କରେ। ସୁତରାଂ ବରିଷ୍ଠ ନାଗରିକମାନଙ୍କୁ କିଭଳି ଆର୍ଥିକ ଦୃଷ୍ଟିରୁ ସବଳ କରାଯାଇ ପାରିବ ଏବଂ ସେମାନଙ୍କ ଅଭିଜ୍ଞତା ଓ ସାମର୍ଥ୍ୟକୁ ଦେଶ ଗଠନରେ ବିନିଯୋଗ କରି ହେବ, ତାହା ନିଶ୍ଚିତ ଏକ ଉତ୍ତମ ବିଚାରଯୋଗ୍ୟ ପ୍ରସ୍ତାବ।

ଭାରତର ଜନସାଂଖ୍ୟିକ ବିଶେଷତ୍ୱ ହେଲା ଦେଶରେ କାମ କରିବା ବୟସର ଲୋକଙ୍କ ସଂଖ୍ୟା (ବିଶେଷ କରି ଯୁବବର୍ଗ) ବଢ଼ୁଛି। ଦ୍ୱିତୀୟରେ ବିଭିନ୍ନ ରାଜ୍ୟରେ ଜନସଂଖ୍ୟା ବୃଦ୍ଧି ହାର ଭିନ୍ନ ଭିନ୍ନ। ତୃତୀୟଟି ହେଲା ବୟସ୍କ (ବରିଷ୍ଠ) ନାଗରିକଙ୍କ ସଂଖ୍ୟା ବୃଦ୍ଧି। ନିତି ଆୟୋଗର ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁସାରେ ୬୦ ବୟସରୁ ଊର୍ଦ୍ଧ୍ୱ ନାଗରିକଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୧୦ ଶତାଂଶ। ଏହା ବଢ଼ି ବଢ଼ି ୨୦୩୦ ଓ ୨୦୫୦ରେ ଯଥାକ୍ରମେ ମୋଟ୍ ଜନସଂଖ୍ୟାର ୧୨ ଓ ୨୦ ଶତାଂଶ ହୋଇପାରେ। ଏହା ନିତି ଆୟୋଗର ରିପୋର୍ଟ ହୋଇଥିବାରୁ ଏହାକୁ ସରକାରୀ ବୋଲି ଧରାଯିବ। ବାସ୍ତବରେ ୨୦୧୧ ଜନଗଣନା ତଥ୍ୟରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ଓ ତାହାର ଆନୁପାତିକ ବୃଦ୍ଧିକୁ ନେଇ ଏହା ମୋଟ୍ ଜନସଂଖ୍ୟାର ପ୍ରାୟ ୨୧ ଭାଗ ବୋଲି ବେସରକାରୀ ଭାବେ କୁହାଯାଉଛି। ପରବର୍ତ୍ତୀ ସମୟରେ ଆନୁପାତିକ ବୃଦ୍ଧିକୁ ହିସାବକୁ ନେଲେ ସମ୍ପ୍ରତି ଆମ ଦେଶରେ ବରିଷ୍ଠଙ୍କ ସଂଖ୍ୟା ପ୍ରାୟ ଦେଢ଼ଗୁଣ ବଢ଼ିସାରିଥିବ। ସେ ଯାହା ହେଉ ସର୍ବଶେଷ ଜନଗଣନା ନ ହେବା ଯାଏଁ ଏହି ପରିସଂଖ୍ୟାନ କେବଳ ଅନୁମାନଭିତ୍ତିକ। ତଥାପି ନିତି ଆୟୋଗର ତଥ୍ୟକୁ ଯଦି ବିଚାରକୁ ନିଆଯାଏ, ବୁଢ଼ାବୁଢ଼ୀଙ୍କ ସଂଖ୍ୟା ଏବେ ଭାରତରେ କମ୍ ନୁହେଁ। ସରକାରୀ ଓ ବେସରକାରୀ ହିସାବକୁ ତୁଳନା କଲେ ପ୍ରାୟ ୧୫ କୋଟି ପାର୍ଥକ୍ୟ ଆସୁଛି। କୁହାଯାଏ ଜନସଂଖ୍ୟା ପରିସଂଖ୍ୟାନ ଅନୁମାନ ଅତିବେଶିରେ 'ଅର୍ଦ୍ଧସତ୍ୟ'! ତେବେ ଏହି ସମସ୍ୟା ଉପରେ ଗମ୍ଭୀର ଆଲୋଚନା ଆବଶ୍ୟକ। ଏଠି ସଂଖ୍ୟା ନୁହେଁ, ବୁଢ଼ା ମଣିଷଙ୍କ କଲ୍ୟାଣ, ଯତ୍ନ ଓ ସଶକ୍ତୀକରଣ କଥା ପଡ଼ିଛି ଏବଂ ଆଗାମୀ ଦିନରେ ଏକ ବିକଶିତ ଭାରତରେ କିଭଳି ଏହି ଅଭିଜ୍ଞ ଓ ବରିଷ୍ଠମାନଙ୍କୁ ଏକ ମୂଲ୍ୟବାନ ମାନବ ସମ୍ପଦ ରୂପେ ବ୍ୟବହୃତ ହୋଇପାରିବ ତଥା ସୁରକ୍ଷିତ ରଖାଯାଇପାରିବ, ତାହା ବିଶେଷ ଗୁରୁତ୍ୱପୂର୍ଣ୍ଣ।

ଆମ ଦେଶରେ 'ରୌପ୍ୟ ଅର୍ଥନୀତି' ବା 'ସିଲଭର ଇକୋନମି'ର ପରିକଳ୍ପନା ଏକ ବାସ୍ତବ ପରିଦୃଶ୍ୟ। ଏଥିରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କ ପାଇଁ ଅର୍ଥନୈତିକ କାର୍ଯ୍ୟକ୍ରମ, ଉତ୍ପାଦ ଓ ନକ୍ସା (ଡିଜାଇନ୍) ରହିଛି। ଏଥିରେ ଉତ୍ପାଦନ, ଆବଣ୍ଟନ, ସାମଗ୍ରୀ ଓ ସେବାର ଉପଭୋଗ ଆଦି ଅନ୍ତର୍ଭୁକ୍ତ। ବୟସ୍କ ବ୍ୟକ୍ତିମାନଙ୍କ ସାମଗ୍ରିକ କ୍ରୟଶକ୍ତିକୁ ଅଣଦେଖା କରାଯାଇପାରିବ ନାହିଁ। ଆବଶ୍ୟକସ୍ଥଳେ ସରକାର ଏଥିରେ ହସ୍ତକ୍ଷେପ କରି ସହାୟତା ଯୋଗାଇଥା'ନ୍ତି। ତେଣୁ ସେହି 'ରୌପ୍ୟ ଅର୍ଥନୀତି'ର ପରିସରକୁ ଯଦି ଅର୍ଥପୂର୍ଣ୍ଣ ଭାବେ ବୃଦ୍ଧି କରାଯାଇପାରିବ, ତା'ହେଲେ ଦେଶର ବହୁ ବରିଷ୍ଠ ନାଗରିକ ଉପକୃତ ହେବେ ଏବଂ ଜାତୀୟ ଅର୍ଥନୀତିକୁ ମଧ୍ୟ ଲାଭ ମିଳିବ। ତେଣୁ ନିତି ଆୟୋଗ ଏ ନେଇ ଯେଉଁ ସଂକଳ୍ପନା ନକ୍ସା ପ୍ରସ୍ତୁତ କରିଛି, ତାହା ମନ୍ଦ ନୁହେଁ। ଏ କ୍ଷେତ୍ରରେ ସଂସ୍କାର ଆଣି ଏକ ସୁଦୃଢ଼ ଯୋଜନା ମାଧ୍ୟମରେ ଆୟୋଗ ଏହି ବରିଷ୍ଠ ନାଗରିକମାନଙ୍କ ଉତ୍ପାଦନକ୍ଷମ ଓ ସଫଳ ଜୀବନଯାପନକୁ ସୁନିଶ୍ଚିତ କରିପାରିବ। ବରିଷ୍ଠ ନାଗରିକଙ୍କୁ ସମାଜର ଅବିଚ୍ଛେଦ୍ୟ ଅଂଶବିଶେଷ କରିବା ଉଦ୍ୟମ ବିଶେଷ ଗୁରୁତ୍ୱପୂର୍ଣ୍ଣ। ତଥ୍ୟ କହୁଛି, ଆମ ଦେଶର ବୁଢ଼ାବୁଢ଼ୀଙ୍କ ମଧ୍ୟରୁ ୩୩ ଶତାଂଶ ମାନସିକ ଚାପରେ ରହୁଛନ୍ତି। ଏହାଛଡ଼ା ୩୦ ଶତାଂଶ ଭାବନ୍ତି ସେମାନଙ୍କ ବାର୍ଦ୍ଧକ୍ୟ ଜୀବନରେ ସନ୍ତୋଷ ଓ ଶାନ୍ତି ନାହିଁ। ଅତଏବ ଏହି ବରିଷ୍ଠ ବର୍ଗର ଲୋକଙ୍କ ଜୀବନକୁ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଯଦି ସହଜ, ସରଳ, ସୁଖଦ ଓ ଆନନ୍ଦମୟ କରିହେବ, ତା'ଠାରୁ ବଡ଼ କଥା ଆଉ କିଛି ନାହିଁ।

ଏସବୁ କଥା ତ ଆପଣାଛାଏଁ ହେବ ନାହିଁ। ବରିଷ୍ଠ ନାଗରିକଙ୍କ ସୁଖ, ଶାନ୍ତି ଓ ଯତ୍ନ ପାଇଁ ଆବଶ୍ୟକ ମୌଳିକ ଭିତ୍ତିଭୂମି ନିର୍ମାଣ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ଯୋଗାଣ, ସେମାନଙ୍କ ଦକ୍ଷତା ବିକାଶ ଏବଂ ଆବଶ୍ୟକ ସ୍ଥଳେ ଉପାର୍ଜନକ୍ଷମ କରିବାର ବ୍ୟବସ୍ଥା ତିଆରି କରିବାକୁ ପଡ଼ିବ। ସାମାଜିକ ନିରାପତ୍ତାର ପ୍ରଥମ ଆବଶ୍ୟକତା ହେଲା ଅର୍ଥ। ଏହା ଭତ୍ତା ହେଉ କିମ୍ବା ପେନ୍‌ସନ୍ ବା ଅନ୍ୟ ଯେକୌଣସି ପ୍ରକାର ନିଶ୍ଚିତ ମାସିକ ଆୟ। ଦ୍ୱିତୀୟ କଥା ହେଲା ଖାଦ୍ୟ, ଆବାସ ଓ ସ୍ୱାସ୍ଥ୍ୟସେବାର ପ୍ରତିଶ୍ରୁତିବଦ୍ଧ ନିରାପତ୍ତା। ଆଜିକାଲି ପରିବାରର ସଦସ୍ୟମାନେ ବିଭିନ୍ନ କାରଣରୁ ବୟସ୍କମାନଙ୍କ ଉପଯୁକ୍ତ ଯତ୍ନ ନେଇ ପାରୁନାହାନ୍ତି। ତେଣୁ ଅନେକ ବୁଢ଼ାବୁଢ଼ୀ ନିଜ ପିଲାଙ୍କ ପାଇଁ ଏକ ପ୍ରକାର ବୋଝ ଭାବେ ବିବେଚିତ ହୋଇ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସୁତରାଂ ପରିବାରର ବୋଝକୁ ହାଲକା କରିବାକୁ ବୟସ୍କ ନାଗରିକଙ୍କ ପାଇଁ ସରକାର ଓ ଦେଶର ମଧ୍ୟ କିଛି କରିବାର ଅଛି। ସେ ବିଷୟରେ ଚିନ୍ତା କରିବାର ସମୟ ଏବେ ଆସିଛି। ସେମାନଙ୍କ ପାଇଁ ବାଧ୍ୟତାମୂଳକ ବୀମା ବ୍ୟବସ୍ଥା, ଟିକସ ରିହାତି, ସରକାରୀ ଭତ୍ତା ଯୋଗାଣ, ବୟସ୍କଙ୍କ ଦ୍ୱାରା ବ୍ୟବହୃତ ସାମଗ୍ରୀର ମୂଲ୍ୟ ହ୍ରାସ, ବାଧ୍ୟତାମୂଳକ ସ୍ୱାସ୍ଥ୍ୟସେବା ଓ ଯତ୍ନ ତଥା ଆଶ୍ରୟ ବ୍ୟବସ୍ଥା କରାଯିବା ଉଚିତ।

ଭାରତର ସଞ୍ଚୟ ସଂସ୍କୃତି କ୍ରମଶଃ ବ୍ୟାପକ ହେଉଛି। ବୁଢ଼ାବୁଢ଼ୀମାନେ ଏବେ ମଧ୍ୟ ଏକ ଶକ୍ତିଶାଳୀ ଖାଉଟି ଓ ବିଶାଳ ସଞ୍ଚୟକାରୀ ବର୍ଗ। ଭାରତର ଏହି 'ରୌପ୍ୟ ଅର୍ଥନୀତି'ର ଆକାର ପ୍ରାୟ ୭ ବିଲିୟନ ଡଲାର ବୋଲି ଆକଳନ କରାଯାଇଛି। ତେଣୁ ଏହି ବରିଷ୍ଠ ନାଗରିକ ବର୍ଗଙ୍କ ଆର୍ଥିକ ଓ ସାମାଜିକ ନିରାପତ୍ତାକୁ ସୁଦୃଢ଼ କଲେ ଆମ ଅର୍ଥନୈତିକ ଅଭିବୃଦ୍ଧି ବଢ଼ିବ। ନିତି ଆୟୋଗର ଏଭଳି ପ୍ରସ୍ତାବ ଉପରେ ବ୍ୟାପକ ବିଚାରବିମର୍ଶ ହୋଇ ଏହା କାର୍ଯ୍ୟକାରୀ ହେବା ଉଚିତ।

# ବନ୍ଧୁତ୍ୱର ମହତ୍ତ୍ୱ


**ଡ. କଳ୍ପନା ସାହୁ**
ଭୁବନେଶ୍ୱର, ମୋ: ୮୨୪୯୮୯୬୧୪୮

ଭଗବାନଙ୍କ ସୃଷ୍ଟିରେ ଅନେକ ସମ୍ପର୍କ ଗଢ଼ି ଉଠିଛି। ମାତ୍ର ସବୁଠାରୁ ଉତ୍ତମ ସମ୍ପର୍କ ହେଉଛି ବନ୍ଧୁତା। ଆଜିର ବ୍ୟସ୍ତବହୁଳ ଜୀବନରେ ମନୁଷ୍ୟ ନିଜକୁ ବିଭିନ୍ନ କାର୍ଯ୍ୟରେ ହଜାଇଦିଏ। ଟିକେ ସମୟ ପାଇଲେ ନିଜକୁ ବନ୍ଧୁମାନଙ୍କ ସହ ଯୋଡ଼ିବାକୁ ଚେଷ୍ଟାକରେ। ନିଜ ଭାବ ଓ ଆବେଗକୁ ବ୍ୟକ୍ତ କରିବା ପାଇଁ ଏକ ବନ୍ଧୁର ମାଧ୍ୟମ ଅତ୍ୟନ୍ତ ଜରୁରୀ। କାରଣ ଏହା ଏପରି ଏକ ସମ୍ପର୍କ, ଯେଉଁଥିରେ ସ୍ୱାର୍ଥ ଓ ସର୍ତ୍ତ ନଥାଏ। ଯେଉଁଠି ପାରସ୍ପରିକ ଭାବର ଆଦାନପ୍ରଦାନ ପାଇଁ କୌଣସି ସର୍ତ୍ତ ବା ନିୟମ ନ ଥାଏ। ବନ୍ଧୁତାରେ କୌଣସି ବାଛବିଚାରର ସ୍ଥାନ ନାହିଁ। ଏହା ଧନୀଗରିବ, ଶିକ୍ଷିତଅଶିକ୍ଷିତ ଓ ଉଚ୍ଚନୀଚର ଭେଦଭାବ ଦେଖେ ନାହିଁ। ଏହାର ପ୍ରକୃଷ୍ଟ ଉଦାହରଣ ନିଜେ ଭଗବାନ ସ୍ୱୟଂ ବିଷ୍ଣୁ ଦର୍ଶାଇଛନ୍ତି। କୃଷ୍ଣ ଓ ସୁଦାମାର ବନ୍ଧୁତ୍ୱର କାହାଣୀ ଯୁଗେ ଯୁଗେ ପ୍ରଚଳିତ। ଭଗବାନ ନିଜେ ନିଜ ପ୍ରିୟମିତ୍ରର ପାଦ ଧୋଇଥିଲେ। ସେ ସମାଜରେ ଥିବା ଏହି ଭେଦଭାବକୁ ବନ୍ଧୁତ୍ୱ ମାଧ୍ୟମରେ ନିଜର ଉଦାହରଣରେ ଦର୍ଶାଇଛନ୍ତି।

ବନ୍ଧୁତ୍ୱର ପରିଭାଷା ବ୍ୟାପକ। ଜଣେ ବନ୍ଧୁ ହିଁ ଅନ୍ୟ ବନ୍ଧୁର ଅତୀତ ଓ ବର୍ତ୍ତମାନକୁ ଭଲ ରୂପେ ବୁଝିପାରେ। ଯେଉଁ ଲୁହ, ମଣିଷ ପରିବାରର କାହା ସଂଗେ ବାଣ୍ଟିପାରେ ନାହିଁ, ସେ କେବଳ ଜଣେ ପ୍ରିୟ ବନ୍ଧୁ ସଂଗେ ବାଣ୍ଟିପାରେ। ତେଣୁ ଅସଲ ବନ୍ଧୁ ଆଉ ଜଣେ ବନ୍ଧୁର ହସପଛରେ ଥିବା ଲୁହକୁ ହୃଦୟଙ୍ଗମ କରେ। ତେଣୁ ସଂସ୍କୃତରେ କୁହାଯାଇଛି-

*'ଉତ୍ସବେ ବ୍ୟସନେ ଚୈବ ଦୁର୍ଭିକ୍ଷ ରାଷ୍ଟ୍ରବିପ୍ଳବେ*
*ରାଜଦ୍ୱାରେ ଶ୍ମଶାନେ ଚ ଯଃ ତିଷ୍ଠତି ସଃ ବାନ୍ଧବଃ'*

ବନ୍ଧୁତ୍ୱରେ ମୂଲ୍ୟାୟନ ବିଚାର କରାଯାଏ ନାହିଁ। ଗ୍ରହଣଶୀଳତା ଓ ଧୈର୍ଯ୍ୟଶୀଳତା ବନ୍ଧୁତ୍ୱର ଚାବିକାଠି। ବନ୍ଧୁତାର ପରିଭାଷା ପ୍ରତିମଣିଷ ପାଇଁ ପୃଥକ୍ ପୃଥକ୍ ଥାଏ। କିନ୍ତୁ ଏହାର ଏକ ମୌଳିକ ତତ୍ତ୍ୱ ହେଉଛି ଏହା ଶାଶ୍ୱତ, ଚିରନ୍ତନ ଓ ବିଶ୍ୱାସ ଉପରେ ପ୍ରତିଷ୍ଠିତ। ଯେଉଁଠି ପରସ୍ପରଠାରୁ ଆଶା ଓ ପାଇବାର ଆକାଂକ୍ଷା କମ୍, କିନ୍ତୁ ସାହାଯ୍ୟର ପ୍ରବୃତ୍ତି ଅଧିକ। ଏହା କେବଳ ସଚ୍ଚୋଟତା ଓ ଭଲପାଇବା ଆଶା କରେ। ଆମର ଜୀବନ ବିଭିନ୍ନ ପର୍ଯ୍ୟାୟ ଦେଇ ଗତିକରେ। ପ୍ରତି ପର୍ଯ୍ୟାୟରେ ପାରିବାରିକ, ସାମାଜିକ ସମ୍ପର୍କର ସଂଜ୍ଞା ବଦଳିଯାଏ। ଜୀବନ ସହିତ ସମୟ ବଦଳିଯାଏ, ସମୟ ସହିତ ଜୀବନ ବଦଳିଯାଏ। କିନ୍ତୁ ସାଙ୍ଗମାନଙ୍କ ସହିତ ସମୟ ବଦଳେନାହିଁ। ବୟସର ଛାପ ଓ ସମୟର ଛାଇରୁ ଏହା ଊର୍ଦ୍ଧ୍ୱରେ। ଏହା ଏପରି ଏକ ସମ୍ପର୍କ, ଯେଉଁଥିରେ ଝଗଡ଼ା, ଦୋଷଦେବା, ଶଙ୍କା ଓ ନକାରାତ୍ମକ ଆବେଗ କମ୍ ଥାଏ। ବରଂ ଅଧିକ ବାର୍ତ୍ତାଳାପ, ଆନନ୍ଦ, ସ୍ମୃତି ସାଉଁଟିବାର ଭାବନା ଓ ସମ୍ଭାବନା ଅଧିକ ଥାଏ। ସେଥିପାଇଁ କୁହାଯାଇଛି



ଯେ 'ଫ୍ରେଣ୍ଡସିପ୍ ଇଜ୍ ଦି ବେଷ୍ଟ ଷ୍ଟ୍ରେସ୍ ବୁଷ୍ଟର'। ମଣିଷ ଯେତେବେଳେ ସାଙ୍ଗମାନଙ୍କ ଗହଣରେ ସମୟକାଟେ, ଜୀବନର ସମସ୍ତ ମାନସିକ ଚାପ ଭୁଲିଯାଏ। କିଛି ମୁହୂର୍ତ୍ତ ପାଇଁ ଭୁଲିଯାଏ ଯେ ସେ ଏକ ସାଂସାରିକ ପ୍ରାଣୀ, ଯେଉଁଠି ତା'ର ବିଭିନ୍ନ ଭୂମିକା ଓ ଦାୟିତ୍ୱ ରହିଛି।

ଆଜିର ଆଧୁନିକ ବ୍ୟସ୍ତବହୁଳ ଜୀବନରେ ଆମମାନଙ୍କର ଅନେକ ମୋବାଇଲ୍‌ରେ ବନ୍ଧୁ ଅଛନ୍ତି। ଆମର ହ୍ୱାଟ୍ସଆପ୍-ବନ୍ଧୁ, ଫେସ୍‌ବୁକ୍-ବନ୍ଧୁ, ଇନ୍‌ଷ୍ଟାଗ୍ରାମ-ବନ୍ଧୁ ଆହୁରି ଅନେକ ପ୍ରକାରର ବନ୍ଧୁ। ଏହାକୁ ଆମେ 'ଡିଜିଟାଲ୍-ବନ୍ଧୁ' କହୁ। ଅନେକ ବନ୍ଧୁ ଥାଇ ମଧ୍ୟ ମଣିଷ ନିଜକୁ ଏକାମନେ କରେ। ବାସ୍ତବ ଜୀବନରେ କେବେ କେବେ ନିଃସଙ୍ଗ ମନେ ହୁଏ। ବିପଦ ସମୟରେ ନିଜକୁ ଅସହାୟବୋଧ କରେ। ତେଣୁ ମନକୁ ବୁଝିପାରୁଥିବା ଓ ବିପଦରେ ଛିଡ଼ା ହୋଇ ସାହସ ଦେବା ପାଇଁ ଏକ ବନ୍ଧୁର ଉପସ୍ଥିତି ନିହାତି ଜରୁରୀ। କେବଳ ଜଣେ ବନ୍ଧୁ ହିଁ ନିଜଠାରୁ ନିଜ ବନ୍ଧୁକୁ ଅଧିକ ବୁଝେ ଓ ଅଧିକ ବିଶ୍ୱାସ କରେ। ଦୈନନ୍ଦିନ ଜୀବନ ତଥା ସାମଗ୍ରିକ ଜୀବନରେ ମାନସିକ ଚାପର ନିୟନ୍ତ୍ରଣ ପାଇଁ ଏହା ଏକ ବିଶେଷ ମାଧ୍ୟମ।

ଆମେରିକାନ୍ ସାଇକୋଲୋଜିକାଲ୍ ଆସୋସିଏସନ୍ ଗବେଷଣାରୁ ଦେଖାଯାଇଛି ଯେ ବନ୍ଧୁତ୍ୱ ମନୁଷ୍ୟର ଏକ ସାମାଜିକ ଚାହିଦା ନୁହେଁ, ବରଂ ଏକ ମୌଳିକ ଚାହିଦା। ଯେପରି ଆମେ ଖାଦ୍ୟ, ଜଳ ବିନା ବଞ୍ଚିପାରିବୁ ନାହିଁ, ସେହିପରି ଆମେ ବନ୍ଧୁ / ମିତ୍ର ବିନା ବଞ୍ଚିପାରିବୁ ନାହିଁ। ଯେଉଁ ଲୋକର ବନ୍ଧୁତ୍ୱ ସ୍ଥାୟୀ, ସୁସ୍ଥ ଓ ବିଶ୍ୱାସ ଉପରେ ଆଧାରିତ, ସେହି ଲୋକମାନେ ଦୀର୍ଘଜୀବୀ। ସେହି ଲୋକମାନଙ୍କର ଶାରୀରିକ, ମାନସିକ ସୁସ୍ଥତା ଦୀର୍ଘସ୍ଥାୟୀ। ନିଜ ଭିତରରେ ଆତ୍ମସନ୍ତୋଷ, ଆତ୍ମତୃପ୍ତି ଓ ବାହାର ଦୁନିଆରେ ବନ୍ଧୁମାନଙ୍କ ସହିତ ନିବିଡ଼ତା ଆମର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରେ ଅନେକ ପ୍ରଭାବ ପକାଏ। ସାଧାରଣତଃ ଆଜି ପ୍ରତ୍ୟେକ ଲୋକ କିଛି ନା କିଛି ରୋଗରେ ପୀଡ଼ିତ। ହୃଦ୍‌ରୋଗ, ଉଚ୍ଚରକ୍ତଚାପ, କର୍କଟରୋଗ, ଚର୍ମରୋଗ ପରି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଆଜି ଘରେ ଘରେ ଦେଖାଯାଉଛି। ମନସ୍ତତ୍ତ୍ୱବିତ୍‌ମାନେ ପରୀକ୍ଷା କରି ଦେଖିଛନ୍ତି ଯେ ଏହିସବୁ ରୋଗ ଆମର ମାନସିକ ସମସ୍ୟା ସହ ଜଡ଼ିତ। ଅନ୍ୟ ଏକ ସର୍ବେକ୍ଷଣରୁ ଦେଖାଯାଇଛି ଯେ ଯେଉଁ ଲୋକମାନଙ୍କର ସାମାଜିକ ସମ୍ପର୍କ କ୍ଷୀଣ ଓ ସେମାନେ ସର୍ବଦା ଏକାକୀ ଜୀବନ ଅତିବାହିତ କରୁଛନ୍ତି, ସେମାନଙ୍କର ମୃତ୍ୟୁହାର ଅଧିକ। ଜୁଲାନେ ହଲ୍‌ଟ ଲନ୍‌ଷ୍ଟାଣ୍ଡ, ବ୍ରିଟ୍‌ହାମ ବିଶ୍ୱବିଦ୍ୟାଳୟର ପ୍ରଫେସର। ସେ ମନସ୍ତାତ୍ତ୍ୱିକ ଦିଗ ଓ ସ୍ନାୟୁଜନିତ ପ୍ରକ୍ରିୟା ଉପରେ ଗବେଷଣା କରି ଦେଖାଇଛନ୍ତି ଯେ ଆମର ସମ୍ପର୍କ ଓ ସମ୍ବନ୍ଧର ପ୍ରଭାବ ଆମର ମସ୍ତିଷ୍କ ଓ ଶରୀର ସହିତ ପ୍ରତ୍ୟକ୍ଷ ଭାବେ ଜଡ଼ିତ। ତେଣୁ ଭଲ ସମ୍ପର୍କ ଆମର ଅନ୍ତ ଓ ବାହ୍ୟ ବ୍ୟବସ୍ଥାର ସମନ୍ୱୟ ରକ୍ଷା କରେ। ଏହି ସମ୍ପର୍କର ସେତୁ ବନ୍ଧୁତ୍ୱରୁ ଆରମ୍ଭ ହୁଏ। ଏହା ଯେକୌଣସି ବୟସରୁ ଓ ଯେକୌଣସି ସମୟରେ କରିହେବ, କିନ୍ତୁ ଏହାକୁ ସବୁଦିନ ପାଇଁ ଜୀବିତ ରଖିବା ଆମ୍ଭମାନଙ୍କ ପାଇଁ ଏକ ଆହ୍ୱାନ। ତେଣୁ ବନ୍ଧୁତ୍ୱର ସଂଜ୍ଞାକୁ ଆମେ ଗଭୀରଭାବେ ବୁଝିବାକୁ ହେବ। ଏହା କେବଳ ରୋମାଣ୍ଟିକ୍ ସମ୍ବନ୍ଧ ନୁହେଁ- ଏହା ଏକ ଗଭୀର ଚିରନ୍ତନ ଓ ଶାଶ୍ୱତ ଭାବନା। ଏହା ଆମର ବିଷାଦ ଓ ନିଃସଙ୍ଗତାକୁ ଦୂର କରେ। ଏହା ଏକ ଶକ୍ତିବର୍ଦ୍ଧକ ଔଷଧ ପରି କାର୍ଯ୍ୟ କରେ। ତେଣୁ ପ୍ରତ୍ୟେକ ବର୍ଗର ଲୋକମାନେ ନିଜ ପାଇଁ ସମୟ ବାହାର କରି ବନ୍ଧୁ ମିଳନର ଉତ୍ସବକୁ ଉତ୍ସାହିତ କରିବା ଉଚିତ। ଏହି ବନ୍ଧୁମିଳନ ଅତୀତ ବନ୍ଧୁକୁ ଦେଖିବା ପାଇଁ ନୁହେଁ, ବରଂ ଆମ ଭିତରେ ଥିବା ସ୍ନେହ, ଶ୍ରଦ୍ଧା ଓ ଭାବନାକୁ ଦୁଇଗୁଣିତ କରେ। ଏହା ଜୀବନକୁ ଆହୁରି ରସମୟ, ଛନ୍ଦମୟ ଓ ଅର୍ଥପୂର୍ଣ୍ଣ କରିଦିଏ। ଗୋଟିଏ ଭଲ ବନ୍ଧୁ ଜୀବନର କର୍ତ୍ତବ୍ୟ ପଥରେ ଉଚିତ ମାର୍ଗ ଦେଖାଏ। ବନ୍ଧୁତ୍ୱ ମଣିଷକୁ ସହାନୁଭୂତି, ଦୟା, କ୍ଷମା କରିବା ଶିଖାଏ। ଜୀବନ ସଂଘର୍ଷରେ ହରିଗଲେ ବଞ୍ଚିବାର ନୂଆ ରାହା ଦେଖାଏ।

ଗୋଟିଏ ଭଲ ବନ୍ଧୁ ବିପଦ ସମୟରେ ମନରେ ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ଆଣିବାରେ ସାହାଯ୍ୟ କରେ। ପ୍ରତି ମାର୍ଗରେ ସଚ୍ଚୋଟ ସାଥୀ ଭଳି ପାହାଡ଼ ପରି ଠିଆ ହୁଏ। ବନ୍ଧୁର ଉପସ୍ଥିତି ମନରେ ଉତ୍ସାହ, ଆନନ୍ଦ ଭରିଦିଏ। ତେଣୁ ବନ୍ଧୁଙ୍କ ଉପସ୍ଥିତି ଆମର ସମସ୍ତ ସକାରାତ୍ମକ ହରମୋନ୍ ଯଥା ଡୋପାମାଇନ୍ ଓ ଅକ୍ସିଟୋସିନ୍‌କୁ ବୃଦ୍ଧି କରେ। ଯାହାଫଳରେ ଆମର ମିଜାସ ଖୁସି ରହେ। ବାସ୍ତବ କର୍ମମୟ ଜଞ୍ଜାଳରୁ ସମୟ କାଢ଼ି ବନ୍ଧୁମିଳନ ଉପରେ ଟିକେ ସମୟ ଦେଲେ ଜୀବନଟା ସୁଖମୟ ରହିବ। ଏହି ବନ୍ଧୁମିଳନ ସୁସ୍ଥ ଓ ସୁଖୀ ଜୀବନ ପାଇଁ ପ୍ରେରଣା ଦିଏ। ବିଶ୍ୱାସର ବନ୍ଧନକୁ ଆହୁରି ମଜବୁତ କରେ ଏବଂ ମନ ମଧ୍ୟରେ ଆସ୍ଥା, ପ୍ରେରଣା ଓ ନୂଆ ଅଭିଜ୍ଞତା ଭରିଦିଏ।

# ରଙ୍ଗ ପାଇଁ କଥା ପଦେ

**ଅଲେଖ ଚନ୍ଦ୍ର ମିଶ୍ର**
ଭୁବନେଶ୍ୱର, ମୋ: ୯୪୩୮୬୭୩୮୯୮

କଳା ରଙ୍ଗକୁ ନେଇ କିଛି ଲୋକଙ୍କର ଏକ ନକାରାତ୍ମକ ମନୋଭାବ ରହିଛି। କେତେକ ବିକୃତ ମାନସିକତାର ଲୋକ କେବଳ ଦେହର ରଙ୍ଗକୁ ପ୍ରାଧାନ୍ୟ ଦେଇ ସେମାନଙ୍କର ଦାମ୍ପତ୍ୟ ଜୀବନକୁ ନଷ୍ଟ କରି ଦେଉଥିବାର ଦୃଷ୍ଟାନ୍ତ ବି ରହିଛି। ସେମାନେ ଜାଣି ପାରନ୍ତି ନାହିଁ ଯେ ନାରୀର ପ୍ରକୃତ ସୌନ୍ଦର୍ଯ୍ୟ ତା'ର ଦେହରେ ନୁହେଁ ତା'ର ଗୁଣ, ସ୍ୱଭାବ, ଚରିତ୍ର, ବ୍ୟବହାର ଓ ଚାଲିଚଳଣିରେ ଥାଏ। ସେଥିପାଇଁ ତ ଗୋ, କନ୍ୟା, ଭୂମି ଭାଗ୍ୟରେ ଥିଲେ ମିଳେ ବୋଲି ବିଶ୍ୱାସ ରହିଛି। ଅଥଚ ଝିଅଟିଏ ଜନ୍ମ ହେଲାବେଳେ ତା'ର ଗୋରା ରଙ୍ଗକୁ ଦେଖି ପିତାମାତା ଯେତିକି ଖୁସି ହୁଅନ୍ତି, କଳା ରଙ୍ଗ ଦେଖିଲେ ତା'ଠାରୁ କମ୍ ଖୁସି ହୁଅନ୍ତି। ଏପରିକି କାଳୀ ଝିଅଟିର ଶ୍ରଦ୍ଧା ନାମ, ଡାକ ନାମ ଓ ଭଲ ନାମ ସ୍ଥଳବିଶେଷରେ ରଙ୍ଗ ଅନୁସାରେ ହୋଇଥାଏ। ଯଥା - କାଳୀ, କୃଷ୍ଣା, ଶ୍ୟାମା, ଶ୍ୟାମଳୀ, କୋଇଲି, କାଜଲ, କାଇଁଚ ଇତ୍ୟାଦି। ପରିବାର, ପରିଜନ, ସାଇପଡ଼ିଶା, ବନ୍ଧୁବାନ୍ଧବ ଏ ସମସ୍ତଙ୍କର ସେହି ନାମ ଧରି ଡାକିବା ଦେହସୁହା ହୋଇଯାଏ। ବିବାହ ପାଇଁ କନ୍ୟା ଚୟନ କଲାବେଳେ ଝିଅଟି କଳା ରଙ୍ଗର ବୋଲି ଜାଣିଲେ କିମ୍ବା ଶୁଣିଲେ କିମ୍ବା ଦେଖିଲେ କିଛି ବର ଘରବାଲାଙ୍କର ମନ ଟିକେ ଊଣା ହୋଇଯାଏ। ବିବାହ ପରେ ବି କାଳୀ ରମଣୀଟିଏ ତା'ର ରଙ୍ଗ ପାଇଁ ଥଟ୍ଟା ମଜାରେ ମଝିରେ ମଝିରେ ହାଲୁକା ଟିପ୍ପଣୀ ଶୁଣିବାର ନଜିର ରହିଛି। ସଂକ୍ଷେପରେ କହିବାକୁ ଗଲେ ଅନେକ ଲୋକଙ୍କର ମନସ୍ତତ୍ତ୍ୱ ଏମିତି ଯେ କଳା ଓ ଗୋରା ମଧ୍ୟରେ ପସନ୍ଦ କରିବାକୁ ପଡ଼ିଲେ ସେମାନେ ବିନା ବିଚାରରେ ଗୋରା ଆଡ଼କୁ ହିଁ ଢଳନ୍ତି।

କଳା ରଙ୍ଗ ପ୍ରତି ଏଭଳି ଅପ୍ରିୟ ମନୋଭାବକୁ ଏକ ଦୁର୍ବଳତା ବୋଲି କୁହାଯାଇପାରେ। ଯଦି ପାଦଠାରୁ ମସ୍ତକ ପର୍ଯ୍ୟନ୍ତ ସର୍ବାଙ୍ଗ କେବଳ ଧଳା ରଙ୍ଗର ହୁଏ ତେବେ ସମୁଦାୟ ରୂପ କେମିତି କଦର୍ଯ୍ୟ ହେବ ଚିନ୍ତା କରନ୍ତୁ ତ। ଦେହର ଚର୍ମ ଯେତେ ଧଳା ହେଲେ ବି ମୁଣ୍ଡର କେଶ, ଦେହର ଲୋମ, ଭ୍ରୂଲତା, ଆଖିପତାର ଲୋମ, ଡୋଳା, ଏ ସବୁର କଳା ରଙ୍ଗ ହିଁ ସୌନ୍ଦର୍ଯ୍ୟର ପ୍ରତୀକ। ସେହିପରି କାଳିଜାଇଟିଏ ଥିଲେ ମୁଖ ଅଧିକ ଆକର୍ଷଣୀୟ ହୁଏ। ସେଥିପାଇଁ ତ କେତେକ ମୁହଁରେ କୃତ୍ରିମ ପଦାର୍ଥ ଦ୍ୱାରା କାଳିଜାଇ ଆଙ୍କନ୍ତି। ପ୍ରସାଧନ ମାଧ୍ୟମରେ ଆଖିରେ କଜ୍ଜ୍ୱଳ ଧାର ଓ କପାଳରେ କଜ୍ଜ୍ୱଳର ବିନ୍ଦୁଟିଏ ଟାଣନ୍ତି। ଛୋଟ ପିଲାଙ୍କୁ ଖରାପ ନଜରରୁ ରକ୍ଷା କରିବା ପାଇଁ ମଥାରେ କଜ୍ଜ୍ୱଳର ଟିପାଟିଏ ଲଗେଇ ଦିଆଯାଏ। ତା' ଛଡ଼ା ଗୋରା ଦେହକୁ ଅଧିକ ଆକର୍ଷଣୀୟ କରିବା ପାଇଁ କଳା ରଙ୍ଗର ପରିଚ୍ଛଦ, କଳା ଚଷମା, କଳା ଚୁଡ଼ି ଅଧିକ ପସନ୍ଦଯୋଗ୍ୟ ହୋଇଥାଏ।

ଏହା ଏକ ସାଧାରଣ କଥା ଯେ ରଙ୍ଗ ସହିତ ସୌନ୍ଦର୍ଯ୍ୟର ସମ୍ପର୍କ ନାହିଁ। ଅନୁପମ ସୌନ୍ଦର୍ଯ୍ୟର ଅଧିକାରିଣୀ ଦ୍ରୌପଦୀ ଈଷତ୍ ଶ୍ୟାମାଙ୍ଗୀ ଥିଲେ ବି ତାଙ୍କର ରୂପକୁ ଦେଖି ସ୍ୱୟମ୍ବରରେ ଉପସ୍ଥିତ ରାଜାମାନଙ୍କର ଚକ୍ଷୁ ନିଷ୍ପଲକ ହୋଇ ରହି ଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ସହସ୍ରଚକ୍ଷୁରେ ଦ୍ରୌପଦୀଙ୍କୁ ଦେଖିବା ପାଇଁ ଦେବରାଜ ଇନ୍ଦ୍ରଙ୍କୁ ତାଙ୍କ ଦେହରେ ଥିବା ସହସ୍ର ଆଖିକୁ ଉଧାର ଦେବା ପାଇଁ ପ୍ରାର୍ଥନା କରିଥିଲେ। କାରଣ ସେଭଳି ଶୋଭାକୁ ଦର୍ଶନ କରିବା ପାଇଁ ମାତ୍ର ଦୁଇଟି ଆଖି ସମର୍ଥ ନଥିଲା। ସେହିପରି ପୃଥିବୀକୁ ଧ୍ୱଂସମୁଖରୁ ରକ୍ଷା କରିବା ପାଇଁ ଶକ୍ତିସ୍ୱରୂପିଣୀ ମାଆ ଯେଉଁ ରୂପ ଧାରଣ କରିଥିଲେ ତାହା କଳା ରଙ୍ଗର ଥିଲା(ମହାକାଳୀ)। ଆମ ଜଗନ୍ନାଥ ବି ତ କଳା। ଏହାଛଡ଼ା ରୌଦ୍ର ତାପରେ ଶ୍ୱେତଚର୍ମରେ ଜ୍ୱଳନ ଅନୁଭୂତ ହେଉଥିବା ବେଳେ କୃଷ୍ଣଚର୍ମ ଉପରେ କିଛି ପ୍ରଭାବ ପଡ଼େନା। ତେଣୁ ହୁଏତ କୁହା ଯାଇଅଛି - କୂପୋଦକ ବଟଛାୟା ଶ୍ୟାମା ସ୍ତ୍ରୀ ଇଷ୍ଟକାଳୟଂ ଶୀତକାଳେ ଭବେଦୁଷ୍ଣ ଗ୍ରୀଷ୍ମେ ଚ ଶୀତଳମ୍ ଭବେତ୍।'

ଅତଏବ କଳା ରଙ୍ଗର ଆବଶ୍ୟକତା ଅଛି ଓ ଆଦର ରହିଛି; କାରଣ ତା' ବିନା ସୌନ୍ଦର୍ଯ୍ୟ ଅସମ୍ପୂର୍ଣ୍ଣ। ସମୟଚକ୍ରରେ ଯୌବନ ଚାଲିଯାଏ। ରୂପମଳିନ ହୋଇଯାଏ। ରଙ୍ଗ ଫିକା ପଡ଼ିଯାଏ। ମାତ୍ର ଅନ୍ତର ଭିତରେ ଥିବା ସଦଗୁଣ ବଞ୍ଚିଥିବା ଯାଏଁ ରହିଥାଏ। ଅତଏବ ନାରୀର ବାସ୍ତବ ସୌନ୍ଦର୍ଯ୍ୟ ତା'ର ରୂପ, ରଙ୍ଗ କିମ୍ବା ଦେହରେ ନୁହେଁ, ଅନ୍ତରରେ ଥାଏ। ଏତିକି ବୁଝିପାରିଲେ ରଙ୍ଗ ପାଇଁ ଥିବା ଭ୍ରମ ଆପେ ଦୂରେଇ ଯିବ।

## ଲୋକମତ

### ବନାଗ୍ନି ରୋକିବା ପାଇଁ ସତର୍କତାମୂଳକ ପଦକ୍ଷେପ ଜରୁରୀ

ଆମ ରାଜ୍ୟରେ ଧୀରେଧୀରେ ଗରମ ଅନୁଭୂତ ହେଲାଣି। ଏପର୍ଯ୍ୟନ୍ତ ଆଶାନୁରୂପ ବର୍ଷା ମଧ୍ୟ ହୋଇନାହିଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ରାଜ୍ୟରେ ଥିବା ବନାଞ୍ଚଳମାନଙ୍କରେ ଶୁଖିଲା ପତ୍ର, କାଠି, ଶିମୁଳି ତୁଳା ଆଦି ଅନେକ 'ନିଆଁକୁ ଘିଅ ଢାଳିବା' ପରି ଅବସ୍ଥା ସୃଷ୍ଟି କଲେଣି। ବିଗତ ବର୍ଷମାନଙ୍କରେ ହୋଇଥିବା ବାନଗ୍ନି ସମସ୍ୟା ତୁଳନାରେ ଏବର୍ଷ ଏପର୍ଯ୍ୟନ୍ତ ଏହାର ମାତ୍ରା କମ ଅଛି। କିନ୍ତୁ ସ୍ଥାନୀୟ ଲୋକମାନଙ୍କ ସହିତ ସରକାରୀ କଳ ମଧ୍ୟ ଏଥିପାଇଁ ସଜାଗ ରହିବା ଦରକାର। ଏ ବର୍ଷ ନିର୍ବାଚନ ହେବାକୁ ଥିବାରୁ ଜନତାଙ୍କଠାରୁ ନେତା, ମନ୍ତ୍ରୀଙ୍କଠାରୁ ଯନ୍ତ୍ରୀ ଏବଂ ଅନ୍ୟାନ୍ୟ ସରକାରୀ କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହିବେ। ଯାହାଫଳରେ ବନାଗ୍ନି ପ୍ରତି କାହାର ନିଘା ରହିବ ନାହିଁ। ଏହି ପରିପ୍ରେକ୍ଷୀରେ ଜଙ୍ଗଲ କର୍ମଚାରୀମାନଙ୍କୁ ନିର୍ବାଚନ କାମରେ ନଲଗାଇ ଏବେଠାରୁ ବନାଗ୍ନି ନିରୋଧ, ନିୟନ୍ତ୍ରଣ ଏବଂ ନିର୍ବାପନ କାର୍ଯ୍ୟରେ ଲଗାଇବା ପାଇଁ ପ୍ରସ୍ତୁତିପର୍ବ ଆରାମ ହେଉ। କାରଣ, ଆମକୁ କୌଣସି ମୁହୂର୍ତ୍ତରେ ବନାଗ୍ନିକୁ ସାମ୍ନା କରିବାକୁ ପଡ଼ିପାରେ। ଏତଦବ୍ୟତୀତ ବିଭିନ୍ନ ସତର୍କତା ଏବଂ ପ୍ରତିଷେଧକମୂଳକ କାର୍ଯ୍ୟକ୍ରମଗୁଡ଼ିକ ହାତକୁ ନେବାର ସମୟ ଉପଗତ।

**ଡ ସୀତାକାନ୍ତ ତ୍ରିପାଠୀ, ଭଦ୍ରକ**

### ଗାଡ଼ି ଚକାତଳେ ବନ୍ୟଜନ୍ତୁଙ୍କ ଜୀବନ ନ ଯାଉ

ଏବେ ଚାଲିଛି ପର୍ଯ୍ୟଟନ ଋତୁ। ଆନ୍ତର୍ଜାତିକ ପର୍ଯଟନ ସ୍ଥଳ ମରାଳ ମାଳିନୀ ଚିଲିକାରେ ନୌବିହାର, ବିରଳ ଇରାଓଡି ଡଲଫିନର ଜଳକ୍ରୀଡ଼ା, ଦେଶୀବିଦେଶୀ ବିହଗଙ୍କ ସମାଗମ ଓ କଳରବରେ ଦେଖିବାକୁ ଓ ଶୁଣିବାକୁ ଦେଶବିଦେଶରୁ ଧାଇଁ ଆସୁଛନ୍ତି ସହସ୍ର ସହସ୍ର ପର୍ଯ୍ୟଟକ। ତା' ସହିତ ବଢ଼ିଚାଲିଛି ଯାନବାହନ ସଂଖ୍ୟା। କିନ୍ତୁ ପର୍ଯ୍ୟଟକଙ୍କ ବହୁଳ ସମାବେଶ ପରିବେଶ ପ୍ରତି ବିପଦ ସୃଷ୍ଟି କରୁଛି। ନିଶାଗ୍ରସ୍ତ ହୋଇ ବେଲଗାମ ଦ୍ରୁତଗାଡ଼ି ଚାଳନା ଯୋଗୁଁ ବହୁ ବନ୍ୟଜନ୍ତୁଙ୍କ ଜୀବନ ଯାଉଛି। ପୁରୀ - ସାତପଡ଼ା ୩୧୬ ନମ୍ବର ଜାତୀୟ ରାଜପଥ ସୁନାମୁହିଁଠାରୁ ସାତପଡ଼ା ପର୍ଯ୍ୟନ୍ତ ଚିଲିକା ମଧ୍ୟ ଦେଇ ଯାଇଛି। ଜୈବବିବିଧତାର ଭରପୂର ସମ୍ଭାରରେ ସମୃଦ୍ଧ ଏହି ଅଞ୍ଚଳ। ବିବିଧ ପ୍ରକାର ସାପ, ଗୋଧି, ଏଣ୍ଡୁଅ, ନେଉଳ, ଠେକୁଆ, ଶାଳିଆପତନୀ, ଓଧ, କୋକିଶିଆଳି, ଶୃଗାଳ, ବଣଭୂଆ, ବାଘାଡି, ବାଘଟା, ଝିଙ୍କ, ଗାଡ଼ଭାଲୁ, ବାରହା, କଇଁଛ, ବିରଳ ବେଙ୍ଗ, ମୂଷା ଆଦି ବିରଳ ପ୍ରଜାତିର ଜୀବ ଖାଦ୍ୟ ଅନ୍ୱେଷଣରେ ରାସ୍ତା ପାର ହୁଅନ୍ତି। କିନ୍ତୁ ବେପରୁଆ ଗାଡ଼ିଚାଳନା ଯୋଗୁଁ ଏମାନଙ୍କ ଜୀବନ ଯାଉଥିବା ଦେଖାଯାଉଛି। ଏହିପରି ଅନେକ ପ୍ରଜାତି ଲୋପ ପାଇଲାଣି। ଏବେ ଆମକୁ ସଚେତନ ହେବାକୁ ପଡ଼ିବ। ଆମ ଗାଡ଼ିର ଆପେକ୍ଷିକ ବେଗ ସହ ବନ୍ୟଜନ୍ତୁ ତାଳଦେଇ ରାସ୍ତା ପାରିହେବାରେ ଅଭ୍ୟସ୍ତ ନୁହନ୍ତି। ଏଣୁ ପର୍ଯ୍ୟଟକଙ୍କୁ ଆଣୁଥିବା ଗାଡ଼ିଚାଳକ ଏଥିପାଇଁ ସଚେତନ ହେଲେ କିଛି ନିରୀହ ଜୀବ ରକ୍ଷା ପାଇପାରିବେ ବୋଲି ଆଶା।

**କାଶୀନାଥ ନାୟକ**
**ବ୍ରହ୍ମଗିରି, ମୋ: ୯୯୩୭୫୭୬୧୬୮**

**ଘୋଷଣା**

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com





ଶୁକ୍ରବାର ନବୀନ ନିବାସରେ ବିଭିନ୍ନ ସଂଗଠନ କର୍ମକର୍ତ୍ତା ଓ ନେତୃବୃନ୍ଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟୁଛନ୍ତି

# ତାତିରୁ ସାମୟିକ ଆଶ୍ୱସ୍ତି

ଭୁବନେଶ୍ୱର, ୨୩।୨(ସମିସ): ରାଜ୍ୟରେ ଟାଣଖରାରୁ ସାମୟିକ ଆଶ୍ୱସ୍ତି ମିଳିଛି। ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ଶୁକ୍ରବାର ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ତଳମୁହାଁ ହୋଇଛି। କେବଳ ଗୋଟିଏ ସହର ତାପମାତ୍ରା ୩୫ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ବାକି ସବୁ ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ ତଳେ ରହିଛି। ପାରଳାଖେମୁଣ୍ଡିରେ ତାପମାତ୍ରା ୩୫.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଏହା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ରାଜଧାନୀ ଭୁବନେଶ୍ୱର ତାପମାତ୍ରା ୩୨.୮ ଡ଼ିଗ୍ରୀ ରେକର୍ଡ ହୋଇଥିବା ବେଳେ କଟକରେ ୩୨.୦ ଡିଗ୍ରୀ ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟରେ ଏଭଳି ସ୍ଥିତି ଆଗାମୀ ୫-୬ ଦିନ ପର୍ଯ୍ୟନ୍ତ ଜାରି ରହିବ। ଏହି ସମୟରେ କିଛି କିଛି ଅଞ୍ଚଳରେ ବର୍ଷା ସାଙ୍ଗକୁ କୋହଲା ପାଗ ଲାଗି ରହିବ। ଏହି କ୍ରମରେ ଶନିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ ବୌଦ୍ଧ ଆଦିରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

# ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହାର

ଭୁବନେଶ୍ୱର, ୨୩।୨(ସମିସ): ଆନ୍ଦୋଳନରୁ ଓହରିଲେ ଅଗ୍ନିଶମ କର୍ମଚାରୀ। ଦୁଇ ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବା ଅଗ୍ନିଶମ କର୍ମଚାରୀ ଆସନ୍ତାକାଲିଠାରୁ କାର୍ଯ୍ୟରେ ଯୋଗ ଦେଉଛନ୍ତି। ପୂର୍ବରୁ ଆନ୍ଦୋଳନକାରୀଙ୍କ ପାଇଁ ଏସ୍‌ମା ଲାଗୁ ଚେତାବନୀ ସହ ଏହାର ନେତୃତ୍ୱ ନେଉଥିବା ମୁଖ୍ୟ ଆଗ୍ନିକ ଅକ୍ଷୟ ପ୍ରଧାନଙ୍କୁ ବାଧ୍ୟତାମୂଳକ ଅବସର ଭଳି କଡ଼ା କାର୍ଯ୍ୟାନୁଷ୍ଠାନ ପରେ ଆଜି ସମସ୍ତ କର୍ମଚାରୀମାନେ ଆନ୍ଦୋଳନକୁ ପ୍ରତ୍ୟାହାର କରିଛନ୍ତି। ବାଧ୍ୟତାମୂଳକ ଅବସର ଦିଆଯାଇଥିବା ମୁଖ୍ୟ ଆଗ୍ନିକ ଅକ୍ଷୟ ପ୍ରଧାନ ଏହା ବିରୋଧରେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି।

# ଓଇଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୨୩।୨(ସମିସ): ଓଡ଼ିଶା ଶିକ୍ଷା ସେବା(ଓଇଏସ୍) ଅଧିକାରୀ ସ୍ତରରେ ବଡ଼ ଧରଣର ଅଦଳବଦଳ କରାଯାଇଛି। ଗଣଶିକ୍ଷା ବିଭାଗ ପକ୍ଷରୁ ହୋଇଥିବା ନିର୍ଦ୍ଦେଶନାମା ଜରିଆରେ ୧୮ ଜଣ ଓଡ଼ିଶା ଶିକ୍ଷା ସେବା ଅଧିକାରୀଙ୍କ ବଦଳି ହୋଇଛି। ତନ୍ମଧ୍ୟରେ ଓଡ଼ିଶା ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା)ର ସହକାରୀ ନିର୍ଦ୍ଦେଶକ ଥିବା ସିଏଚ୍ ବିଜୟଲକ୍ଷ୍ମୀଙ୍କୁ ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇନାହିଁ। ଅନୁରୂପ ଭାବେ ଗୁରୁବାର ୨୭ ଜଣ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ(ଏବିଇଓ)ଙ୍କ ପଦୋନ୍ନତି ହୋଇଛି। ଏହାବ୍ୟତୀତ ଅନ୍ୟ ୭ଜଣ ଓଇଏସ୍ ଅଧିକାରୀ ପଦୋନ୍ନତି ପାଇଛନ୍ତି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଟ୍ରକ୍ ଧକ୍କାରେ ବାପ-ପୁଅ ମୃତ

## ଖବର ଶୁଣି ହୃଦ୍‌ଘାତରେ ବଡ଼ବାପାଙ୍କ ମୃତ୍ୟୁ

କେନ୍ଦୁଝର/ଢେଙ୍କିକୋଟ, ୨୩।୨ (ସମିସ): ଅକାଳରେ ଚାଲିଗଲା ୩ ଜୀବନ। ଦୁର୍ଘଟଣାରେ ବାପା-ପୁଅଙ୍କ ମୃତ୍ୟୁ ଖବର ଶୁଣି ଘରେ ଥିବା ବଡ଼ବାପାଙ୍କ ହୃଦ୍‌ଘାତରେ ମୃତ୍ୟୁ ହେବା ଭଳି ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲାରେ। ସୂଚନାନୁସାରେ, କେନ୍ଦୁଝର ପଟୁ ଆସୁଥିବା ଏକ ଲୁହାରଡ୍ ବୋଝେଇ ମିନି ଟ୍ରକ୍ (ଓଡି ୦୯ ଏଏ ୧୧୬୬) ପିପିଳିଆ ଛକ ନିକଟରେ ଓଡି୦୯ୱାଇ ୨୨୬୭ ନମ୍ବର ବିଶିଷ୍ଟ ଏକ ସ୍କୁଟି ସହ ଧକ୍କା ହୋଇଥିଲା। ଏଥିରେ ସ୍କୁଟିରେ ଥିବା ସଦର ବ୍ଲକ ବାରିଙ୍ଗା ଗ୍ରାମର ଯାତ୍ରା ପଡ଼ିଆ ନିକଟରେ ରହୁଥିବା କାଣ୍ଡେ ମୁଣ୍ଡା (୫୩) ଓ ତାଙ୍କ ପୁଅ ଲକ୍ଷ୍ମଣ ମୁଣ୍ଡା (୩୨)ଙ୍କ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଢେଙ୍କିକୋଟ ପୁଲିସ ସେମାନଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସ ସହାୟତାରେ କେନ୍ଦୁଝର ଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତରଖାନା ପହଞ୍ଚିବା ବେଳକୁ ଉଭୟଙ୍କର ମୃତ୍ୟୁ ହୋଇସାରିଥିଲା। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ତେବେ ଏହି ଦୁଃଖଦ ଖବର ଶୁଣିବା ପରେ କାଣ୍ଡେଙ୍କ ବଡ଼ଭାଇ ସମରା ମୁଣ୍ଡା (୫୫)ଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ପିପିଳିଆ ଛକରେ ଉତ୍ତ୍ୟକ୍ତ ଲୋକେ ୨ଘଣ୍ଟା ଧରି ରାସ୍ତାରୋକ କରିଥିଲେ। ଘଟଗାଁ ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ର, ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୁଇ, ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାୟକ, ସୁରଥ ଦେହୁରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା ପରେ ରାସ୍ତା ଅବରୋଧ ହଟିଥିଲା।

# ହତ୍ୟାକାରୀକୁ ଆଜୀବନ

ଖୋର୍ଦ୍ଧା, ୨୩।୨ (ସମିସ): ଏକ ହତ୍ୟା ମାମଲାର ବିଚାର କରି ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅଜୟ କୁମାର ପ୍ରଧାନ ଶୁକ୍ରବାର ଅଭିଯୁକ୍ତ କୃତ୍ତିବାସ ପାଇକରାୟ ଓରଫ ଭିକୁକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ହେଲେ, ୧ବର୍ଷ ଅଧିକ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସୂଚନା ମୁତାବକ, ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ତାଳପଡ଼ା ଗୋଠପଡ଼ିଆଠାରେ ଗତ ୨୦୧୮ ଜାନୁଆରୀ ୨୦ରେ ଟାଙ୍ଗି ବ୍ଲକର ଗ୍ରାମସେବକମାନେ ଆସି ଧାଡିରୁଆ ଓ ଚାଷ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଉଥିଲେ। କୃତ୍ତିବାସ ହଠାତ ସେଠାରେ ପହଞ୍ଚି ସେମାନଙ୍କୁ ଗାଳିଗୁଲଜ କରିବା ସହ ବଡ଼ପୋଖରିଆ ପଞ୍ଚାୟତର ଗ୍ରାମ ସେବକକୁ ଧକ୍କା ମାରିଥିଲା। ସେଠାରେ ଉପସ୍ଥିତ ଥିବା ଚରଣ ବେହେରା ଏହାର ପ୍ରତିବାଦ କରିବାରୁ କୃତ୍ତିବାସ ପକେଟ୍‌ରୁ ଏକ ଛୁରି ବାହାର କରି ଚରଣଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଗୁରୁତର ଚରଣଙ୍କୁ ଖୋର୍ଦ୍ଧା ଜିଲ୍ଲା ସରକାରୀ ଗୋପବନ୍ଧୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିରାକାରପୁର ପୁଲିସ ଚରଣଙ୍କ ଭାଇ ପଙ୍କଜ ପ୍ରଧାନଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ କରି କୃତ୍ତିବାସକୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଅନୀଲ କୁମାର ପଟ୍ଟନାୟକ ଓ ରଜନୀକାନ୍ତ ପଟ୍ଟନାୟକ ମକଦ୍ଦମା ପରିଚାଳନା କରୁଥିଲେ।

# ପତ୍ନୀହନ୍ତାକୁ ଆଜୀବନ

ଜଗତସିଂହପୁର/ପାରାଦୀପ, ୨୩।୨ (ସମିସ): ଜଗତସିଂହପୁର ଜିଲ୍ଲା ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ବିଶ୍ୱାଳୀ ଗ୍ରାମରେ ୨୦୧୬ ମସିହାରେ ଘଟିଥିବା ଅମିତା ପରିଡ଼ା ହତ୍ୟାକାଣ୍ଡ ମାମଲାର ରାୟ ଆଜି ପ୍ରକାଶ ପାଇଛି। କୁଜଙ୍ଗ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ପାର୍ଥ ସାରଥୀ ପଟ୍ଟନାୟକଙ୍କ କୋର୍ଟ ମୃତକଙ୍କ ସ୍ୱାମୀ ତଥା ଅଭିଯୁକ୍ତ ପ୍ରକାଶ ପରିଡ଼ାକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ, ଉକ୍ତ ଥାନା ଅଞ୍ଚଳର ବଗଦିଆ ଗ୍ରାମର ଅମିତା ପରିଡ଼ା (୩୭) ବିଶ୍ୱାଳୀ ଗ୍ରାମର ପ୍ରକାଶ ପରିଡ଼ାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ଏକ ପୁଅ ଓ ଝିଅ ଥିବା ବେଳେ ଶ୍ୱଶୁର ଘର ଘରଢିହ ବିକି ଟଙ୍କା ଆଣିବାକୁ ପ୍ରକାଶ ସ୍ତ୍ରୀକୁ ବାଧ୍ୟ କରିବା ସହିତ ବାରମ୍ବାର ଶାରୀରିକ ଓ ମାନସିକ ଭାବରେ ନିର୍ଯାତନା ଦେଉଥିଲା। ୨୦୧୬ ମେ' ୫ତାରିଖ ଦିନ ସେ ଅମିତାଙ୍କୁ ହତ୍ୟା କରି ପ୍ରମାଣ ନଷ୍ଟ କରିବାକୁ ନିଜ ଗଧୁଆ ଘରେ ପୋଡ଼ି ଦେଇଥିଲା। ଏନେଇ ମୃତ ଅମିତାଙ୍କ ଦାଦା ପୁଅ ଭାଇ ଟଗର ବେହେରା ଅଭୟଚାନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସରକାରଙ୍କ ପକ୍ଷରୁ ଆଇନଜୀବୀ ଜୋନାଲିନ ରାଉତ ଓ ଦେବାଶିଷ କଣ୍ଟ ମାମଲା ପରିଚାଳନା କରୁଥିଲେ।

# ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର, ୨୩।୨(ସମିସ): ଆଗାମୀ ସାଧାରଣ ନିର୍ବାଚନକୁ ତୃଣମୂଳ ସ୍ତରରୁ ଉଚିତ ରୂପେ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଉଛି। ନିର୍ବାଚନକୁ ଦୃଷ୍ଟିରେ ରଖି ରାଜର ବିଭିନ୍ନ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ଆରମ୍ଭ ହୋଇସାରିଥିବା ବେଳେ ଶୁକ୍ରବାର ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସମୀକ୍ଷା କରିଛନ୍ତି। ଶ୍ରୀ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଯୋଗଦେବା ସହ ନିଜ ନିଜ ଜିଲ୍ଲାମାନଙ୍କର ନିର୍ବାଚନ ପ୍ରସ୍ତୁତିର ବିଭିନ୍ନ ଦିଗ ବିଷୟରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଥିଲେ। ନିର୍ବାଚନ ପ୍ରକ୍ରିୟାରେ ମତଦାତା ହେଉଛନ୍ତି ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ତେଣୁ ସେମାନଙ୍କୁ କେନ୍ଦ୍ରରେ ରଖି ସ୍ୱଚ୍ଛତାର ସହ ସମସ୍ତ ପ୍ରସ୍ତୁତି କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରଯୁକ୍ତି ଜ୍ଞାନକୌଶଳକୁ ଆଗାମୀ ନିର୍ବାଚନରେ ବହୁ ଗୁରୁତ୍ୱ ଦିଆଯାଉଛି। ଏଣୁ ସମସ୍ତ ଜିଲ୍ଲାରେ ବିଭିନ୍ନ ପ୍ରଯୁକ୍ତି ଜ୍ଞାନକୌଶଳ ବ୍ୟବହାର କରାଯିବ। ସେହି ଅନୁସାରେ ମାନବ ସମ୍ବଳର ବିନିଯୋଗ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୧୯୫୦ ଟୋଲ ଫ୍ରି ନମ୍ବରକୁ ସର୍ବଦା କାର୍ଯ୍ୟକ୍ଷମ ରଖିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ସମଗ୍ର ନିର୍ବାଚନ ପ୍ରକ୍ରିୟାରେ ବିଏଲ୍‌ଓମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ରୂପେ ଅବିହିତ କରି ମୁଖ୍ୟ ନିର୍ବାଚନ ଅଧିକାରୀ ସେମାନଙ୍କୁ ଗଣତନ୍ତ୍ରର ସଜାଗ ପ୍ରହରୀ ବୋଲି କହିଛନ୍ତି। ଏହାସହ ଜିଲ୍ଲା ପ୍ରଶାସନ ପୋଷ୍ଟାଲ ବାଲଟ୍‌କୁ ସମ୍ପୂର୍ଣ୍ଣ ସତର୍କତା ସହ ଛପିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମୀକ୍ଷା ପରେ ବିଭିନ୍ନ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳମାନେ ନିଜ ନିଜ ଜିଲ୍ଲାର ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଓ ସମସ୍ୟା ବିଷୟରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଥିଲେ। ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍ ଥିରୁମାଲା ନାଏକଙ୍କ ସହ ଅନ୍ୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଅମୃତ ଭାରତ ରେଳଷ୍ଟେସନ ନବୀକରଣରେ ଆଉ ୨୧ ଷ୍ଟେସନ ସାମିଲ

ଭୁବନେଶ୍ୱର, ୨୩।୨ (ସମିସ): ଦେଶର ରେଳ ଭିତ୍ତିଭୂମିରେ ବ୍ୟାପକ ପରିବର୍ତ୍ତନ ଆଣିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୬ ଫେବୃଆରୀରେ ୫୫୪ଟି ରେଳ ଷ୍ଟେସନ ଓ ୧୫୦୦ ଆରଓବି/ଆରୟୁବି ପ୍ରକଳ୍ପର ନବୀକରଣ ପାଇଁ ଶିଳାନ୍ୟାସ କରିବେ। ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର ମନୋଜ ଶର୍ମା ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ୨୧ଟି ଅମୃତ ଭାରତ ରେଳ ଷ୍ଟେସନର ଶିଳାନ୍ୟାସ କରାଯିବ। ସେଥିପାଇଁ ସମୁଦାୟ ୯୦୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଏହି ତାଲିକାରେ ବିମଳାଗଡ଼, ଜରୋଳି, ରାଇରଙ୍ଗପୁର, ପାନପୋଷ, ବାଲେଶ୍ୱର, ବେତନଟଣୀ, ସମ୍ବଲପୁର ସିଟି, ଝାରସୁଗୁଡ଼ା ରୋଡ୍, ଟିଟିଲାଗଡ଼, କେସିଙ୍ଗା, ରାୟଗଡ଼ା, ପାରଳାଖେମୁଣ୍ଡି, କୋରାପୁଟ, ଜୟପୁର, ତାଳଚେର, ରଘୁନାଥପୁର, ପାରାଦୀପ, କେନ୍ଦୁଝରଗଡ଼, ଭଦ୍ରକ, ବେଲପାହାଡ଼ ଓ ବ୍ରଜରାଜନଗର ଭଳି ପ୍ରମୁଖ ଷ୍ଟେସନ ରହିଛି।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଓଡ଼ିଶା ଲେଡି ମାଟ୍ରନ୍ ମହାସଂଘ

ଭୁବନେଶ୍ୱର, ୨୩।୨ (ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ମହିଳାମାନଙ୍କର ଉନ୍ନତି ନିମନ୍ତେ ମିଶନ ଶକ୍ତି ଜରିଆରେ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଅନେକଗୁଡ଼ିଏ ଯୋଜନା କରି ଦେଶରେ ଉଦାହରଣ ସୃଷ୍ଟି କରିପାରିଛନ୍ତି। ବିଶେଷକରି ଆଦିବାସୀ ଅଞ୍ଚଳରେ ବସବାସ କରୁଥିବା ୫୦ ଲକ୍ଷରୁ ଅଧିକ ମହିଳା ଓ ଛାତ୍ରଛାତ୍ରୀମାନଙ୍କର ପୁଷ୍ଟିହୀନତା ଦୂର କରିବା, ମାଗଣାରେ ଛାତ୍ରଛାତ୍ରୀଙ୍କୁ ହଷ୍ଟେଲରେ ରଖିବା ଓ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେବା ସଙ୍ଗେସଙ୍ଗେ ସମସ୍ତଙ୍କୁ ମାଗଣରେ ପଢ଼ାଇବା ବ୍ୟବସ୍ଥା କରିଛନ୍ତି। ଯେଉଁ ଛାତ୍ରୀମାନଙ୍କୁ ଛାତ୍ରୀନିବାସରେ ରଖାଯାଇଛି, ସେମାନଙ୍କର ଯତ୍ନ ନେବା ଓ ଦେଖାଶୁଣା କରିବା ପାଇଁ ପ୍ରତ୍ୟେକ ହଷ୍ଟେଲରେ ଜଣେ ଲେଖାଏଁ ମହିଳାଙ୍କୁ ମାଟ୍ରନ୍ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ଦାବି ପ୍ରତି ସହାନୁଭୂତିର ସହିତ ବିଚାର କରି ମାସିକ ବେତନ ୧୫ହଜାରକୁ ବୃଦ୍ଧି କରିବା, ଅବସରକାଳୀନ ସୁବିଧା ୧ଲକ୍ଷ ଟଙ୍କା ଓ କାର୍ଯ୍ୟରତ ମାଟ୍ରନ୍ ମୃତ୍ୟୁବରଣ କଲେ ତାଙ୍କ ପରିବାରବର୍ଗଙ୍କୁ ୨ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ସେଥିପାଇଁ ରାଜ୍ୟ ଓଡ଼ିଶା ମହାସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ସଭାପତି ଝରଣା ମହାନ୍ତ, ଯୁଗ୍ମ ସମ୍ପାଦିକା ପୁଷ୍ପଲତା ମହାନ୍ତ, କାର୍ଯ୍ୟକାରୀ ସଭାପତି ନାଗିଆ ଓରାମ ପ୍ରମୁଖ ବିଭିନ୍ନ ଜିଲ୍ଲାରୁ ଆସିଥିବା ମାଟ୍ରନ୍‌ମାନେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ପରୀକ୍ଷା ଚାପ, ଫଳାଫଳ ନେଉଛି ଜୀବନ

ଭୁବନେଶ୍ୱର, ୨୩।୨ (ସମିସ): ପରୀକ୍ଷା ଚାପ ଏବଂ ଫଳାଫଳ ନେଉଛି ଛାତ୍ରଛାତ୍ରୀଙ୍କ ଜୀବନ। ପରୀକ୍ଷାରେ ବିଫଳ ହେଲେ କ'ଣ କରିବି, ପରିବାରଲୋକ, ସାଇପଡ଼ିଶା ଓ ସାଙ୍ଗସାଥୀ କ'ଣ କହିବେ; ଏହି କଥା ଭାବି ଭାବି ଅନେକ ବିଦ୍ୟାର୍ଥୀ ନିଜ ଜୀବନ ହାରୁଛନ୍ତି। ଗତ ସପ୍ତାହକ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏପରି ଅଘଟଣ ଦେଖିବାକୁ ମିଳିଛି। ଆଜିକୁ ମିଶାଇ ସପ୍ତାହକ ଭିତରେ ୩ଜଣ ଛାତ୍ର ଆତ୍ମହତ୍ୟା କରିଛନ୍ତି। କପି କରି ଧରାପଡ଼ିବାରୁ ଆଜି ବ୍ରହ୍ମପୁରର ଜଣେ +୨ଛାତ୍ର ଆତ୍ମହତ୍ୟା କରିଛନ୍ତି। ସେହିପରି ଇଂରାଜୀ ପରୀକ୍ଷା ଦେବା ପୂର୍ବରୁ ଆଜି ଭଦ୍ରକ ଜିଲ୍ଲା ଧାମନଗରର ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଅପରପକ୍ଷେ ଦୁଇ ଦିନ ତଳେ ମୟୂରଭଞ୍ଜ ଜିଲ୍ଲାରେ ଦଶମ ପରୀକ୍ଷା ଦେଉଥିବା ଆଉ ଜଣେ ଛାତ୍ର ଆତ୍ମହତ୍ୟା କରିଥିଲେ। ପରୀକ୍ଷାରେ ଫେଲ ହୋଇଯିବା ଭୟରେ ସେ ଆତ୍ମହତ୍ୟା କରିଥିବା ପରିବାରଲୋକେ କହିଛନ୍ତି। ଏଭଳି ଘଟଣା ଅଭିଭାବକ ତଥା ଶିକ୍ଷକମହଲରେ ଚିନ୍ତା ବଢ଼ାଇଛି।

**ସପ୍ତାହକରେ ଜୀବନ ହାରିଲେଣି ୩ ଛାତ୍ର**

**୫ ବର୍ଷରେ ୩୭୭ଜଣ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା**

ଅନ୍ୟପକ୍ଷରେ ଏନ୍‌ସିଆରବି ରିପୋର୍ଟ ଉପରେ ନଜର ପକାଇଲେ, ଏଭଳି ଘଟଣା ରାଜ୍ୟରେ ଉଦ୍‌ବେଗଜନକ ଭାବେ ବଢ଼ି ଚାଲିଛି। ଗତ ୫ ବର୍ଷରେ ରାଜ୍ୟରେ ୩୭୭ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ୨୦୨୧ରେ ସର୍ବାଧିକ ୧୩୫ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବା ବେଳେ କୋଭିଡ୍ ସମୟରେ ୨୦୨୦ ଏବଂ୨୦୨୨ରେ କମ୍ ସଂଖ୍ୟକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିଲେ। ୨୪୧ଜଣ ଛାତ୍ର ଆତ୍ମହତ୍ୟା କରିଥିବା ବେଳେ ୧୩୪ଜଣ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି।

୨୦୧୮ ମସିହାରେ ୧୧୪ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବା ବେଳେ ସେଥିରୁ ୫୬ଜଣ ଛାତ୍ର ଓ ୫୮ଜଣ ଛାତ୍ରୀ ଥିଲେ। ସେହିପରି ୨୦୧୯ରେ ୭୪ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବା ବେଳେ ସେଥିରେ ୫୬ ଛାତ୍ର ଓ ୧୮ ଛାତ୍ରୀ ଥିଲେ। ୨୦୨୦ ମସିହାରେ ୧୭ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବା ବେଳେ ସେଥିରେ ୯ ଜଣ ଛାତ୍ର ଥିବା ବେଳେ ୮ଜଣ ଛାତ୍ରୀ ଥିଲେ। ସେହିପରି ୨୦୨୧ରେ ୧୩୫ଜଣ ଆତ୍ମହତ୍ୟା କରିଥିଲେ। ସେମାନଙ୍କ ମଧ୍ୟରୁ ୧୦୨ଜଣ ଛାତ୍ର ଥିବା ବେଳେ ୩୩ଜଣ ଛାତ୍ରୀ ଥିଲେ। ୨୦୨୨ରେ ୧୮ ଛାତ୍ର ଓ ୧୯ ଛାତ୍ରୀ ମିଶାଇ ମୋଟ ୩୭ ବିଦ୍ୟାର୍ଥୀ ଆତ୍ମହତ୍ୟା କରିଥିଲେ।

ଏ ସଂପର୍କରେ ମାନସିକ ରୋଗ ବିଶେଷଜ୍ଞ ରାଜେଶ ବେହେରା କହିଛନ୍ତି ଯେ ପରୀକ୍ଷା ଚାପ ପରିଚାଳନାରେ ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ଏକ ବଡ଼ ଭୂମିକା ରହିଛି। ଛାତ୍ରଛାତ୍ରୀମାନେ କିଭଳି ଚାପମୁକ୍ତ ହୋଇ ପରୀକ୍ଷା ଦେବେ, ସେ ସଂପର୍କରେ ତାଙ୍କୁ ଉପଯୁକ୍ତ ପରାମର୍ଶ ଦେବା ସହ ଆବଶ୍ୟକସ୍ଥଳେ କାଉନସେଲିଂ କରିବା ଆବଶ୍ୟକ। ସେହିପରି ପରୀକ୍ଷା ଫଳାଫଳରେ ବ୍ୟସ୍ତବିବ୍ରତ ନହେବାକୁ ଛାତ୍ରଛାତ୍ରୀମାନଙ୍କୁ ବୁଝାଇବା ଆବଶ୍ୟକ ବୋଲି ସେ କହିଛନ୍ତି।

## ପରୀକ୍ଷା ଖରାପ ହେବାରୁ +୨ ଛାତ୍ରଙ୍କ ଆତ୍ମହତ୍ୟା

ବ୍ରହ୍ମପୁର, ୨୩।୨(ସମିସ): ପରୀକ୍ଷାରେ କପି କରି ଧରାପଡ଼ିବା ଓ ଏମ୍‌ପି ହେବା ପରେ ମାନସିକ ଚାପଗ୍ରସ୍ତ ହୋଇ +୨ର ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସୂର୍ଯ୍ୟନଗର ଅଞ୍ଚଳରେ। ସୂର୍ଯ୍ୟନଗର ଚତୁର୍ଥ ଲାଇନ୍ ନିବାସୀ ତଥା ମାଲକାନଗିରି ପୁଲିସ ଜିଲ୍ଲାରେ ସବ୍ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ କୃଷ୍ଣଚନ୍ଦ୍ର ସେଠୀଙ୍କ ପୁଅ ଦେବାଶିଷ ସେଠୀ(୧୮) ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ମନ୍ଦିରର ଯୁକ୍ତଦୁଇ ଶ୍ରେଣୀର ବିଜ୍ଞାନ ଛାତ୍ର। ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଦେବାଶିଷ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକେନ୍ଦ୍ରରେ ପରୀକ୍ଷା ଦେଉଥିଲେ। ପୂର୍ବରୁ ସାହିତ୍ୟ ଓ ଇଂରାଜୀ ଭଳି ଦୁଇଟି ବିଷୟ ପରୀକ୍ଷା ଭଲ ହୋଇଥିବା ବେଳେ ଗୁରୁବାର ଦିନ ପଦାର୍ଥ ବିଜ୍ଞାନ ପରୀକ୍ଷାରେ କପି କରୁଥିବା ବେଳେ ଦେବାଶିଷ ସ୍କ୍ୱାଡ୍ ହାତରେ ଧରାପଡ଼ି ଏମ୍‌ପି ବା (ମାଲ ପ୍ରାକ୍ଟିସ)ରେ ବୁକ୍ ହୋଇଥିଲେ।

## ମଉସା ଘରେ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ଆତ୍ମହତ୍ୟା

ଦୋବଲ, ୨୩।୨(ସମିସ): ରାତି ପାହିଥିଲେ ଇଂରାଜୀ ପରୀକ୍ଷା ଦେବାକୁ ନଦିଗାଁ ପରୀକ୍ଷା କେନ୍ଦ୍ରକୁ ଯାଇଥାଆନ୍ତା ଛାତ୍ର। ହେଲେ ରାତି ପାହିବା ପୂର୍ବରୁ ସବୁ ସରିଗଲା। ନିଜ ବେକରେ ମାଉସୀର ଲୁଗାକୁ ବାନ୍ଧି ପଙ୍ଖାରେ ଝୁଲିପଡ଼ିଲା ମାଟ୍ରିକ୍ ପରୀକ୍ଷାର୍ଥୀ। ଏମିତି ଏକ ଘଟଣା ଘଟିଛି ଧାମନଗର ଥାନା ଦୋବଲ ଜୋନ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ଜାହାଙ୍ଗୀର ଶାସନ ଗ୍ରାମରେ। ଗ୍ରାମର ଲକ୍ଷ୍ମୀଧର ଦାସଙ୍କ ଘରେ ଏପରି ଅଘଟଣ ଘଟିଛି। ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ରାଡ ଗ୍ରାମର ଅଭୟ ପଣ୍ଡାଙ୍କ ପୁଅ ଅଭିଷେକ ପଣ୍ଡା ତାଙ୍କ ମଉସା ଲକ୍ଷ୍ମୀଧର ଦାଶଙ୍କ ଘରେ ରହି ପାଠ ପଢୁଥିଲେ। ଅଭିଷେକ ଏବେ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଅଭିଷେକ ନିଜ ଶୋଇବା ଘରେ ବେକରେ ଶାଢ଼ି ବାନ୍ଧି ପଙ୍ଖାରେ ଝୁଲି ପଡ଼ିଥିଲେ।

# ବିଜେଡିରେ ମିଶିଲେ ସୁରେନ୍ଦ୍ର ପଣ୍ଡା

ଭୁବନେଶ୍ୱର, ୨୩।୨(ସମିସ): ନିର୍ବାଚନ ପୂର୍ବରୁ ଦିନକୁ ଦିନ ସବଳ ହେଉଛି ବିଜେଡି। ପ୍ରତିଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଅନ୍ୟ ରାଜନୈତିକ ଦଳର ନେତା ଓ କର୍ମୀ ବିଜେଡିରେ ଯୋଗ ଦେଉଛନ୍ତି। ଏହି କ୍ରମରେ ଶୁକ୍ରବାର ପୂର୍ବତନ ବିଜେପି ରାଜ୍ୟ ସମ୍ପାଦକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର ପଣ୍ଡା ନିଜର ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ଶ୍ରୀ ପଣ୍ଡା ଧର୍ମଶାଳା ନିର୍ବାଚନମଣ୍ଡଳୀର ଜଣେ ଟାଣୁଆ ନେତା ଭାବରେ ପରିଚିତ। ଏହି ମିଶ୍ରଣ ସଭାରେ ବିଜେଡ଼ି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ନବାଗତମାନଙ୍କୁ ଦଳରେ ସ୍ୱାଗତ କରିଛନ୍ତି।

ଏହି ଅବସରରେ ବିଜେଡ଼ି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି ଯେ ଆଜି ସୁରେନ୍ଦ୍ର ପଣ୍ଡାଙ୍କର ଘରବାହୁଡ଼ା ହୋଇଛି। ସେ ସ୍ୱର୍ଗତ ଅଶୋକ ଦାସ ଏବଂ କଳ୍ପତରୁ



ଦାସଙ୍କ ଘନିଷ୍ଠ ସହଯୋଗୀ ଓ ତାଙ୍କ ପରିବାରର ସଦସ୍ୟ ଥିଲେ। ତାଙ୍କ ଭଳି ଜଣେ ଦକ୍ଷ ସଂଗଠକ ବିଜେଡିରେ ଯୋଗଦେବା ଆମ ସମସ୍ତଙ୍କ ପାଇଁ ଖୁସିର କଥା। ବିଜେଡିରେ ଶୃଙ୍ଖଳା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ଦଳରେ ପ୍ରତ୍ୟେକ ଶୃଙ୍ଖଳିତ ସଦସ୍ୟଙ୍କ ପାଇଁ ଲୋକଙ୍କ ହିତରେ କାମ କରିବାର ଅପାର ସୁଯୋଗ ରହିଛି। ଆଜି ଯେପରି ଭାବେ ଓଡ଼ିଶାର ରୂପାନ୍ତରଣ ପର୍ବ ଚାଲିଛି, ପ୍ରତ୍ୟେକ ବର୍ଗର ଲୋକଙ୍କ ବିକାଶ ହେଉଛି ତାହା ସମସ୍ତଙ୍କୁ କିମିଆ କରିଛି। ଯେଉଁମାନେ ଜନସାଧାରଣଙ୍କ କଲ୍ୟାଣ ପାଇଁ କାମ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ବିଜୁ ଜନତା ଦଳର ଦ୍ୱାର ସର୍ବଦା ଖୋଲା ରହିଛି ବୋଲି ଶ୍ରୀ ଦାସ କହିଥିଲେ। ଏହି ଅବସରରେ ଶ୍ରୀ ପଣ୍ଡା ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଆଜି ହେଉଛି ମୋର ଘରବାହୁଡ଼ା। ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି। ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ବୋଲି କହିଛନ୍ତି। ତାଙ୍କ ସହ ୟୁଏନ୍‌ଏସ୍ ମହାବିଦ୍ୟାଳୟର ପୂର୍ବତନ ସଭାପତି ବାପିନା ବିଶ୍ୱାଳ, ଯୁବନେତା ଗଙ୍ଗାଧର ସାହୁ, ସୁରେନ୍ଦ୍ର କୁମାର ପଣ୍ଡା (ଟୁକୁନା), ପ୍ରକାଶ ସେଠୀ, ବିଜୟ ରାଉତ, ଦୀପକ ତିଆଡ଼ି, ଯାଜପୁର ଜିଲ୍ଲା ଅଖିଳ ଭାରତ ଯାଦବ ୟୁନିୟନର ସମ୍ପାଦକ ଇଂ ମନୋଜ ଦାସ, ପ୍ରଶାନ୍ତ ସାମଲ, ବିନୋଦ ବିହାରୀ ସାମଲ, ବରିଷ୍ଠ କଂଗ୍ରେସ ନେତା ବଟକୃଷ୍ଣ ବାରିକ, ସାମାଜିକ କର୍ମୀ ପ୍ରକାଶ ଜେନା, ନିରୁପମା ନାୟକ, ଯାଦବ ୟୁନିୟନର ସମ୍ପାଦକ ପ୍ରଶାନ୍ତ ସାମଲଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ୍ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୮ ବିଜେଡି ନେତାଙ୍କୁ ସୁନ୍ଦରଗଡ଼ ଦାୟିତ୍ୱ

ଭୁବନେଶ୍ୱର, ୨୩।୨(ସମିସ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଆଜି ସୁନ୍ଦରଗଡ଼ ଜିଲ୍ଲା ବିଜେଡିରେ ୮ ଜଣ ନେତାଙ୍କୁ ବିଭିନ୍ନ ପଦବୀରେ ନିଯୁକ୍ତି ନିଯୁକ୍ତି ଦିଆଯାଇଛି।। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ ଦେବାଶିଷ ମଲ୍ଲିକ୍ ସୁନ୍ଦରଗଡ଼ ଜିଲ୍ଲା ସହ-ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିବେ। ବୈକୁଣ୍ଠ ନାଏକ ତଳସରା ବିଧାନସଭା କ୍ଷେତ୍ରର ପର୍ଯ୍ୟବେକ୍ଷକ ଦାୟିତ୍ୱ ପାଇଥିବା ବେଳେ ଦେବାଶିଷ ମଲ୍ଲିକ୍ ସୁନ୍ଦରଗଡ଼ ସଦର ନିର୍ବାଚନମଣ୍ଡଳୀରେ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ସମ୍ପାଦନ କରିବେ। ସେହିପରି ମନୋଜ ସେନାପତି ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିବା ବେଳେ ପ୍ରଶାନ୍ତ ଜେନା ରଘୁନାଥପାଲ୍ଲୀ, ଦୁର୍ଗା ସାମନ୍ତରାୟ ରାଉରକେଲା, ଧର୍ମେଶ ନାୟକ ରାଜଗାଙ୍ଗପୁର ଏବଂ ଷ୍ଟାଲିନ୍ ପରିଜା ବଣାଇ ବିଧାନସଭା କ୍ଷେତ୍ରର ପର୍ଯ୍ୟବେକ୍ଷକ ଦାୟିତ୍ୱ ପାଇଛନ୍ତି।



**ବହୁ ଚର୍ଚ୍ଚିତ ଡାକ୍ତର ଦମ୍ପତି ହତ୍ୟା ମାମଲା**

# ୨୨ଜଣଙ୍କ ବୟାନ ସଂଗ୍ରହ, ଆସିବ ରାୟ

**ଭୁବନେଶ୍ୱର, ୨୩।୨(ସମିସ):** ବହୁ ଚର୍ଚ୍ଚିତ ଶୈଳଶ୍ରୀବିହାର ଡାକ୍ତର ଦମ୍ପତି ହତ୍ୟାକାଣ୍ଡର ରାୟ ଏହି ସପ୍ତାହ ମଧ୍ୟରେ ଆସିବ। ମାମଲାରେ ସମସ୍ତ ଆଇନଗତ କାର୍ଯ୍ୟ ଶେଷ ହୋଇଯାଇଥିବା ବେଳେ କେବଳ ବିଚାରପତି ରାୟ ଶୁଣାଇବା ବାକି ରହିଛି। ଏହି ମାମଲାରେ ୫ଜଣ ଅଭିଯୁକ୍ତ ଥିବାବେଳେ ସମସ୍ତଙ୍କ ବିରୋଧରେ ଦୃଢ଼ ପ୍ରମାଣ ରହିଛି। ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ସାଜିଥିବା କିଶୋର ବେହେରା ସମେତ ଅନ୍ୟ ୪ଜଣଙ୍କୁ ଆଜୀବନ ଜେଲ୍ ଦଣ୍ଡ ମିଳିବ ବୋଲି ମୃତକଙ୍କ ପରିବାର ଲୋକେ ଆଶା ରଖିଛନ୍ତି। ଏହି ମାମଲାରେ ୨୨ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯିବା ସହ ୨୫୦ଦସ୍ତାବିଜ୍ କୋର୍ଟରେ ଦାଖଲ ହୋଇଛି। ଏଥିରେ ଶବ ବ୍ୟବଚ୍ଛେଦ ରିପୋର୍ଟ, ଫୋରେନ୍ସିକ୍ ରିପୋର୍ଟ, ଭିସେରା ରିପୋର୍ଟ ଆଦି ରହିଛି। ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ପ୍ରମାଣ ଦାଖଲ କରିବା ସହ ଦୃଢ଼ ଚାର୍ଜସିଟ୍ ଦାଖଲ କରିଥିଲେ ତଦନ୍ତ ଅଧିକାରୀ। ଯେଉଁ ଆଧାରରେ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ମିଳିପାରେ।

୨୦୧୫ ନଭେମ୍ବର ୧୪ତାରିଖ ସକାଳ ୭ଟା ସମୟ। ବିଦେଶରେ ରହୁଥିବା ଡାକ୍ତର ଦମ୍ପତିଙ୍କ ପୁଅ ମା'ଙ୍କ ସହ କଥା ହେବାକୁ ଚେଷ୍ଟା କରିଥିଲେ। ହେଲେ ଯୋଗାଯୋଗ ହୋଇପାରିନଥିଲା। ନିକଟରେ ରହୁଥିବା ସମ୍ପର୍କୀୟଙ୍କୁ ଫୋନ୍ କରି ଘରକୁ ଯାଇ ଦେଖିବା ପାଇଁ କହିଥିଲେ। ସମ୍ପର୍କୀୟ ଘରକୁ ଆସି ଦେଖିବା ପରେ ଘର ସାରା ରକ୍ତ ଛିଟା ପଡ଼ିଥିବା ଦେଖିଥିଲେ। ଏଥିସହ ଘର ଡାଇନିଂରେ ଡାକ୍ତର ପ୍ରଫୁଲ୍ଲ ମିଶ୍ରଙ୍କ ମୃତଦେହ ପଡ଼ିଥିବା ବେଳେ ରୋଷେଇ ଘରେ ସୁଷମା ମିଶ୍ରଙ୍କ ମୃତଦେହ ପଡ଼ିଥିଲା। ସଂଗେ ସଂଗେ ଖବର ଚାରିଆଡ଼େ ବ୍ୟାପିଗଲା। ତତ୍କାଳୀନ ଡିସିପି ସତ୍ୟବ୍ରତ ଭୋଇ, ସିପି ଡା. ଆର୍‌ପି ଶର୍ମା ପହଞ୍ଚି ତଦନ୍ତ କରିଥିଲେ। ପ୍ରଥମେ ଜମିବାଡ଼ି ବିବାଦକୁ ନେଇ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିଲା। କିନ୍ତୁ ପୁଲିସ ତଦନ୍ତ କରି ଏହାକୁ ପର୍ଦ୍ଦାଫାସ କରିବାରେ ସଫଳ ହୋଇଥିଲା। ଏହି ମାମଲାରେ ୫ଜଣଙ୍କୁ ଗିରଫ କରାଯାଇଥିଲା। ଏଥିରେ ୨ଜଣ ମହିଳା ଥିଲେ।



- ଗିରଫ ୫ ଜଣ ହିଁ ଭିଆଇଥିଲେ ହତ୍ୟାକାଣ୍ଡ
- ଘରର ଚାକରାଣୀ ସାଜିଥିଲା ମାଷ୍ଟରମାଇଣ୍ଡ

**କାହିଁକି ଭିଆଇଥିଲେ ହତ୍ୟାକାଣ୍ଡ:** ଡାକ୍ତର ଦମ୍ପତିଙ୍କ ଘରେ ଚାକରାଣୀ ଭାବେ ଟିକିନା କାମ କରୁଥିଲା। ବିଭିନ୍ନ ସମୟରେ ଡାକ୍ତରାଣୀ ଦମ୍ପତି ତାଙ୍କୁ ଗାଳି ଦେଉଥିଲେ। ଯେଉଁଥି ପାଇଁ ଟିକିନା ଦମ୍ପତିଙ୍କ ଉପରେ ରାଗ ରଖିଥିଲା। ହେଲେ ଉଭୟ ଆଲମାରିରେ ଟଙ୍କା, ସୁନା ରଖିଥିବା ଟିକିନା ଜାଣିଥିଲା। ସେ ଏନେଇ ଫୁଲସାରୀକୁ ଲୁଟ୍ କଥା କହିଥିଲା। ଫୁଲସାରୀ ଏ ନେଇ ନିଜ ସ୍ୱାମୀ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ରସୁଲପୁର ବସ୍ତିର ମହମ୍ମଦ କମାଲ ଖାଲ ଓରଫ ମୁନା(୨୨)ଙ୍କୁ କହିଥିଲା। ମୁନା ଯୋଜନା କରି ଏଥିରେ ପେସାଦାର ଅପରାଧୀ କିଶୋର ଚନ୍ଦ୍ର ବେହେରା ଓରଫ ଟିମ୍ପା ଏବଂ ଉଦୟଗିରିର ଯବାନ ନାୟକ ପ୍ରମୁଖଙ୍କୁ ସାମିଲ କରିଥିଲା। ଟିମ୍ପା ନାମରେ ବ୍ରହ୍ମପୁର ଏବଂ ଗୋପାଳପୁର ଥାନାରେ ୯ଟି ମାମଲା ରହିଛି। ନଭେମ୍ବର ୧୫ରେ ଡାକ୍ତର ଦମ୍ପତି ପ୍ରଫୁଲ୍ଲ କୁମାର ମିଶ୍ର ଏବଂ ସୁଷମା ମିଶ୍ରଙ୍କୁ ଶୈଳଶ୍ରୀବିହାର ଭିଆଇଏମ୍-୬୦୮ ଘରେ ହତ୍ୟା କରିଥିଲେ। ଘଟଣା ଦିନ ସମସ୍ତ ଅଭିଯୁକ୍ତ ଜାଭିୟର ଛକକୁ ଆସି ଚା ପିଇଥିଲେ ଏବଂ ପରେ ଏକ ଅଟୋ ନେଇ ଶୈଳଶ୍ରୀବିହାରକୁ ଯାଇଥିଲେ।

**ଅଭିଯୁକ୍ତ ଖାଇଥିଲେ ନାଇଟ୍ରୋଜେନ୍:** ଏହି ଅପରାଧ କରିବା ପାଇଁ ସମସ୍ତେ ନାଇଟ୍ରୋଜେନ୍ ଟାବଲେଟ୍ ଖାଇଥିଲେ। ଜାଭିୟର ଛକରେ ଚା' ପିଇବା ସମୟରେ ଚା'ରେ ନାଇଟ୍ରୋଜେନ୍ ଔଷଧ ମିଶାଇ ପିଇଥିଲେ। ହତ୍ୟା କରିବା ପାଇଁ କାଳେ ସାହାସ ଜୁଟିନପାରେ ତେଣୁ ସେ ଏହି ଔଷଧ ଖାଇଥିଲେ। ଯାଜନା ଅନୁଯାୟୀ, ଟିକିନା ଜାଣିଶୁଣି କୌଣସି କାରଣକୁ ନେଇ ଡାକ୍ତରାଣୀ ସୁଷମାଙ୍କ ସହ ଝଗଡ଼ା କରିଥିଲେ। ଯୋଜନା ଅନୁସାରେ ଗେଟ ଖୋଲା ରଖିଥିବାରୁ ଅନ୍ୟ ଅଭିଯୁକ୍ତମାନେ ସୁଷମାଙ୍କ କଳାକାଟି ହତ୍ୟା କରିଥିଲେ। ଏହା ଦେଖି ପ୍ରଫୁଲ ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କର ଗଳା କାଟି ହତ୍ୟା କରିଥିଲେ ବୋଲି ପୁଲିସ ତଦନ୍ତରୁ ଜାଣିବାକୁ ପାଇଥିଲା।

**ଅଟୋରେ ଇଚ୍ଛାପୁର ପଳାଇଥିଲେ:** ହତ୍ୟା କରିବା ପରେ ସମସ୍ତେ ୨୪ ହଜାର ନଗଦ ଟଙ୍କା, ଗୋଟିଏ ସୁନା ଚେନ୍, ୬ ସୁନା ଚୂଡ଼ି, ଗୋଟିଏ ହାର, ଗୋଟିଏ ମୁଦି, ଗୋଟିଏ କାନଫୁଲ ଏବଂ ଚାରିଟି ମୋବାଇଲ୍ ଫୋନ୍ ନେଇ ପଳାଇ ଯାଇଥିଲେ। ଏକାଧିକ ଅଟୋରେ ଶୈଳଶ୍ରୀବିହାର, ଖଣ୍ଡଗିରି, ବାଲୁଗାଁରେ ପହଞ୍ଚିଥିଲେ। ସେଠାରୁ ପାଞ୍ଚଜଣ ଅଭିଯୁକ୍ତ ଇଚ୍ଛାପୁରକୁ ଚାଲିଗଲେ। ସେଠାରେ ଲୁଟ୍ କରିଥିବା ସାମଗ୍ରୀକୁ ବାଣ୍ଟିଥିଲେ। ପରେ ସମସ୍ତେ ହାଇଦ୍ରାବାଦକୁ ପଳାଇଥିଲେ। ଗଞ୍ଜାମ ପୁଲିସ ଏବଂ ସ୍ୱୋଶଲ ସ୍କ୍ୱାଡ୍ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗିରୁ ମୁନା ଏବଂ ତାଙ୍କ ପତ୍ନୀ ନିନିଙ୍କୁ ଗିରଫ କରିଥିଲେ। ସେମାନଙ୍କୁ ପଚରାଉଚରା ପରେ ଗୋପାଳପୁରର ଏକ ଢାବାରୁ ଟିମ୍ପାଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ପରେ ଅନ୍ୟ ଅଭିଯୁକ୍ତମାନେ ଗିରଫ ହୋଇଥିଲେ।

# ଥାନାରେ ଗାଦି ମାଡ଼ି ବସିଛନ୍ତି ଏଏସ୍ଆଇ, କନଷ୍ଟେବଲ

**ଭୁବନେଶ୍ୱର, ୨୩।୨(ସମିସ):** ନିର୍ବାଚନ କମିସନଙ୍କ ନିର୍ଦ୍ଦେଶ ଅନୁସାରେ ଗୋଟିଏ ଥାନାରେ ୩ବର୍ଷରୁ ଅଧିକ ସମୟ କୌଣସି ଅଧିକାରୀ ରହିପାରିବେ ନାହିଁ। କିନ୍ତୁ କମିସନରେଟ୍ ପୁଲିସରେ ଏହାର ବିପରୀତ ଦେଖିବାକୁ ମିଳିଛି। ଉପର ଅଫିସର ତଥା ଥାନା ଅଧିକାରୀ ଏବଂ ଏସ୍ଆଇ ମାନଙ୍କର ନିକଟରେ ବଦଳି କରାଗଲା। କିନ୍ତୁ ଗୋଟିଏ ଥାନାରେ ଦୀର୍ଘଦିନ ହେବ ଗାଦି ମାଡ଼ିବସିଥିବା କିଛି ଏଏସ୍ଆଇ ଏବଂ କନଷ୍ଟେବଳ। ସେମାନଙ୍କ ଉପରେ ନଜର ପଡୁନଥିବାରୁ ସେମାନେ ଥାନାରେ ଲୁଚି ରହିଯାଉଛନ୍ତି। ଯେଉଁଥି ପାଇଁ ସେମାନେ ଥାନାରେ ମନଇଚ୍ଛା କାମ କରୁଛନ୍ତି। ଗୋଟିଏ ଥାନାରେ ଦୀର୍ଘ ଦିନ ହେବ ରହିଯାଉଥିବାରୁ ସେମାନେ ନିର୍ବାଚନକୁ ପ୍ରଭାବିତ କରିପାରନ୍ତି। ଆହୁରି ମଧ୍ୟ କିଛି ଅଫିସର ଭୁବନେଶ୍ୱରରେ ୧୦ବର୍ଷରୁ ଊର୍ଦ୍ଧ୍ୱ ଦିନ ହେବ ରହିଲେଣି। କିନ୍ତୁ ନିର୍ବାଚନ ଆସିଲେ ସେମାନଙ୍କୁ ଅଫିସିଆଲ କାର୍ଯ୍ୟ ଦେଇ ଲୁଚାଇ ରଖାଯାଉଛି। ଏହିଭଳି ଡିସିପି ଅଫିସ, ସିପି ଅଫିସ୍ ଏବଂ ଅନ୍ୟ ଅଫିସରେ ଏହି ଅଫିସରଙ୍କୁ ରଖାଯାଇଛି। ସେମାନଙ୍କୁ ରାଜଧାନୀରୁ ବିଦା କରିବା ବଦଳରେ ସେମିତି ରଖାଯାଉଛି। ନିର୍ବାଚନ ଶେଷ ପରେ ସେମାନଙ୍କୁ ଏଠାରେ ପୁଣି ପୋଷ୍ଟିଂ ଦିଆଯିବ।



- ନଜର ପଡୁନଥିବାରୁ ଦୀର୍ଘ ବର୍ଷ ଥାନାରେ ରହିଲେଣି
- ମାର୍ଚ୍ଚରେ ନୂଆ ଜାଗାରେ ଯୋଗଦେବେ ୨୫ଏସ୍ଆଇ

ସେହିପରି କିଛି ଏସ୍ଆଇମାନଙ୍କୁ ବାରମ୍ବାର ବଦଳି ଅର୍ଡର ଆସିଛି। ଯେଉଁଥିପାଇଁ ସେମାନେ କେଉଁ ଥାନାରେ ଯୋଗ ଦେବେ ଦ୍ୱନ୍ଦରେ ପଡୁଛନ୍ତି। ଏବେ ପୁଣି ୨୫ଜଣ ଏସ୍ଆଇଙ୍କର ବଦଳି କରାଯାଇଛି। କ୍ୟାପିଟାଲ ଥାନାରେ ଥିବା ଜ୍ୟୋତି ଶଙ୍କର ସାମଲଙ୍କୁ ଭରତପୁର, କ୍ୟାପିଟାଲରେ ଥିବା ଡବ୍ଲ୍ୟୁଏସ୍ଆଇ ସସ୍ମିତା ସାହୁଙ୍କୁ ଜଟଣୀ ଥାନା, କ୍ୟାପିଟାଲରେ ଥିବା ଲିପ୍ସା ଦାଶଙ୍କୁ ଇନ୍‌ଫୋସିଟି ବଦଳି କରାଯାଇଛି। ସେହିପରି ଜଟଣୀରେ ଥିବା ମାନସ ରଞ୍ଜନ ମଲ୍ଲିକଙ୍କୁ ବାଲିଅନ୍ତା, ଖଣ୍ଡଗିରିରେ ଥିବା କ୍ଷମାସାଗର ନାୟକଙ୍କୁ ଇନ୍‌ଫୋସିଟି, ଖଣ୍ଡଗିରିରେ ଥିବା ନରେନ୍ଦ୍ର କୁମାର ପାଲ ଲକ୍ଷ୍ମୀସାଗର, ଭରତପୁରରେ ଥିବା ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କୁ କ୍ୟାପିଟାଲ, ନୂଆପଲ୍ଲୀରେ ଥିବା ସରିନ୍ଦ୍ର ଦେହୁରିଙ୍କୁ ଖଣ୍ଡଗିରି, ନୂଆପଲ୍ଲୀରେ ଥିବା ଷ୍ଟାଲିନ୍ କୁମାର ବିଶ୍ୱାଳଙ୍କୁ କ୍ୟାପିଟାଲ, ମୈତ୍ରୀବିହାରରେ ଥିବା ଡବ୍ଲ୍ୟୁଏସ୍ଆଇ ଦିଗ୍‌ବୀଜୟିନୀଙ୍କୁ କ୍ୟାପିଟାଲ, ମୈତ୍ରୀବିହାର ଅରପିତା ପ୍ରିୟଦର୍ଶିନୀଙ୍କୁ କ୍ୟାପିଟାଲକୁ ବଦଳି କରାଯାଇଛି। ବଡ଼ଗଡ଼ରେ ଥିବା ପ୍ରଦୀପ କୁମାର ମହଲାଙ୍କୁ ନୂଆପଲ୍ଲୀ, ବଡ଼ଗଡ଼ରେ ଥିବା ପ୍ରିୟଦର୍ଶିନୀ ବେହେରାଙ୍କୁ ମୈତ୍ରୀବିହାର, ଲକ୍ଷ୍ମୀସାଗରରେ ଥିବା ରାଘବ ଚନ୍ଦ୍ର ସାମଲଙ୍କୁ ବଡ଼ଗଡ଼, ବାଲିଅନ୍ତାରେ ଥିବା ମମ୍‌ତାଲ ଅଲ୍ଲୀ ଖାନ୍‌ଙ୍କୁ ଚନ୍ଦକା, ମଞ୍ଚେଶ୍ୱରରେ ଥିବା ଅଶ୍ୱନୀ କୁମାର ଜେନାଙ୍କୁ ଖଣ୍ଡଗିରି, ଚନ୍ଦ୍ରଶେଖରପୁର ଥାନାରେ ଥିବା ନବଘନ ମଲ୍ଲିକଙ୍କୁ ଲକ୍ଷ୍ମୀସାଗର, ଚନ୍ଦକା ଥାନାରେ ଥିବା ଅଜିତ୍ କୁମାର ବାଗଙ୍କୁ ସହିଦନଗର, ଇନ୍‌ଫୋସିଟିରେ ଥିବା ସତ୍ୟରଞ୍ଜନ ବାରିକଙ୍କୁ ଏୟାରପୋର୍ଟ, ଇନ୍‌ଫୋସିଟି ଥାନାରେ ଥିବା ଜିତେନ୍ଦ୍ର ବେହେରାଙ୍କୁ ବଡଗଡ଼, କିଟ୍ ଓପିରେ ଥିବା ସନ୍ତୋଷ କୁମାର ନାୟକଙ୍କୁ ନୂଆପଲ୍ଲୀ, ନନ୍ଦନକାନନରେ ଥିବା ବିଜୟ କୁମାର ବାରିକଙ୍କୁ ଏୟାରପୋର୍ଟ ଥାନା, ଏୟାରପୋର୍ଟରେ ଥିବା ମଧୁସୂଦନ ଭୋଇଙ୍କୁ ଇନ୍‌ଫୋସିଟି, ଏୟାରପୋର୍ଟରେ ଥିବା ରାଜଲକ୍ଷ୍ମୀ ବେହେରାଙ୍କୁ ଚନ୍ଦ୍ରଶେଖରପୁର, ସହିଦନଗରରେ ଥିବା ବିଜୟ କୁମାର ଦାଶଙ୍କୁ ଜଟଣୀ ଏବଂ ତମାଣ୍ଡୋରେ ଥିବା ଡବ୍ଲ୍ୟୁଏଏସ୍ଆଇ ସଂଘମୀତ୍ରା କରଙ୍କୁ ଏସିପି-୫ ଅଫିସକୁ ବଦଳି କରାଯାଇଛି।

# ସାଇବର ହ୍ୟାକିଂ ମାମଲା: ରାଜଧାନୀରେ ଦିଲ୍ଲୀ ପୁଲିସର ରେଡ୍

**ଭୁବନେଶ୍ୱର, ୨୩।୨(ସମିସ):** ସାଇବର ହ୍ୟାକିଂ ମାମଲାରେ ଦିଲ୍ଲୀ ପୁଲିସ ଭୁବନେଶ୍ୱରରେ ଚଢ଼ଉ କରିଛି। ବମିଖାଲ ଆରପି ପ୍ୟାଲେସ ବି-୨୦୩ ରୁମ୍‌ରେ ଏହି ଚଢ଼ଉ କରିଛି। ସୌରଭ ଦେହୁରୀ ନାମକ ଜଣେ ବ୍ୟକ୍ତିଙ୍କ ଘରେ ଏହି ଚଢ଼ଉ କରାଯାଇଥିବାବେଳେ ସେ ବ୍ୟବହାର କରୁଥିବା ଲ୍ୟାପଟପ୍, କମ୍ପୁଟର ଆଦି ଯାଞ୍ଚ କରାଯାଇଛି। ଚଢ଼ଉରେ ଲକ୍ଷ୍ମୀସାଗର ଥାନା ପୁଲିସ ସହଯୋଗ କରିଥିଲା। ସାଇବର ହ୍ୟାକିଙ୍ଗ ଦ୍ୱାରା ଆର୍ଥିକ ଠକେଇ ହୋଇଥିଲା। ଏ ନେଇ ଦିଲ୍ଲୀ ପୁଲିସରେ ଅଭିଯୋଗ ହେବା ପରେ ମାମଲା ରୁଜୁ କରାଯାଇଥିଲା। ଦିଲ୍ଲୀ ପୁଲିସ ଆଇପି ଆଡ୍ରେସ୍ ଯାଞ୍ଚ କରିବା ପରେ ବମିଖାଲରେ ରହୁଥିବା ସୌରଭ ବ୍ୟବହାର କରିଥିବା ଜଣାପଡ଼ିଥିଲା। ସମସ୍ତ ବିଷୟ ଯାଞ୍ଚ କରିବା ପରେ ଦିଲ୍ଲୀ ପୁଲିସ ଚଢ଼ଉ କରିଥିଲା। ସୌରଭ ଆଇଟି ସେକ୍ଟରରେ କାମ କରନ୍ତି। ତେଣୁ ସେ ହ୍ୟାକ୍ କରି ବଡ଼ ଠକେଇ କରିଥିବା ଦିଲ୍ଲୀ ପୁଲିସ ହାତରେ ପ୍ରମାଣ ଲାଗିଥିବା କୁହାଯାଉଛି।

**● ଖଣ୍ଡାରେ ଆକ୍ରମଣ ଘଟଣା**

# ଆଉ ୨ ଅଭିଯୁକ୍ତଙ୍କୁ ଗିରଫ

**ଭୁବନେଶ୍ୱର, ୨୩।୨(ସମିସ):** ଜାଗମରା ନୂଆରୋଡ୍‌ରେ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିବା ସହ ଆକ୍ରମଣ କରିବା ମାମଲାରେ ଖଣ୍ଡଗିରି ଥାନା ପୁଲିସ ଆଉ ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କେ-୨୦ରେ ରହୁଥିବା ସତ୍ୟବ୍ରତ ସାହୁ ଓରଫ ଜଗା, ବରମୁଣ୍ଡାର ରବୀନ୍ଦ୍ର ଖଟୁଆ। ଅଭିଯୋଗକାରୀ ବିଭୂତି ଭୂଷଣ ସିଂଙ୍କ ଅଭିଯୋଗ ଭିତ୍ତିରେ ପୁଲିସ ମାମଲା ରୁଜୁ କରିଥିଲା। ସୂଚନାଯୋଗ୍ୟ ଯେ, ଗତ ମାସ ୩୦ ତାରିଖ ରାତି ପ୍ରାୟ ସାଢ଼େ ୯ଟାରେ ଅଭିଯୋଗକାରୀ ବିଭୂତିଙ୍କ ପୁଅ ଓ ତାଙ୍କର ସାଙ୍ଗମାନେ ଆଇଟିଇଆର ଫୁଡ କୋର୍ଟରୁ ଫେରୁଥିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତ ଓ ତାଙ୍କର କିଛି ସହଯୋଗୀ ସେମାନଙ୍କୁ ନୂଆ ଜାଗମରା ରୋଡ୍‌ରେ ଥିବା ଗୋଲ୍ଡେନ ଚିଲ୍ଲି ଆଣ୍ଡ ଟପୋରି ଟାଇମ ରେଷ୍ଟୁରାଣ୍ଟ ନିକଟରେ ଅଟକାଇଥିଲେ। ପରେ ଆକ୍ରମଣ କରିଥିଲେ। ସେହି ସମୟରେ ଅଭିଯୋଗକାରୀଙ୍କର ପୁଅ ବିଶ୍ୱଙ୍କ ସାଙ୍ଗମାନେ ଜୀବନ ବଞ୍ଚାଇବା ପାଇଁ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିବା ବେଳେ ବିଶ୍ୱ ଓ ତାଙ୍କର ଅନ୍ୟ ଜଣେ ବନ୍ଧୁ ଶୁଭମ ଘଟଣାସ୍ଥଳରେ ତଳେ ପଡ଼ିଯାଇଥିଲେ। ଅଭିଯୁକ୍ତମାନେ ଉଭୟଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଆକ୍ରମଣ କରୁଥିବା ସମୟରେ ଖବର ପାଇ ପିସିଆର ଘଟଣାସ୍ଥଳରେ ପହଞ୍ଚିଥିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚାଲି ଯାଇଥିଲେ। ପିସିଆର କର୍ମଚାରୀ ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଇଯାଇଥିଲେ। ଏ ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହେବା ପରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

**■ ୧୫ କର୍ମଚାରୀଙ୍କୁ ବେଆଇନ ଛଟେଇ ପ୍ରସଙ୍ଗ**

# ୨ ମାସରେ କ୍ଷତିପୂରଣ ଦିଅ: ହାଇକୋର୍ଟ

**କଟକ, ୨୩।୨(ସମିସ):** ଭାରତ ସରକାରଙ୍କ ଆଇସିଏଆର ଅନ୍ତର୍ଗତ ପୂର୍ବାଞ୍ଚଳ ୱାଟର ଟେକ୍ନୋଲୋଜି ସେଣ୍ଟର ଭୁବନେଶ୍ୱର ଅଧୀନରେ ନିଯୁକ୍ତ ହୋଇଥିବା କର୍ମଚାରୀଙ୍କୁ ବେଆଇନ ଭାବେ ଛଟେଇ ଅଭିଯୋଗରେ ରୁଜୁ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଡେରାସ ଡାଏରୀ ଫାର୍ମରେ ୧୯୮୯-୯୦ମସିହାରେ ନିଯୁକ୍ତ ହୋଇଥିବା ମୋଟ ୪୫ଜଣ କର୍ମଚାରୀଙ୍କ ମଧ୍ୟରୁ ୧୫ଜଣ କର୍ମଚାରୀ ଗୋଟିଏ ବର୍ଷରେ ୨୪୦ଦିନ କାର୍ଯ୍ୟ କରିଥିବା ହେତୁ ସେମାନଙ୍କୁ କ୍ଷତିପୂରଣ ଆକାରରେ ୧ଲ୨୫ଲକ୍ଷ ଓ ମୋକଦ୍ଦମା ଖର୍ଚ୍ଚ ବାବଦରେ ୨୫ହଜାର ଟଙ୍କା ଲେଖାଁଏ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କେନ୍ଦ୍ର ସରକାରଙ୍କ ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲ ତଥା ଶ୍ରମ ଅଦାଲତଙ୍କ ଗତ ୨୦୧୭ନଭେମ୍ବର୩୦ର ଆଦେଶକୁ କାଏମ ରଖିଛନ୍ତି ହାଇକୋର୍ଟ। ନବକିଶୋର ପ୍ରଧାନ ଓ ଅନ୍ୟ କର୍ମଚାରୀ ଏବଂ ୱାଟର ଟେକ୍ନୋଲୋଜି ସେଣ୍ଟର ଭୁବନେଶ୍ୱର ପକ୍ଷରୁ ଦାୟର ମାମଲାଗୁଡ଼ିକର ଏକତ୍ର ଶୁଣାଣି କରି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲା ବିଚାରାଧୀନ ଥିବା ବେଳେ ୪ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବାରୁ ସେମାନଙ୍କ ଆଇନଗତ ଉତ୍ତରାଧିକାରୀମାନେ ଉପରୋକ୍ତ କ୍ଷତିପୂରଣ ରାଶି ପାଇବାକୁ ଯୋଗ୍ୟ ବୋଲି କହିଛନ୍ତି ହାଇକୋର୍ଟ।

# ବ୍ରାଉନ୍‌ସୁଗର୍ ବିକ୍ରିବେଳେ ଧରାପଡ଼ିଲେ ୨ ବେପାରୀ

**ଭୁବନେଶ୍ୱର, ୨୩।୨(ସମିସ):** ବ୍ରାଉନ୍‌ସୁଗର ବେପାର ସମୟରେ ଦୁଇ ଜଣ ବ୍ୟବସାୟୀଙ୍କୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ସେମାନଙ୍କ ନିକଟରୁ ୧୮ ଗ୍ରାମର ବ୍ରାଉନ୍‌ସୁଗର, ୫ହଜାର ୩୬୦ ଟଙ୍କା ଜବତ କରାଯାଇଛି। ଗିରଫ ବ୍ୟବସାୟୀ ହେଲେ ଝାରପଡ଼ା, ମୁସ୍‌ଲିମ୍ ସାହିର ଏସ୍.କେ ଜାମ୍‌ସେଦ୍ ଏବଂ ଏସ୍.କେ ପରବେଜ୍ ମୁସାରଫ। ସୂଚନା ଅନୁଯାୟୀ ବଡ଼ଗଡ଼ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଥାନାର ଏକ ସ୍ୱେଶାଲ ଟିମ୍ ପୁରୀ ବାଇପାସ୍ ରାସ୍ତାରେ ଥିବା ମାଷ୍ଟର୍ସ ସୋରୁମ ନିକଟରେ ଚଢ଼ଉ କରିଥିଲେ। ବେଆଇନ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ଦୁଇ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଛାନ୍‌ଭିନ୍ ସମୟରେ ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୧୮ଗ୍ରାମ ଓଜନର ବ୍ରାଉନ୍‌ସୁଗର୍, ୩ଟି ମୋବାଇଲ ଫୋନ୍, ଗୋଟିଏ ସ୍କୁଟି ଏବଂ ୫୩୬୦ ଟଙ୍କା ଜବତ କରିଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ଦୁହେଁ ବେଆଇନ ବ୍ରାଉନ୍‌ସୁଗର୍ ବିକ୍ରି ନେଇ ନିଜର ଅପରାଧ ସ୍ୱୀକାର କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ବଡ଼ଗଡ଼ ଥାନା ପୁଲିସ ଏକ ବେଆଇନ ବ୍ରାଉନ୍‌ସୁଗର୍ ବିକ୍ରି ଜନିତ ମାମଲା ରୁଜୁ କରିବା ସହିତ ନିମ୍ନୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ଦାଦନ ଶ୍ରମିକ ନେଉଥିବା ଗାଡ଼ି ଜବତ

**ଭୁବନେଶ୍ୱର, ୨୩।୨(ସମିସ):** ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଦାଦନ ଶ୍ରମିକ ନେଇ ଯାଉଥିବା ଏକ ବସ୍‌କୁ ମଞ୍ଚେଶ୍ୱର ଥାନା ପୁଲିସ ଅଟକାଇଛି। ସମସ୍ତ ଦାଦନ ପଶ୍ଚିମ ଓଡ଼ିଶାର ହୋଇଥିବା ଜଣାପଡ଼ିଛି। ସେମାନଙ୍କୁ ରୋଜଗାର ଦେବାକୁ କହି ଦଲାଲ କେରଳ ନେଉଥିଲା। ଆଜି ଦିନ ୧୨ଟା ସମୟରେ ରସୁଲଗଡ଼ ଦେଇ ବସ୍‌ଟି ପାସ୍ କରିବା ସମୟରେ ପୁଲିସ ଖବର ପାଇଥିଲା। ଜଗି ରହିଥିବା ମଞ୍ଚେଶ୍ୱର ଥାନା ପୁଲିସ ଏକ ଟିମ୍ ବସ୍‌କୁ ଅଟକାଇଥିଲା। ବସ୍‌ରେ ବସିଥିବା ବ୍ୟକ୍ତି ଦାଦନ ଶ୍ରମିକ ବୋଲି ଜଣାପଡ଼ିବା ପରେ ବସ୍‌କୁ ଥାନାକୁ ଆଣିଥିଲେ। ସମସ୍ତ ଦାଦନ ଶ୍ରମିକଙ୍କୁ ନେଉଥିବା ଦଲାଲକୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି।

# ଯୁବତୀଙ୍କୁ ଅପହରଣ କରି ବନ୍ଧାହେଲେ ଯୁବକ

**ଧଉଳି, ୨୩।୨(ସମିସ):** ପ୍ରଥମେ ଇନଷ୍ଟାଗ୍ରାମ୍‌ରୁ ଯୁବତୀଙ୍କୁ ପ୍ରେମ ନିବେଦନ କରିଥିଲେ। ପରେ ନିଜର ଆତ୍ମହତ୍ୟା ଭଳି ଭାବପ୍ରବଣ ଫଟୋ ଓ ଭିଡିଓ ଦେଖାଇ ଅପହରଣ କରିଥିଲେ ଯୁବକ। ଶେଷରେ ପୁଲିସ ହାତରେ ଧରାପଡ଼ି ଏବେ ଜେଲ ଗଲେ। ଘଟଣାଟି ଧଉଳି ଥାନା ଅଞ୍ଚଳରେ ଘଟିଥିବାବେଳେ ମୁଖ୍ୟ ଆଲୋଚନାର ବିଷୟ ପାଲଟିଛି। ଗିରଫ ଯୁବକ ହେଲେ ନିମାପଡ଼ା ଥାନା ଭିଲିଗ୍ରାମର ସଂଗ୍ରାମ ଦାସ। ସେ ଜଣେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ। ଏହି ଥାନା ଶିଶୁପାଳଗଡ଼ ଅଞ୍ଚଳର ଜଣେ ଯୁବତୀଙ୍କ ସହ ସଂଗ୍ରାମର ଇନ୍‌ଷ୍ଟାଗ୍ରାମରେ ପ୍ରେମ ହୋଇଥିଲା। ଉକ୍ତ ଯୁବତୀଙ୍କ ପ୍ରେମରେ ପାଗଳ ହୋଇଥିଲା ସଂଗ୍ରାମ। ସଂଗ୍ରାମ ଉକ୍ତ ଯୁବତୀଙ୍କୁ ଭାବପ୍ରବଣ ମୂଳକ ଫଟୋ ଓ ଭିଡିଓ ପଠାଇବା ସହ ନିଜେ ଆତ୍ମହତ୍ୟା କରିବ ବୋଲି କହି ବ୍ଲାକମେଲ କରିବାକୁ ଚେଷ୍ଟା କରିଥିଲା।



ମାତ୍ର ଏଥିରେ ଯୁବତୀ ଜଣଙ୍କ ରାଜି ନ ହେବାରୁ ତାକୁ ଅପହରଣ କରିଥିଲା ସଂଗ୍ରାମ। ଏପଟେ ପରିବାର ଲୋକେ ଯୁବତୀଙ୍କୁ ନ ପାଇ ଗତ ୧୬ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ତଦନ୍ତ ଚଳାଇଥିଲା। ପରେ ସମ୍ପୃକ୍ତ ଯୁବତୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ସଂଗ୍ରାମକୁ ଗିରଫ କରି ଥାନାକୁ ଆଣିଥିଲା ପୁଲିସ।

# ମନ୍ତ୍ରୀଙ୍କ ସହ ଓଆର୍‌ଏସ୍ ସଂଘର ଆଲୋଚନା

**ଭୁବନେଶ୍ୱର, ୨୩।୨(ସମିସ):** ଓଡ଼ିଶା ରାଜସ୍ୱ ଅଧିକାରୀ(ଓଆର୍‌ଏସ୍) ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ସହ ଗୁରୁବାର ଲୋକସେବା ଭବନରେ ଆଲୋଚନା କରାଯାଇଛି। ଗ୍ରେଡ୍ ପେ' ବୃଦ୍ଧି, ତିନି ବର୍ଷ ମଧ୍ୟରେ ପଦୋନ୍ନତି ନହେଲେ ଉପଯୁକ୍ତ ଦରମା ପ୍ରଦାନ, ୫ରୁ ଅଧିକ ଆର୍‌ଆଇ ସର୍କଲ ଥିବା ତହସିଲରେ ଓଆର୍‌ଏସ୍ ଅଧିକାରୀଙ୍କୁ ତହସିଲଦାର ଭାବେ ଅବସ୍ଥାନ, ସରକାରୀ ବାସଭବନ ଓ ଗାଡ଼ିର ବ୍ୟବସ୍ଥା, ସ୍ୱାସ୍ଥ୍ୟ ବୀମା ଆଦି ଦାବି ସଂଘ ପକ୍ଷରୁ ଉପସ୍ଥାପନ କରାଯାଇଛି। ସଂଘର ସଭାପତି କନିଷ୍କ ବୃନ୍ଦିସତ୍ତ୍ୱ ଦାସ ଦାବିଗୁଡ଼ିକୁ ମନ୍ତ୍ରୀଙ୍କୁ ଅବଗତ କରିଥିବାବେଳେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, କାର୍ଯ୍ୟକାରୀ ସଭାପତି କମଳ ବିହାରୀ ଦାସ, ସାଧାରଣ ସମ୍ପାଦକ ନୀଳମାଧବ ମହାନ୍ତି, ପ୍ରବୋଧ କୁମାର ମହାନ୍ତି, ରାଜେଶ କୁମାର ସାମଲ, ଅମିତ କୁମାର ସେଠୀ, ଅପୂର୍ବରଞ୍ଜନ ଆଇଚ, ରାଜେଶ ପ୍ରିୟଦର୍ଶୀ, ସନ୍ଦୀପ ଆଡ଼ଙ୍ଗା, ମଧୁସ୍ମିତା ନନ୍ଦ ଓ କ୍ରିଷ୍ଣା ପାଢ଼ୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଶାନ୍ତ କିଶୋର ମହାପାତ୍ର ଓ ଅତିରିକ୍ତ ସଚିବ ତ୍ରିଲୋଚନ ମାଝୀ ପ୍ରମୁଖ ସହଯୋଗ କରିଛନ୍ତି। ଦାବି ପୂରଣ ନହେଲେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

**ଚନ୍ଦ୍ରମା ଆପାର୍ଟମେଣ୍ଟ ଗୁଳିକାଣ୍ଡ ଘଟଣା**

# କୋର୍ଟରେ ହାଜର ହେଲେ ରମେଶ ଜେନା

**ଭୁବନେଶ୍ୱର, ୨୩।୨(ସମିସ):** ବହୁଚର୍ଚ୍ଚିତ ଚନ୍ଦ୍ରମା ଆପାର୍ଟମେଣ୍ଟ ଗୁଳିକାଣ୍ଡ ମାମଲାରେ ଭୁବନେଶ୍ୱରର ସ୍ୱତନ୍ତ୍ର କୋର୍ଟରେ ହାଜର ହେଲେ ଗଞ୍ଜାମ ସାନଖେମୁଣ୍ଡି ବିଧାୟକ ରମେଶ ଜେନା। ଏହି ମାମଲାରେ କୋର୍ଟରେ ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ଚାଲିଛି। ଏଥିପାଇଁ ବିଧାୟକ ଆଜି କୋର୍ଟରେ ହାଜର ହୋଇଥିଲେ। ଏହି ଗୁଳିକାଣ୍ଡ ଘଟଣାରେ ଅଭିଯୁକ୍ତ ଅଛନ୍ତି ବିଧାୟକ ରମେଶ ଜେନାଙ୍କ ସହ ତାଙ୍କର କିଛି ସହଯୋଗୀ। ଏହି ମାମଲାରେ ସେ ଗତ ୮ ଫେବୃଆରୀ ୨୦୧୧ରେ ପୁରୀ ଜିଲ୍ଲା ବ୍ରହ୍ମଗିରି ଗଡ଼ରୋଡଙ୍ଗରୁ ଗିରଫ ହୋଇଥିଲେ। ଗତକାଲି(ଗୁରୁବାର) ଏହି ଘଟଣାର ତଦନ୍ତକାରୀ ଅଧିକାରୀ ତଥା ଖାରବେଳ ନଗର ଥାନାର ତତ୍କାଳୀନ ଇନ୍ସପେକ୍ଟର ସତ୍ୟଜିତ ମିଶ୍ରଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ଏଥିସହ ପୁନର୍ବାର ଏହି ମାମଲାରେ ଆଜି ସ୍ୱତନ୍ତ୍ର କୋର୍ଟରେ ହାଜର ହେବା ପାଇଁ ବିଧାୟକଙ୍କୁ ନୋଟିସ୍ ହୋଇଥିଲା। ଫଳରେ ବିଧାୟକଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ହାଜର ହୋଇଛନ୍ତି। ଏ ନେଇ ବିଧାୟକ ରମେଶ ଜେନା କହିଛନ୍ତି, 'କୋର୍ଟରେ ବିଚାର ଚାଲିଛି ସେ ଉପରେ ଆମେ ବୟାନ ଦେବା ଠିକ୍ ହେବନି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ତାରିଖରେ ଆମେ କୋର୍ଟରେ ପହଞ୍ଚୁଛୁ। କୋର୍ଟକୁ ସମ୍ମାନ ଦେଇ ସାକ୍ଷୀ ଚାଲିଥିଲା, ତାରିଖ ଆଗକୁ ଅଛି, ଯାହା ଆଗକୁ ଫଇସଲା ହେବ। ସେପଟେ ନିର୍ବାଚନମଣ୍ଡଳୀ କାମ ଚାଲିଛି। ଏ ପଟେ ତାରିଖ ଚାଲିଛି ଲୋକଙ୍କ ସମର୍ଥନ ରହିଛି। ସେପଟେ ଏହାକୁ ନେଇ ବିଧାୟକଙ୍କ ଓକିଲ ସୁବଳ କିଶୋର ପରିଡ଼ା କହିଛନ୍ତି ଯେ, 'ଏହି କେସ୍ ପୁଲିସ ଦ୍ୱାରା ପ୍ଲାଣ୍ଟ କରାଯାଇଥିଲା। ବିଧାୟକଙ୍କ ରାଜନୈତିକ କ୍ୟାରିୟର ଧ୍ୱଂସ କରିବା ପାଇ ପୁଲିସ ଅଧିକାରୀଙ୍କ ନେତୃତ୍ୱରେ କେସ୍ କରାଯାଇଛି। ସେହି କେସର ଆଜି ସାକ୍ଷୀପ୍ରମାଣ ସଂଗ୍ରହର ୫ମ ଦିନ ଥିଲା। ପରବର୍ତ୍ତୀ ସାକ୍ଷ୍ୟ ଗ୍ରହଣ ଓ ସାମ୍ନା ସାମ୍ନି ଜେରା ପାଇ ଆସନ୍ତା ମାର୍ଚ୍ଚ ୧୬ ତାରିଖକୁ ରଖାଯାଇଛି। ସରକାରୀ ଓକିଲଙ୍କ ସୂଚନା ଅନୁସାରେ, ତତ୍କାଳୀନ ଇନ୍ସପେକ୍ଟର ସତ୍ୟଜିତ ମିଶ୍ରଙ୍କୁ ଗତ ୨୦୨୧ ଫେବୃୟାରୀ ୧ରେ ଏକ ଖବର ମିଳିଥିଲା। ଜଣେ ମହିଳା ଟେଲିଫୋନ ଯୋଗେ କହିଥିଲେ ଯେ, ୯ରୁ ଜଣ ୧୦ ଗୁଣ୍ଡା ମାଉଜର ଧରି ଏକ ଆପାର୍ଟମେଣ୍ଟରେ ରହିଛନ୍ତି। ଖୁବ୍ ଭୟଭୀତ ସ୍ୱରରେ ମହିଳା ଜଣକ ଏତିକି କହି ଫୋନ୍ କାଟି ଦେଇଥିଲେ। ଏହାପରେ ଫ୍ଲାଟ୍‌ର ଇ ବ୍ଲକ ୪/୭ରେ ପହଞ୍ଚିଥିଲା ପୁଲିସ। ଏ ସମ୍ପର୍କରେ ତତ୍କାଳୀନ ଡିସିପି ହିମାଂଶୁ ଲାଲଙ୍କୁ ଅବଗତ କରାଇଥିଲେ ତତ୍କାଳୀନ ଇନସ୍ପେକ୍ଟର। ପରେ ଡିସିପିଙ୍କ ନିର୍ଦ୍ଦେଶକ୍ରମେ ସ୍ୱେଶାଲ ସ୍କ୍ୱାଡ୍‌ର ଇନ୍ସପେକ୍ଟର ଅନୁପ କାନୁନ ମଧ୍ୟ ଏକ ଟିମ୍ ସହ ସାଦା ପୋଷାକରେ ଓ ଥାନାର ଷ୍ଟାଫ୍ ୟୁନିଫର୍ମରେ ସେଠାକୁ ଯାଇଥିଲେ। ଅପରାଧୀମାନେ ବନ୍ଧୁକ ଓ ମାରଣାସ୍ତ୍ର ଧରିଥିବା ସନ୍ଦେହରେ ସେଠାରେ ପୁଲିସ ଛାଉଣୀ କରାଯାଇଥିଲା। ଏହାପରେ ପୁଲିସକୁ ଦେଖି ଏକ ଫାୟାରିଂ ହୋଇଥିଲା। ସଙ୍ଗେ ସଙ୍ଗେ ଆହୁରି ପୁଲିସ ଫୋର୍ସ ଅଣାଯାଇଥିଲା। ମାଇକ ଯୋଗେ ଆପାର୍ଟମେଣ୍ଟରେ ଥିବା ଲୋକଙ୍କୁ ସୂଚନା ଦିଆଯାଇଥିଲା। ଏହି ସମୟରେ କିଛି ଲୋକ ଆପାର୍ଟମେଣ୍ଟରୁ ତଳୁ ଓହ୍ଲାଇଥିଲେ ଏବଂ ସେମାନେ କହିଥିଲେ ଯେ, ସେଠାରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ରହୁଛନ୍ତି। ଏହାପରେ ପୁଲିସ ଆଉ କାଉଣ୍ଟର ଫାୟାରିଂ ନକରି ଧୀରେ ଧୀରେ ଡାକ ବାଜି ଯୋଗେ ସେମାନଙ୍କୁ ପୁଲିସକୁ ସହଯୋଗ ପାଇଁ କହିଥିଲେ। ପରେ ସେଠାରୁ ପୁଲିସ ହଟିଥିଲେ। କିନ୍ତୁ ପୁଲିସ ୨୩/୧୧ରେ କେସ କରି ୮ରୁ ୯ଜଣଙ୍କ ନାଁରେ ଆର୍ମ୍ସ ଆକ୍ଟରେ କେସ୍ କରିଥିଲା। ପରେ ସେହି ଘଟଣାରେ ୮ରୁ ୯ଜଣଙ୍କୁ ଗିରଫ କରାଯାଇଥିଲା। ସେହି ବର୍ଷ ଫେବୃଆରୀ ୮ ତାରିଖରେ ଏହି ଗୁଳିକାଣ୍ଡରେ ସମ୍ପୃକ୍ତି ନେଇ ବ୍ରହ୍ମଗିରିରୁ ବିଧାୟକ ସାନଖେମୁଣ୍ଡି ରମେଶ ଜେନାଙ୍କୁ ଗିରଫ କରାଯାଇଥିଲା। ସେବେଠୁ ଏହି ଗୁଳିକାଣ୍ଡ ଘଟଣାକୁ ନେଇ ଆଇନଗତ ବିଚାର କୋର୍ଟରେ ଚାଲୁରହିଛି। ଇତିମଧ୍ୟରେ ୨୦ରୁ ୨୨ ଜଣ ସାକ୍ଷୀ ପୁଲିସ ରେକର୍ଡରେ ରହିଛି।











ଶୁକ୍ରବାର ଏକାମ୍ର ପ୍ରକଳ୍ପସ୍ଥଳ ପରିଦର୍ଶନ କରୁଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ

# ହୋ ହଲ୍ଲାରେ ଶେଷହେଲା ବିଏମ୍‌ସି ବୈଠକ

**ଭୁବନେଶ୍ୱର, ୨୩।୨(ସମିସ):** ନିର୍ବାଚନ ପୂର୍ବରୁ ବିଏମ୍‌ସିର ଶେଷ କର୍ପୋରେସନ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରବଳ ହୋ ହଲ୍ଲା ହୋଇଥିଲା ବେଳେ ବିରୋଧୀ କର୍ପୋରେଟରମାନେ ଏଲ୍‌ଆରସିକୁ ନେଇ ପାଟିତୁଣ୍ଡ କରିଥିଲେ। ଏହାପରେ ବିରୋଧୀ କର୍ପୋରେଟରମାନେ ପୋଡିୟମ୍ ପାଖକୁ ଚାଲି ଆସିଥିଲେ। ପରେ କକ୍ଷତ୍ୟାଗ କରିଥିଲେ। ଅପରାହ୍ନ ୧୧ଟା ବେଳେ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। କର୍ପୋରେଟରମାନଙ୍କୁ ବୁଝାସୁଝା କରାଯାଇଥିଲେ ବି କିଛି ଫଳ ମିଳି ନ ଥିଲା। ଶେଷରେ ସେମାନେ ଅଧାରୁ ବୈଠକ ଛାଡ଼ି ଚାଲିଯାଇଥିଲେ। ମେୟର କହିଛନ୍ତି ଯେଉଁ ଲୋକମାନଙ୍କ ଠାରୁ ଅଧିକ ଟଙ୍କା ଭୁଲବଶତଃ ନିଆହେଉଛି ସେମାନଙ୍କୁ ପୁନର୍ବାର ଫେରାଇ ଦିଆଯାଉଛି।

ସେପଟେ ଆରମ୍ଭରୁ ପ୍ରାୟ ଦେଢ଼ ଘଣ୍ଟା ହୋ-ହଲ୍ଲା ପରେ ମଧ୍ୟ କର୍ପୋରେସନ୍ ସ୍ୱାଭାବିକ୍ ହୋଇପାରି ନଥିଲା। କିଛି ହାତଗଣତି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। କୌଣସି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇପାରି ନଥିବାବେଳେ ଡିଡିଏନ୍ ସର୍ଭେ, ରାସ୍ତା ଓ ଡ୍ରେନ୍ ସର୍ଭେ ସିମେଣ୍ଟ ଫ୍ୟାକ୍ଟ୍ରିକୁ ପଠାଯାଉଥିବା ଆର୍‌ଡିଏଫ୍‌କୁ ନେଇ ଆଲୋଚନା ହୋଇଛି। ବୈଠକ ଶେଷରେ ମେୟର ଶ୍ରୀମତୀ ଦାସ କହିଛନ୍ତି, ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ କୋଡ୍ ଅଫ୍ କଣ୍ଡକ୍ଟ ଲାଗୁ ହେବ। ଏହି ସମୟ ମଧ୍ୟରେ ଉନ୍ନତିମୂଳକ କାମ କେମିତି ହେବ ହିଟ୍ ୱେଭ୍ ନେଇ କ'ଣ ପ୍ରସ୍ତୁତ ହେବ ସେନେଇ କର୍ପୋରେସନରେ ଆଲୋଚନା ହେବାର ଥିଲା। ହେଲେ ଜାଗା ମିଶନ ଓ ଏଲ୍‌ଆର୍‌ସି ବଣ୍ଟନରେ ତ୍ରୁଟି ନେଇ ବିଜେପି କର୍ପୋରେଟରଙ୍କ ବିରୋଧ ପ୍ରଦର୍ଶନ ଲାଗି ଗୃହ ସ୍ୱାଭାବିକ ଭାବେ ଚାଲିପାରିଲା ନାହିଁ।

ଏବେସୁଦ୍ଧା ବିଏମ୍‌ସି ବିଭିନ୍ନ ଜୋନ୍‌ରେ ୬୩ ହଜାରରୁ ଊର୍ଦ୍ଧ୍ୱ ଏଲ୍‌ଆର୍‌ସି ବାଣ୍ଟିସାରିଛି। ପରବର୍ତ୍ତୀ ଦିନରେ ବାକି ଟାର୍ଗେଟ ମଧ୍ୟ ପୂରଣ କରିବାକୁ ଲକ୍ଷ୍ୟ ରଖିଛି। କିଛି ସ୍ଥାନରେ ତ୍ରୁଟି ରହିଛି, ଏହା ଆମର ମଧ୍ୟ ନଜରକୁ ଆସିଛି। ଏହି ସମୟ ମଧ୍ୟରେ ଆମେ ବସ୍ତିବାସିନ୍ଦାଙ୍କ ଅଭିଯୋଗ ମଧ୍ୟ ରଖିଛୁ। କିଛି ଲୋକଙ୍କୁ ଭୁଲରେ ଡିମାଣ୍ଡ ନୋଟିସ୍ ଯାଇଛି। ସେମାନଙ୍କ ଅଭିଯୋଗ ରଖାଯାଇ ବିଏମସି ଟିମ୍ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରୁଛି। ଯଦି ଅଭିଯୋଗ ସତ ପ୍ରମାଣିତ ହେଉଛି, ତାଙ୍କୁ ତୁରନ୍ତ ପଇସା ଫେରସ୍ତ କରାଯାଉଛି। ଏଲ୍‌ଆର୍‌ସି ବଣ୍ଟନ ଏକ ଦୀର୍ଘ ସ୍ଥାୟୀ କାର୍ଯ୍ୟ ହୋଇଥିବାବେଳେ ପର୍ଯ୍ୟାୟକ୍ରମେ ଏହାର ସଂଶୋଧନ ମଧ୍ୟ କରାଯିବ। ୭ ତାରିଖ ଦିନ ଜାଗା ମିଶନ ଉପରେ ବିସ୍ତୃତ ଆଲୋଚନା କରିବାକୁ ବିଜେପି କର୍ପୋରେଟରଙ୍କୁ ପ୍ରସ୍ତାବ ଦେବା ପରେ ମଧ୍ୟ ସେମାନେ ଗୃହ ତ୍ୟାଗ କରିଥିବା ମେୟର ଶ୍ରୀମତୀ ଦାସ କହିଛନ୍ତି।

### ମାନୁନାହାନ୍ତି ଅଧିକାରୀ

ବିଏମ୍‌ସି ଅଧିକାରୀ କର୍ପୋରେସନ୍ ନିଷ୍ପତ୍ତିକୁ ମାନୁ ନାହାନ୍ତି। ଆଗୁଆ ପ୍ରକଳ୍ପ କରିବା ପରେ କର୍ପୋରେସନ୍‌ରେ ପ୍ରସ୍ତାବ ପକାଇ ପାସ୍ କରୁଛନ୍ତି। ଏନେଇ କର୍ପୋରେଟରମାନେ ବାରମ୍ବାର ଅଭିଯୋଗ କଲେ କେହି ଶୁଣୁନାହାନ୍ତି। ତେଣୁ ଭବିଷ୍ୟତରେ ଏଭଳି ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ପ୍ରୋସିଡିଂ ହେବ ବୋଲି କର୍ପୋରେଟରମାନେ ଦାବି ଉଠାଇଥିଲାବେଳେ ଯେଉଁଥିରେ ମେୟର ମଧ୍ୟ ଏକମତ ହୋଇଥିଲେ।

### ଡିଡିଏନ୍ ବ୍ୟୟବରାଦକୁ ନେଇ ପ୍ରଶ୍ନ

ଡିଡିଏନ୍ କାମରେ ଲାଗୁନି। ହେଲେ ଏଥିପାଇଁ ବଜେଟରେ ବ୍ୟୟବରାଦ କରାଯାଉଛି। ଡିଜିଟାଲ୍ ଡୋର୍ ନମ୍ବରିଂ (ଡିଡିଏନ୍)ର ଆବଶ୍ୟକତା ସମ୍ପର୍କରେ ପ୍ରଶ୍ନ ଉଠିଥିଲା। କର୍ପୋରେଟର ନୃପେଶ କୁମାର ନାୟକ ଏହି ପ୍ରଶ୍ନ କରିଥିଲେ। ଡିଡିଏନ୍ ବାବଦରେ ମହାନଗର ନିଗମ ଗତବର୍ଷ ୧କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଆସନ୍ତା ବର୍ଷ ୪୦ଲକ୍ଷ ଖର୍ଚ୍ଚ କରିବା ପାଇଁ ୨୦୨୪-୨୫ ବଜେଟ୍‌ରେ ସ୍ଥିର ହୋଇଛି।

● ହାଇକୋର୍ଟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ନିଯୁକ୍ତି ପ୍ରସଙ୍ଗ

## ସର୍ବନିମ୍ନ ବୟସ ସର୍ତ୍ତ କୋହଳ ଆବେଦନ ଖାରଜ

**କଟକ, ୨୩।୨(ସମିସ):** ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇବା ତାରିଖ ସୁଦ୍ଧା ପ୍ରାର୍ଥୀଙ୍କ ସର୍ବନିମ୍ନ ବୟସ ୨୧ ବର୍ଷ ହୋଇଥିଲେ ଆବେଦନକାରୀଙ୍କୁ ଏହି ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ଅନୁମତି ଦିଆଯିବା ପ୍ରସଙ୍ଗରେ ରୁଜୁ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ସହକାରୀ ନିର୍ବାହୀ ଯନ୍ତ୍ରୀ ପଦରେ ନିଯୁକ୍ତି ପାଇଁ ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି) ପକ୍ଷରୁ ୨୦୨୩, ଡିସେମ୍ବର ୨୮ର ବିଜ୍ଞପ୍ତିରେ ପ୍ରାର୍ଥୀଙ୍କ ସର୍ବନିମ୍ନ ବୟସ ସୀମା ସର୍ତ୍ତକୁ ଚାଲେଞ୍ଜ କରି ଆର୍ଯ୍ୟନ ବଳଙ୍କ ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି।

## ଭୁବନେଶ୍ୱରରେ ବିଏସ୍‌ଏଚ୍ ହୋମ୍ ଆପ୍ଲାଏନ୍ସ ଷ୍ଟୋର



**ଭୁବନେଶ୍ୱର, ୨୩।୨(ସମିସ):** ଘରୋଇ ଉପକରଣ ଶିଳ୍ପରେ ବିଶ୍ୱସ୍ତରୀୟ ଅଗ୍ରଣୀ ସଂସ୍ଥା ବିଏସ୍‌ଏଚ୍ ହୋମ୍ ଆପ୍ଲାଏନ୍ସ ପ୍ରାଇଭେଟ୍ ଲିମିଟେଡ୍ ଓଡ଼ିଶାରେ ବଜାର ପ୍ରବେଶ କରିଛି। ଏହାର ବୋସ୍ ଏବଂ ସିମେନ୍ସ ବ୍ରାଣ୍ଡ ଷ୍ଟୋର ପୁରୀ ବାଇପାସ୍ ରୋଡ୍‌ସ୍ଥିତ ସାଇମନ୍ଦିର ଛକ ନିକଟରେ ଖୋଲିଛି। ଉଦ୍‌ଘାଟନୀ ଉତ୍ସବରେ ବିଏସ୍‌ଏଚ୍ ହୋମ୍ ଆପ୍ଲାଏନ୍ସର ସିଇଓ ତଥା ଏମ୍‌ଡି ସୈଫ୍ ଖାନ୍, ଡିଲର୍ ପାର୍ଟନର ସନ୍ତୋଷ ବେହେରା ଏବଂ ବିଏସ୍‌ଏଚ୍ ହୋମ୍ ଆପ୍ଲାଏନ୍ସର ଅନ୍ୟ ବରିଷ୍ଠ କର୍ମଚାରୀମାନେ ଉପସ୍ଥିତ ଥିଲେ। ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଏବଂ ସହରର ଅବସ୍ଥିତି ଭୁବନେଶ୍ୱରକୁ ରିଅଲ୍ ଇଷ୍ଟେଟ୍ ଭିତ୍ତିଭୂମି ଏବଂ ଆଇଟି କ୍ଷେତ୍ର ପାଇଁ ଏକ ଅଗ୍ରଣୀ କେନ୍ଦ୍ର ଭାବରେ ପରିଚୟ ଦେଇଛି। ଏହାସହ ଦ୍ରୁତ ଭିତ୍ତିଭୂମିର ବିକାଶ, ସ୍ମାର୍ଟ ସିଟି ଏବଂ ଏକ ସମୃଦ୍ଧ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଭୁବନେଶ୍ୱର ବାସିନ୍ଦାଙ୍କ ମଧ୍ୟରେ ପ୍ରିମିୟମ୍ ଉତ୍ପାଦଗୁଡ଼ିକର ଚାହିଦାକୁ ବଢ଼ାଇ ଦେଇଛି। ତେଣୁ ଭୁବନେଶ୍ୱରରେ ଏହାର ସୋ'ରୁମ୍ ଖୋଲିବାର ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ଦିନରେ ଷ୍ଟିଲ୍ ସିଟି ରାଉରକେଲାରେ ମଧ୍ୟ ଆଉ ଏକ ସୋ'ରୁମ୍ ଖୋଲିବା ନେଇ ଯୋଜନା କରାଯାଉଛି। ଜର୍ମାନ ଇଞ୍ଜିନିୟରିଂ, ନୂତନ ଟେକ୍ନୋଲୋଜି ଏବଂ ଅତୁଳନୀୟ ଗୁଣବତ୍ତା ପାଇଁ ପ୍ରସିଦ୍ଧ ବୋସ୍ ଏବଂ ସିମେନ୍ସ ଉପକରଣର ଏକ ବିସ୍ତୃତ ପରିସର ପ୍ରଦାନ କରି ଜିରକନ୍-ଟେକ୍ ଏହି ଚାହିଦା ପୂରଣ କରିବାକୁ ପ୍ରସ୍ତୁତ। ଏହି ଷ୍ଟୋର୍‌ରେ ପର୍ଯ୍ୟାପ୍ତ ସଂଖ୍ୟକ ଅତ୍ୟାଧୁନିକ ଉପକରଣ ରହିଛି। ଭାରତର ସିମେନ୍ସ ବ୍ରାଣ୍ଡ ଅଧୀନରେ ସମ୍ପ୍ରତି ଆରମ୍ଭ ହୋଇଥିବା ଆଇକ୍ୟୁ୭୦୦ ରେଞ୍ଜର ଓଭେନ୍ ମଧ୍ୟ ରହିବ। ଏହାବ୍ୟତୀତ ହୋମ୍ କନେକ୍ଟ ଫିଚର ଓଭନରେ ସମନ୍ୱିତ ଅନେକ ଅଭିନବ ବୈଶିଷ୍ଟ୍ୟ ସହିତ ବ୍ୟବହାରକାରୀଙ୍କ ପାଇଁ ଜୀବନକୁ ସରଳ କରିଥାଏ। ସ୍ମାର୍ଟ ଭାରତୀୟ ପରିବାର ପାଇଁ ନିର୍ମିତ, ଗ୍ରାହକମାନେ ହୋମ୍ କନେକ୍ଟ ଆପ୍ ମାଧ୍ୟମରେ ଭଏସ୍ କଣ୍ଟ୍ରୋଲ୍, ସ୍ମାର୍ଟଫୋନ୍, ଟାବଲେଟ୍ କିମ୍ବା ଟଚ୍ ଡିସପ୍ଲେ ମାଧ୍ୟମରେ ଓଭନ୍ ପ୍ରୋଗ୍ରାମକୁ ସହଜରେ ନିୟନ୍ତ୍ରଣ କରିପାରିବେ। ଗ୍ରାହକମାନେ ବ୍ୟକ୍ତିଗତ ଉତ୍ପାଦ ପ୍ରଦର୍ଶନ, ବିଶେଷଜ୍ଞ ପରାମର୍ଶ ଏବଂ ଗ୍ରାହକମାନଙ୍କୁ ଉଚ୍ଚ-ଗୁଣବତ୍ତା ବିକ୍ରୟ ଏବଂ ବିକ୍ରୟ ପରବର୍ତ୍ତୀ ସେବା ପାଇପାରିବେ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

● ସପ୍ତମ ଅସୀମ ନାଟକ ଉତ୍ସବ ଉଦ୍‌ଘାଟିତ

## ପ୍ରଥମ ସନ୍ଧ୍ୟାରେ 'ନିଲଠା ନିର୍ଦ୍ଦେଶକ'



**ଭୁବନେଶ୍ୱର, ୨୩।୨(ସମିସ):** ଅସୀମ ବସୁ ଫାଉଣ୍ଡେସନ ପକ୍ଷରୁ 'ସପ୍ତମ ଅସୀମ ନାଟକ ଉତ୍ସବ' ଭଞ୍ଜକଳାମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଯାଇଛି ନାଟକ 'ନିଲଠା ନିର୍ଦ୍ଦେଶକ'। ଲାବଣ୍ୟ ଥିଏଟର, ଭୁବନେଶ୍ୱର ପକ୍ଷରୁ ମଞ୍ଚସ୍ଥ ଏହି ନାଟକର ରଚନା ଦିଲ୍ଲୀପ ବଳବନ୍ତରାୟ କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ସତ୍ୟ ଜେନା। ନାଟକର କାହାଣୀ ଅନୁସାରେ, ସମ୍ପର୍କରେ... ହସିବାକୁ ଆମେ ସମସ୍ତେ ଚାହୁଁଛେ, ହେଲେ ହସିବାର ଖୋରାକ ମିଳୁନି। ଏଇ ଆଉ ଟିକିଏ ପରେ ହସ ମିଳିବ ଏଇ ଆଶାରେ ଚାଲିଛେ। ହେଲେ ମୃଗତୃଷ୍ଣା ପରି ହସ ଆମମାନଙ୍କ ଜୀବନରୁ ଦୂରେଇ ଦୂରେଇ ଯାଉଛି। ଆଶ୍ଚର୍ଯ୍ୟର କଥା ହେଉଛି କି ଅନେକ ସମୟରେ ଆମେ ଅନ୍ୟର ଦୁର୍ଦ୍ଦଶା ଦେଖି ହସନ୍ତି। ତେବେ କ'ଣ ବଦଳି ଗଲାଣି ହସର ପରିଭାଷା ଜଣେ ଅନ୍ୟକୁ ଠେଲି ଦୂରେଇ ଯିବାକୁ ଚେଷ୍ଟା କରୁଥିବାବେଳେ ଅନ୍ୟ ଜଣେ ତା'ଠାରୁ ପାଦେ ଆଗକୁ ଯାଇ ପ୍ରତିରୋଧ କରିବାକୁ ଚେଷ୍ଟା କରୁଛି। ଦୁଇଜଣଙ୍କ ବିବାଦରେ ତୃତୀୟ ଜଣଙ୍କ ଲାଭ ହେବାର ପରିସ୍ଥିତି ଉପୁଜୁଛି। ଜୀବନ ଜଞ୍ଜାଳର ବିକଟ ପରିସ୍ଥିତିରେ ଆମେ ହସିବାକୁ ଟିକିଏ ସମୟ ପାଉନୁ। ଲାଫିଙ୍ଗ କ୍ଲବ୍ କରି ହସିବାର ଅଭିନୟ କରୁଛେ। ତେଣୁ ନାଟକ ମାଧ୍ୟମରେ ନିଜେ ହସିବା ସହ ଅନ୍ୟକୁ ହସାଇବାକୁ ପ୍ରୟାସ କରିଛନ୍ତି କଳାକାରମାନେ।

ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଏକ ଐତିହାସିକ ନିଷ୍ପତ୍ତି

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଓଡ଼ିଶା ଶିଳ୍ପୀ ମହାସଂଘ



**ଭୁବନେଶ୍ୱର, ୨୩।୨(ସମିସ):** ଗତ ୧୪ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଘୋଷଣା କରାଯାଇଛି। ଏହାଦ୍ୱାରା ରାଜ୍ୟର ଲକ୍ଷ ଲକ୍ଷ ହସ୍ତଶିଳ୍ପୀ ଓ ବୁଣାକାର ଉପକୃତ ହେବେ। ତେଣୁ ଏହାକୁ ସେମାନେ ଏକ ଐତିହାସିକ ନିଷ୍ପତ୍ତି ବୋଲି କହି ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ରାଜ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସଂଗଠନ ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ଜୟଦେବ ଭବନ ପରିସରରେ ଆମେ କୃତଜ୍ଞ ବୋଲି ବୁଣାକାର ଓ କାରିଗର ସମାବେଶର ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶା ଶିଳ୍ପୀ ମହାସଂଘ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛି।

ଗତ ୨୦୧୯ ମସିହା ମାର୍ଚ୍ଚ ମାସ ୫ତାରିଖରେ ଓଡ଼ିଶା ଶିଳ୍ପୀ ମହାସଂଘର ବାରମ୍ବାର ଅନୁରୋଧ ପରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପାଇଁ ମାସିକ ଆର୍ଥିକ ସହାୟତା କଥା ଘୋଷଣା କରିଥିଲେ। ବିଡ଼ମ୍ବନାର ବିଷୟ ରାଜ୍ୟ ସରକାରଙ୍କ ଏହି ଘୋଷଣା କାର୍ଯ୍ୟକାରୀ ହୋଇ ପାରିନଥିଲା। ହତୋତ୍ସାହ ନହୋଇ ଓଡ଼ିଶା ଶିଳ୍ପୀ ମହାସଂଘ ଦୀର୍ଘ ୫ ବର୍ଷ ଧରି ଧାରଣା, ସମାବେଶ ଓ ପତ୍ରାଳାପ ମାଧ୍ୟମରେ ସରକାରଙ୍କୁ ଏହି ଘୋଷଣା କାର୍ଯ୍ୟକାରୀ କରିବାକୁ ଦାବି ଜଣାଇ ଆସୁଥିଲା। ଶେଷରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଶିଳ୍ପୀ ମହାସଂଘର ଅନୁରୋଧ ରକ୍ଷା କରିଥିଲେ ଓ ଗତ ୧୪ ତାରିଖରେ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପାଇଁ ମାସିକ ଆର୍ଥିକ ସହାୟତା ଯୋଜନା ଭଳି ଏକ ବଡ଼ ଉପହାର ଭେଟି ଦେଇଥିଲେ। ଏହି ଯୋଜନା ଅଧୀନରେ ଉଭୟ ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ହସ୍ତଶିଳ୍ପୀ ଏବଂ ବୁଣାକାରଙ୍କୁ ମାସିକ ଆର୍ଥିକ ସହାୟତା ବାବଦକୁ ୨୦୦୦ ଟଙ୍କା ପ୍ରଦାନ କରାଯିବ। ସେହିଭଳି ୮୦ ବର୍ଷରୁ ଊର୍ଦ୍ଧ୍ୱ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ମାସିକ ୨୫୦୦ଟଙ୍କା ପ୍ରଦାନ କରାଯିବ। ବର୍ଷକୁ ୧ ଲକ୍ଷ ଟଙ୍କାରୁ କମ ଆୟ କରୁଥିବା ଆର୍ଥିକ ଭାବେ ଦୁର୍ବଳ ବୁଣାକାର ଓ ହସ୍ତଶିଳ୍ପୀଙ୍କ ପାଇଁ ଏହି ଯୋଜନା ଉଦ୍ଦିଷ୍ଟ ଅଟେ। ଓଡ଼ିଶା ଶିଳ୍ପୀ ମହାସଂଘର ସଭାପତି ଉଦୟ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶିଳ୍ପୀ ମହାସଂଘର ମୁଖ୍ୟ ଉପଦେଷ୍ଟା ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ଅନ୍ୟତମ ଅତିଥି ମହାସଂଘର ଉପଦେଷ୍ଟା ସିଦ୍ଧାର୍ଥ ଘୋଷ, ସଂଗଠନ ସମ୍ପାଦିକା ସରୋଜିନୀ ଦାସ, ଉପସଭାପତି ଶରତ ପ୍ରଧାନ, ବାଲେଶ୍ୱର ଜିଲ୍ଲା ସଭାନେତ୍ରୀ ବାସନ୍ତୀ ନାୟକ, ଶିଳ୍ପୀ ସଂଗଠକ ବିପିନ ବିହାରୀ ସାହୁ, ଫିଓର ଓଡ଼ିଶା ଚାପଟର ମୁଖ୍ୟ କମଳ ସାହୁ, ଶିକ୍ଷା ଟ୍ରଷ୍ଟ ମୁଖ୍ୟ ଇ. ଆଲେକଜାଣ୍ଡର ଦାସ, ଶିଳ୍ପୀ ସଂଗଠକ ଦିଲ୍ଲୀପ ପଟ୍ଟନାୟକ, ବରିଷ୍ଠ ବୁଣାକର ଲକ୍ଷ୍ମୀଧର ଚାନ୍ଦ, ଜମ୍ବେଶ୍ୱର ବେହେରା, ଦେବୀ ପ୍ରସନ୍ନ ନନ୍ଦ, ଆଦରମଣି ବରାଳ ପ୍ରମୁଖ ନିଜ ବକ୍ତବ୍ୟରେ ଶିଳ୍ପୀ ଓ ବୁଣାକାର ଏକତା ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ।

'ମୋ ବସ୍'ର ନୂଆ ମୋବାଇଲ୍ ଆପ୍ ଉନ୍ମୋଚିତ

# ଟଙ୍କା ନୁହେଁ; କାର୍ଡରେ ମିଳିବ ଟିକଟ

**ଭୁବନେଶ୍ୱର, ୨୩।୨(ସମିସ):**




ଟିକଟ ବ୍ୟବସ୍ଥାରେ ଆଉ ପାଦେ ଆଗକୁ ଗଲା କ୍ୟାପିଟାଲ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ(କ୍ରୁଟ୍)। ବସ୍ ଯାତ୍ର ପାଇଁ ଏଣିକି ଆଉ ସାଙ୍ଗରେ ଟଙ୍କା ନେଇ ଯିବାର ଆବଶ୍ୟକତା ନାହିଁ। ମୋ ବସ୍ ଯାତ୍ରୀ କାର୍ଡ ଦ୍ୱାରା ଟିକଟ୍ ନେଇ ପାରିବେ। ଆପ୍ ମାଧ୍ୟମରେ ମଧ୍ୟ ଟିକଟ ପାଇପାରିବେ। ଶୁକ୍ରବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରୁଟ୍ ଅଧ୍ୟକ୍ଷା ଏଭଳି ବ୍ୟବସ୍ଥାକୁ ଉନ୍ମୋଚନ କରିଛନ୍ତି। ମୋ ବସ୍ ସେବାରେ ଉନ୍ନତ ପ୍ରଯୁକ୍ତି ବିଦ୍ୟା ଓ ଯାତ୍ରୀମାନଙ୍କ ପାଇଁ ସହଜ, ସରଳ ଯାତ୍ରା ପାଇଁ ଏକ ନୂଆ ମୋ ବସ୍ ମୋବାଇଲ୍ ଆପ୍ଲିକେସନ୍ ଉନ୍ମୋଚନ ହୋଇଛି। ଯେଉଁଥିରେ ଚଳନ୍ତା ବସ୍‌ଗୁଡ଼ିକର ଟ୍ରାକିଂ ଏବଂ ବସ୍ ମଧ୍ୟରେ ଥିବା ବାସ୍ତବିକ ସମୟର ଯାତ୍ରୀଙ୍କ ସ୍ଥିତି ଜାଣିହେବ। ଏହି ଆପ୍‌କୁ ବ୍ୟବହାର କରି ଯାତ୍ରୀମାନେ ଅନ୍‌ଲାଇନ୍ ଟିକଟ୍ ଏବଂ ପାସ୍ କରିବା ସହିତ ଏହାର ନବୀକରଣ କରିପାରିବେ। ମୋ ବସ୍ ମୋବାଇଲ୍ ଆପ୍ଲିକେସନ୍‌ର ଉଭୟ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ଭର୍ସନ ଉନ୍ମୋଚନ ହୋଇଛି। ଯେଉଁଥିରେ ଯାତ୍ରୀମାନେ ମୋ ବସ୍ ସେବା ଉପଲବ୍ଧ ଥିବା ପ୍ରତ୍ୟେକ ସହର ଓ ଏହାର ରୁଟ୍ ବିଷୟରେ ସେଥିରୁ ଜାଣିପାରିବେ। ଏହି ନୂତନ ଆପ୍ ମାଧ୍ୟମରେ ମୋ ବସ୍‌ରେ ଯାତ୍ରା କରିବା ସମୟରେ ହିଁ ଜଣେ ଯାତ୍ରୀ ନିଜର ଟିକେଟ୍ ବୁକ୍ କରିପାରିବେ ଏବଂ ଆଗାମୀ ଯାତ୍ରାର ଯୋଜନା ସହଜରେ ପ୍ରସ୍ତୁତ କରିହେବ। ବସ୍ ପହଞ୍ଚିବା ପୂର୍ବରୁ ମୋ ବସ୍ ମଧ୍ୟରେ ଯାତ୍ରୀଙ୍କ ଉପସ୍ଥିତି ଜାଣିବା ସହିତ ଷ୍ଟପେଜ୍‌ରେ ବସ୍ ପହଞ୍ଚିବାର ଆନୁମାନିକ ସମୟ ମଧ୍ୟ ଜାଣିହେବ। ତାହା ସହିତ ଆପଣ ଆପଣଙ୍କ ଚତୁଃପାର୍ଶ୍ୱରେ ଉପସ୍ଥିତ ବସ୍‌କୁ ଦେଖିପାରିବେ। ଆପଣଙ୍କ ସହର ଓ ନିଜ ଭାଷା ଚୟନ କରି ଏହାକୁ ବ୍ୟବହାର କରିପାରିବେ। ଏହି ଅବସରରେ ଭୁବନେଶ୍ୱର ଉନ୍ନୟନ କମିସନର୍, ଅତିରିକ୍ତ ଶାସନ ସଚିବ ଏବଂ କ୍ରୁଟ୍ ଅଧ୍ୟକ୍ଷା ଅନୁ ଗର୍ଗ କହିଛନ୍ତି ଯେ, ବର୍ତ୍ତମାନ ଯାତ୍ରୀମାନେ ଏହି ନୂତନ ଆପ୍ ବ୍ୟବହାର କରି ସେମାନଙ୍କ ବସ୍ ଆଗମନର ଲାଇଭ୍ ଟ୍ରାକିଂ ତଥା ମୋ ବସ୍ ସେମାନଙ୍କ ଷ୍ଟପେଜ୍‌ରେ ପହଞ୍ଚିବାର ବାସ୍ତବିକ ସମୟ ଜାଣିବା ସହିତ ଆଗାମୀ ଯାତ୍ରାର ଯୋଜନା ପ୍ରସ୍ତୁତ କରିପାରିବେ। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଜି.ମାଥିଭାଥନନ୍ କହିଛନ୍ତି ଯେ, ନୂତନ ମୋବାଇଲ୍ ଆପ୍ ଏବଂ ମୋ ବସ୍ କାର୍ଡ ପ୍ରମୋସନାଲ୍ ଅଫର୍ ଡିଜିଟାଲ୍ ପେମେଣ୍ଟକୁ ଆହୁରି ସହଜ କରିବ ଏବଂ ଯାତ୍ରୀମାନଙ୍କ ପାଇଁ ନିରନ୍ତର ଯାତ୍ରା ସୁନିଶ୍ଚିତ କରିବ। ଶ୍ରୀମତୀ ଗର୍ଗ ମୋବାଇଲ୍ ଆପ୍ ଉନ୍ମୋଚନ ସହିତ ପୂର୍ବରୁ ଆରମ୍ଭ ହୋଇଥିବା ମୋ ବସ୍ କାର୍ଡର ଏକ ନୂଆ କାର୍ଡ ସହିତ ସ୍ୱତନ୍ତ୍ର ଅଫର୍ ମଧ୍ୟ ଘୋଷଣା କରିଛନ୍ତି। ୫୦ ଟଙ୍କା ଦେଇ କାର୍ଡ କ୍ରୟ କରିବା ପରେ, ୫୦୦ ଟଙ୍କାର ରିଚାର୍ଜ ଉପରେ ୪୦ ପ୍ରତିଶତ ଏବଂ ୧୦୦୦ ଟଙ୍କାର ରିଚାର୍ଜ ଉପରେ ୫୦ ପ୍ରତିଶତ ଲାଭାଂଶ ମୂଲ୍ୟ ସହିତ କାର୍ଡ ପାଇପାରିବେ। ଏହି ସ୍ୱତନ୍ତ୍ର ଅଫର୍ ୧ମାର୍ଚ୍ଚ ପର୍ଯ୍ୟନ୍ତ ରହିବ। ମୋ ବସ୍‌ର ପ୍ରତିଟି ରୁଟ୍‌ରେ ଗାଇଡ୍‌ମାନଙ୍କଠାରୁ କିମ୍ବା ମାଷ୍ଟର୍‌କାଣ୍ଟିନ୍ ବସ୍ ଟର୍ମିନାଲ୍ ଏବଂ ପଟିଆ ମୋ ବସ୍ ମୁଖ୍ୟ କାର୍ଯ୍ୟାଳୟକୁ ଆସି ଏହି ନୂତନ ମୋ ବସ୍ କାର୍ଡ କ୍ରୟ କରିପାରିବେ। କଟକ ନେତାଜୀ ବସ୍ ଟର୍ମିନାଲ୍ ଏବଂ ରାଉର୍‌କେଲା ବସ୍ ଷ୍ଟାଣ୍ଡରେ ମଧ୍ୟ ଏହା ବିକ୍ରୟ ହେବ। କ୍ୟାପିଟାଲ୍ ରିଜିଅନ୍ ଏବଂ ରାଉରକେଲାର ବିଭିନ୍ନ ସ୍ଥାନରେ ମଧ୍ୟ ଏହାର ବିକ୍ରୟ ପାଇଁ ବ୍ୟବସ୍ଥା କରାଯିବ। ଏହାକୁ କ୍ରୟ କରି ମୋ ବସ୍ ସେବା ଉପଲବ୍ଧ ଥିବା ସମସ୍ତ ସହରରେ ବ୍ୟବହାର ହୋଇପାରିବ। ଏହି କାର୍ଡରେ ମୋ ବସ୍‌ର ଗାଇଡ୍ ଏବଂ କ୍ୟାପ୍ଟେନ୍‌ଙ୍କ ଭୂମିକାକୁ ଗୁରୁତ୍ୱ ଦିଆଯାଇ ମୋ ବସ୍‌ର ବ୍ରାଣ୍ଡ ଆମ୍ବାସଡର୍ ଭାବରେ ଗ୍ରହଣ କରି ତାଙ୍କର ଫଟୋ ବ୍ୟବହାର ହୋଇଛି। ଏହା ଫଳରେ ଜନସାଧାରଣଙ୍କୁ ଟିକଟ୍ ପାଇଁ ଟଙ୍କା ଧରି ଯାତ୍ରା କରିବାର ଚିନ୍ତା ରହିବନାହିଁ। ମୋ ବସ୍‌କୁ ନିରନ୍ତର ବ୍ୟବହାର ଏବଂ ଭଲପାଇବା ଦେଉଥିବା ପ୍ରତ୍ୟେକ ଯାତ୍ରୀଙ୍କୁ ଧନ୍ୟବାଦ ଜଣାଇ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା କହିଛନ୍ତି ଯେ, ଯାତ୍ରା ସମୟରେ ଯୋଗାଯୋଗ ବିହୀନ ଦେୟ ଏବଂ ମୋ ବସ୍ ସେବା ପୃଥିବୀର ସର୍ବୋତ୍ତମ ଜନ ପରିବହନ ସେବା ସହିତ ସମାନ କରିବା ପାଇଁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଜଣାଇଛନ୍ତି।

## ମାଟ୍ରିକ ପରୀକ୍ଷା ପ୍ରସ୍ତୁତି ବେଳେ ଟଳିପଡ଼ିଲେ ପିଅନ

**ନନ୍ଦନକାନନ, ୨୩।୨(ସମିସ):** ନନ୍ଦନକାନନ ଥାନା ଗଣ୍ଡରପୁର ହାଇସ୍କୁଲରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ସ୍କୁଲରେ କାର୍ଯ୍ୟରତ ସମୟରେ ପିଅନ ପ୍ରଣବ ସାହୁ(୩୪)ଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ଆଜି ସ୍କୁଲରେ ମାଟ୍ରିକ୍ ପରୀକ୍ଷା ଥିଲା। ପ୍ରଣବ ପ୍ରଧାନଶିକ୍ଷକଙ୍କ ସହ ମିଶି ପିଲାଙ୍କ ପରୀକ୍ଷା ପାଇଁ କାର୍ଯ୍ୟ କରୁଥିଲେ। ଏହି ସମୟରେ ତାଙ୍କ ଛାତିରେ କଷ୍ଟ ହେବାରୁ ସ୍କୁଲର ସ୍ପୋର୍ଟସ ରୁମ୍‌ରେ ବିଶ୍ରାମ ନେଇଥିଲେ। କିଛି ସମୟ ପରେ ପ୍ରଧାନଶିକ୍ଷକ ପ୍ରଣବକୁ କୌଣସି କାର୍ଯ୍ୟ ପାଇଁ ଡାକିଲାବେଳେ ପ୍ରଣବ ଆଉ ଶୁଣି ନଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।





ଆସ ବୁଲିଯିବା ଖଣ୍ଡଗିରି

## ଯାତ୍ରା ମହାକୁମ୍ଭର ସରିଲା ପ୍ରଥମ ପର୍ଯ୍ୟାୟ

# ଗଲେ ୪; ଆଜି ଆସିବେ ୫ ପାର୍ଟି

**ଭୁବନେଶ୍ୱର, ୨୩।୨ (ସମିସ):** ପ୍ରଥମ ପର୍ଯ୍ୟାୟର ଅନ୍ତିମ ରାତିରେ ଜୋରଦାର ଲଢ଼େଇ ଦେଖିବାକୁ ମିଳିଛି। କୋଣାର୍କ, ଅଶୋକ ସମ୍ରାଟ, ଗୌରୀ ଓ ଦୁର୍ଗା ମନ୍ଦିର ବିଦାୟ ନେଇଛନ୍ତି। ବିଦାୟୀ ରାତିରେ ସବୁ ପେଣ୍ଡାଲରେ ଭିଡ଼ ଦେଖିବାକୁ ମିଳିଛି। ସେପଟେ ଆସନ୍ତାକାଲି ଠାରୁ ତୁଳସୀ, ସ୍ୱପ୍ନ ମହଲ, ରଙ୍ଗ ମହଲ, ସ୍ୱର୍ଣ୍ଣ ମହଲ ଓ ସୂର୍ଯ୍ୟ ମନ୍ଦିର ଯାତ୍ରା ମଇଦାନରେ ପାଦ ଥାପିବେ। ପାଞ୍ଚଦିନ ହେବ ଯାତ୍ରା ପରିବେଷଣ ଚାଲିଥିବା ବେଳେ ଶୁକ୍ରବାର ଷଷ୍ଠ ରାତିରେ ଶିବାନୀ ଗଣନାଟ୍ୟ ମଇଦାନକୁ ଓହ୍ଲାଇଛି। ଇନ୍ଦିରା ସାଂସ୍କୃତିକ ଯୁବ ପରିଷଦ ମଞ୍ଚରେ 'ଗାନ୍ଧୀ ଭୂମିକାରେ କହ୍ନେଇ ଦାସ' ନାଟକକୁ ନେଇ ମଇଦାନକୁ ଓହ୍ଲାଇଛି ଅନୁଷ୍ଠାନ। କାହ୍ନା-ଟିକିଙ୍କ ଦମ୍‌ଦାର ଅଭିନୟ ସାଙ୍ଗକୁ ଭିକାରୀଙ୍କ କମେଡି ହାସ୍ୟ ରୋଳ ସୃଷ୍ଟି କରିଥିଲା। ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଲଗାତାର ଷଷ୍ଠ ରାତିରେ ଗୌରୀ ଗଣନାଟ୍ୟ 'ରାଣୀ ପଣ୍ଡାକୁ ଖଣ୍ଡଗିରି ମନା' ନାଟକ ପରିବେଷଣ କରିଛି। ଆସନ୍ତାକାଲି ଠାରୁ ଏହି ମଞ୍ଚରେ ସ୍ୱପ୍ନ ମହଲ' କେତେ କାନ୍ଦିବୁରେ ଗୌର ଦାସ' ନାଟକ ପରିବେଷଣ କରିବ। ସେପଟେ ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ (ଆଇଗିଣିଆ-ଡୁମୁଡୁମା) ମଞ୍ଚରେ ଓହ୍ଲାଇଥିବା 'ଅଶୋକ ସମ୍ରାଟ' ତାର ତୃତୀୟ ରାତିରେ 'ବାଦାମବାଡ଼ିର ରିକ୍ସାବାଲା' ନାଟକ ପରିବେଷଣ କରି ବିଦାୟ ନେଇଛି। ଆସନ୍ତାକାଲି ଠାରୁ ଏଠାରେ ତୁଳସୀ ଗଣନାଟ୍ୟ ଯାତ୍ରା ମହାସମରରେ ପାଦ ଦେବ। ଗତବର୍ଷର ସୁପର ଡୁପର ହିଟ୍ ନାଟକ 'ଅଧ ରାତିର ସାଥୀ' ଦର୍ଶକଙ୍କୁ ଭେଟି ଦେବ। ସୋନାଲି, ଜୁଲି, ମାମା, ପୀୟୂଷ, କ୍ଷୀତିଶଙ୍କ ଅଭିନୟ ଯାଦୁ ସାଙ୍ଗକୁ ବାସୁ ଓ ଗୁରିଆଙ୍କ କମେଡ଼ି ଦେଖିବାକୁ ମିଳିବ। ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ 'ଡବଲ ସୋ' ଦେଖିବାକୁ ଦର୍ଶକ ଆଶା ବାନ୍ଧିଛନ୍ତି। ମଙ୍ଗଳା ଯୁବ ପରିଷଦ (ଖଣ୍ଡଗିରି-ଜାଗମରା) ମଞ୍ଚରେ ମା' ଦୁର୍ଗା ମନ୍ଦିର ଷଷ୍ଠ ରାତିରେ 'କାନ୍ଦେନାରେ ଲୁହ ସରିଯିବ' ନାଟକ ରିପିଟ୍ କରିଛି। ଶେଷ ରାତିରେ ମଧ୍ୟ ନାଟକ ଦେଖିବାକୁ ଦର୍ଶକଙ୍କ ଭିଡ଼ ଲାଗିଛି। ଶନିବାର ଠାରୁ ସେହି ପେଣ୍ଡାଲରେ ସ୍ୱର୍ଣ୍ଣ ମହଲ 'କେତେ ଦୁଃଖ ଦବୁ ଦେରେ କାଳିଆ' ନାଟକକୁ ନେଇ ମଇଦାନକୁ ଓହ୍ଲାଇବ। ସୁବାସ, କାବେରୀ, ଅଞ୍ଜୁ, ଆପୁଙ୍କ ଅଭିନୟ ଓ ଖଳନାୟକ ଜ୍ଞାନଙ୍କ ଦମଦାର ଡାଇଲଗ୍ ଶୁଣିବାକୁ ମିଳିବ। ସେହିପରି ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ପେଣ୍ଡାଲରେ କୋଣାର୍କ ଗଣନାଟ୍ୟ ପଞ୍ଚମ ରାତିରେ 'ସେଇ ଗୋଟିଏ ଭୁଲ୍ ପାଇଁ' ନାଟକ ପରିବେଷଣ କରିଛି। ଆସନ୍ତାକାଲି ଠାରୁ ଅପେରା ସୂର୍ଯ୍ୟ ମନ୍ଦିର 'ମୁଁ ରାଜା ଝିଅ ତୁ ରିକ୍ସାବାଲା' ନାଟକକୁ ନେଇ ସେହି ମଞ୍ଚରେ ମଇଦାନକୁ ଓହ୍ଲାଇବ। ବିନୋଦ - ବେବିନା ଯୋଡ଼ି ଓ ଦୟା, ଜିନାଙ୍କ କମେଡି ଦେଖିବେ ଦର୍ଶକ। ଖଳନାୟକ ଭୂମିକାରେ ଟାହିଆ ନଜରକୁ ଆସିବେ। ସେହିଭଳି ବିଦ୍ୟୁତ କାର୍ଯ୍ୟାଳୟ ନିକଟସ୍ଥ ପଡ଼ିଆରେ ସାଇ ନୀଳାଦ୍ରି ଯାତ୍ରା କମିଟି ମାଧ୍ୟମରେ ଯାତ୍ରା ରଙ୍ଗ ମହଲ 'ଜହ୍ନରେ ତୋଳିବି ଘର' ନାଟକକୁ ନେଇ ଖଣ୍ଡଗିରି ମଇଦାନରେ ଅବତୀର୍ଣ୍ଣ ହେବ। ସିନେ ତାରକା ଅଶ୍ୱିନୀ, ରିନା ଓ ଖଳନାୟକ ମିଳନଙ୍କ ଅଭିନୟ ଦେଖିବାକୁ ପାଇବେ ଦର୍ଶକ। ଏଥିସହିତ ପିଙ୍କି, କୁନା ଓ ଆଦିଆନାଙ୍କ କମେଡି ଦେଖିବାକୁ ମିଳିବ।





## ଖଣ୍ଡଗିରି-ଗଞ୍ଜି

### ବିଏମ୍‌ସି ଦେଇନି ଦେଲା କିଏ

ସୌନ୍ଦର୍ଯ୍ୟକରଣ କରିବା ଲକ୍ଷ୍ୟରେ ସହର ସାରା ବିଏମ୍‌ସି ସବୁ ଛକରେ ଫୁଲ ଗଛ ଲଗାଇବାରେ ଲାଗି ପଡ଼ିଛି। ସେଗୁଡ଼ିକୁ ବଞ୍ଚାଇ ରଖିବା ଲାଗି ବିଏମ୍‌ସି ପକ୍ଷରୁ ପ୍ରତିଦିନ ଗଛରେ ପାଣି ଦିଆଯାଉଛି। କିନ୍ତୁ ଦୁଇ/ତିନି ଦିନ ତଳେ ବିଏମ୍‌ସିବାଲା ଗଛରେ ପାଣି ଦେବା ପାଇଁ ସକାଳୁ ସକାଳୁ ଖଣ୍ଡଗିରି ଫ୍ଲାଏଓଭର ତଳେ ପହଞ୍ଚିଲେ। ଦେଖିଲା ବେଳକୁ ଡୁଛାଟାରେ ପାଣି ଓଭର ଫ୍ଲୋ ହୋଇ ରାସ୍ତାରେ ଭାସୁଛି। ଏଭଳି ଦୃଶ୍ୟ ଦେଖି ପାଣି ଦେଉଥିବା ବାବୁମାନେ ତାଟକା। ଆଉ ବାବୁମାନେ ନିଜକୁ ପ୍ରଶ୍ନ କଲେ, ଆମେ ତ ପାଣି ଦେଇନୁ! ଦେଲା କିଏ? ଆଜିକାଲିର ସମାଜସେବୀ ତ ଗୋଟାଏ ଗଛ ଲଗେଇଲେ ଚାରିପଟ କ୍ୟାମେରା ଛାଉଣି କରି ୧୦/୧୫ ଫଟୋ ଉଠାଉଛନ୍ତି। ହେଲେ କିଏ ସେହି ଅଦୃଶ୍ୟ ସମାଜସେବୀ, ଯିଏ ଗଛରେ ପାଣି ଦେଉଛନ୍ତି। କଥାର ମରମ ଜାଣିବାକୁ ଆମେ ଟିକେ ଆମ ଚ୍ୟାନେଲ ଲଗେଇଲୁ। ରହସ୍ୟ ଜାଣିବାକୁ ପୂରା ରାତି ଅନିଦ୍ରା ହୋଇ ଖଣ୍ଡଗିରି ଛକରେ ଅପେକ୍ଷା କଲୁ। ପରିସ୍ଥିତି ଦେଖି ଆମର ଅକଲ ଗୁଡୁମ୍। ଖଣ୍ଡଗିରି ଫ୍ଲାଏଓଭର ତଳ ଅନ୍ଧାରରେ ବିଏମ୍‌ସି ଲଗେଇଥିବା ଗଛରେ ନୋକେ ପାଣି ଦେଉଛନ୍ତି। ଆପଣ ଭାବୁଥିବେ ଯାତ୍ରା ଦର୍ଶକ କ'ଣ ପାଇଁ ପାଣି ଦେଲେ। ନାଇଁ ହେ... ଢୋଲେ ଢୋଲେ ପାଣି ପିଇ ଆସି ଯାତ୍ରା ଦେଖୁଛନ୍ତି। ଭିତରେ କୋଉଠି ପରିସ୍ରାଗାର ଜାଣି ପାରୁନାହାନ୍ତି। ବାହାରେ ଫ୍ଲାଏ ଓଭର ତଳ ସୁବିଧା ଦେଖି ପାଣି ଛାଡ଼ି ଚାଲି ଯାଉଛନ୍ତି। ଜଣେ ଦି' ଜଣ ନୁହଁ; ଏକାବେଳେ ଶହ ଶହ ଲୋକ ପାଣି ଛାଡ଼ିବାରୁ ସେଗୁଡ଼ାକ ଓଭର ଫ୍ଲୋ ହେଉଛି। ସେ ଯାହା ବି ହଉ, ଆଟଲିଷ୍ଟ ଲୋକମାନଙ୍କ ପାଇଁ ବିଏମ୍‌ସିର କାମ କେତେ ହାଲୁକା ହେଇଯାଉଛି। ଅଧିକ ପାଣି ଦେଲେ କାଳେ ଗଛ ମରିଯିବ! ସେଇ ଡରରେ ଆମେ ଆଉ ପାଣି ନଦେଇ ଫେରି ଆସିଲୁ। ସେତେବେଳକୁ ଆମ ନାକ ଦୁର୍ଗନ୍ଧରେ ଫାଟିଲାଣି।

- ବରୁଣ ସାହୁ

## ଆଜିର କାହାଣୀ



ଇନ୍ଦିରା ସାଂସ୍କୃତିକ ଯୁବ ପରିଷଦ ମଞ୍ଚରେ ଶିବାନୀ ଗଣନାଟ୍ୟ 'ଗାନ୍ଧୀ ଭୂମିକାରେ କହ୍ନେଇ ଦାସ' ନାଟକକୁ ନେଇ ଯାତ୍ରା ମହାସମରରେ ସାମିଲ୍ ହୋଇଛି। ବଦମାସ୍ ଲୋକଟି ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବଦଳିବା ପରେ ସମାଜ ଦ୍ୱାରା କିପରି ପ୍ରତାରିତ ହେଉଛି ତାହା ହିଁ ହେଉଛି ନାଟକର ମୂଳ ତତ୍ତ୍ୱ। ଖଳନାୟକ କାହ୍ନାଙ୍କୁ ଗାନ୍ଧୀ ବା କହ୍ନେଇ ଦାସ ଭୂମିକାରେ ଦେଖିବାକୁ ମିଳିଛି। ଜାରଜ ସନ୍ତାନ କହ୍ନେଇ ପିଲାବେଳୁ ଖାଇବା ପାଇଁ ବିଭିନ୍ନ ଲୋକଙ୍କ ଆଗରେ ହାତ ପତାଉଛି। ହେଲେ ଲୋକମାନେ ତାକୁ ପ୍ରତ୍ୟାଖାନ କରିବା ସହିତ ଖାଇବା ପିଇବାକୁ ଦେଉ ନାହାନ୍ତି। ଫଳରେ ସେ ବଞ୍ଚିବା ପାଇଁ ଚୋରି, ଡକାୟତି, ଦୁଷ୍କର୍ମ ଓ ହତ୍ୟା ଭଳି ବିଭିନ୍ନ ଅପରାଧୀକ କାର୍ଯ୍ୟକଳାପରେ ଲିପ୍ତ ରହୁଛି। ପରେ ପରେ ଗାନ୍ଧୀ ଆଶ୍ରମ କରିଥିବା ଜଣେ ଗାନ୍ଧୀବାଦୀ ଲୋକଙ୍କ ସଂସ୍ପର୍ଶରେ ଆସୁଛି। ଦସ୍ୟୁ ରତ୍ନାକରରୁ ବାଲ୍ମୀକି ପାଲଟିବା ଭଳି ଗାନ୍ଧୀ ବିଚାରରେ ପ୍ରଭାବିତ ହୋଇ ନିଜକୁ ପରିବର୍ତ୍ତନ କରୁଛି। ଦିନେ ଚୋର, ଖଣ୍ଟ ପରିଚୟ ପାଉଥିବା ଭଦ୍ର ଲୋକ ହେଇଯାଉଛି। ହେଲେ ଏହାପରେ ସେ ସମାଜ ଦ୍ୱାରା ପ୍ରତାରିତ ହେଉଛି। ବଦମାସରୁ ଭଲ ପାଲଟିବା ପରେ ସମାଜ ତାକୁ ଅତ୍ୟାଚାର କରୁଛି। ଆଜିକାଲିକା ଦୁନିଆରେ ରତ୍ନାକରମାନେ ବଞ୍ଚି ପାରିବେ, ହେଲେ ବାଲ୍ମିକୀ ମାନେ ବଞ୍ଚି ପାରିବେ ନାହିଁ ବୋଲି ନାଟକ ଦ୍ୱାରା ବାର୍ତ୍ତା ଦିଆଯାଇଛି। ଚର୍ଚ୍ଚିତ ଯୋଡ଼ି କାହ୍ନା ଓ ଟିକିଙ୍କ ଦମଦାର ଅଭିନୟ ଦର୍ଶକଙ୍କ ମନରେ କୋହ ଭରିଥିଲା।

## ସାକ୍ଷାତ୍କାର



### 'ଖଣ୍ଡଗିରିରେ ଦର୍ଶକ ହିଁ ସ୍ମରଣୀୟ'

**ଟିକି ସ୍ୱାଇଁ।** ଯାତ୍ରା ଜଗତର ଏକ ପରିଚିତ ନାଁ। ବିଭିନ୍ନ ଯାତ୍ରାନୁଷ୍ଠାନରେ ନାୟିକା ଭାବେ ଅଭିନୟ କରିଛନ୍ତି। ତେବେ ଶିବାନୀ ଗଣନାଟ୍ୟର 'ବିଦେଶିନୀ'ରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ଅଭିନେତ୍ରୀଙ୍କୁ ଖଣ୍ଡଗିରି ଯାତ୍ରା ମହାକୁମ୍ଭ ଅବସରରେ ସାକ୍ଷାତ୍ କରିଥିଲେ 'ସକାଳ' ପ୍ରତିନିଧି।

**ଆପଣ ଯାତ୍ରାକୁ କେବେ ଆସିଲେ ଓ ଖଣ୍ଡଗିରିକୁ କେବେଠାରୁ ଆସୁଛନ୍ତି?**

- ମୋ ଭଉଣୀର ସାଙ୍ଗ ବିନୋଦ ଓ ସୁବାସ ଭାଇଙ୍କ ସହଯୋଗରେ ୧୯୯୯ ମସିହାରେ ଯାତ୍ରା ଜଗତକୁ ଆସିଲି। ପ୍ରାୟ ୨୦ବର୍ଷ ହେବ ଖଣ୍ଡଗିରି ଯାତ୍ରା ମହାକୁମ୍ଭକୁ ଆସୁଛି। ପୂର୍ବରୁ ପ୍ରତିବର୍ଷ ଆସିବାର ସୁଯୋଗ ମିଳୁନଥିଲା, ହେଲେ ଏବେ ମିଳୁଛି।

**ଖଣ୍ଡଗିରି ଯାତ୍ରାକୁ ନେଇ ଆପଣଙ୍କ ଅନୁଭୂତି କ'ଣ?**

- ଖଣ୍ଡଗିରିକୁ ଚାରିଆଡୁ ଲୋକ ଆସନ୍ତି। ଯାତ୍ରା ଜଗତରେ ଖଣ୍ଡଗିରି ମେଳା ଦର୍ଶକଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି। ଏଠି ନାଟକ ସବୁଠାରୁ ନିଆରା। ଖଣ୍ଡଗିରିର ଦର୍ଶକ ହିଁ ସବୁବେଳେ ସ୍ମରଣୀୟ। ଖଣ୍ଡଗିରି ଯାତ୍ରା ଓ ଦର୍ଶକ ମୋ ପାଇଁ ସବୁବେଳେ ସ୍ମରଣୀୟ ଥିଲା ଓ ରହିବ।

**କ୍ୟାରିୟର ପାଇଁ ଯାତ୍ରାକୁ କାହିଁକି ବାଛିଲେ?**

- ପିଲାବେଳୁ ଅଭିନୟ କରିବାର ନିଶା ରହିଥିଲା। ହେଲେ ସେତେବେଳେ ସିରିଏଲ କିମ୍ବା ଅନ୍ୟ କୌଣସି କ୍ଷେତ୍ରରେ ଅଭିନୟ କରିବାର ସୁଯୋଗ ମିଳିନଥିଲା। ସିରିଏଲ୍‌ରେ ଅଭିନୟ କରିବାର ଇଚ୍ଛା ଥିଲେ ମଧ୍ୟ ସୁଯୋଗ ନମିଳିବାରୁ ଯାତ୍ରାରେ ଅଭିନୟ କରିବାକୁ ପସନ୍ଦ କରିଲି।

**ନାୟିକା କେବେଠୁ ହେଲେ?**

- ଅଭିନୟ କରିବାର ଇଚ୍ଛା ଏତେ ମାତ୍ରାରେ ଥିଲା ଯେ ମୁଁ କେଉଁ ଚରିତ୍ରରେ ଅଭିନୟ କରିବି ତାହା ମୋ ପାଇଁ ଜରୁରୀ ନଥିଲା। କେବଳ ଅଭିନୟ କରିବା ହିଁ ମୋ ପାଇଁ ସବୁଠାରୁ ବଡ଼ କଥା ଥିଲା। ହେଲେ ଏତେ ଆଗକୁ ଆସିବି ବୋଲି କେବେ କଳ୍ପନା କରିନଥିଲି।

**ପାରିବାରିକ ଜୀବନରେ ଯାତ୍ରା କି ପ୍ରକାର ପ୍ରଭାବ ପକାଇଛି?**

- ଅବିବାହିତ ସମୟରେ କିମ୍ବା ବିବାହ ପରେ ମଧ୍ୟ ପାରିବାରିକ ଜୀବନରେ ଯାତ୍ରା କୌଣସି ପ୍ରଭାବ ପକାଇ ନଥିଲା। ହେଲେ ଯେବେ ମା' ହେଲି ସେବେଠାରୁ ଧୀରେ ଧୀରେ ଯାତ୍ରାର ପ୍ରଭାବ ଅନୁଭବ କରିଲି। ପିଲାଛୁଆଙ୍କୁ ସମୟ ଦେଇ ହେଉନାହିଁ। ସେଥିପାଇଁ ଅନେକ ସମୟରେ ମନ ଦୁଃଖ ହେଉଛି। ପେସା ଆଉ ଅଭିନୟ କରିବାର ନିଶା ଭିତରେ ମାଆର କର୍ତ୍ତବ୍ୟ କରି ହେଉନାହିଁ।

**ଯାତ୍ରାରେ ଅଶ୍ଳୀଳତାକୁ ନେଇ ଆପଣଙ୍କ ମତ କ'ଣ?**

- ମୁଁ କିପରି ବେଶଭୂଷାରେ ମଞ୍ଚକୁ ଆସିବି ତାହା ସମ୍ପୂର୍ଣ୍ଣ ମୋ ଉପରେ ନିର୍ଭର କରେ। ଆଜିକାଲି କେଉଁଠି ଅଶ୍ଳୀଳତା ନାହିଁ? ସହରରେ ଝିଅମାନଙ୍କ ପୋଷାକଠାରୁ ଆରମ୍ଭ କରି ଯାତ୍ରା, ସିନେମା ସବୁଠାରେ ଅଶ୍ଳୀଳତା ରହିଛି। ଆଗରୁ ଏହିସବୁ ମଡର୍ନ ଡ୍ରେସ ନଥିଲା, ସେଥିଲାଗି ଅଶ୍ଳୀଳତାର ପରିମାଣ ମଧ୍ୟ କମ୍ ଥିଲା। ସବୁ ପରେ ଯାହାକୁ ଯେମିତି ଇଚ୍ଛା ହେଲା ସେ କଲା।

**ନାଟକ ପ୍ରେମୀଙ୍କ ସଂଖ୍ୟା କମିଛି ନା ବଢ଼ିଛି?**

- ଯାତ୍ରା ଦର୍ଶକଙ୍କ ସଂଖ୍ୟା ସବୁବେଳେ ସ୍ୱତନ୍ତ୍ର। ପୂର୍ବରୁ ଯେତିକି ନାଟକ ପ୍ରେମୀ ଥିଲେ ଏବେ ମଧ୍ୟ ସେତିକି ଅଛନ୍ତି। ମୋ ମତରେ ପୂର୍ବାପେକ୍ଷା ଦର୍ଶକଙ୍କ ସଂଖ୍ୟା ବଢ଼ିଛି ବରଂ କମିନାହିଁ।

**୧୯୯୯ ମସିହା ଆଉ ଆଜିର ଦିନରେ କ'ଣ ଫରକ ଦେଖୁଛନ୍ତି?**

- ସେବେ ଆଉ ଏବେ ଭିତରେ ସବୁଠାରୁ ବଡ଼ ପରିବର୍ତ୍ତନ ହେଉଛି ଟେକ୍ନୋଲୋଜି। ଆଧୁନିକ ଯୁଗରେ ନୂଆ ନୂଆ ଟେକ୍ନୋଲୋଜି ନାଟକକୁ ଆହୁରି ଆକର୍ଷଣୀୟ କରୁଛି। ସେତେବେଳେ ଯେଉଁମାନେ ଯାତ୍ରା ଜଗତକୁ ଆସୁଥିଲେ ସେମାନଙ୍କ ଭିତରେ ଶିଖିବାର ଆଗ୍ରହ ଥିଲା। ଏବେକାର ପିଲାମାନେ କେବଳ ଦରମା ବା ଟଙ୍କା ଲୋଭରେ ପଡ଼ି ଯାତ୍ରାକୁ ଆସୁଛନ୍ତି। ଆଉ କାହାରି ଭିତରେ ଶିଖିବାର ଏକାଗ୍ରତା ନାହିଁ କି କେହି କଥା ଶୁଣିବାକୁ ରାଜି ନୁହନ୍ତି।

# ଯଜ୍ଞ ପୂର୍ଣ୍ଣାହୁତି ଆଜି

## ମେଳା ପରିସରରେ ଅସମ୍ଭାଳ ଭିଡ଼

ଖଣ୍ଡଗିରି ପାଦଦେଶରେ ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦ ଆନୁକୂଲ୍ୟରେ ୯ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା କୁମ୍ଭମେଳା ଶନିବାର ଉଦ୍‌ଯାପିତ ହେବ। ରାଜ୍ୟ ତଥା ରାଜ୍ୟ ବାହାରୁ ଆସି ହୋମଯଜ୍ଞ କରୁଥିବା ସାଧୁସନ୍ଥ ପୂର୍ଣ୍ଣାହୁତି ଦେଇ ଯଜ୍ଞ ଶେଷ କରିବେ। ଆସନ୍ତାକାଲି ଅପରାହ୍ଣ ୪ଟାରେ ପୂର୍ଣ୍ଣାହୁତି କରାଯିବ। ଏଥିରେ ମୁଖ୍ୟମନ୍ତ୍ରୀ, '୫-ଟି' ଅଧ୍ୟକ୍ଷ, ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଆୟୁକ୍ତ ତଥା ନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିମନ୍ତ୍ରଣ କରାଯାଇଥିବା କୁମ୍ଭମେଳା ଆବାହକ ପରିଷଦର ଅଧ୍ୟକ୍ଷ ବାବା ପଞ୍ଚଦେବ, ସଞ୍ଚାଳକ ବାବା ଚନ୍ଦନ ଦାସ, ବାବା ଆଲୋକ ଦାସ, ପରିଚାଳକ ବ୍ରହ୍ମଚାରୀ ବିଶ୍ୱ ଚୈତନ୍ୟ ପ୍ରମୁଖ ସାଧୁସନ୍ଥ ସାଧୁସନ୍ଧ ଜଣାଇଛନ୍ତି। ପ୍ରାୟ ୩ଶହ ସାଧୁସନ୍ଥ ମା' ବାରଭୁଜାଙ୍କ ନିକଟରେ ଜଗତର ମଙ୍ଗଳ କାମନା କରିଥିଲେ। ୯ ଦିନ ଧରି ହୋମ ଯଜ୍ଞ ଓ ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ହେଉଥିବା ଖଣ୍ଡଗିରି ପାଦଦେଶ ଦିନକ ପରେ ନିରବିଯିବ।

ସରି ଆସୁଛି ମେଳା, ବଢ଼ି ଚାଲିଛି ଭିଡ଼। ଖଣ୍ଡଗିରି ପାଦଦେଶରେ ଅନୁଷ୍ଠିତ ହେଉଥିବା କୁମ୍ଭମେଳା ଶନିବାର ଶେଷ ହେବାକୁ ଥିବାବେଳେ ମେଳା ପରିସରରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି। ଲୋକଙ୍କ ଭିଡ଼କୁ ଦେଖି ବ୍ୟବସାୟୀମାନେ ବି ଦିନରୁ ଆରମ୍ଭ କରୁଛନ୍ତି ବ୍ୟବସାୟ। ରାତିରେ ଅଧିକ ଭିଡ଼ ହେଉଥିବାରୁ ଅଧିକାଂଶ ଗୃହିଣୀ ଓ କଲେଜ ପଢୁଆ ଛାତ୍ରଛାତ୍ରୀ ମେଳା ବୁଲାବୁଲି କରୁଛନ୍ତି। ଚଟ୍‌ପଟା ଖାଦ୍ୟ ସାଙ୍ଗକୁ ମୀନାବଜାରରେ ଲୋକଙ୍କର ନାହିଁ ନ ଥିବା ଗହଳି। ସେହିପରି ରାଜ୍ୟ ବହାରର ଉଠା ବ୍ୟବସାୟୀଙ୍କ ଅଫର୍ ଦେଖି ଲାଇନ୍ ଲାଗୁଛନ୍ତି ଲୋକେ।



### ଆକର୍ଷଣରେ ରଙ୍ଗିନ ଫୁଲ ସମ୍ଭାର

ସାଧାରଣତଃ ଯେକୌଣସି ଫୁଲକୁ ଦେଖିଲେ ବେଶ୍ ଖୁସି ଅନୁଭବ ହୋଇଥାଏ। ଘର ଠାରୁ ଆରମ୍ଭ କରି ବିଭିନ୍ନ କର୍ପୋରେଟ୍ କାର୍ଯ୍ୟାଳୟ ହେଉ ଅବା ବ୍ୟକ୍ତିଗତ କର୍ମସ୍ଥଳରେ ଆଜିକାଲି ଫୁଲ ଓ ବିଭିନ୍ନ ଗଛରେ ସଜାଯିବା ଟ୍ରେଣ୍ଡ ପାଲଟିଛି। ତେବେ ଏହାକୁ ନଜରରେ ରଖି ବ୍ୟବସାୟୀମାନେ ପ୍ଲାଷ୍ଟିକ୍ ଫୁଲ ବିକ୍ରି କରୁଛନ୍ତି। ଯାହା ଆଖିକୁ ଯେତିକି ସୁନ୍ଦର ଦିଶୁଛି ଦାମ୍ ମଧ୍ୟ ସୁହାଇଲା ଭଳି ରହିଛି। ତେବେ ମେଳା ପରିସରରେ ରାଜସ୍ଥାନରୁ ଆସିଥିବା ଫୁଲ ବ୍ୟବସାୟୀ କହିଛନ୍ତି ଏଠାରେ ୫୦ରୁ ଊର୍ଦ୍ଧ୍ୱ ପ୍ରକାର ଫୁଲ ରହିଛି। କାଗଜ, ସୋଲ, କପଡ଼ା, ଫ୍ୟାନ୍ସି ଆଇଟମ୍, ବିଭିନ୍ନ ରଙ୍ଗର ଗୋଲାପ ଠାରୁ ଆରମ୍ଭ କରି ସୂର୍ଯ୍ୟମୁଖୀ, ଡାଲିଆ, ଜିନିଆ, ରଜନୀଗନ୍ଧା, ଗେଣ୍ଡୁ, ମନ୍ଦାର, ଅର୍କିଡ୍ ଆଦି ବିଦେଶୀ ଫୁଲ ମଧ୍ୟ ରହିଛି। ଫୁଲ ସାଙ୍ଗକୁ ଏଠାରେ ଫୁଲଦାନୀ ମଧ୍ୟ ରହିଛି।

### ୫୦୦ରେ ବୋହିନେଲେ ୩ଟା ଶାଢ଼ି:

ମାତ୍ର ୫୦୦ଟଙ୍କାରେ ୩ଟି ଶାଢ଼ି। ଏହା ଶୁଣି ମହିଳାମାନେ ଘେରି ଯାଇଥିଲେ ବ୍ୟବସାୟୀଙ୍କୁ। ମେଳା ପରସରରେ ଗୁଜୁରାଟରୁ ଆସିଥିବା ମହିଳା ଓ ପୁରୁଷ ବ୍ୟବସାୟୀ ସିଲକ୍, ସିଫନ୍, ଭାଗଲ୍‌ପୁରୀ ଓ ଫ୍ୟାନ୍‌ସୀ ଶାଢ଼ି ଉପରେ ତୁହାକୁ ତୁହା ଅଫର୍ ଡାକିବା ପରେ ଶାଢ଼ି କିଣିବାକୁ ଭିଡ଼ ଜମାଇଥିଲେ ମହିଳା ଗ୍ରାହକ। ନିଜ ମନ ପସନ୍ଦର ଶାଢ଼ି ଦେଖି କିଏ ୩ଟା ତ ଆଉ କିଏ ୬ଟା ବୋହି ନେଇଥଲେ। ଗତକାଲି ଗୋଟାକ ୩୦୦, ୨ଟାକୁ ୫୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ମେଳା ସରି ଆସୁଥିବାରୁ ୫୦୦ଟଙ୍କାରେ ୩ଟି ଶାଢ଼ି ବିକ୍ରି କରୁଥିବା ବ୍ୟବସାୟୀମାନେ କହିଛନ୍ତି।

### ୧୦୦ଟଙ୍କାରେ ରାଜସ୍ଥାନୀ ଚୁଡ଼ି:

ମେଳା ପରିସରରେ ଶହ ଶହ ସଂଖ୍ୟାରେ ଉଠା ବ୍ୟବସାୟୀ ବିକ୍ରି କରୁଥିବାବେଳେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି ରଙ୍ଗବେରଙ୍ଗର ଚୁଡ଼ି। ମାତ୍ର ଶହେ ଟଙ୍କାରେ ଷ୍ଟୋନ୍ ଚୁଡ଼ି ମିଳୁଥିବାରୁ ମହିଳାମାନେ ବେଶ୍ ଆନନ୍ଦରେ କିଣୁଥିବା ଦେଖିବାକୁ ମିଳିଥିଲା। ଏଠାରେ ମେଟାଲ, ପାଣି ଓ ଲାଖ ଚୁଡ଼ି ରହିଥିବାବେଳେ ସେଥିରେ ରଙ୍ଗ ବେରଙ୍ଗର ଆକର୍ଷଣୀୟ ଷ୍ଟୋନ୍ ଖଞ୍ଜା ଯାଇଛି। ବାଟରେ ଯାଉଥିବା ଲୋକେ ବି କିଛି ସମୟ ପାଇଁ ଷ୍ଟଲ୍‌ରେ ଅଟକି ଦେଖିବା ସହ କିଣିବାରେ ଲାଗିଛନ୍ତି।





## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୨.୯୬ ● ପାଉଣ୍ଡ ୧୦୫.୩୬
- ୟୁରୋ ୮୯.୧୨ ● ୟେନ୍ ୦.୫୫

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୫୦୦ (ନୂଆଦିଲ୍ଲୀ)
- ରୁପା : ୭୪,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୧୪୨.୦୦
- ନିଫ୍ଟି ୨୨,୨୧୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



### ବିଏସ୍‌ଏନ୍‌ଏଲ୍‌ର ବୃହତ୍ ଯୋଜନା

## ବିନା ମୂଲ୍ୟରେ ଫାଇବରରେ ରୂପାନ୍ତରିତ ହେବ ରାଜ୍ୟର ସବୁ ଲ୍ୟାଣ୍ଡ ଲାଇନ୍ ଟେଲିଫୋନ

**ଭୁବନେଶ୍ୱର,୨୩।୨(ସମିସ):** ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ବିଏସ୍‌ଏନ୍‌ଏଲ୍ ଏହାର ଏକ ଆକର୍ଷଣୀୟ ଯୋଜନା ଅନ୍ତର୍ଗତ ଓଡ଼ିଶାର ସମସ୍ତ ଗ୍ରାହକଙ୍କ ଲ୍ୟାଣ୍ଡ ଲାଇନ୍ ଟେଲିଫୋନ୍‌କୁ ଅତି ଉନ୍ନତ ମାନର ଫାଇବରରେ ରୂପାନ୍ତରିତ କରିବ। ଏହି ରୂପାନ୍ତରଣ ପାଇଁ ଗ୍ରାହକଙ୍କୁ କୌଣସି ଦେୟ ଦେବାକୁ ପଡ଼ିବନାହିଁ। ଏହି ରୁପାନ୍ତରଣ ପରେ ଗ୍ରାହକମାନେ ଅତି ଉନ୍ନତ ମାନର ଭଏସ୍ ଏବଂ ଡାଟା ସେବା ପାଇପାରିବେ। ଏଥିରେ ଗ୍ରାହକଙ୍କ ନିଜର ପ୍ରିୟ ଲ୍ୟାଣ୍ଡଲାଇନ ଟେଲିଫୋନ ନମ୍ବର ଅତୁଟ ରହିବ। ସହରାଞ୍ଚଳରେ ଏହି ସେବା ମାସିକ ଦେୟ ୨୯୯ ଟଙ୍କା ଓ ଗ୍ରାମାଞ୍ଚଳରେ ମାସିକ ଦେୟ ୨୪୯ ଟଙ୍କାରୁ ଆରମ୍ଭ ହେବ। ଏହାଦ୍ୱାରା ଗ୍ରାହକମାନେ ଲୋକାଲ ଓ ଭଏସ୍ କଲ ସହିତ ମାସିକ ୧୦ ଏମ୍‌ବିପିଏସ୍ ବେଗରେ ୧୦ ଜିବି ଡାଟା ମଧ୍ୟ ବିନା ଅତିରିକ୍ତ ଦେୟରେ ପାଇପାରିବେ। ବର୍ତ୍ତମାନ ତମ୍ବା କେବୁଲ ଦ୍ୱାରା ଦିଆଯାଉଥିବା ଲ୍ୟାଣ୍ଡ ଲାଇନ ଟେଲିଫୋନ୍‌କୁ ଅତ୍ୟାଧୁନିକ ଫାଇବରରେ ଯୋଗାଇ ଦେବା ପାଇଁ ବିଏସ୍‌ଏନ୍‌ଏଲ୍ ପଦକ୍ଷେପ ନେଉଛି।

## ଏଲନ୍ ମସ୍କ ଆଣିବେ ଏକ୍ସମେଲ୍

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):** ଏବେ ଗୁଗଲ୍‌କୁ ସିଧାସଳଖ ଟକ୍କର ଦେବାକୁ ଏଲନ୍ ମସ୍କ ଆଣିବାକୁ ଯାଉଛନ୍ତି ଏକ୍ସମେଲ୍ । ଗୁଗଲ, ଫେସବୁକ୍ ଓ ଅନ୍ୟ ଟେକ୍ କମ୍ପାନୀଗୁଡ଼ିକୁ ଦୀର୍ଘ ସମୟ ଧରି କଟାକ୍ଷ କରି ଆସିଥିବା ବିଶ୍ୱର ଏହି ଦ୍ୱିତୀୟ ବଡ଼ ଧନୀ ଖୁବ୍ ଶୀଘ୍ର ଏଭଳି ଏକ ନୂତନ ଇ-ମେଲ୍ ସେବା ଆର୍ଭ କରିବାକୁ ଯାଉଛନ୍ତି। ଏହାର ଉତ୍ତରରେ ଏଲନ ମସ୍କ କହିଛନ୍ତି ଏହା ଶୀଘ୍ର ଆସିବାକୁ ଯାଉଛି। ମସ୍କ ସଙ୍କେତ ଦେଇଛନ୍ତି ଯେ, ଏକ୍ସମେଲ୍ ଉପରେ କାମ ଚାଲିଛି ଏବଂ ଏହା ଗୁଗଲର ଜିମେଲକୁ ଟକ୍କର ଦେଇପାରେ।

### ଏନ୍‌ପିସିଆଇକୁ ଆରବିଆଇର ନିର୍ଦ୍ଦେଶ

# ବଜାୟ ରହିବ ପେଟିଏମ୍‌ର ୟୁପିଆଇ ସେବା !

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି)**

ଶେଷରେ ପେଟିଏମ୍ ଗ୍ରାହକଙ୍କୁ ମିଳିଛି ଆଶ୍ୱସ୍ତି। ପେଟିଏମ୍‌ର ୟୁପିଆଇ ସେବା ବଜାୟ ରଖିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଆଜି ନିର୍ଦ୍ଦେଶନାମା ଜାରି କରିଛି। ଏ ନେଇ ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ)କୁ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟ ଏକ ଘଟଣାକ୍ରମେ ଆଜି ପେଟିଏମର ମୂଳ କମ୍ପାନୀ ୱାନ୍‌୯୭ କମ୍ୟୁନିକେସନ୍ସ ପକ୍ଷରୁ ଥାର୍ଡ ପାର୍ଟି ଆପ୍ ହେବାକୁ ଆର୍‌ବିଆଇକୁ ଅନୁରୋଧ କରାଯାଇଛି। କାରଣ ଏପରି କଲେ ହିଁ ପ୍ଲାଟଫର୍ମରେ ନିରବଚ୍ଛିନ୍ନ ଭାବରେ ୟୁପିଆଇ ନେଣଦେଣ ଜାରି ରହିପାରିବ।

ପେଟିଏମ୍‌ର ଏହି ଅନୁରୋଧର ଯାଞ୍ଚ ପାଇଁ ଏନପିସିଆଇକୁ ଆର୍‌ବିଆଇ ନିର୍ଦ୍ଦେଶ ଦେଇଛି। ଏଥିସହ ରିଜର୍ଭ ବ୍ୟାଙ୍କ ଏନପିସିଆଇକୁ ପେଟିଏମ ଆପ୍‌ରେ ୟୁପିଆଇ ପରିଚାଳନା ଜାରି ରଖିବା ପାଇଁ ସାହାଯ୍ୟ କରିବାକୁ କହିଛି। ଏହାସହ ଆରବିଆଇ ଏନ୍‌ପିସିଆଇକୁ ଜଣେ ପରାମର୍ଶଦାତା ନିଯୁକ୍ତ କରିବାକୁ କହିଛି। ଏନପିସିଆଇକୁ ଆରବିଆଇ ଜାରି କରିଥିବା ଏକ ମାର୍ଗଦର୍ଶିକାରେ କହିଛି ଯେ, ପେଟିଏମ ଆପ୍‌ରେ ୟୁପିଆଇ ସେବା ଜାରି ରଖିବା ପାଇଁ ଏନପିସିଆଇ ଉଚ୍ଚ ନେଣଦେଣ କ୍ଷମତା ରଖୁଥିବା ୪-୫ ବ୍ୟାଙ୍କର ସୁବିଧା ଦେଉ। ଯଦି ଏ ନେଇ ଏନ୍‌ପିସିଆଇର ଅନୁମୋଦନ ପ୍ରଦାନ କରେ ତେବେ ପେଟିଏମ୍ ଆପ୍ ମାଧ୍ୟମରେ ୟୁପିଆଇ କାରବାର ଅକ୍ଷୁର୍ଣ୍ଣ ରହିବ। ସୂଚନାଯୋଗ୍ୟ ଯେ ଆରବିଆଇର ନିର୍ଦ୍ଦେଶ ଅନୁଯାୟୀ ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ମାର୍ଚ୍ଚ ୧୫ରୁ ବନ୍ଦ ରହିବ। ଏପରି ପରିସ୍ଥିତିରେ, କୌଣସି ପ୍ରକାର ବିନା ପ୍ରତିବନ୍ଧକରେ ୟୁପିଆଇ ସେବା ବଜାୟ ରଖିବାକୁ ଆରବିଆଇ ଏନ୍‌ପିସିଆଇକୁ ନିର୍ଦ୍ଦେଶ ଦେଇଛି। କାରବାରକୁ ବଜାୟ ରଖିବା ପାଇଁ ପେଟିଏମକୁ ଏକ ତୃତୀୟ ପକ୍ଷ ଆବେଦନ ପ୍ରଦାନକାରୀ (ଟିପିଏପି) ହେବାକୁ ପଡିବ, ଯାହାର ସୁବିଧା ଏନ୍‌ପିସିଆଇ ଅନୁମୋଦିତ ବ୍ୟାଙ୍କଗୁଡିକ ଦ୍ୱାରା ପ୍ରଦାନ କରାଯିବ।



■ ଥାର୍ଡ ପାର୍ଟି ଆପ୍ ହେବାକୁ ୱାନ୍‌୯୭ କମ୍ୟୁନିକେଶନର ଅନୁରୋଧ

ଆର୍‌ବିଆଇ ଏହାର ନିର୍ଦ୍ଦେଶନାମାରେ କହିଛି ଯେ, ୱାନ୍‌୯୭ କମ୍ୟୁନିକେସନ୍ସ ଟିପିଏପିର ଷ୍ଟାଟସ୍ ଦେବ। ଅପରପକ୍ଷେ ପେଟିଏମ୍ କ୍ୟୁଆର୍ କୋଡ୍ ବ୍ୟବହାର କରୁଥିବା ବ୍ୟବସାୟୀମାନେ ୱାନ୍‌୯୭ କମ୍ୟୁନିକେସନ୍ସ କିମ୍ବା ଅଧିକ ପେମେଣ୍ଟ ସେବା ପ୍ରଦାନକାରୀ (ପିଏସ୍‌ପି) ବ୍ୟାଙ୍କ ସହ ସେଟେଲମେଣ୍ଟ ଆକାଉଣ୍ଟ ଖୋଲିପାରିବେ। ଆରବିଆଇ ଆହୁରିମଧ୍ୟ କହିଛି ଯେ ଉପରୋକ୍ତ ୟୁପିଆଇ ହ୍ୟାଣ୍ଡେଲର ସ୍ଥାନାନ୍ତରଣ କେବଳ ଏପରି ଗ୍ରାହକ ଏବଂ ବଣିକମାନଙ୍କ ପାଇଁ ପ୍ରଯୁଜ୍ୟ, ଯେଉଁମାନଙ୍କ ପାଖରେ ୟୁପିଆଇ ହ୍ୟାଣ୍ଡେଲ '@ ପେଟିଏମ୍' ରହିଛି। ତେବେ ଅନ୍ୟମାନେ ଅର୍ଥାତ୍ ଯେଉଁମାନଙ୍କର ୟୁପିଆଇ ଆଇଡି ଅଛି କିମ୍ବା "@ପେଟିଏମ୍ ' ବ୍ୟତୀତ ଅନ୍ୟ କୌଣସି ହ୍ୟାଣ୍ଡେଲ ରହିଛି, ସେମାନଙ୍କ ପାଇଁ କୌଣସି ପରିବର୍ତ୍ତନ କିମ୍ବା କାର୍ଯ୍ୟ ଆବଶ୍ୟକ ନାହିଁ। ଏହାର ଅର୍ଥ ହେଉଛି ଯେ '@ପେଟିଏମ୍' ହ୍ୟାଣ୍ଡେଲକୁ ଅନ୍ୟ ବ୍ୟାଙ୍କକୁ କୌଣସି ଅସୁବିଧା ବିନା ସ୍ଥାନାନ୍ତର କରାଯାଇପାରିବ। ଏଥିପାଇଁ ଏନ୍‌ପିସିଆଇ ୪-୫ ବ୍ୟାଙ୍କର ପ୍ରମାଣପତ୍ର ଦେଇପାରେ।

## ମୂଲ୍ୟ ହ୍ରାସ ପରେ ଓଲା ଇଲେକ୍‌ଟ୍ରିକ ବିକ୍ରିରେ ବୃଦ୍ଧି

**ଭୁବେନଶ୍ୱର,୨୩।୨(ସିମସ):** ଓଲା ଇଲେକ୍‌ଟ୍ରିକ ତା'ର ଏସ୍‌୧ ପ୍ରୋ, ଏସ୍‌୧ ଏୟାର ଏବଂ ଏସ୍‌୧ ଏକ୍ସ+ର ମୂଲ୍ୟ ଗତ ସପ୍ତାହରେ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ହ୍ରାସ କରିବା ପରେ ଗାଡ଼ି ବିକ୍ରିରେ ନାଟକୀୟ ବୃଦ୍ଧି ପରିଲକ୍ଷିତ ହୋଇଛି। କମ୍ପାନୀ ମାତ୍ର ତିନିଦିନ ମଧ୍ୟରେ ବୃହତ୍ ସଂଖ୍ୟାରେ ୧୦ ହଜାର ୟୁନିଟ୍ ବିକ୍ରି କରିଛି, ଯାହା ତାହାର ହାରାହାରି ଦୈନିକ ବିକ୍ରିର ତିନିଗୁଣ ହୋଇଛି। ଏହି ବୃଦ୍ଧିରୁ ପରିଲକ୍ଷିତ ହେଉଛି ଯେ ରଣକୌଶଳାତ୍ମକ ମୂଲ୍ୟ ହ୍ରାସ ଓଲାର ଇଲେକ୍‌ଟ୍ରିକ ଗାଡି କ୍ଷେତ୍ରରେ ରହିଥିବା ଲକ୍ଷ୍ୟ ହାସଲ ଦିଗରେ ଏକ ନାଟକୀୟ ପରିବର୍ତ୍ତନ ଆଣିବ। ଏହା ୨୦୨୧ ଅଗଷ୍ଟରେ ତାହାର ପ୍ରଥମ ଉତ୍ପାଦନ ସମ୍ପର୍କରେ ଘୋଷଣା କରିବା ଠାରୁ ୪,୦୦,୦୦୦ରୁ ଅଧିକ ଗାଡି ଯୋଗାଇ ଦେଇସାରିଛି। ଏହା ନିଜର ଡିଆରଏଚ୍‌ପି ଅନୁଯାୟୀ ୨୦୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରୁ ତାହାର ମୋଟରସାଇକଲ ମଡେଲଗୁଡିକର ଯୋଗାଣ ଆରମ୍ଭ କରିବାକୁ ଯୋଜନା ରଖିଛି। ଓଲା ୨୦୨୩ ଡିସେମ୍ବରରେ ତାହାର ଆଇପିଓ ନିମନ୍ତେ ନିୟାମକଙ୍କ ନିକଟରେ ପ୍ରସ୍ତାବ ଦାଖଲ କରିଥିଲା।



### ଦିଲ୍ଲୀ ହାଇକୋର୍ଟରେ ସୁବ୍ରମଣ୍ୟନ ସ୍ୱାମୀଙ୍କ ପିଟିସନ୍

# ଆକ୍ସିସ ବ୍ୟାଙ୍କରେ ୧୫୦୦ କୋଟିର ଦୁର୍ନୀତି!

**ନୂଆଦିଲ୍ଲୀ, ୨୩।୨(ଏଜେନ୍ସି):** ଆକ୍ସିସ ବ୍ୟାଙ୍କ ୧୫୦୦ କୋଟି ଟଙ୍କାର ଘୋଟାଲାରେ ସଂପୃକ୍ତ ଥିବା ଅଭିଯୋଗ ଆଣି ଭାରତୀୟ ଜନତା ପାର୍ଟି(ବିଜେପି) ନେତା ପୂର୍ବତନ ରାଜ୍ୟସଭା ସଦସ୍ୟ ସୁବ୍ରମନ୍ୟମ ସ୍ୱାମୀ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିସନ୍ ଦାଖଲ କରିଛନ୍ତି।ଆକ୍ସିସ ବ୍ୟାଙ୍କ ହେଉଛି ମାକ୍ସ ଲାଇଫ୍ ଇନସ୍ୟୁରାନ୍ସର ଅଂଶଧନଧାରକ। ମାକ୍ସ ଲାଇଫ୍ ଇନସ୍ୟୁରାନ୍ସର ଅଂଶଧନ କିଣାବିକାରେ ଆକ୍ସିସ ବ୍ୟାଙ୍କ ହେରାଫେରି କରି ଅବୈଧ ଭାବେ ୧୫୦୦ କୋଟି ଟଙ୍କାର ଫାଇଦା ଉଠାଇଛି ବୋଲି ସ୍ୱାମୀ ତାଙ୍କ ପିଟିସନରେ ଦର୍ଶାଇଛନ୍ତି। ବ୍ୟାଙ୍କିଂ ଓ ଇନସ୍ୟୁରାନ୍ସ କରବାରରେ ଯେପରି ସବୁକିଛିରେ ସ୍ୱଚ୍ଛତା ରହେ ଓ ଇନସ୍ୟୁରାନ୍ସ ରେଗୁଲେଟାରୀ ଆଣ୍ଡ ଡେଭଲପମେଣ୍ଟ ଅଥରିଟି ଅଫ୍ ଇଣ୍ଡିଆ(ଆଇଆରଡିଏଆଇ) ର ମାର୍ଗଦର୍ଶିକାକୁ ଯେପରି ସମସ୍ତେ ମାନନ୍ତି ତାହା ସୁନିଶ୍ଚିତ କରିବାକୁ ସ୍ୱାମୀ ତାଙ୍କ ପିଟିସନରେ ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି। ସ୍ୱାମୀ ଦର୍ଶାଇଛନ୍ତି, ମାକ୍ସ ଲାଇଫ ଇନସ୍ୟୁରାନ୍ସ ଓ ମାକ୍ସ ଫିନାନସିଆଲ ସର୍ଭିସେସ ଅଂଶଧନ କିଣାବିକାରେ ଜାଲିଆତି କରି ୧୫୦୦ କୋଟି ଟଙ୍କା ଲାଭ ଉଠାଇବା ପାଇଁ ଆକ୍ସିସ ବ୍ୟାଙ୍କକୁ ସୁଯୋଗ ଦେଇଛନ୍ତି। ଆକ୍ସିସ ବ୍ୟାଙ୍କ ଓକିଲ କୋର୍ଟଙ୍କୁ କହିଥିଲେ ଯେ ସେ ମାମଲା ସମ୍ପର୍କିତ କାଗଜପତ୍ର ଏଯାଏ ଦେଖିନାହାନ୍ତି। ବିଚାରପତି ମନମୋହନ ଓ ବିଚାରପତି ମନମିତ ସିଂ ଅରୋରାଙ୍କ ଖଣ୍ଡପୀଠ ମାମଲାର ଶୁଣାଣି ମାର୍ଚ୍ଚ ୧୩ ତାରିଖରେ କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି।



## ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ବ୍ରାହ୍ମଣୀପାଳରେ ମେଗା ସ୍ୱାସ୍ଥ୍ୟ ଶିବିର



**ଭୁବନେଶ୍ୱର,୨୩।୨(ସମିସ):** ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ବ୍ରାହ୍ମଣୀପାଳଠାରେ ମା ତାରିଣୀ ଟ୍ରିପର୍ସ ଏବଂ ଟ୍ରକ୍ ମାଲିକ ସଂଘର ମିଳିତ ଆନୁକୂଲ୍ୟରେ ୪ ଦିନିଆ ମେଗା ସ୍ୱାସ୍ଥ୍ୟ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ରାହ୍ମଣୀପାଳ ଟାଟା ଷ୍ଟିଲ୍ ଏଫଏପି ପ୍ଲାଣ୍ଟ ମୁଖ୍ୟ ଲଭଲିନ୍ ସ୍ୱାଇଁ ଓ ବ୍ରାହ୍ମଣୀପାଳସ୍ଥିତ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ୟୁନିଟ ମୁଖ୍ୟ ଡ. ଜୟନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ୫୪୬ରୁ ଅଧିକ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା, ଯେଉଁଥିରେ ଅଧିକାଂଶ ଟ୍ରକ୍ ଡ୍ରାଇଭର ଥିଲେ। ସେମାନଙ୍କ ମଧ୍ୟରୁ ୪୫୮ ଜଣଙ୍କର ରିଫ୍ରାକ୍ସନ ସମସ୍ୟା ଚିହ୍ନଟ କରାଯାଇ ଉନ୍ନତ ଦୃଷ୍ଟି ଶକ୍ତି ଏବଂ ସଡ଼କ ସୁରକ୍ଷା ପାଇଁ ସେମାନଙ୍କୁ ଚଷମା ଯୋଗାଇ ଦିଆଯାଇଥିଲା। ଜାମସେଦପୁରର ଏକ ଡାକ୍ତରୀ ଟିମ୍ ସହାୟତାରେ ଶିବିରରେ ରୋଗ ନିରାକରଣ ପାଇଁ ସ୍ୱାସ୍ଥ୍ୟ ଯାଂଚ ଏବଂ ପରାମର୍ଶ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ, ଅଂଶଗ୍ରହଣକାରୀମାନଙ୍କୁ ମୌଳିକ ଜୀବନ ସହାୟତା ପ୍ରଶିକ୍ଷଣ ଦିଆଯାଇଥିଲା, ଯେଉଁଥିରେ ମାନେକ୍ୱିନ୍ ମଡେଲ୍ ବ୍ୟବହାର କରି କାର୍ଡିଓ-ପଲମୋନାରୀ ରିସସିଟେସନ୍ (ସିପିଆର) କୌଶଳ ଅନ୍ତର୍ଭୁକ୍ତ ଥିଲା।

## ଇଫ୍‌କୋ ବିଶ୍ୱର ଏକ ନମ୍ବର ସମବାୟ ସଂସ୍ଥା

**ଭୁବନେଶ୍ୱର,୨୩।୨(ସମିସ):** ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ (ଇଫକୋ) ପୁଣି ଥରେ ବିଶ୍ୱର ଶ୍ରେଷ୍ଠ ୩୦୦ ସମବାୟ ସମିତି ମଧ୍ୟରେ ଏକ ନମ୍ବର ସମବାୟ ସଂସ୍ଥା ଭାବେ ସ୍ଥାନ ପାଇଛି ଏବଂ ଗତବର୍ଷର ସ୍ଥିତି ବଜାୟ ରଖିଛି। ମୁଣ୍ଡପିଛା ମୋଟ ଘରୋଇ ଉତ୍ପାଦ (ଜିଡିପି) ତୁଳନାରେ କାରବାରର ଅନୁପାତକୁ ଆଧାର କରି ଏହି ମାନ୍ୟତା ପ୍ରଦାନ କରାଯାଇଛି। ଏହା ସୂଚାଉଛି ଯେ ଦେଶର ଜିଡିପି ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ଇଫ୍‌କୋ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି। ଆନ୍ତର୍ଜାତିକ ସମବାୟ ମେଣ୍ଟ (ଆଇସିଏ) ଦ୍ୱାରା ପ୍ରକାଶିତ ଦ୍ୱାଦଶ ବାର୍ଷିକ ବିଶ୍ୱ ସମବାୟ ମନିଟର (ଡବ୍ଲୁସିଏମ) ରିପୋର୍ଟର ୨୦୨୩ ସଂସ୍କରଣ ଅନୁଯାୟୀ ଏହା ଦେଶର ସମ୍ପତ୍ତି ସହିତ ଉଦ୍ୟୋଗ କାରବାରକୁ ସମୃଦ୍ଧିତ କରୁଛି। ଗତ ଆର୍ଥିକ ବର୍ଷରେ ଇଫକୋ ସାମଗ୍ରିକ କାରବାର ର୍‍ୟାଙ୍କିଂରେ ୯୭ତମ ସ୍ଥାନରୁ ୭୨ତମ ସ୍ଥାନକୁ ଉନ୍ନୀତ ହୋଇଛି। ଇଫକୋ ଗତ କିଛି ବର୍ଷ ଧରି ଏହାର ଏକ ନମ୍ବର ସ୍ଥାନ ବଜାୟ ରଖିଛି ଯାହା ସମବାୟ ନୀତି ଉପରେ ଇଫକୋ ଏବଂ ଏହାର ପରିଚାଳନାର ଅତୁଟ ବିଶ୍ୱାସର ପ୍ରମାଣ। ମନ୍ତ୍ରଣାଳୟ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଛି ଯାହା ଭାରତରେ ସମବାୟ ଆନ୍ଦୋଳନର ଉନ୍ନତିକୁ ସକ୍ଷମ କରିଛି।




## ଆଭିଭା ସିଗ୍‌ନେଚର ମାସିକ ଆୟ ଯୋଜନା ଶୁଭାରମ୍ଭ

**ଭୁବନେଶ୍ୱର, ୨୩।୨(ସିମସ):** ଘରୋଇ ଜୀବନ ବୀମା କମ୍ପାନୀ ଆଭିଭା ଜୀବନ ବୀମା ଆଭିଭା ସିଗ୍‌ନେଚର ମାସିକ ଆୟ ଯୋଜନାର ଶୁଭାରମ୍ଭ ଘୋଷଣା କରିଛି। ଆମେଣ୍ଡମେଣ୍ଟ ଯୋଜନା, ଯାହାକି ବ୍ୟକ୍ତି ତଥା ପରିବାରକୁ ମାସିକ ଆୟ ଏବଂ ଆର୍ଥିକ ନିରାପତ୍ତା ଗ୍ୟାରେଣ୍ଟି ପ୍ରଦାନ କରିବାକୁ ପ୍ରସ୍ତୁତ କରାଯାଇଛି। ନୂତନ ଯୋଜନା ୨ ଟି ବିକଳ୍ପ ପ୍ରଦାନ କରେ, ଯାହା ନିଶ୍ଚିତ ହୋଇଛି ଯେ ଗ୍ରାହକମାନେ ସେମାନଙ୍କର ମନୋନୀତ ଦେୟଅବଧି ମଧ୍ୟରେ ଏକ ସ୍ଥିର ଏବଂ ପୂର୍ବାନୁମାନ ଯୋଗ୍ୟ ଆର୍ଥିକ ଷ୍ଟ୍ରିମ୍ ପ୍ରଦାନ କରି ଏକ ଗ୍ୟାରେଣ୍ଟି ଲାଇଫ୍ ଟାଇମ୍ ମାସିକ ଆୟ ଗ୍ରହଣ କରିବ। ୨୫-୪୮ ବର୍ଷ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ, ଯେଉଁମାନେ ସେମାନଙ୍କ ଅବସର ପାଇଁ ଯୋଜନା କରିବାକୁ ଚାହୁଁଛନ୍ତି, ଏହି ଯୋଜନା ୩୫ ବର୍ଷ ପର୍ଯ୍ୟନ୍ତ ପଲିସି ଟର୍ମ ଏବଂ ଆଜୀବନ ମାସିକ ଆୟର ଗ୍ୟାରେଣ୍ଟି ଦେବା ପାଇଁ ପେଆଉଟ୍ ପିରିୟଡ୍ ୪୫ ବର୍ଷ ପର୍ଯ୍ୟନ୍ତ ପ୍ରଦାନ କରିଥାଏ। ୪୯-୬୦ ବର୍ଷ ବୟସର ବ୍ୟକ୍ତିବିଶେଷଙ୍କ ପାଇଁ, ୨୦ ବର୍ଷ ପର୍ଯ୍ୟନ୍ତ ଏକ ପଲିସି ଟର୍ମ ଏବଂ ୩୦ ବର୍ଷ ପର୍ଯ୍ୟନ୍ତ ପେଆଉଟ୍ ଅବଧି ଏକ ଚିନ୍ତାମୁକ୍ତ ଅବସର ପାଇଁ ଏକ ଆଜୀବନ ମାସିକ ଆୟକୁ ଗ୍ୟାରେଣ୍ଟି ଦେଇଥାଏ। ଏହି ଯୋଜନା ଲାଇଫ୍ ଇନସ୍ୟୁରାନ୍ସ ସୁବିଧା ପ୍ରଦାନ କରିଥାଏ, ପଲିସି ଟର୍ମ ସମୟରେ ପଲିସିଧାରୀଙ୍କ ଦୁର୍ଭାଗ୍ୟଜନକ ମୃତ୍ୟୁ ଘଟଣାରେ ମନୋନୀତ ବ୍ୟକ୍ତିଙ୍କୁ ଏକଲକ୍ଷ ଟଙ୍କା ସୁବିଧା ପ୍ରଦାନ କରି ପ୍ରିୟଜନଙ୍କୁ ସୁରକ୍ଷା ଦେଇଥାଏ। ପେଆଉଟ୍ ଅବଧି ସମୟରେ ପଲିସି ଧାରକଙ୍କ ମୃତ୍ୟୁ ଘଟଣାରେ, ସେମାନଙ୍କ ପତି / ନାମାଙ୍କନ ଯୋଜନା ଅନୁଯାୟୀ ନିର୍ଦ୍ଧାରିତ ମାସିକ ଆୟ ଗ୍ରହଣ କରିବା ଜାରି ରଖିବେ ଏବଂ ପେଆଉଟ୍ ଅବଧି ଶେଷରେ ପେଡ୍ ଟୋଟାଲ୍ ପ୍ରିମିୟମ୍ ରିଟର୍ନ ମଧ୍ୟ ପାଇପାରିବେ। ଏହାର ପ୍ରତିରକ୍ଷା ବୈଶିଷ୍ଟ୍ୟ ସହିତ, ଏହି ଯୋଜନା ପ୍ରଚଳିତ ଟିକସ ନିୟମ ଅନୁଯାୟୀ ପ୍ରିମିୟମ ପେମେଂଟ ସମୟରେ ମାସିକ ଦେୟ ପ୍ରଦାନ ସମୟରେ ଟ୍ୟାକ୍ସ ସୁବିଧା ପ୍ରଦାନ କରିଥାଏ।

## ୨୫ରେ ପ୍ରକାଶ ପାଇବ କମ୍ପାନୀ ସଚିବ ପରୀକ୍ଷା ଫଳାଫଳ

**ଭୁବନେଶ୍ୱର, ୨୩।୨(ସିମସ):** ବୃତ୍ତିଗତ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟନିର୍ବାହୀ କାର୍ଯ୍ୟକ୍ରମ (ସିଲାବସ୍ ୨୦୧୭ ଏବଂ ସିଲାବସ୍ ୨୦୨୨) ପାଇଁ କମ୍ପାନୀ ସଚିବ ପରୀକ୍ଷା ଫଳାଫଳ ଡିସେମ୍ବର ୨୦୨୩ ଅଧିବେଶନ ସକାଳ ୧୧.୦୦ ଏବଂ ଦିନ ୨ଟା ୨୫ ଫେବୃଆରୀରେ ଘୋଷଣା କରାଯିବ। ଫଳାଫଳ ୱେବସାଇଟରେ ଉପଲବ୍ଧ ହେବ। ଫଳାଫଳ ଘୋଷଣା ହେବା ପରେ ତୁରନ୍ତ ୱେବସାଇଟରେ ଉପଲବ୍ଧ ପ୍ରାର୍ଥୀଙ୍କ ସହିତ ଫଳାଫଳ ସହିତ ମାର୍କ-ଅଫ୍ ବ୍ରେକ୍ ଅପ୍ ଉପଲବ୍ଧ ହେବ। କାର୍ଯ୍ୟନିର୍ବାହୀ ପ୍ରୋଗ୍ରାମର ପ୍ରାର୍ଥୀମାନେ (ସିଲାବସ୍ ୨୦୧୭ ଏବଂ ସିଲାବସ୍ ୨୦୨୨) ପରୀକ୍ଷା ସେମାନଙ୍କର ଇ-ରେଜଲ୍ଟ-କମ-ମାର୍କ ଷ୍ଟେଟମେଣ୍ଟକୁ ଇନଷ୍ଟିଚ୍ୟୁଟ୍ ୱେବସାଇଟ୍‌ରୁ ଫଳାଫଳ ଘୋଷଣା ପରେ ତୁରନ୍ତ ଡାଉନଲୋଡ୍ କରିପାରିବେ।

# ବାଇଜୁସ୍ ସଙ୍କଟ: ରବୀନ୍ଦ୍ରନ୍‌ଙ୍କୁ ବୋର୍ଡରୁ ହଟାଇଲେ ନିବେଶକ

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି)**

ଏଡଟେକ୍ କମ୍ପାନୀ ବାଇଜୁସ୍‌ରେ ଦେଖାଦେଇଥିବା ସଙ୍କଟ ଦିନକୁ ଦିନ ବଢ଼ିବାରେ ଲାଗିଛି। ନିବେଶକମାନେ କମ୍ପାନୀର ପ୍ରତିଷ୍ଠାତା-ସିଇଓ ରେଭିନ୍ଦ୍ରନ୍ ବାଇଜୁସ୍, ତାଙ୍କ ପତ୍ନୀ ଦିବ୍ୟା ଗୋକୁଲନାଥ ଏବଂ ଭାଇ ରିଜୁ ରବୀନ୍ଦ୍ରନ୍‌ଙ୍କୁ ବୋର୍ଡରୁ ହଟାଇ ଦେଇଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଶୁକ୍ରବାର କମ୍ପାନୀ ବୋର୍ଡ (ଏଜିଏମ୍) ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି।

ରିପୋର୍ଟ ଅନୁଯାୟୀ, ପ୍ରୋସସ୍, ଜେନେରାଲ୍ ଆଟଲାଣ୍ଟିକ୍ ଏବଂ ପିକ୍ ଏକ୍ସଭି ପରି ଅନେକ ବ୍ଲୁ ଚିପ୍ ନିବେଶକ ରେବୀନ୍ଦ୍ରନ୍ ଏବଂ ତାଙ୍କ ପରିବାରକୁ ସିଇଓ ପଦରୁ ହଟାଇବାକୁ ଭୋଟ୍ ଦେଇଥିଲେ। ରବୀନ୍ଦ୍ରନ୍ ଏବଂ ତାଙ୍କ ପରିବାର ଇଜିଏମ୍ ଏବଂ ଭୋଟ୍‌କୁ ବେଆଇନ୍ ବୋଲି କହିଛନ୍ତି। କମ୍ପାନୀରେ ୬୦% ଅଂଶଧନ ଥିବା ନିବେଶକମାନେ କମ୍ପାନୀରେ ନେତୃତ୍ୱ ଏବଂ ପ୍ରଶାସନିକ ସ୍ତରରେ ପରିବର୍ତ୍ତନ ପାଇଁ ପ୍ରସ୍ତାବ ପାସ୍ କରିବା ସପକ୍ଷରେ ମତ ଦେଇଛନ୍ତି। ତେବେ ବୋର୍ଡ ବୈଠକରେ ରବୀନ୍ଦ୍ରନ୍ ଏବଂ ତାଙ୍କ ପରିବାର ଯୋଗ ଦେଇ ନ ଥିଲେ। ରବୀନ୍ଦ୍ରନ୍ ଏବଂ ତାଙ୍କ ପରିବାରର କମ୍ପାନୀରେ ପ୍ରାୟ ୨୬% ଅଂଶଧନ ରହିଛି। ରବୀନ୍ଦ୍ରନ୍‌ଙ୍କ ନେତୃତ୍ୱରେ ପରିଚାଳନାଗତ ବିଫଳତା କାରଣରୁ ନିବେଶକମାନେ ଏପରି ନିଷ୍ପତ୍ତି ନେଇଛନ୍ତି। ଇଜିଏମ୍ ଡାକିଥିବା ଅଂଶୀଦାରମାନେ ବାଇଜୁସ୍‌ରେ ମୋଟ ୩୦% ରୁ ଅଧିକ ଅଂଶଧନ ରଖିଛନ୍ତି। ଏହି ଇଜିଏମ୍ ପ୍ରାୟ 4 ଘଣ୍ଟା ଧରି ଚାଲିଥିଲା ଏବଂ ସଂକଳ୍ପନାମା ଉପରେ ଭୋଟ୍ ପରେ ଶେଷ ହୋଇଥିଲା। ତେବେ ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ଶୁକ୍ରବାର ହୋଇଥିବା ଏହି ଭୋଟ୍‌ର ଫଳାଫଳ କାର୍ଯ୍ୟକାରୀ ହେବ ନାହିଁ। କାରଣ ସେହି ଦିନ କର୍ଣ୍ଣାଟକ ହାଇକୋର୍ଟ ରବୀନ୍ଦ୍ରନ୍‌ଙ୍କ ଆବେଦନ ଉପରେ କିଛି ନିବେଶକଙ୍କ କାର୍ଯ୍ୟକଳାପକୁ ରବୀନ୍ଦ୍ରନ୍ ଚ୍ୟାଲେଞ୍ଜ କରିଛନ୍ତି ଯାହାର ଉଚ୍ଚ ନ୍ୟାୟାଳୟ ଶୁଣାଣି କରିବେ। ଫେବୃଆରୀ ୨୧ରେ ବାଇଜୁସ୍‌ଙ୍କ ଅଂଶୀଦାରଙ୍କ ଦ୍ୱାରା ଡକାଯାଇଥିବା ଇଜିଏମ୍ ଉପରେ ରହିତାଦେଶ ଲାଗୁ କରିବାକୁ ହାଇକୋର୍ଟ ମନା କରିଦେଇଥିଲେ। ବିବୃତ୍ତିରେ ନିବେଶକମାନେ ଏହା ମଧ୍ୟ କହିଛନ୍ତି ଯେ ସେମାନେ ଏବେ କର୍ଣ୍ଣାଟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ। ଏହାବ୍ୟତୀତ ଆଜି ୪ ନିବେଶକଙ୍କ ଏକ ଗୋଷ୍ଠୀ ନ୍ୟାସନାଲ କମ୍ପାନୀ ଲ 'ଟ୍ରିବ୍ୟୁନାଲ (ଏନସିଏଲଟି) ର ବେଙ୍ଗାଲୁରୁ ବେଞ୍ଚରେ କମ୍ପାନୀର ପରିଚାଳନା ବିରୋଧରେ ନିର୍ଯ୍ୟାତନା ତଥା ପରିଚାଳନାଗତ ମାମଲା ରୁଜୁ କରିଛନ୍ତି। ଏହାର ପ୍ରତିଷ୍ଠାତା ତଥା ସିଇଓ ବାଇଜୁ ରବୀନ୍ଦ୍ରନ୍‌ଙ୍କ ସମେତ କମ୍ପାନୀ ଚଳାଉଥିବା ଲୋକଙ୍କୁ ଅଯୋଗ୍ୟ ଘୋଷଣା କରିବା ଏବଂ ଏକ ନୂତନ ବୋର୍ଡ ନିଯୁକ୍ତ କରିବାକୁ ନିବେଶକମାନେ ଏନସିଏଲଟି ନିକଟରେ ଦାବି କରିଛନ୍ତି।

ଘଟଣା ଉପରେ ବାଇଜୁସ୍‌ର ମୁଖପାତ୍ର କହିଛନ୍ତି ଯେ ଏନ୍‌ସିଏଲ୍‌ଟିରେ ଏପରି କୌଣସି ଆବେଦନ ବିଷୟରେ ଆମର କୌଣସି ସୂଚନା ନାହିଁ। ଯଦି ଏପରି କୌଣସି ପିଟିସନ ଦାଖଲ ହୋଇଛି, ତେବେ ଆଇନ ଏବଂ ଏହାର ପ୍ରକ୍ରିୟା ଅନୁଯାୟୀ ଏହାର ଉତ୍ତର ଦିଆଯିବ। ଏଠାରେ ସୂଚନାଯୋଗ୍ୟ ଯେ, ନିକଟରେ ପ୍ରବର୍ତ୍ତନ ଡାଇରେକ୍ଟୋରେଟ (ଇଡି) ଏଡଜେକ୍ ବାଇଜୁସ୍ ରବୀନ୍ଦ୍ରନ୍‌ଙ୍କ ବିରୋଧରେ ଲୁକ୍‌ଆଉଟ୍ ନୋଟିସ୍ ଜାରି କରିବାକୁ କହିଛନ୍ତି। ଏହା ମାଧ୍ୟମରେ ଅନୁସନ୍ଧାନକାରୀ ସଂସ୍ଥା ନିଶ୍ଚିତ କରିବାକୁ ଚାହୁଁଛି ଯେ ରବୀନ୍ଦ୍ରନ୍ ଦେଶ ଛାଡିପାରିବେନାହିଁ। ବୈଦେଶିକ ବିନିମୟ ପରିଚାଳନା ଅଧିନିୟମ (ଫେମା) ଆଇନ ଉଲ୍ଲଂଘନକରିବା ଅଭିଯୋଗରେ ରବୀନ୍ଦ୍ରନ୍‌ଙ୍କ ଉପରେ ଇଡି ନଜର ରଖିଛି।




■ ପତ୍ନୀ, ଭାଇଙ୍କୁ ବି ବାହାର କଲେ
■ ଏଜିଏମ୍ ଏବଂ ଭୋଟ୍ ବେଆଇନ :କମ୍ପାନୀ

## ଟାଟା ପାୱାର 'ମାଇଁ ଓଡ଼ିଶା, ଇଣ୍ଡିଆଜ ପ୍ରାଇଡ' ପ୍ରତିଯୋଗିତାର ବିଜେତାଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର, ୨୩।୨(ସମିସ):** ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମଗୁଡ଼ିକ ପକ୍ଷରୁ ମାଇଁ ଓଡ଼ିଶା, ଇଣ୍ଡିଆଜ୍ ପ୍ରାଇଡ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ଗର୍ବର ସହ ଘୋଷଣା କରାଯାଇଛି। ରାଜ୍ୟ ସରକାରଙ୍କ ସ୍କିଲ୍ଡ ଇନ୍ ଓଡ଼ିଶା ଅଭିଯାନ ସହ ମିଶି ଆରମ୍ଭ ହୋଇଥିବା ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ସାରା ଓଡ଼ିଶାର ପିଲାମାନଙ୍କ ସୃଜନଶୀଳତାର ପରିପ୍ରକାଶ କରିବା ଏବଂ ରାଜ୍ୟର ସମୃଦ୍ଧ ଐତିହ୍ୟର ସୌନ୍ଦର୍ଯ୍ୟକୁ ପାଳନ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବା।ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଏକ ବିଶିଷ୍ଟ ବିଚାରକ ମଣ୍ଡଳୀ ଦ୍ୱାରା ସମୀକ୍ଷା ପରେ ଭୁବନେଶ୍ୱର ଏମଡିସିଠାରେ ଆୟୋଜିତ ଏହି ସମାରୋହରେ ୩୦ ଜଣ ବିଜେତା ଓ ୨୦ ଜଣ ଶ୍ରେଷ୍ଠ ଯୋଗଦାନକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ବିଜେତାଙ୍କୁ ଟ୍ରଫି ସହ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ୫୦ ଜଣ ମାନୋନୀତ ଆବେଦନକୁ ୨୦୦୦ ଟଙ୍କା ଲେଖାଏଁ ଗିଫ୍ଟ ଭାଉଚର ଓ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କିଟ୍ କୁଳପତି ପ୍ରଫେସର (ଡ.) ଶରଣଜିତ୍ ସିଂହ ଯୋଗଦେଇଥିବାବେଳେ କିଟ୍‌ର ପ୍ଲେସମେଣ୍ଟ ଅଧିକାରୀ ତ୍ରିପତି ପ୍ରସାଦ ବକ୍ସି ଉପସ୍ଥିତ ଥିଲେ।

**ମହିଳା ପ୍ରିମିୟର ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଆରମ୍ଭ**

# ଶେଷ ବଲ୍‌ରେ ଛକା ମାରି ଜିତିଲା ମୁମ୍ବାଇ



**ବେଙ୍ଗାଲୁରୁ,୨୩।୨(ଏଜେନ୍ସି)**

ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲର ଦ୍ୱିତୀୟ ସଂସ୍କରଣ ଆରମ୍ଭ ହୋଇଛି। ଶୁକ୍ରବାର ରୋମାଞ୍ଚକ ଉଦଘାଟନୀ ମ୍ୟାଚ୍‌ରେ ଗତଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ଶେଷ ବଲରେ ୪ ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ ୫ ୱିକେଟ ହରାଇ ୧୭୧ ରନ ସଂଗ୍ରହ କରିଛି। ଜବାବରେ ମୁମ୍ବାଇ ୨୦ ଓଭରରେ ୬ ୱିକେଟ ହରାଇ ୧୭୩ ରନକରି ବିଜୟୀ ହୋଇଥିଲା। କେରଳର ସଜୀବନ ସଜନା ଅନ୍ତିମ ବଲରେ ଆଲିସ୍ କ୍ୟାପ୍‌ସିଙ୍କୁ ଛକା ମାରି ମୁମ୍ବାଇକୁ ଜିତାଇଥିଲେ। ଦଳ ତରଫରୁ ୟସ୍ତିକା ଭାଟିଆ ୫୭, ଅଧିନାୟିକା ହରମନପ୍ରୀତ କୌର ୫୫, ଆମେଲି କେର ୨୪, ନାତାଲି ସ୍କିଭର- ବ୍ରଣ୍ଟ ୧୯ ରନ କରି ଆଉଟ ହୋଇଥିଲେ। ଦିଲ୍ଲୀ ତରଫରୁ କ୍ୟାପ୍‌ସି ଓ ଅରୁନ୍ଧତି ରେଡ୍ଡୀ ୨ଟି ଲେଖାଏ, ମାରିଜନେ କ୍ୟାପ୍ ଓ ଶିଖା ପାଣ୍ଡେ ଗୋଟିଏ ଲେଖାଏ ୱିକେଟ ନେଇଥିଲେ। ଅର୍ଦ୍ଧଶତକୀୟ ପାଳି ଖେଳିଥିବା ହରମନପ୍ରୀତ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ତରଫରୁ ମାତ୍ର ୧ ରନ କରି ଓପନର ଶେଫାଳୀ ବର୍ମା ପ୍ରଥମେ ଆଉଟ ହୋଇଥିଲେ। କିନ୍ତୁ ଦ୍ୱିତୀୟ ୱିକେଟରେ ମେଗ୍ ଲାନିଂ ଓ କ୍ୟାପସି ୫୧ ବଲରୁ ୬୪ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ୩୧ ରନ କରିଥିବା ବେଳେ ଲାନିଂ ନାତାଲି ସ୍କିଭର- ବ୍ରଣ୍ଟଙ୍କ ଦ୍ୱାରା ଆଉଟ ହୋଇଥିଲେ। କ୍ୟାପସି ୫୩ ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୩ ଛକା ସହ ୭୫ ରନ କରି ଆଉଟ ହୋଇଥିଲେ। ଜେମିମା ରୋଡ୍ରିଗ୍ସେଜ ୨୪ ବଲରୁ ୪୨ ରନକରି ଓ ମାରିଜନେ କ୍ୟାପ୍ ୧୬ ରନ କରି ପ୍ୟାଭିଲିଅନ ଫେରିଥିଲେ। ମୁମ୍ବାଇ ତରଫରୁ ସ୍କିଭର- ବ୍ରଣ୍ଟ ଓ କେର ଦୁଇଟି ଲେଖାଏ, ଇସମାଇଲ ଗୋଟିଏ ୱିକେଟ ନେଇଥିଲେ। ଆସନ୍ତାକାଲି ଏଠାରେ ଲିଗ୍‌ର ଦ୍ୱିତୀୟ ମ୍ୟାଚରେ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ଓ ୟୁପି ୱାରିଅର୍ଜ ମୁହାମୁହିଁ ହେବେ।

## ଭାରତୀୟ ମହିଳା ହକି ପ୍ରଶିକ୍ଷକ ସ୍କୋପମ୍ୟାନ୍‌ଙ୍କ ଇସ୍ତଫା



**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):**; ଭାରତୀୟ ମହିଳା ହକି ଦଳର ପ୍ରଶିକ୍ଷକ ଜାନେକ ସ୍କୋପମ୍ୟାନ ଶୁକ୍ରବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କିଙ୍କୁ ସେ ନିଜର ଇସ୍ତଫା ପତ୍ର ପଠାଇଛନ୍ତି। ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତୀୟ ମହିଳ ଦଳ ଯୋଗ୍ୟତା ହାସଲ କରିବାରେ ବିଫଳ ହେବା ପରେ ତାଙ୍କୁ କଡ଼ା ସମାଲୋଚନାର ସମ୍ମୁଖୀନ ହେବାକୁ ପଡିଥିଲା। ୪ ଦିନ ତଳେ ସେ ଏକ ବିବାଦୀୟ ମନ୍ତବ୍ୟ ଦେଇ ହଇଚଇ ସୃଷ୍ଟି କରିଥିଲେ। ଭାରତରେ ମହିଳା ରହିବା କଷ୍ଟକର ବୋଲି ନେଦରଲାଣ୍ଡସର ଏହି ୪୬ ବର୍ଷୀୟ ମହିଳା ହକି ପ୍ରଶିକ୍ଷକ କହିଥିଲେ। ମହିଳା ପ୍ରଶିକ୍ଷକ ଓ ଖେଳାଳିଙ୍କ ସହିତ ଏଠାରେ ଭେଦଭାବ ହୋଇଥାଏ ବୋଲି ସେ ମନ୍ତବ୍ୟ ଦେଇଥିଲେ। ଗତ ଦୁଇବର୍ଷ ମଧ୍ୟରେ ବହୁତ ଏକୁଟିଆ ଅନୁଭବ କରିଥିଲି। ମହିଳାଙ୍କୁ ଯେଉଁଠାରେ ସମ୍ମାନ କରାଯାଇଥାଏ ସେହି ସଂସ୍କୃତିରୁ ଆସିଛି। କିନ୍ତୁ ଭାରତରେ ସେଭଳି କିଛି ଅନୁଭବ ପରିନାହିଁ ବୋଲି ସେ କହିଥିଲେ। ୪ ବର୍ଷ ତଳେ ସେ ୨୦୨୦ରେ ଭାରତୀୟ ଦଳର ଅନାଲିଟିକାଲ କୋଚ୍ ଭାବେ ଯୋଗ ଦେଇଥିଲେ। ଟୋକିଓ ଅଲିମ୍ପିକ୍ସ ପରେ ତାଙ୍କୁ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦିଆଯାଇଥିଲା। ତାଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳର ପ୍ରଦର୍ଶନରେ ଯଥେଷ୍ଟ ଉନ୍ନତି ଆସିଥିଲା। ତାଙ୍କ ଅଧିନରେ ଭାରତ ୨୦୨୨ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ କାଂସ୍ୟ, ୨୦୨୨ ଏସୀୟ କ୍ରୀଡ଼ାରେ କାଂସ୍ୟ, ଏସିଆନ ଚାମ୍ପିଅନ୍ସ ଟ୍ରଫିରେ ସ୍ୱର୍ଣ୍ଣ, ୨୦୨୨ ମସ୍କଟ ଏସିଆ କପ୍‌ରେ କାଂସ୍ୟ ପଦକ ହାସଲ କରିଥିଲା। କିନ୍ତୁ ଗତମାସରେ ରାଞ୍ଚିରେ ଅନୁଷ୍ଠିତ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ମହିଳା ଦଳ ଯୋଗ୍ୟତା ହାସଲ କରିପାରି ନଥିଲା। ଫଳରେ ତାଙ୍କୁ କଡ଼ା ସମାଲୋଚନା କରାଯାଇଥିଲା। ଆଗମୀ ଜୁନ୍- ଜୁଲାଇରେ ତାଙ୍କୁ ଚୁକ୍ତି ଅବଧୀ ଶେଷ ହୋଇଥାନ୍ତା। କିନ୍ତୁ ସେ ୪ ମାସ ପୂର୍ବରୁ ଦାୟିତ୍ୱରୁ ଅବ୍ୟାହତି ନେଇଛନ୍ତି। ସେ ପଦରୁ ଇସ୍ତଫା ଦେବେ ବୋଲି ଚର୍ଚ୍ଚା ହେଉଥିଲା।

● **ହୁସିନାରା ନିଲୋଫର୍ କପ୍**

## ଫାଇନାଲରେ କୁମାରବସ୍ତ, ଯଦୁପୁର

**ଭୁବନେଶ୍ୱର, ୨୩।୨ (ସମିସ)**

କୁମାରବସ୍ତ ଓ ଯଦୁପୁର ମଧ୍ୟରେ ହୁସିନାରା ନିଲୋଫର୍ କପ୍‌ର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ କୁମାରବସ୍ତ ୭୩ ରନ୍‌ରେ ତମାଣ୍ଡୋ କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଥିଲା। ପୂର୍ବରୁ ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଆଇଆର୍‌ସି ଭିଲେଜ୍‌ର ସୁଧାନଗରକୁ ହରାଇ ଯଦୁପୁର ପ୍ରଥମ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଥିଲା। ରବିବାର ଫାଇନାଲ ମ୍ୟାଚ୍ ଖେଳାଯିବ।

ତମାଣ୍ଡୋ କ୍ରିକେଟ ପଡ଼ିଆରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କୁମାରବସ୍ତ ୬ ୱିକେଟରେ ୨୨୬ ରନ୍ କରିଥିଲା। ଦଳ ପକ୍ଷରୁ ଆଇଏସ୍ ଗିରି ୬୨ ବଲ୍‌ରେ ୧୧୨ ରନ୍ କରି ଅପରାଜିତ ରହିଥିଲେ। ଅଭିଷେକ ପଟ୍ଟନାୟକ ୧୬ ବଲ୍‌ରେ ୩୦ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଆଲୋକ ସାହୁଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ଜଗନ୍ନାଥ ଗୋଟାଙ୍କ ବିଧ୍ୱଂସୀ ବୋଲିଂ ବଳରେ ତମାଣ୍ଡୋ କ୍ରିକେଟ କ୍ଲବ୍ ୧୫.୩ ଓଭରରେ ମାତ୍ର ୧୫୩ ରନ୍ କରି ଅଲଆଉଟ ହୋଇଯାଇଛି। ଗୋଟା ୪ ଓଭରରେ ମାତ୍ର ୨୦ ରନ୍ ଦେଇ ୭ଟି ୱିକେଟ ନେଇଥିଲେ। ତମାଣ୍ଡୋ ପକ୍ଷରୁ କ୍ଷମାସାଗର ବଳ ୧୯ ବଲ୍‌ରେ ୪୩ ଓ ଋତ୍ୱିକ ମହାନ୍ତି ୧୭ ବଲ୍‌ରେ ୩୫ ରନ୍ ସଂଗ୍ରହ କରିଥିଲେ। ବିଜୟୀ ଦଳର ଜଗନ୍ନାଥଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।




ଶୁକ୍ରବାର ଭୁବନେଶ୍ୱରରେ ଅନୁଷ୍ଠିତ କ୍ରୀଡ଼ା ଭିତ୍ତିଭୂମି ସମୂହର ଉଦ୍‌ଘାଟନ ଓ ଶିଳାନ୍ୟାସ ସମାରୋହ ।

## ଯୁବା ଓପନ ବାସ୍କେଟବଲ ଆରମ୍ଭ



**ଭୁବନେଶ୍ୱର, ୨୩।୨ (ସମିସ):** ଯୁବା ବାସ୍କେଟବଲ ଆନୁକୂଲ୍ୟରେ ଶୁକ୍ରବାରଠାରୁ ଯୁବା ଓପନ ବାସ୍କେଟବଲ ପ୍ରତିଯୋଗିତା ଶୁକ୍ରବାର ଆରମ୍ଭ ହୋଇଛି। ଶହୀଦ ନଗରସ୍ଥିତ ଇମ୍ପା ବାସ୍କେଟବଲ ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାକୁ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ କର୍ପୋରେଟର ରାଜକିଶୋର ଦାଶ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୨ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଉଦ୍‌ଘାଟନୀ ମୁକାବିଲାରେ ପୁରୀ ୮୮-୮୬ ପଏଣ୍ଟରେ ହାଇଦ୍ରାବାଦ୍‌ର କାକିନାଡ଼ାକୁ ପରାସ୍ତ କରିଛି। ଉଦ୍‌ଘାଟନୀ ଉତ୍ସବରେ ସଭାପତି ବିଶ୍ୱଜିତ ମହାନ୍ତି, ସମ୍ପାଦକ ଦେବାଶିଷ ସବ୍ୟସାଚୀ ଚକ୍ର ଉପଦେଷ୍ଟା ସରୋଜ କୁମାର ପାତ୍ର, ରୁଦ୍ରା ରାଓ, ମନୋରଞ୍ଜନ ଗରାବଡୁ, ସବ୍ୟସାଚୀ ରାୟ, ବିଭୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ୩୫,୦୦୦ ଟଙ୍କା ଓ ଟ୍ରଫି, ରନର୍ସ ଅପ୍ ଦଳକୁ ୧୫,୦୦୦ ଟଙ୍କା ଓ ଟ୍ରଫି, ତୃତୀୟସ୍ଥାନିତ ଦଳକୁ ୭,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ।

**ତ୍ରିରାଷ୍ଟ୍ରୀୟ ଦୃଷ୍ଟିହୀନ କ୍ରିକେଟ**

## ପାକିସ୍ତାନକୁ ହରାଇଲା ଭାରତ

**କଟକ,୨୩।୨(ସମିସ):** ୟୁଏଇରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୪୬ରନରେ ପାରମ୍ପରିକ ପ୍ରତିଦ୍ୱନ୍ଦୀ ପାକିସ୍ତାନକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୨୨୪ରନ ସଂଗ୍ରହ କରିଥିଲା। ସୁନୀଲ ରମେଶ ୬୧ବଲରୁ ୮୭ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଓପନର ଡି ଭେଙ୍କେଟେଶ୍ୱର ରାଓ ୫୬ରନ କରିଥିଲେ। ଜବାବରେ ପାକିସ୍ତାନ ୬ ୱିକେଟ ବିନିମୟରେ ୧୭୮ରନ କରିଥିଲା। ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ସୁନୀଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ପାକିସ୍ତାନର କନସଲ ଜେନେରାଲ ହୁସେନ ମହମ୍ମଦ ଅତିଥି ଭାବେ ଯୋଗ ଦେଇ ପୁରସ୍କୃତ କରିଥିଲେ। ପ୍ରକାଶଥାଉକି, ଚଳିତ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳରେ ୪ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଏମାନେ ହେଲେ ସୁଖରାମ ମାଝୀ, ନକୁଳ ବଡନାୟକ, ପଙ୍କଜ ଭୁଏ ଏବଂ ଦେବରାଜ ବେହେରା।

## ଆଇଏସ୍‌ଏଲ୍: ଓଏଫସି- ମୁମ୍ବାଇ ମୁକାବିଲା ଆଜି

**ଭୁବନେଶ୍ୱର,୨୩।୨(ସମିସ):** ଚଳିତ ଆଇଏସ୍‌ଏଲ ରେ ଶନିବାର ଅଙ୍କ ତାଲିକାର ଶୀର୍ଷରେ ଥିବା ଦୁଇ ଦଳ ଓଡ଼ିଶା ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ମୁକାବିଲା ହେବ। ସ୍ଥାନୀୟ ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ଏହି ଦୁଇ ଦଳ ଶୀର୍ଷ ସ୍ଥାନ ପାଇଁ ଲଢେଇ କରିବେ। ଦ୍ୱିତୀୟ ମୁକାବିଲାରେ ଘରୋଇ ବେଙ୍ଗାଲୁରୁ ଏଫ୍‌ସି ଓ ହାଇଦ୍ରାବାଦ୍ ଏଫ୍‌ସି ପରସ୍ପରକୁ ଭେଟିବେ। ଓଡ଼ିଶା ୧୫ଟି ମ୍ୟାଚ୍ ଖେଳି ୯ ବିଜୟ, ୪ ଡ୍ର ଓ ୨ ପରାଜୟ ସହ ୩୧ ଅଙ୍କ ପାଇ ତାଲିକା ଶୀର୍ଷରେ ରହିଛି। ମୁମ୍ବାଇ ୨୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଅଛି।

● **ଓଡ଼ିଶା ରେଡବଲ ସ୍ନୁକର**

## ଫାଇନାଲରେ ସୁବ୍ରତ-ରାକେଶ



**ଭୁବନେଶ୍ୱର, ୨୩।୨ (ସମିସ):** ନିଖିଳ ଓଡ଼ିଶା ୧୫ ରେଡ୍‌ବଲ ସ୍ନୁକର ଚାମ୍ପିଅନସିପ୍‌ର ଫାଇନାଲରେ ବରଷ୍ଠ ଖେଳାଳି ସୁବ୍ରତ ଦାସ୍‌ଙ୍କ ସହ ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କର ମୁକାବିଲା ହେବ। ଶୁକ୍ରବାର ଖେଳାଯାଇଥିବା ସେମିଫାଇନାଲରେ ସୁବ୍ରତ ୫-୦ ଫ୍ରେମ୍‌ରେ ଜ୍ଞାନ ଦାସଙ୍କୁ ପରାସ୍ତ କରି ପ୍ରଥମ ଖେଳାଳିଭାବେ ଫାଇନାଲରେ ପ୍ରବେଶ କରିଥିଲେ। ପରେ ଖେଳାଯାଇଥିବା ଦ୍ୱିତୀୟ ସେମିରେ ରାକେଶ ୫-୩ ଫ୍ରେମ୍‌ରେ ନିଶାନ୍ତ ବିଶ୍ୱାଳଙ୍କୁ ହରାଇ ଫାଇନାଲକୁ ଯାଇଥିଲେ।

● **ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

## ରଗ୍‌ବୀରେ କିଟ୍‌କୁ ରୌପ୍ୟ ପଦକ

**ଭୁବନେଶ୍ୱର, ୨୩।୨(ଏଜେନ୍ସି):** କିଟ୍ ବିଶ୍ୱବିଦ୍ୟାଳୟ ଆସାମରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ରଗ୍‌ବୀରେ ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛି। ଶୁକ୍ରବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ କିଟ୍ ୭-୧୨ ଗୋଲରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟଠାରୁ ପରାଜିତ ହୋଇଥିଲା। ତୀବ୍ର ପ୍ରତିଦ୍ୱନ୍ଦିତାମୂଳକ ଫାଇନାଲର ପ୍ରଥମାର୍ଦ୍ଧ ଖେଳ ୭-୭ ଗୋଲରେ ସମାନସ୍ତରରେ ରହିଥିଲା। କିନ୍ତୁ ଦ୍ୱିତୀୟାର୍ଦ୍ଧରେ ଚଣ୍ଡିଗଡର ଆକ୍ରମଣାତ୍ମକ ଖେଳ ଆଗରେ କିଟ୍‌ର ଖେଳାଳିମାନେ ହାର୍ ମାନିଥିଲେ। ଏହା ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ କିଟ୍ ୩୯-୦ ଗୋଲରେ ଅମୃତସରର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ କିଟ୍ ୩୧-୭ ଗୋଲ୍‌ରେ ଗାନ୍ଧୀନଗରର ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ପଦକ ବିଜୟୀ କିଟ୍ ଦଳକୁ କିଟ୍ ଓ କିଓ୍ୱର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।



**ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ**

# ଅଥର୍ବଙ୍କ ଶତକ: ବିଦର୍ଭ ୨୬୧/୩

**ନାଗପୁର,୨୩।୨(ଏଜେନ୍ସି)**

ଦେଶର ସର୍ବବୃହତ ଘରୋଇ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିର ୪ଟି ଯାକ କ୍ୱାର୍ଟର ଫାଇନାଲ ମୁକାବିଲା ଶୁକ୍ରବାରଠାରୁ ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ନାଗପୁରର ବିଦର୍ଭ କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡରେ ପ୍ରଥମ କ୍ୱାର୍ଟର ଫାଇନାଲରେ ବିଦର୍ଭ ଓ କର୍ଣ୍ଣାଟକ ପରସ୍ପରକୁ ଭେଟିଛନ୍ତି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବିଦର୍ଭ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ପାଳିରେ ୮୬ ଓଭରରେ ୩ ୱିକେଟ ହରାଇ ୨୬୧ ରନ ସଂଗ୍ରହ କରିଛି। ଓପନର ଅଥର୍ବ ତାଇଡେ ୧୦୯ ରନର ଶତକୀୟ ପାଳି ଖେଳିଛନ୍ତି। ସେହିପରି ଯଶ ରାଠୋର ୯୩, ଧ୍ରୁବ ସୋରେ ୧୨ ରନକରି ଆଉଟ ହୋଇଥିବା ବେଳେ କରୁନ ନାୟାର ୩୦ ଓ ଅଧିନାୟକ ତଥା ୱିକେଟରକ୍ଷକ ଅକ୍ଷୟ ୱାଦକର ୨ ରନ କରି ଅପରାଜିତ ରହିଛନ୍ତି। ବୋଲିଂରେ କର୍ଣ୍ଣାଟକ ପାଇଁ ବିଦ୍ୱାଥ୍ କାଭେରାପ୍ପା, ବାସୁକି କୌଷିକ ଓ ହାର୍ଦ୍ଦିକ ରାଜ ଗୋଟିଏ ଲେଖାଏ ୱିକେଟ ନେଇଛନ୍ତି।

### ମୁସିର ଖାନଙ୍କ ଅପରାଜିତ ଶତକ

ମୁମ୍ବଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ଦ୍ୱିତୀୟ କ୍ୱାର୍ଟରରେ ମୁମ୍ବାଇ ଓ ବରୋଦା ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ପାଳିରେ ୯୦ ଓଭରରେ ୫ ୱିକେଟ ହରାଇ ୨୪୮ ରନ ସଂଗ୍ରହ କରିଛି। ଇଂଲଣ୍ଡ ବିପକ୍ଷ ରାଜକୋଟ ଟେଷ୍ଟର ଉଭୟ ପାଳିରେ ଅର୍ଦ୍ଧଶତକ ହାସଲ କରିଥିବା ସର୍ଫରାଜ ଖାନ୍‌ଙ୍କ ଭାଇ ତଥା ୧୯ ବର୍ଷରୁ କମ୍ ବିଶ୍ୱକପ୍ ତାରକା ମୁସିର ୧୨୮ ରନର ଶତକୀୟ ପାଳି ଓ ହାର୍ଦ୍ଦିକ ତୋମାର ୩୦ ରନକରି ଅପରାଜିତ ରହିଛନ୍ତି। ବରୋଦା ତରଫରୁ ଭାର୍ଗଭ ଭଟ୍ଟ ୪ଟି ୱିକେଟ ନେଇଛନ୍ତି।



ଅଥର୍ବ ତାଇଡେ



ମୁସିର ଖାନ

### ସାଇ କିଶୋରଙ୍କୁ ୫ ୱିକେଟ: ସୌରାଷ୍ଟ୍ର ୧୮୩ରେ ଅଲଆଉଟ

କୋଏମ୍ବାଟୁରରେ ତୃତୀୟ କ୍ୱାର୍ଟର ଫାଇନାଲରେ ସୌରାଷ୍ଟ୍ର ଓ ତାମିଲନାଡୁ ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ସୌରାଷ୍ଟ୍ର ପ୍ରଥମ ବ୍ୟାଟିଂ କରି ପ୍ରଥମ ପାଳିରେ ୭୭.୧ ଓଭରରେ ୧୮୩ ରନକରି ଅଲଆଉଟ ହୋଇଛି। ଓପନର ହାର୍ଭିକ ଦେଶାଇ ସର୍ବାଧିକ ୮୩, ପ୍ରେରକ ମଙ୍କଡ ୩୫, ଅର୍ପିତ ଭାସଭଡା ୨୫, ଶେଲଡନ ଜ୍ୟାକସନ ୨୨ ରନ କରି ଆଉଟ ହୋଇଛନ୍ତି। ତାମିଲନାଡୁ ପାଇଁ ସାଇ କିଶୋର ସର୍ବାଧିକ ୫, ଅଜିଥ ରାମ ୩, ସନ୍ଦୀପ ୱାରିୟର ୨ ୱିକେଟ ନେଇଛନ୍ତି। ଜବାବରେ ତାମିଲନାଡୁ ୧୦ ଓଭରରେ ଗୋଟିଏ ୱିକେଟ ହରାଇ ୨୩ ରନ ସଂଗ୍ରହ କରିଛି।

### ଯଶ ଦୁବେଙ୍କ ଅର୍ଦ୍ଧଶତକ: ମଧ୍ୟପ୍ରଦେଶ ୨୩୪/୯

ଇନ୍ଦୋରର ହୋଲକାର ଷ୍ଟାଡିୟମରେ ମଧ୍ୟପ୍ରଦେଶ ଓ ଆନ୍ଧ୍ର ଚତୁର୍ଥ କ୍ୱାର୍ଟର ଫାଇନାଲରେ ମୁହାଁମୁହିଁ ହୋଇଛନ୍ତି। ଟସ୍ ଜିତି ମଧ୍ୟପ୍ରଦେଶ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ପାଳିରେ ୮୧ ଓଭରରେ ୯ ୱିକେଟ ହରାଇ ୨୩୪ ରନ ସଂଗ୍ରହ କରିଛି। ସାରାଂଶ ଜୈନ ୪୧ ରନକରି ଅପରାଜିତ ରହିଛନ୍ତି। ଓପନର ଯଶ ଦୁବେ ୬୪, ହମାଂଶୁ ମନ୍ତ୍ରୀ ୪୯, କୁମାର କାର୍ତ୍ତିକେୟ ୨୯ ରନକରି ଆଉଟ ହୋଇଛନ୍ତି।

# ଇଂଲଣ୍ଡ ସମ୍ମାନ ରଖିଲେ ରୁଟ୍ ଓ ଫୋକ୍ସ

ରାଞ୍ଚି, ୨୩।୨(ଏଜେନ୍ସି)

ବରିଷ୍ଠ ବ୍ୟାଟର ଜୋ ରୁଟଙ୍କ ଶତକ ଓ ଷଷ୍ଠ ୱିକେଟରେ ବେନ୍ ଫୋକ୍ସଙ୍କ ସହ ଶତକୀୟ ଭାଗୀଦାରି ବଳରେ ଏଠାରେ ଭାରତ ସହ ଆରମ୍ଭ ହୋଇଥିବା ଚତୁର୍ଥ ଟେଷ୍ଟର ପ୍ରଥମ ଦିନରେ ଇଂଲଣ୍ଡ ଭଲ ସ୍ଥିତିରେ ରହିଛି। ଜୋ ରୁଟ ତାଙ୍କ ଜୀବନର ୩୧ତମ ଶତକ ସହ ୧୦୬ ରନ୍‌ରେ ଅପରାଜିତ ରହିଥିଲାବେଳେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପ୍ରଥମ ଦିନ ଖେଳ ଶେଷ ବେଳକୁ ପ୍ରଥମ ପାଳିରେ ୭ ୱିକେଟ ୩୦୨ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ରୁଟ୍‌ଙ୍କ ସହ ଅଲରାଉଣ୍ଡର ଓଲି ରବିନସନ ଦୃଢ଼ତାର ସହ ବ୍ୟାଟିଂ କରି ୩୧ ରନ୍‌ରେ ଅପରାଜିତ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବେନ୍ ଫୋକ୍ସ ୪୭, ଜ୍ୟାକ୍ କ୍ରଲୀ ୪୨ ଓ ଜନି ବେୟାରଷ୍ଟୋ ୩୮ ରନ୍ କରିଛନ୍ତି। ଭାରତ ପକ୍ଷରୁ ଟେଷ୍ଟ ପଦାର୍ପଣ କରିଥିବା ବେଙ୍ଗଲର ଫାଷ୍ଟ ବୋଲର ଆକାଶଦୀପ ସର୍ବାଧିକ ୩ଟି, ତାଙ୍କ ପେସ୍ ବୋଲିଂ ପାର୍ଟନର ମହମ୍ମଦ୍ ସିରାଜ ୨ଟି, ରବିନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ୫ ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ ସିରିଜ୍‌ରେ ଭାରତ ୨-୧ରେ ଆଗୁଆ ରହିଛି।

### ■ ଆକାଶଦୀପଙ୍କ ଚମତ୍କାର ପଦାର୍ପଣ

ରାଜକୋଟରେ ୪୩୪ ରନ୍‌ରେ ଇଂଲଣ୍ଡକୁ ହରାଇଥିବା ଭାରତୀୟ ଦଳ ଯଶପ୍ରୀତ୍ ବୁମ୍‌ରାଙ୍କ ସ୍ଥାନରେ ବେଙ୍ଗଲର ୨୭ ବର୍ଷୀୟ ଫାଷ୍ଟ ବୋଲର ଆକାଶଦୀପ୍‌ଙ୍କୁ ଏହି ମ୍ୟାଚ୍‌ରେ ଖେଳିବାର ସୁଯୋଗ ଦେଇଥିଲା। ଟସ୍ ଜିତି ଇଂଲଣ୍ଡ ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେବା ପରେ ଆକାଶ ଦୀପଙ୍କ ବୋଲିଂକୁ ମୁକାବିଲା କରି ନ ପାରି ପ୍ରଥମ ଏକ ଘଣ୍ଟା ଖେଳରେ ଶୀର୍ଷ ୩ଜଣ ବ୍ୟାଟରଙ୍କୁ ହରାଇଥିଲା। ସେ ପ୍ରଥମେ ବେନ ଡକେଟ (୧୧)ଙ୍କୁ କ୍ୟାଚ୍ ଆଉଟ, ଓଲି ପୋପ (୦)ଙ୍କୁ ଏଲ୍‌ବିଡବ୍ଲ୍ୟୁ ଓ ଥରେ ନୋ ବଲ୍‌ରେ ଜୀବନଦାନ ପାଇଥିବା ଜ୍ୟାକ୍ କ୍ରଲୀ (୪୨)ଙ୍କୁ ବୋଲ୍ଡ କରି ଇଂଲଣ୍ଡ ଶିବିରରେ ଆତଙ୍କ ଖେଳାଇ ଦେଇଥିଲେ। ଏହା ପରେ ରବିନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ଯଥାକ୍ରମେ ବେନ୍ ଷ୍ଟୋକ୍ସ (୩) ଓ ଜନି ବେୟାରଷ୍ଟୋ (୩୮)ଙ୍କୁ ଆଉଟ କରିଦେଇଥିଲେ। ଏହି ସମୟରେ ଇଂଲଣ୍ଡ ୧୧୨ ରନ୍‌ରେ ୫ ୱିକେଟ ହରାଇ ବିପଦରେ ପଡ଼ିଥିଲାବେଳେ ରୁଟ ଗୋଟିଏ ପଟେ ବ୍ୟାଟିଂ ସମ୍ଭାଳିଥିଲେ।

ଚତୁର୍ଥ ଟେଷ୍ଟ



ଜୋ ରୁଟ - ବ୍ୟାଟିଂ ୧୦୬

### ■ ରୁଟ୍‌ଙ୍କ ଧୈର୍ଯ୍ୟପୂର୍ଣ୍ଣ ଅପରାଜିତ ଶତକ

ଦଳ ୨୫ତମ ଓଭରରେ ଅଧା ୱିକେଟ ହରାଇ ବିପଦରେ ପଡ଼ିଥିଲାବେଳେ ନିଜସ୍ୱ ଶୈଳୀରେ ଖେଳୁଥିବା ରୁଟ୍‌ଙ୍କୁ ୱିକେଟରକ୍ଷକ ବେନ୍ ଫୋକ୍ସଙ୍କ ରୂପରେ ଜଣେ ଭଲ ଯୋଡ଼ିଦାର ମିଳିଯାଇଥିଲା। ଉଭୟ ଖେଳାଳି ଇଂଲଣ୍ଡ ଗ୍ରହଣ କରୁଥିବା ବାଜ୍‌ବଲ ଶୈଳୀରେ ଆଦୌ ନ ଖେଳି ୬ଷ୍ଠ ୱିକେଟରେ ୧୧୩ ରନ୍ ଉଠାଇ ଦଳକୁ ବିପଦରୁ ରକ୍ଷା କରିଥିଲେ। ପ୍ରତ୍ୟାବର୍ତ୍ତନ ସ୍ପେଲ୍‌ରେ ଫୋକ୍ସଙ୍କୁ ୪୭ (୧୨୬ ବଲ୍, ୪ ଚୌକ. ୧ ଛକା) ରନ୍‌ରେ ଆଉଟ କରି ମହମ୍ମଦ୍ ସିରାଜ ଏହି ଯୋଡି ଭାଙ୍ଗିଦେଇଥିଲେ। ସିରାଜ ଏହି ଯୋଡି ଭାଙ୍ଗିବା ଓ ଟମ୍ ହର୍ଟଲୀ (୧୩)ଙ୍କୁ ଆଉଟ କରିବା ପରେ ଇଂଲଣ୍ଡର ପାଳି ଶୀଘ୍ର ଶେଷ ହୋଇଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ରୁଟ ଓ ରବିନସନ ଅତ୍ୟନ୍ତ ଧୈର୍ଯ୍ୟର ସହ ବ୍ୟାଟିଂ କରି ୮ମ ୱିକେଟ ଭାଗୀଦାରିରେ ୫୭ ରନ୍ ଉଠାଇ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହା ଫଳରେ ଇଂଲଣ୍ଡ ୭ ୱିକେଟରେ ୩୦୨ ରନ୍ କରିବାରେ ସମର୍ଥ ହୋଇଥିଲା। ଟେଷ୍ଟ ଜୀବନର ୩୧ତମ ଶତକ ପୂରଣ କରିଥିବା ରୁଟ୍ ୨୨୬ ବଲ୍ ଖେଳି ମାତ୍ର ୯ଟି ଚୌକା ସହ ୧୦୬ ରନ୍‌ରେ ଅପରାଜିତ ରହିଥିଲେ। ସେ ୧୧୫ଟି ବଲ ଖେଳିବା ପରେ ପ୍ରଥମ ରିଭର୍ସ ସଟ୍ ମାରିଥିଲେ। ଏହା ପୂର୍ବରୁ ଚଳିତ ସିରିଜ୍‌ରେ ରୁଟ ଯଥାକ୍ରମେ ୨୯, ୨, ୫, ୧୬, ୧୮ ଓ ୭ ରନ୍ କରିଥିଲେ। ରବିନସନ ୬୦ ବଲ୍ ଖେଳି ୪ ଚୌକା ଓ ୧ ଛକା ସହ ୩୧ ରନ୍‌ରେ ଅପରାଜିତ ରହି ରୁଟ୍‌ଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ।

### ■ ଅଶ୍ୱିନଙ୍କ ୧୦୦୦ ରନ୍, ୧୦୦ ୱିକେଟ

ବୋଲିଂରେ ଭାରତ ପକ୍ଷରୁ ଆକାଶ ଦୀପ୍ ସୁନ୍ଦର ବୋଲିଂ କରି ପ୍ରଥମ ୩ଟି ୱିକେଟ ନେଇ ଭାରତ ଯାହା ଚାହୁଁଥିଲା ତାହା ଦେଇଥିଲେ। ଶେଷ ଭାଗରେ ରିଭର୍ସ ସୁଇଂ କରି ମହମ୍ମଦ୍ ସିରାଜ ୨ଟି ୱିକେଟ ପାଇଥିଲେ। କିନ୍ତୁ ଇଂଲଣ୍ଡ ବ୍ୟାଟରମାନେ ଏଠାରେ ଭାରତୀୟ ସ୍ପିନରଙ୍କୁ ଉଚିତ ମୁକାବିଲା କରିଥିଲେ। ଯାହା ଫଳରେ ଜାଡେଜା ଓ ଅଶ୍ୱିନଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ଜନି ବେୟାରଷ୍ଟୋଙ୍କୁ ୩୮ ରନ୍‌ରେ ଆଉଟ କରି ଭାରତୀୟ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ଇଂଲଣ୍ଡ ବିପକ୍ଷରେ ୧୦୦ତମ ଟେଷ୍ଟ ୱିକେଟ ନେଇଥିଲେ। ଗୋଟିଏ ଦେଶ ବିପକ୍ଷରେ ୧୦୦ ୱିକେଟ ଓ ୧,୦୦୦ ରନ୍ କରି ଏହି ସଫଳତା ପାଇବାରେ ସେ ବିଶ୍ୱର ୯ମ ଖେଳାଳି ହୋଇଥିଲେ। ଏଥିଲାଗି ଅଶ୍ୱିନ ୨୩ଟି ଟେଷ୍ଟର ସହାୟତା ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲାବେଳେ ଇଂଲଣ୍ଡର ଇଆନ ବୋଥାମ ୨୨ଟି ଟେଷ୍ଟରେ ଏହି ସଫଳତା ପାଇଛନ୍ତି।

### ସଂକ୍ଷିପ୍ତ ସ୍କୋର୍

**ଇଂଲଣ୍ଡ ପ୍ରଥମ ପାଳି :** ୩୦୨/୭, ୯୦ ଓଭର (ଜୋ ରୁଟ- ବ୍ୟାଟିଂ-୧୦୬, ବେନ୍ ଫୋକ୍ସ-୪୭, ଜ୍ୟାକ୍ କ୍ରଲୀ-୪୨, ଓଲି ରବିନସନ- ବ୍ୟାଟିଂ-୩୧, ଆକାଶ ଦୀପ-୩/୭୦, ମହମ୍ମଦ୍ ସିରାଜ- ୨/୬୦)।

ମହିଳା ପ୍ରିମିୟର ଲିଗ୍ ଉଦ୍‌ଘାଟିତ

# ରଙ୍ଗାରଙ୍ଗ ଉତ୍ସବରେ ଶାହରୁଖ, ତାରକାଙ୍କ ଦମ୍‌ଦାର୍ ପ୍ରଦର୍ଶନ

ବେଙ୍ଗାଲୁରୁ,୨୩।୨(ଏଜେନ୍ସି)

ମହିଳା ଆଇପିଏଲ ଭାବେ ଜଣାଶୁଣା ଥିବା ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଶୁକ୍ରବାର ମହାସମାରୋହରେ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଲିଗ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା ଓ ଏଥିରେ ବଲିଉଡ୍ ତାରକାଙ୍କ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ଖଚାଖଚ୍ ଭରା ଷ୍ଟାଡିୟମରେ ଦର୍ଶକମାନେ ତାରକାଙ୍କ କାର୍ଯ୍ୟକ୍ରମରେ ଝୁମିଉଠିଥିଲେ ଓ ମନୋରଞ୍ଜନର ପୂରା ମଜା ନେଇଥିଲେ। ୪୫ ମିନିଟ୍ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସୁପରଷ୍ଟାର ଶାହରୁଖ ଖାନ୍, ଟାଇଗର ଶ୍ରଫ୍, ଶାହିଦ କପୁର, ବରୁଣ ଧାୱନ, ସିଦ୍ଧାର୍ଥ ମାଲହୋତ୍ରା ଓ କାର୍ତ୍ତିକ ଆର୍ଯ୍ୟନ୍ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ଫଟୋ ସୁଟ୍ ପାଇଁ ସବୁ ୫ଟି ଦଳର ଅଧିନାୟିକା ପଡିଆରେ ଟ୍ରଫି ସହ ପୋଜ ଦେଇଥିଲେ। କାର୍ତ୍ତିକ 'ଭୁଲ ଭୁଲେୟା-୨' ଚଳଚ୍ଚିତ୍ରର ଗୀତ 'ତେରୀ ଆଖୋଁ ମେ ଭୂଲ ଭୁଲେୟା'ରେ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ସିଦ୍ଧାର୍ଥ 'ଶେରଶାହା'ର ଗୀତ 'ରାତା ଲମ୍ବିଆ'ରେ ନୃତ୍ୟ କରି ଦର୍ଶକଙ୍କୁ ଝୁମାଇଥିଲେ। ଏହାପରେ ଟାଇଗର 'ମେରେ ନାଲ ତୁ ହ୍ୟୁସିଲ ବଜା' ଗୀତରେ ନାଚିଥିଲେ। ସେହିପରି ଶାହିଦ 'କବୀର ସିଂ' ସିନେମାର ଥିମ୍ ଟୋନରେ ସୁପର ବାଇକ୍‌ରେ ଗ୍ରାଉଣ୍ଡରେ ପ୍ରବେଶ କରିଥିଲେ। ଶେଷରେ ବଲିଉଡ୍ ବାଦ୍‌ଶାହା ଶାହରୁଖଙ୍କ ଏଣ୍ଟ୍ରି ହୋଇଥିଲା। ସେ ଏକ ପ୍ରେରଣାଦାୟୀ ବ୍ୟକ୍ତବ ଦେବା ସହ ଦର୍ଶକଙ୍କୁ ବେଶ୍ ଉତ୍ସାହିତ କରିଥିଲେ। ସେ 'ଦିଲବାଲେ ଦୁଲହନିୟା ଲେ ଯାଏଙ୍ଗେ' ସିନେମା ଶୈଳୀରେ ନିଜର ସିଗ୍‌ନେଚର ପୋଜ ଦେଇଥିଲେ। ନିଜର ସୁପରହିଟ୍ ସିନେମା ପଠାନର 'ଝୁମେଜୋ ପଠାନ୍' ଗୀତରେ ନୃତ୍ୟ କରି ସବୁ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଶାହରୁଖ ଏଣ୍ଟ୍ରି କରିବା ମାତ୍ରେ ସାରା ଷ୍ଟାଡୟମ ତାଳି ଓ ହ୍ୟୁସିଲରେ କମ୍ପି ଉଠିଥିଲା।



# ସ୍ୱଦେଶ ଫେରିବେ ରେହାନ ଅହମ୍ମଦ୍



**ଲଣ୍ଡନ, ୨୩।୨(ଏଜେନ୍ସି):** ବ୍ୟକ୍ତିଗତ କାମ ଲାଗି ଭାରତ ଗସ୍ତରେ ଥିବା ଇଂଲଣ୍ଡର ଲେଗ୍ ସ୍ପିନର ରେହାନ ଅହମ୍ମଦ୍ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଇଂଲଣ୍ଡ କ୍ରିକେଟ ବୋର୍ଡ ପକ୍ଷରୁ କୁହାଯାଇଛି। ରେହାନ ଭାରତ ବିପକ୍ଷରେ ପ୍ରଥମ ୩ଟି ଟେଷ୍ଟ ଖେଳି ୧୧ଟି ୱିକେଟ ନେଇଛନ୍ତି। କିନ୍ତୁ ରାଞ୍ଚିରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଚତୁର୍ଥ ଟେଷ୍ଟରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ଏବେ ସ୍ୱଦେଶ ଫେରିବା ପରେ ସେ ଆଉ ଟେଷ୍ଟ ସିରିଜ୍‌ରେ ଭାଗ ନେବେ ନାହିଁ। ଏହି ସିରିଜ୍ ଲାଗି ଇଂଲଣ୍ଡ ୪ଜଣ ସ୍ପିନରଙ୍କୁ ନେଇ ଭାରତ ଖେଳିବାକୁ ଆସିଥିଲା। ପ୍ରଥମ ଟେଷ୍ଟ ପରେ ବାମହାତୀ ସ୍ପିନର ଜ୍ୟାକ୍ ଲିଚ୍ ଆହତ ହୋଇ ଦଳରୁ ବାଦ୍ ପଡ଼ିଥିଲେ। ଏବେ ରେହାନ ସ୍ୱଦେଶ ଫେରିବା ପରେ ଦଳର ଆଉ ଦୁଇ ଜଣ ସ୍ପିନର ରହିଛନ୍ତି। ଟମ୍ ହର୍ଟଲୀ ଓ ସୋଏବ ବସିର ଏହି ଦୁଇ ସ୍ପିନର ରହିଛନ୍ତି ଓ ଉଭୟ ରାଞ୍ଚିରେ ଭାରତ ସହ ଚତୁର୍ଥ ଟେଷ୍ଟ ଖେଳୁଛନ୍ତି। ଏମାନଙ୍କ ବ୍ୟତୀତ ଜୋ ରୁଟ ମଧ୍ୟ ସ୍ପିନ ବୋଲିଂ କରିବାର ଦକ୍ଷତା ରଖିଛନ୍ତି।

# ରାଜେଶ ସିଂହଙ୍କ ପରଲୋକ



**କଟକ,୨୩।୨(ସମିସ):** ପୂର୍ବତନ ରଣଜୀ ଖେଳାଳି ରାଜେଶ ସିଂହଙ୍କ ଶୁକ୍ରବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା। ରାଜେଶ ୧୬ଟି ପ୍ରଥମ ଶ୍ରେଣୀ ଫର୍ମାଟ କ୍ରିକେଟରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଓ ପଦାଧିକାରୀ ଶୋକ ପ୍ରକାଶ କରିଛନ୍ତି।

# ପଦାର୍ପଣରେ ଆକାଶଙ୍କ ଚମକ

ରାଞ୍ଚି, ୨୩।୨ (ଏଜେନ୍ସି)

● ପିତା- ଭାଇଙ୍କୁ ହରାଇଛନ୍ତି
● ଅର୍ଥାଭାବ ଲାଗି ଛାଡିଥିଲେ କ୍ରିକେଟ

ବେଙ୍ଗଲ ଦ୍ରୁତ ବୋଲର ଆକାଶ ଦୀପ୍ ଇଂଲଣ୍ଡ ବିପକ୍ଷ ରାଞ୍ଚି ଟେଷ୍ଟରେ ପଦାର୍ପଣ କରି ନିଜର ପ୍ରତିଭା ଓ ଦକ୍ଷତା ପ୍ରମାଣିତ କରିଛନ୍ତି। ୨୭ ବର୍ଷୀୟ ଆକାଶ ଇଂଲଣ୍ଡର ପ୍ରଥମ ଦିବସରେ ପ୍ରଥମ ପାଳିରେ ଟପ୍ ଅର୍ଡରର ମୂଲ୍ୟବାନ ୩ଟି ୱିକେଟ ଅକ୍ତିଆର କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ସ୍ଥାନରେ ତାଙ୍କୁ ଖେଳିବାର ସୁଯୋଗ ମିଳିଛି। ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଛି। ଆକାଶ ଚୟନକର୍ତ୍ତା ଓ ଅଧିନାୟକ ରୋହିତ ଶର୍ମାଙ୍କ ଭରସାର ଯଥାର୍ଥତା ପ୍ରମାଣିତ କରିଛନ୍ତି। ଦେଶ ପାଇଁ ଟେଷ୍ଟ ଖେଳିବାର ସୁଯୋଗ ପାଇବା ଲାଗି ତାଙ୍କୁ କଡ଼ା ସଂଘର୍ଷ ଓ କଠିନ ପରିଶ୍ରମ କରିବାକୁ ପଡିଛି। ତାଙ୍କ କ୍ୟାରିୟରର ଏହି ଯାତ୍ରା ଆଦୌ ସହଜ ନ ଥିଲା। ମୂଳତଃ ବିହାରରେ ରହୁଥିବା ଆକାଶ ଜୀବନରେ ବହୁତ ସଂଘର୍ଷ ଓ କଷ୍ଟକର ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ପିତା ଓ ଭାଇଙ୍କ ଦେହାନ୍ତ ତାଙ୍କୁ ମାନସିକ ଭାବେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦେଇଥିଲା। ୩ ଭଉଣୀ ଓ ୨ ଭାଇଙ୍କ ମଧ୍ୟରେ ସେ ସବୁଠାରୁ ସାନ ଥିଲେ। ପୁଣି ଆର୍ଥିକ ଅନଟନ ପାଇଁ ସେ ଏକଦା କ୍ରିକେଟ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ସେ ସରକାରୀ ଚାକିରି କରନ୍ତୁ ବୋଲି ପିତା ଚାହୁଁଥିଲେ। କିନ୍ତୁ ପାଠପଢ଼ାରେ ତାଙ୍କର ମନ ନଥିଲା। କ୍ରିକେଟ ଖେଳିବାରେ ସେ ଅଧିକ ସମୟ ବିନିଯୋଗ କରୁଥିଲେ।

### ■ ଜ୍ୟାକ୍ କ୍ରଲିଙ୍କୁ ଦୁଇଥର ବୋଲ୍ଡ କଲେ

ଶୁକ୍ରବାର ପ୍ରଥମ ଦିବସରେ ସେ ୧୭ ଓଭର ବୋଲିଂ କରି ୭୦ ରନ ଦେଇ ସର୍ବାଧିକ ୩ ୱିକେଟ ଅକ୍ତିଆର କରିଛନ୍ତି। ସେ ଦୁଇ ଓପନର ଜ୍ୟାକ କ୍ରଲି ଓ ବେନ୍ ଡକେଟ ଏବଂ ନଂ-୩ ଓଲି ପୋପ୍‌ଙ୍କୁ ଆଉଟ କରିଥିଲେ। କ୍ରଲିଙ୍କୁ ସେ ଦୁଇଥର ବୋଲ୍ଡ କରିଥିଲେ। ଇଂଲଣ୍ଡ ପାଳିର ଚତୁର୍ଥ ଓଭରରେ ସେ କ୍ରଲିଙ୍କୁ ବୋଲ୍ଡ କରିଥିଲେ ମଧ୍ୟ ତାହା ନୋ ବଲ ଥିଲା। କିନ୍ତୁ ପରେ ତାଙ୍କୁ ପୁଣି ଥରେ ବୋଲ୍ଡ କରି ପ୍ୟାଭିଲିୟନ ଫେରାଇଥିଲେ। ଭାରତର ୩୧୩ତମ ଖେଳାଳି ଭାବେ ସେ ଟେଷ୍ଟ ଖେଳିଛନ୍ତି। ସେ ପଦାର୍ପଣ କରିବା ଅବସରରେ ତାଙ୍କ ମା' ଷ୍ଟାଡିୟମରେ ଉପସ୍ଥିତ ଥିଲେ। ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ ମ୍ୟାଚ୍ ପୂର୍ବରୁ ତାଙ୍କୁ ଟେଷ୍ଟ କ୍ୟାପ୍ ପ୍ରଦାନ କରିଥିଲେ।



ଆକାଶ ଦୀପଙ୍କୁ ଟେଷ୍ଟ କ୍ୟାପ୍ ପ୍ରଦାନ କରୁଛନ୍ତି ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍

### ■ ୨୦୧୫ ଥିଲା ସବୁଠାରୁ କଠିନ ବର୍ଷ

ବିହାରର ବାଦି ସାସାରାମରେ ୧୯୯୬ ଡିସେମ୍ବର ୧୫ରେ ଜନ୍ମିତ ଏହି ଫାଷ୍ଟ ବୋଲରଙ୍କ ଲାଗି ୨୦୧୫ ଥିଲା ସବୁଠାରୁ କଠିନ ବର୍ଷ। ଏହି ବର୍ଷ ୬ ମାସ ମଧ୍ୟରେ ସେ ପିତା ଓ ଭାଇଙ୍କୁ ହରାଇଥିଲେ। ହୃଦ୍‌ଘାତ୍‌ରେ ପିତା ପରଲୋକ ଗମନ କରିବାର ୨ ମାସ ପରେ ଭାଇ ମୃତ୍ୟୁବରଣ କରିଥିଲେ। ଅର୍ଥାଭାବ କାରଣରୁ ମା'ଙ୍କ ଦେଖାଶୁଣା ପାଇଁ ତାଙ୍କୁ କ୍ରିକେଟରୁ ୩ ବର୍ଷ ଦୂରେଇ ରହିବାକୁ ହୋଇଥିଲା। କିନ୍ତୁ ସେ କ୍ରିକେଟଠାରୁ ଦୂରେଇ ରହିପାରି ନଥିଲେ। ଫଳରେ ସେ ବେଙ୍ଗଲ ଯାଇ ଦୁର୍ଗାପୁରରେ ରହିଥିଲେ ଓ ପରେ କୋଲକାତା ଯାଇ ସେଠାରେ ଗୋଟିଏ ଛୋଟିଆ ଘରକୁ ଭଡ଼ା ସ୍ୱରୂପ ନେଇ ଭାଇଙ୍କ ସହିତ ରହିଥିଲେ। ସେଠାରେ ବନ୍ଧୁ ଓ କକାଙ୍କ ସହାୟତାରେ କ୍ରିକେଟ ଉପରେ ମନୋନିବେଶ କରିଥିଲେ। ଦୀର୍ଘ ଦିନ କ୍ଲବ କ୍ରିକେଟ ଖେଳିବା ପରେ ସେ ୨୦୧୯ ରେ ବେଙ୍ଗଲ ତରଫରୁ ପ୍ରଥମଥର ପାଇଁ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ଏହି ବର୍ଷ ମଧ୍ୟ ସେ ଲିଷ୍ଟ ଓ ଟି-୨୦ ଫର୍ମାଟ୍‌ରେ ପଦାର୍ପଣ କରିଥିଲେ।

### ■ ଖେଳିଛନ୍ତି ୩୦ ପ୍ରଥମଶ୍ରେଣୀ ମ୍ୟାଚ୍

ଅନ୍ତର୍ଜାତୀୟ କ୍ରିକେଟରେ ପ୍ରବେଶ କରିବା ପୂର୍ବରୁ ସେ ବେଙ୍ଗଲ ପାଇଁ ୩୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୨୩.୫୮ ରନ ହାରରେ ୧୦୪ଟି ୱିକେଟ ନେଇଛନ୍ତି। ସେହିପରି ୨୮ଟି ଲିଷ୍ଟ ଏ ମ୍ୟାଚ୍ ଖେଳି ସେ ୨୪.୫୦ ହାରରେ ୪୨ଟି ୱିକେଟ ଅକ୍ତିଆର କରିଛନ୍ତି। ୪୧ଟି ଟି-୨୦ ମ୍ୟାଚ୍ ଖେଳି ସେ ୨୨.୮୧ ରନ ହାରରେ ୪୮ଟି ୱିକେଟ ଅକ୍ତିଆର କରିଛନ୍ତି। ବ୍ୟାଟିଂରେ ସେ ଏହି ୩ଟି ଫର୍ମାଟ୍‌ରେ ଯଥାକ୍ରମେ ୪୨୩, ୧୪୦ ଓ ୭୬ ରନ ସଂଗ୍ରହ କରିଛନ୍ତି। ଏହା ସତ୍ତ୍ୱେ ଏବେ ଶେଷ ହୋଇଥିବା ଇଂଲଣ୍ଡ ଲାୟନ୍ସ ବିପକ୍ଷ ଅନ୍‌ଅଫିସିଆଲ ଟେଷ୍ଟରେ ୧୧ଟି ୱିକେଟ ନେବା ଫଳରେ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର